# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୪/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, June 14/2019 | ★★★★

୪୫ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






## ଭାରତର ବିଜୟ୍ ନେଇ ରିଡ୍ ଆଶାବାଦୀ

ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲରେ ଭାରତର ବିଜୟକୁ ନେଇ ଆଶାବାଦୀ କୋଚ୍ ଗ୍ରାହାମ୍ ରିଡ୍।

୧୯ | ୦୨

## ‘#ମିଟୁ’ ମାମଲାରେ ତନୁଶ୍ରୀ ନିରାଶ

ଯୌନ ଉତ୍ପୀଡନ ମାମଲାରେ ମୁମ୍ବାଇର ଏକ ଅଦାଲତ ନାନା ପାଟେକରଙ୍କୁ କ୍ଲିନଚିଟ୍ ଦେଇଥିବାରୁ ଅଭିନେତ୍ରୀ ତନୁଶ୍ରୀ ଦତ୍ତା ନୈରାଶ୍ୟ ପ୍ରକାଶ କରିଛନ୍ତି।



### ‘ରାଜ୍ୟପାଳ ଭାଜପା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି’

# ସର୍ବଦଳୀୟ ବୈଠକକୁ ଗଲେନି ମମତା

**କୋଲକାତା, ୧୩।୬(ପି.ଟି.)**

ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଥମିବାର ନାଁ ନେଉନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ଗୁରୁବାର ସମସ୍ତ ବଡ଼ ରାଜନୈତିକ ଦଳକୁ ନେଇ ସର୍ବଦଳୀୟ ବୈଠକ ଡାକିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ଯୋଗଦେଇ ନାହାନ୍ତି। ଆଇନଶୃଙ୍ଖଳା ବଜାୟ ରଖିବା ରାଜ୍ୟପାଳଙ୍କ ନୁହେଁ, ବରଂ ରାଜ୍ୟ ସରକାରଙ୍କର। ରାଜ୍ୟପାଳ ଭାଜପା ଇଙ୍ଗିତରେ କାମ କରୁଛନ୍ତି ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଅଭିଯୋଗ ଆଣି ଏହାକୁ ବର୍ଜନ କରିଛନ୍ତି।

ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୪୨ ଆସନ ମଧ୍ୟରୁ ଟିଏମ୍‌ସି ୨୨ ଆସନରେ ସଫଳତା ପାଇଥିବାବେଳେ ଭାଜପାକୁ ୧୮ ଆସନ ମିଳିଛି। ଏହା ପରଠୁ ରାଜ୍ୟରେ ରାଜନୈତିକ ହିଂସା ଜାରି ରହିଛି। ୨୪ ପ୍ରଗଣା ଜିଲାର ସନ୍ଦେଶଖାଲିରେ



ଶନିବାର ଦୁଇ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୩ କର୍ମୀଙ୍କ ଜୀବନ ଯାଇଛି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ଡାକିଥିବା ସର୍ବଦଳୀୟ ଶାନ୍ତି ଆଲୋଚନା ବୈଠକରେ ଟିଏମ୍‌ସି, ଭାଜପା, କଂଗ୍ରେସ ଏବଂ ସିପିଆଇଏମ୍‌କୁ ଶାନ୍ତି ଆଲୋଚନା ଲାଗି ଡାକିଥିଲେ। ବୈଠକ ପରେ ଭାଜପା ରାଜ୍ୟ ଉପସଭାପତି ଜୟପ୍ରକାଶ ମଜୁମ୍‌ଦାର କହିଛନ୍ତି, ରାଜ୍ୟପାଳ କେତେକ ପ୍ରସ୍ତାବ ଦେଇଥିଲେ। ଆମେ ସେଗୁଡ଼ିକୁ ମାନିବା ପାଇଁ ପ୍ରସ୍ତୁତ ବୋଲି କହିଥିଲୁ। ହେଲେ ଟିଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାଧାରଣ ସମ୍ପାଦକ ତଥା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ସେନେଇ ତାଙ୍କ ଦଳୀୟ ନେତୃତ୍ୱଙ୍କ ସହ ପରାମର୍ଶ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଉଭୟ ଭାଜପା ଏବଂ ଟିଏମ୍‌ସି ସ୍ଥିତି ବିଗାଡ଼ିବାରେ ଲାଗିଛନ୍ତି ବୋଲି ସିପିଆଇଏମ୍ ନେତା ମହମ୍ମଦ ସଲିମ ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ ମମତା ରାଜ୍ୟପାଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ରାଜ୍ୟପାଳ ଭାଜପା ଇଙ୍ଗିତରେ ଏହି ବୈଠକ ଡାକିଛନ୍ତି। ରାଜ୍ୟପାଳ ଲୋକଙ୍କୁ ଚା ପିଇବା ଅଥବା ଶାନ୍ତି ବୈଠକ ପାଇଁ ଡାକିପାରିବେ। ତେଣୁ ଟିଏମ୍‌ସି ପକ୍ଷରୁ ଜଣେ ପ୍ରତିନିଧିଙ୍କୁ ସେଠାକୁ ପଠାଯାଉଛି। ସେ ଚା କପେ ପିଇ ସେଠାରୁ ଫେରିଆସିବେ ବୋଲି ମମତା କହିଥିଲେ।



**ରଜ ପାଇଁ ସଜବାଜ:** କଟକ କାଫ୍‌ଲାବଜାର ରେବ କଲୋନୀ ଅଞ୍ଚଳରେ ଝିଅମାନେ ଗୁରୁବାର ସଜବାଜ ହେଉଛନ୍ତି।

## କମିଲା ତାତି, ମିଳିଲା ଆଶ୍ୱସ୍ତି

**ଭୁବନେଶ୍ୱର, ୧୩।୬(ବ୍ୟୁରୋ):** ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ବୁଧବାର ରାଜ୍ୟରେ ୧୫ ସହରର ତାପମାତ୍ରା ୪୦ଡିଗ୍ରୀ ଟପିଥିବା ବେଳେ ୬ ସହର ୪୫ଡିଗ୍ରୀ ଟପିଥିଲା। କିନ୍ତୁ ଗୁରୁବାର ତାପମାତ୍ରା ହ୍ରାସ ପାଇଛି। ସୁନ୍ଦରଗଡ଼ ଓ ଟିଟିଲାଗଡ଼ ସର୍ବାଧିକ ୪୩ଡିଗ୍ରୀ ରହିଥିବା ବେଳେ ୭ ସହରରେ ପାରଦ ୪୦ଡିଗ୍ରୀ ଟପିଛି। ତାଳଚେର ଓ ମାଲକାନଗିରି ୪୧.୮, ବଲାଙ୍ଗୀର ୪୦.୫, ସୋନପୁର ୪୦.୨ ଏବଂ ଝାରସୁଗୁଡ଼ା ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେପଟେ ଗୁରୁବାର ଅଧିକାଂଶ ସହରରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ବର୍ଷା ଯୋଗୁ ଗୁରୁବାର ଅପରାହ୍ନରେ ତାପମାତ୍ରା ସାମାନ୍ୟ କମ୍ ଥିଲା। କିନ୍ତୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବର୍ଷା ଓ ଘଡ଼ଘଡ଼ି ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କଟିଯାଇଥିଲା। ଫଳରେ ସମସ୍ତେ ଗରମରେ ଛଟପଟ ହୋଇଥିଲେ। ଗୁରୁବାର ଉତ୍ତର ଓଡ଼ିଶା ସମେତ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ☞ପୃଷ୍ଠା-୪

### ଫାଇଲିନ୍‌ରୁ ଚେତିଲେନି ନେତା: ରାଜନୀତିରେ ଫସିଗଲେ ସମୁଦ୍ରକୂଳିଆ ଲୋକେ

# ନିର୍ମାଣ ହୋଇନି ୧୫ ହଜାର ବାତ୍ୟା ନିରୋଧୀ ଗୃହ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଦୁର୍ବଳ ହୋଇଯାଉଛି ରାଜକୋଷ। ଭୁଶୁଡି ପଡୁଛି ଲୋକଙ୍କର ଅର୍ଥନୈତିକ ସ୍ଥିତି। ୧୯୯୯ ମହାବାତ୍ୟା ପରେ ଏ ପର୍ଯ୍ୟନ୍ତ ୩ଟି ବାତ୍ୟା ରାଜ୍ୟର ଉପକୂଳବର୍ତ୍ତୀ ଜିଲାକୁ ଛାରଖାର କରିଦେଇ ଯାଇଛି। ଏଭଳି ବିପତ୍ତିରୁ ରାଜ୍ୟ ସରକାର କିମ୍ବା ରାଜନେତାମାନେ କିଛି ଶିକ୍ଷା ଲାଭ କଲାଭଳି ମନେ ହେଉନାହିଁ। ଜନଜୀବନ ରକ୍ଷାକରିବା ପରିବର୍ତ୍ତେ ନେତାମାନେ ନିଜର ହୀନସ୍ୱାର୍ଥ ହାସଲ ପାଇଁ ଲୋକଙ୍କ ଜୀବନ ସହ ଖେଳିବାକୁ ପଛଘୁଞ୍ଚା ଦେଉନାହାନ୍ତି। ରାଜନୈତିକ ଆକ୍ରୋଶରୁ ଫାଇଲିନ ପରେ ଅର୍ଥାତ୍ ୨୦୧୪ରେ ପୁରୀ ଜିଲାରେ ବିଶ୍ୱ ବ୍ୟାଙ୍କ ସହାୟତାରେ ହେବାକୁ ଥିବା ଗୃହ ନିର୍ମାଣ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ଅର୍ଥ ଦେଇ ସାରିବା ପରେ ମଧ୍ୟ ସମୁଦ୍ରକୂଳରେ ରହୁଥିବା ଗରିବ ଲୋକଙ୍କୁ ପକ୍କାଘର ଖଣ୍ଡେ ମିଳିପାରି ନାହିଁ।

୨୦୧୩ ଅକ୍ଟୋବର ୧୨ ତାରିଖରେ ବାତ୍ୟା ଫାଇଲିନ ୧୪,୫୦୦ ଗ୍ରାମର ୯୦ ହଜାର ଘର ଉଡାଇ ନେଇଥିବା ବେଳେ ୭୮୦ ହଜାର ହେକ୍ଟର ଫସଲ ନଷ୍ଟ କରିଥିଲା। ଏହି ବାତ୍ୟାରେ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ବିଶ୍ୱ ବ୍ୟାଙ୍କ ଟିମ୍ କ୍ଷୟକ୍ଷତି ଆକଳନ କରିଥିଲେ। ବିଶ୍ୱ ବ୍ୟାଙ୍କ ତରଫରୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା। ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାର ଅତି ସମ୍ବେଦନଶୀଳ ଅର୍ଥାତ ସମୁଦ୍ର ଲହଡିର ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ରହୁଥିବା ଲୋକଙ୍କୁ ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ (ଓଡିଆରପି)ରେ ୩୦ ହଜାର ବାତ୍ୟା ନିରୋଧୀ ପକ୍କାଘର ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ସମୁଦ୍ରକୂଳିଆ ଲୋକଙ୍କୁ ଏହି ଯୋଜନାରେ ୧ ହଜାର ବର୍ଗଫୁଟ ଜାଗାରେ ୨୯୪ ବର୍ଗଫୁଟ (ବେଡରୁମ୍, ଡାଇନିଂ ହଲ, କିଚେନ ଓ ପାଇଖାନା)ଘର ନିର୍ମାଣ କରି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୬ଟି କିସ୍ତିରେ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ଏହି ପ୍ରକଳ୍ପ ଲାଗି ବିଶ୍ୱ ବ୍ୟାଙ୍କ ୭୦ ପ୍ରତିଶତ ଏବଂ ରାଜ୍ୟ ସରକାର ୩୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ବିଶ୍ୱ ବ୍ୟାଙ୍କ ଏଥିପାଇଁ ୧୦୦୩.୮୦ କୋଟି ଟଙ୍କା ପ୍ରଦାନ କରିଛି। ଗଞ୍ଜାମ ଜିଲାରେ ୧୫ ହଜାର, ପୁରୀ ଓ ଖୋର୍ଦ୍ଧା ଜିଲାରେ ୧୫ ହଜାର ବାତ୍ୟା ନିରୋଧୀ ଗୃହ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ସେଥିରୁ ବ୍ରହ୍ମଗିରି ବ୍ଲକରେ ୧୪୯୭ ଏବଂ କୃଷ୍ଣପ୍ରସାଦ ବ୍ଲକରେ ୧୫୪୯ ଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପଲ୍ଲିସଭା ମାଧ୍ୟମରେ ହିତାଧିକାରୀ ଚୟନ କରିବାକୁ ଗାଇଡ୍ ଲାଇନ ପ୍ରସ୍ତୁତ କରାଯାଇଥିଲା। ଏ ସମସ୍ତ ଘର ନିର୍ମାଣ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିବାକୁ ନିଷ୍ପତ୍ତି ହୋଇଥିଲା। ଗଞ୍ଜାମ ଜିଲାର ୪ଟି ବ୍ଲକରେ ଥିବା ୧୦୭ଟି ଗ୍ରାମରେ ୧୬,୯୮୧ଟି ଗୃହ ନିର୍ମାଣ କରାଯାଇଥିବା ବେଳେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ରାଜନୈତିକ ଗଣ୍ଡଗୋଳ କାରଣରୁ ଦୀର୍ଘ ୫ ବର୍ଷ ପରେ ମଧ୍ୟ ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ରାଜନୈତିକ ଗଣ୍ଡଗୋଳ ଯୋଗୁ ପଲ୍ଲିସଭା ଡକାଯାଇ ପାରି ନ ଥିଲା। ହତ୍ୟାକାଣ୍ଡ ଆଶଙ୍କା କରି ତତ୍କାଳୀନ ପୁରୀ ଜିଲା ଏସ୍‌ପି ଏହି ପ୍ରକଳ୍ପ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ସେବେଠାରୁ ଏହି ପ୍ରକଳ୍ପ ବନ୍ଦ ହୋଇ ପଡିଛି। ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ବାତ୍ୟା ଫନୀରେ ପୁଣିଥରେ ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡିଲା। ଏ ସମ୍ପର୍କରେ ଓଏସ୍‌ଡିଏମ୍‌ଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରାଜନୈତିକ ହିଂସାକାଣ୍ଡରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ପରବର୍ତ୍ତୀ ସମୟରେ ସରକାର ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି ବୋଲି ସେ କହିଛନ୍ତି।


### ଆଜିର ସମ୍ପାଦକୀୟ
ଗଡ଼ାଣିରେ ଅର୍ଥନୀତି


### ଆଜିର ମନ୍ତବ୍ୟ

“ କ୍ଷମତାକୁ ଜାବୁଡ଼ି ଧରିବା ଲାଗି ଶାସକ ଦଳ ଭାଜପା ମର୍ଯ୍ୟାଦାର ସବୁ ସୀମା ଲଙ୍ଘନ କରିଛି।

-ସୋନିଆ ଗାନ୍ଧୀ, ଉପା ଅଧକ୍ଷା

### କିଛି ତଥ୍ୟ

ଦେଶର ୩୪ ଅଣଜୀବନ ବୀମା ସେବା ପ୍ରଦାନକାରୀ ଫାର୍ମ ଚଳିତ ବର୍ଷ ମେ ମାସରେ ୧୨,୨୩୪ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରିଛନ୍ତି।

– ଆଇଆର୍‌ଡିଏଆଇ


NECC NATIONAL EGG CO-ORDINATION COMMITTEE 13.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


### ଏସ୍‌ସିଓ ସମ୍ମିଳନୀ ଅବସରରେ ମୋଦି-ଜିନ୍‌ପିଙ୍ଗ ଆଲୋଚନା

# ଆତଙ୍କବାଦ ବିରୋଧରେ ପାକିସ୍ତାନ କଠୋର ପଦକ୍ଷେପ ନେଉ: ଭାରତ

**ବିଶ୍‌କେକ୍, ୧୩।୬(ପି.ଟି.)**

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ କାଜାଖସ୍ତାନ ରାଜଧାନୀ ବିଶ୍‌କେକ୍ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ପ୍ରସଙ୍ଗ ଉଠାଇଛନ୍ତି। ଶାନ୍ତି ପାଇଁ ପାକିସ୍ତାନକୁ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ମୋଦି ଜିନ୍‌ପିଙ୍ଗଙ୍କୁ ଜଣାଇଥିବା ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ସୂଚନା ଦେଇଛନ୍ତି। ପାକିସ୍ତାନ ଏକ ଆତଙ୍କବାଦମୁକ୍ତ ବାତାବରଣ ସୃଷ୍ଟି କରିବାର ଆବଶ୍ୟକତା ରହିଛି, ଯାହା ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଇସ୍‌ଲାମାବାଦ ସହ ଶାନ୍ତି ସ୍ଥାପନ ଲାଗି ଉଦ୍ୟମ ହୋଇଥିଲେ ହେଁ ତାହା ନିଷ୍ଫଳ ହୋଇଥିବା ମୋଦି ଜିନ୍‌ପିଙ୍ଗଙ୍କୁ ସ୍ମରଣ କରାଇ ଦେଇଛନ୍ତି। ଚାଇନା ରାଷ୍ଟ୍ରପତିଙ୍କ ସହ ଆଲୋଚନା ବେଶ୍ ଫଳପ୍ରଦ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆଲୋଚନାରେ ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗ ସ୍ଥାନ ପାଇଥିଲା ଏବଂ ସେମାନେ ଅର୍ଥନୈତିକ ଏବଂ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ଲାଗି ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ମୋଦି ଟୁଇଟ୍ କରିଛନ୍ତି। ପ୍ରତିନିଧିସ୍ତରୀୟ ଆଲୋଚନା ଆରମ୍ଭ ପୂର୍ବରୁ ଜିନ୍‌ପିଙ୍ଗ ମୋଦିଙ୍କୁ ନିର୍ବାଚନ ବିଜୟ ଲାଗି ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଜିନ୍‌ପିଙ୍ଗଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି।



ମୋଦି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିନ୍‌ପିଙ୍ଗଙ୍କ ସହ ଏହା ଥିଲା ପ୍ରଥମ ବୈଠକ। ମାସେ ପୂର୍ବରୁ ଚାଇନା କଟକଣା ଉଠାଇଦେବାରୁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କୁ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ ☞ପୃଷ୍ଠା-୪

### ସୋସିଆଲ ମିଡ଼ିଆରେ ବିଜେଡି-ଭାଜପା କଳି

# ୩ ଭାଜପା କର୍ମୀ ଗିରଫ

**ନୟାଗଡ଼ ଅଫିସ, ୧୩।୬**

ସୋସିଆଲ ମିଡିଆରେ ବିଜେଡି-ଭାଜପା କଳି ଗୁରୁତର ରୂପ ନେଇଛି। ଏହି ଘଟଣାରେ ପୋଲିସ ୩ ଭାଜପା କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ପ୍ରିୟାପ୍ରୀତି ତୋଷଣ କରିମ ପୋଲିସ ବିଜେଡି କର୍ମୀଙ୍କୁ ଛାଡିଦେଇଥିବା ଅଭିଯୋଗ କରି ଗୁରୁବାର ଜିଲା ଭାଜପା ପକ୍ଷରୁ ଇଟାମାଟି ଥାନା ଘେରାଉ କରାଯାଇଛି।

ଗତ ୧୦ ତାରିଖରେ ଇଟାମାଟିର ବବୁଲ ପାତ୍ର ଓ ବିଶ୍ୱଜିତ ସାହୁଙ୍କ ମଧ୍ୟରେ ସୋସିଆଲ ମିଡିଆରେ ବିଜେଡି-ଭାଜପା କଳି ଦେଖିବାକୁ ମିଳିଥିଲା। ବିଶ୍ୱଜିତ ବିଜେଡି କର୍ମୀ ହୋଇଥିବାରୁ ସେ ସୋସିଆଲ ମିଡ଼ିଆରେ ବବୁଲ୍ ନିକଟକୁ ଭାଜପା ବିରୋଧରେ ଲେଖି ପଠାଇଥିଲେ। ଅନ୍ୟପକ୍ଷରେ ବବୁଲ୍ ଭାଜପା କର୍ମୀ ହୋଇଥିବାରୁ ସେ ବିଜେଡି ବିରୋଧରେ ଲେଖି ବିଶ୍ୱଜିତଙ୍କ ନିକଟକୁ ପଠାଇଥିଲେ। ପରେ ଅପରାହ୍ନରେ ବବୁଲ୍‌ଙ୍କ ମା’ ଏ ନେଇ ବିଶ୍ୱଜିତଙ୍କ ଘରକୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ବିଶ୍ୱଜିତ ନ ଥିବାରୁ ସେ ଫେରିଆସିଥିଲେ। ସନ୍ଧ୍ୟାରେ ବିଶ୍ୱଜିତ ତାଙ୍କ ୨ ସହଯୋଗୀଙ୍କ ସହିତ ବବୁଲ୍‌ଙ୍କ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ବବୁଲ୍‌ଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ବବୁଲଙ୍କ ଭାଇ ଚଗୁଲ ଓ ଜଣେ ସମ୍ପର୍କୀୟ ଦିନେଶ ବେହେରା ସେମାନଙ୍କୁ ଅଟକାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ପରେ ସେମାନେ ମଧ୍ୟ ବିଶ୍ୱଜିତ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଇଟାମାଟି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ବିଶ୍ୱଜିତଙ୍କ ଅଭିଯୋଗକୁ ଆଧାର କରି ପୋଲିସ ୮୧/୧୯ରେ ଏକ ମାମଲା ରୁଜୁ କରି ବବୁଲ, ଚଗୁଲ ଓ ସହଯୋଗୀ ଦିନେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବବୁଲଙ୍କ ଅଭିଯୋଗକ୍ରମେ ପୋଲିସ ୮୨/୧୯ରେ ମାମଲା ରୁଜୁ କରିଥିଲେ ମଧ୍ୟ ବିଜେଡି କର୍ମୀଙ୍କୁ ଗିରଫ କରି ନ ଥିଲା। ଏହାର ପ୍ରତିବାଦରେ ଥାନା ଘେରାଉ କରାଯାଇଥିବା ଭାଜପା ଜିଲା ସଭାପତି ସନ୍ନ୍ୟାସୀ ନାୟକ ପ୍ରକାଶ କରିଛନ୍ତି। ଘେରାଉରେ ଲାଲା ମନୋଜ ରାୟ, ସନ୍ତୋଷ ପ୍ରଧାନ, ରାଘବ ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଏ ନେଇ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ କହନ୍ତି, ଏହି ଘଟଣାରେ ଭାଜପା ପକ୍ଷରୁ ୩ଜଣଙ୍କୁ ଗିରଫ କରାଯାଇଛି। ବିଜେଡି କର୍ମୀ ବିଶ୍ୱଜିତ ସାହୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ। ବିଶ୍ୱଜିତଙ୍କ ଭିଣୋଇ ସୌଭାଗ୍ୟ ରାଉତରାୟ ଓ ବନ୍ଧୁ କାହ୍ନୁ ସାହୁ ଫେରାର୍ ଅଛନ୍ତି। ଏମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।



ଇଟାମାଟି ଥାନା ଆଗରେ ଭାଜପା କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବିଜେଡି କର୍ମୀଙ୍କୁ ଗିରଫ କରା ନ ଯିବା ପ୍ରତିବାଦରେ ଥାନା ଘେରାଉ**



ଜମ୍ମୁ-କଶ୍ମୀରକୁ ଯେତେବେଳେ ଶାନ୍ତି ଫେରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ଘଟାଇ ସ୍ଥିତିକୁ ବିଗାଡ଼ିଦିଏ। ଅନନ୍ତନାଗରେ ସିଆରପିଏଫ୍ ଉପରେ ଆତ୍ମଘାତୀ ଆକ୍ରମଣ ପଡ଼ୋଶୀ ଦେଶର ନିର୍ଦ୍ଦେଶରେ ହୋଇଛି।

-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

## ପଶ୍ଚିମବଙ୍ଗରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଡାକ୍ତର ଆନ୍ଦୋଳନରୁ ତେଜିଲା ରାଜନୀତି

**କୋଲକାତା,୧୩।୬ (ଆଇଏଏନ୍ଏସ୍)**




ପଶ୍ଚିମବଙ୍ଗର ଏକ ସରକାରୀ ହସ୍ପିଟାଲରେ ହିଂସା ପରେ ୩ ଦିନ ଧରି ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ରାଜନୈତିକ ରୂପ ନେଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଭାଜପା ଏବଂ ବାମଦଳଗୁଡ଼ିକର ଷଡ଼ଯନ୍ତ୍ରର ପରିଣାମ ବୋଲି ଅଭିହିତ କରିଥିବାବେଳେ ଗୈରିକ ଦଳ ଏଥିପାଇଁ ଓଲଟା ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। ଡାକ୍ତରଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର। ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବରିଷ୍ଠ ଭାଜପା ନେତା ମୁକୁଲ ରୟ ଅଭିଯୋଗ ଆଣିଛନ୍ତି। ସେପଟେ ସୁରକ୍ଷା ଦାବିରେ ଅଡ଼ିବସିଥିବା ଆନ୍ଦୋଳନରତ ଡାକ୍ତରମାନେ ମମତାଙ୍କ ମହଲତକୁ ବେଖାତିର କରି କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି।

ବିବାଦ ଆରମ୍ଭ ହୋଇଥିଲା ସୋମବାର। କୋଲକାତାସ୍ଥିତ ନୀଲରତନ ସିରକାର (ଏନ୍ଆରସି) ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ୭୫ ବର୍ଷୀୟ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ୨ ଜୁନିୟର ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ଡାକ୍ତର ଗୁରୁତର ଆହତ ହୋଇଥିଲେ। ଏହାର ଦିନକ ପରେ ସାରା ରାଜ୍ୟର ଡାକ୍ତରମାନେ ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ, ଯାହାକି ଅଦ୍ୟାବଧି ଜାରି ରହିଛି। ଫଳରେ ୩ ଦିନ ହେଲା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି। ହସ୍ପିଟାଲଗୁଡ଼ିକରେ ରୋଗୀମାନେ ବିନା ଚିକିତ୍ସାରେ ପଡ଼ିରହିଛନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷ କହିଛନ୍ତି, ଡାକ୍ତରଙ୍କୁ ସୁରକ୍ଷା ଯୋଗାଇଦେବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ। କିନ୍ତୁ ମମତା ନିଜ ଭୋଟ ପାଇଁ ଅସାମାଜିକ ତତ୍ତ୍ୱଙ୍କୁ ନିୟନ୍ତ୍ରଣ କି ଗିରଫ କରୁନାହାନ୍ତି। ମମତା ଏହାର ଜବାବରେ କହିଛନ୍ତି, ହସ୍ପିଟାଲଗୁଡ଼ିକରେ ବିଭ୍ରାଟ ସୃଷ୍ଟି କରିବା ଲାଗି ବାହାର ଲୋକ ପ୍ରବେଶ କରୁଛନ୍ତି ଏବଂ ଭାଜପା ଏହି ପ୍ରସଙ୍ଗକୁ ସାମ୍ପ୍ରଦାୟିକ ରଙ୍ଗ ଦେଉଛି। ସିପିଏମ୍ ସାହାଯ୍ୟରେ ଭାଜପା ହିନ୍ଦୁ-ମୁସଲିମ୍ ରାଜନୀତି କରୁଛି। ଏହି ପ୍ରେମ ବ୍ୟାପାରକୁ ଦେଖି ମୁଁ ସ୍ତବ୍ଧ ହୋଇଯାଇଛି। ଫେସ୍‌ବୁକ୍‌ରେ ଅପପ୍ରଚାର ଚଳାଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାକୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଙ୍କ ଦଳର କର୍ମକର୍ତ୍ତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ମମତା ଏଭଳି ଭାଷାରେ ବିକ୍ଷୋଭକୁ ନିନ୍ଦା କରିଛନ୍ତି।

ମମତା ଗୁରୁବାର ପୂର୍ବାହ୍ନରେ ଏସ୍ଏସ୍‌କେଏମ୍ ହସ୍ପିଟାଲ ପରିଦର୍ଶନ କରିବା ସହ ଡାକ୍ତରଙ୍କୁ ଦଙ୍ଗା ଆଇନ ପଢ଼ାଇ କାର୍ଯ୍ୟକୁ ଫେରିବାକୁ ତାଗିଦ କରିଥିଲେ। ଅପରାହ୍ନ ୨ଟା ସୁଦ୍ଧା କାର୍ଯ୍ୟକୁ ନ ଫେରିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। ହେଲେ ମଙ୍ଗଳବାରଠାରୁ ରାସ୍ତାକୁ ଓହ୍ଲାଇଥିବା ଡାକ୍ତରମାନେ ଏହି ୪ ଘଣ୍ଟିଆ ମହଲତକୁ ଅବଜ୍ଞା କରିଛନ୍ତି। ସରକାରୀ ହସ୍ପିଟାଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଆକ୍ରମଣକାରୀଙ୍କୁ ଗିରଫ କରା ନ ଗଲେ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଅଡ଼ିବସିଛନ୍ତି।

### ହସ୍ପିଟାଲ ଛାଡ଼ି ରାସ୍ତାରେ ଚିକିତ୍ସକ

- ୨ ଜୁନିୟର ଡାକ୍ତରଙ୍କୁ ଆକ୍ରମଣ କରିଥିଲେ ମୃତ ରୋଗୀଙ୍କ ସମ୍ପର୍କୀୟ
- ସୁରକ୍ଷା ଦାବିରେ ୩ ଦିନ ହେଲା ଆନ୍ଦୋଳନ କରୁଛନ୍ତି ଚିକିତ୍ସକ
- ମମତାଙ୍କ ଚେତାବନୀକୁ ବେଖାତିର
- ରାଜ୍ୟପାଳଙ୍କୁ ଭେଟିଲା ଡାକ୍ତରଙ୍କ ପ୍ରତିନିଧି ଦଳ

ଇତିମଧ୍ୟରେ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ଏହି ପ୍ରସଙ୍ଗରେ ରାଜଭବନରେ ରାଜ୍ୟପାଳ କେଶରୀନାଥ ତ୍ରିପାଠୀଙ୍କୁ ଭେଟି ମମତାଙ୍କ ଆଭିମୁଖ୍ୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆମ ସହ ଅପରାଧୀଙ୍କ ଭଳି ବ୍ୟବହାର କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେପଟେ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଭାଜପା। ରାଜ୍ୟ ଭାଜପା ଉପସଭାପତି ଜୟପ୍ରକାଶ ମଜୁମ୍‌ଦାର କହିଛନ୍ତି, ଆନ୍ଦୋଳନରତ ଡାକ୍ତରଙ୍କୁ ମମତା ଧମକ ଦେଉଛନ୍ତି। ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସେ ଏହାକୁ ନେଇ ରାଜନୀତି କରୁଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣି ନ ପାରିଲେ ମମତା ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଇସ୍ତଫା ଦିଅନ୍ତୁ ବୋଲି ଜୟପ୍ରକାଶ ଦାବି କରିଛନ୍ତି। ଶେଷରେ ମମତା ବରିଷ୍ଠ ଡାକ୍ତରମାନଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି। ସବୁ ଜିଲାରୁ ଗରିବ ଲୋକେ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାଗୁଡ଼ିକୁ ଆସୁଛନ୍ତି। ତେଣୁ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରମାନେ ରୋଗୀ ସେବାରେ ନିଜକୁ ନିୟୋଜିତ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

> ଡାକ୍ତର ଆନ୍ଦୋଳନ ଭାଜପା-ବାମପନ୍ଥୀଙ୍କ ଷଡ଼ଯନ୍ତ୍ରର ପରିଣାମ। ଭାଜପା ଅଧ୍ୟକ୍ଷ ଅମିତ ଶାହ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଲାଗି ଦଳୀୟ କର୍ମୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି।
> -ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ





> ଡାକ୍ତରଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର। ମମତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ସେମାନଙ୍କୁ ଗିରଫ କରୁନାହାନ୍ତି।
> -ମୁକୁଲ ରୟ, ବରିଷ୍ଠ ଭାଜପା ନେତା

## ଦିଗ ବଦଳାଇଲା 'ବାୟୁ'



### ଗୁଜରାଟ ଉପକୂଳରେ ପ୍ରବଳ ଝଡ଼ବର୍ଷା

**ପୋର୍‌ବନ୍ଦର,୧୩।୬**

ସାମୁଦ୍ରିକ ବାତ୍ୟା 'ବାୟୁ' ଦିଗ ବଳାଇଛି। ଗୁଜରାଟରେ ମାଡ଼ହେବା ପୂର୍ବରୁ ଏହା ପୁଣି ଆରବ ସାଗର ମୁହାଁ ହୋଇଛି। ଭେରେଭାଲ୍, ପୋର୍‌ବନ୍ଦର, ଓ ଦ୍ୱାରକା ପାଖଦେଇ ଏହା ଚାଲିଯିବ ବୋଲି ଜଣାପଡ଼ିଛି। ଏବେ ଏହା ଗୁଜରାଟ ଉପକୂଳରୁ ୧୧୦ କିମି ଦୂରରେ ରହିଛି। ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ସହ ୧୪୫ କିମି ବେଗରେ ପବନ ବୋହୁଥିବାବେଳେ ହାଇଆଲର୍ଟ ଜାରି କରାଯାଇଛି। ଆଗାମୀ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୌରାଷ୍ଟ୍ର, ଅହମଦାବାଦ୍ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା, ପବନ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅପରାହ୍ନ ସୁଦ୍ଧା ଗୁଜରାଟର ଭାବନଗରର ତଲଜା ତାଲୁକାରେ ସର୍ବାଧିକ ୪୧ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ବାତ୍ୟାର ଭୟାବହତାକୁ ଦେଖି ବୁଧବାର ଉପକୂଳ ଅଞ୍ଚଳରେ ଥିବା ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପଶ୍ଚିମତଟ ରେଳପଥ ପକ୍ଷରୁ ୭୦ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ କେତେକ ବିମାନ ଉଡ଼ାଣକୁ ରଦ୍ଦ କରାଯାଇଛି। ରିଲିଫ୍ ଓ ଉଦ୍ଧାର ଲାଗି ୫୨ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଥିଲା। ତଟରକ୍ଷୀ ବାହିନୀ, ସ୍ଥଳସେନା, ନୌସେନା ଓ ବାୟୁସେନା ସହ ବିଏସ୍‌ଏଫ୍‌ଙ୍କୁ ହାଇଆଲର୍ଟରେ ରଖାଯାଇଥିଲା। ଜାରି କରାଯାଇଥିବା ସତର୍କ ସୂଚନା ନ ଉଠିବା ଯାଏ ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଏହା ଭିତରକୁ ନ ଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

## ନିଖୋଜ ବାୟୁସେନା ବିମାନର ବ୍ଲାକ୍‌ବକ୍ସ ମିଳିଲା

# ସମସ୍ତ ୧୩ ଯାତ୍ରୀ ମୃତ

**ନୂଆଦିଲ୍ଲୀ,୧୩।୬**

ନିଖୋଜ ବାୟୁସେନା ବିମାନ ଏନ୍-୩୨ର ଭଗ୍ନାବଶେଷ ଅରୁଣାଚଳର ଏକ ଘଞ୍ଚ ଜଙ୍ଗଲଘେରା ପାର୍ବତ୍ୟାଞ୍ଚଳରୁ ମିଳିଛି। ତେବେ ଏଥିରେ ଥିବା ସମସ୍ତ ୧୩ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ବାୟୁସେନା ପକ୍ଷରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିମାନଟି ପିଟିହେବା ପରେ ଚୂରମାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ବିମାନର ବ୍ଲାକବକ୍ସକୁ ଉଦ୍ଧାର କରାଯାଇ ପରୀକ୍ଷା କରାଯାଉଛି।

ବିମାନଟି ଜୁନ୍ ୩ ତାରିଖରୁ ନିଖୋଜ ହେବା ପରେ ବ୍ୟାପକ ତଲାସି କରାଯାଇଥିଲା। ମୃତକଙ୍କ ମଧ୍ୟରେ ଅଛନ୍ତି ୱିଙ୍ଗ କମାଣ୍ଡର୍ ଜି.ଏମ୍. ଚାର୍ଲ୍ସ, ସ୍କ୍ୱାଡ୍ରନ୍ ଲିଡର୍ ଏଚ୍. ବିନୋଦ, ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ଏଲ୍.ଆର୍. ଥାପ୍ପା, ଏମ୍.କେ. ଗର୍ଗ, ଆଶିଷ ତନ୍‌ୱର୍, ସୁନୀତ୍ ମହାନ୍ତି, ୱାରେଣ୍ଟ ଅଫିସର୍ କେ. କେ. ମିଶ୍ର, ସର୍ଜେଣ୍ଟ ଅନୁପ୍ କୁମାର, କର୍ପୋରାଲ୍ ସେରିନ୍, ଲିଡିଂ ଏୟାରକ୍ରାଫ୍ଟ ମ୍ୟାନ୍ ଏସ.କେ. ସିଂ, ପଙ୍କଜ, ରାଜେଶ କୁମାର ଓ ପୁଟ୍‌ଲି। ରୁଷିଆ ନିର୍ମିତ ଏହି ବାୟୁସେନା ବିମାନଟି ଆସାମର ଜୋର୍‌ହାଟ୍‌ରୁ ଚାଇନା ସୀମାନ୍ତବର୍ତ୍ତୀ ଅଞ୍ଚଳ ମେନ୍‌ଚୁକାକୁ ଯାଉଥିଲା। ବିମାନଟି ଛାଡ଼ିବାର ଅଧଘଣ୍ଟା ପରେ ଏହା ସହ ସମ୍ପର୍କ ରକ୍ଷା କରାଯାଇ ପାରି ନ ଥିଲା। ନିଖୋଜ ଏହି ବିମାନକୁ ଠାବ କରିବା ଲାଗି ବିଭିନ୍ନ ପ୍ରୟାସ କରାଯାଇଥିଲା। ଶେଷରେ ୮ ଦିନ ପରେ ସୀମାନ୍ତବର୍ତ୍ତୀ ଏକ ଗ୍ରାମର ୧୨ ହଜାର ଫୁଟ ପାର୍ବତ୍ୟାଞ୍ଚଳରେ ଏହାର ଭଗ୍ନାବଶେଷ ବାୟୁସେନା ପକ୍ଷରୁ ମଙ୍ଗଳବାର ଠାବ କରାଯାଇଥିଲା। ତା' ପରେ ବୁଧବାର ୧୫ ଜଣିଆ ଏକ ଉଦ୍ଧାରକାରୀ ଟିମ୍ ସେଠାକୁ ପଠାଯାଇଥିଲା।

# ଅବସର ନେବେ ୯ ରାଜ୍ୟପାଳ

**ନୂଆଦିଲ୍ଲୀ,୧୩।୬:** ଆଗାମୀ ୩ ମାସ ମଧ୍ୟରେ ପଶ୍ଚିମବଙ୍ଗ, କର୍ନାଟକ ଓ ଉତ୍ତରପ୍ରଦେଶ ସମେତ ୯ ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏଥିସହ କେନ୍ଦ୍ର ସରକାର ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ, ଉମା ଭାରତୀ ଓ ଲୋକ ସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନଙ୍କୁ ରାଜ୍ୟପାଳଭାବେ ଅବସ୍ଥାପିତ କରିପାରନ୍ତି ବୋଲି କୁହାଯାଉଛି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଲାଗି ଅଲଗା ରାଜ୍ୟପାଳ ପଠାଯିବା, ମିଜୋରାମ, ରାଜସ୍ଥାନ, ଗୁଜରାଟ, ଗୋଆ, ମହାରାଷ୍ଟ୍ର, ନାଗାଲାଣ୍ଡରେ ନୂଆ ରାଜ୍ୟପାଳଙ୍କୁ ଦାୟିତ୍ୱ ଦିଆଯିବା ଲାଗି ମୋଦି ସରକାର ଚିନ୍ତା କରୁଛନ୍ତି।

ଗୁଜରାଟ ରାଜ୍ୟପାଳ ଓ.ପି. କୋହଲିଙ୍କ କାର୍ଯ୍ୟକାଳ ଜୁଲାଇରେ ଶେଷ ହେଉଥିବାବେଳେ ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନାଙ୍କ କାର୍ଯ୍ୟକାଳ ଅଗଷ୍ଟରେ ସରୁଛି। ମହାରାଷ୍ଟ୍ର ରାଜ୍ୟପାଳ ସି. ବିଦ୍ୟାସାଗର ରାଓଙ୍କ କାର୍ଯ୍ୟକାଳ ଓ ନାଗାଲାଣ୍ଡ ରାଜ୍ୟପାଳ ପି.ବି. ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆଗାମୀ ଦୁଇମାସ ମଧ୍ୟରେ ଶେଷ ହେଉଛି।

## ଟିକ୍‌ଟକ୍ ପାଇଁ ଆତ୍ମହତ୍ୟା କଲେ ୨ ସନ୍ତାନର ମାଆ

**ନୂଆଦିଲ୍ଲୀ,୧୩।୬(ଆଇଏଏନ୍ଏସ୍):** ସଂକ୍ଷିପ୍ତ ଭିଡିଓ ପ୍ରସ୍ତୁତକାରୀ ଆପ୍ ଟିକ୍‌ଟକ୍ ପାଇଁ ତାମିଲନାଡୁର ୨ ସନ୍ତାନର ଜନନୀ ଜଣେ ୨୪ ବର୍ଷୀୟା ମହିଳା ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଅନୀତା ନାମ୍ନୀ ଏହି ମହିଳା ଟିକ୍‌ଟକ୍‌ରେ ଭିଡିଓ ପ୍ରସ୍ତୁତିରେ ବ୍ୟସ୍ତ ରହୁଥିବାବେଳେ ତାଙ୍କ ସ୍ୱାମୀ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅନୀତା ବିଷ ପିଇବା ସମୟର ଭିଡିଓ ହ୍ୱାଟ୍ସଆପ୍‌ରେ ସିଙ୍ଗାପୁରରେ ଥିବା ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା।

### [ଇତିହାସର ଆଇନାରେ]

### ଜୁନ୍ ୧୪ର ପ୍ରମୁଖ ଘଟଣା

୧୯୩୭ ଜୁନ ୧୪ରେ ପେନସିଲଭାନିଆରେ ପ୍ରଥମକରି ସରକାରୀ ଭାବେ ପତାକା ଦିବସ ପାଳନ କରାଯାଇଥିଲା। ଏହା ଆମେରିକାର ଉତ୍ତରପୂର୍ବ ଭାଗରେ ଥିବା ଏକ ପ୍ରଦେଶ।

୨୦୧୪ ଜୁନ୍ ୧୪ରେ ୟୁକ୍ରେନ୍‌ର ଇଲ୍ୟୁସିନ୍ ଇଲ୍-୭୬ ନାମକ ସାମରିକ ବିମାନକୁ ଗୁଳିକରି ଖସାଇ ଦିଆଯିବା ଫଳରେ ୪୯ ଲୋକଙ୍କ ମୃତ୍ୟୁ ଘଟିଥିଲା।

# ୨ ତୈଳବାହୀ ଜାହାଜ ଉପରେ ଆକ୍ରମଣ



**ଦୋହା,୧୩।୬(ଆଇଏଏନ୍ଏସ୍)**

ଓମାନ ଉପସାଗରରେ ଦୁଇଟି ତୈଳବାହୀ ଜାହାଜ ଗୁରୁବାର ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ତେବେ ଏଥିରେ ଥିବା ସମସ୍ତ କର୍ମଚାରୀଙ୍କୁ ନିରାପଦର ସହିତ ଉଦ୍ଧାର କରାଯାଇଛି। ଗତ ମାସରେ ଅନ୍ୟ ୪ଟି ତୈଳବାହୀ ଜାହାଜକୁ ଧ୍ୱଂସ କରିବା ଲାଗି ଇରାନ ସେଠାରେ ନାଭାଲ ମାଇନ୍ ବ୍ୟବହାର କରିଥିଲା। ଗୁରୁବାର ଜାହାଜ ଦୁଇଟି ସେହି ସ୍ଥାନରେ ଥିଲେ ବୋଲି ଆମେରିକା ଅଭିଯୋଗ କରିଛି। ଅନ୍ୟପକ୍ଷରେ ଇରାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି, ଦୁଇ ତୈଳବାହୀ ଜାହାଜ ଆବୁ ଧାବୀ ବନ୍ଦର ଛାଡିଥିଲେ। ଆକ୍ରମଣ ସମ୍ପର୍କରେ ସେମାନେ ପାକିସ୍ତାନ ଓ ଓମାନ ବନ୍ଦରକୁ ଜଣାଇଥିଲେ। ଆକ୍ରମଣର ସମ୍ମୁଖୀନ ହୋଇଥିବା ନରୱେର ଫ୍ରଣ୍ଟ ଅଲ୍‌ଟେୟାର କମ୍ପାନୀର ଜାହାଜରେ ନିଆଁ ଲାଗିଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ମଙ୍ଗଳବାର ରୁୱାଇସ୍‌ର ଏମିରାତି ବନ୍ଦର ଛାଡିଥିଲା ଏବଂ ଜୁନ୍ ୩୦ରେ ତାଇୱାନ୍‌ର କୌସିଉଙ୍ଗ୍ ବନ୍ଦରରେ ପହଞ୍ଚିଥାନ୍ତା। ଅନ୍ୟ ଜାହାଜଟି ପାନାମାର। ତେବେ ଆକ୍ରମଣ କିପରି ଘଟିଲା ଏବଂ ଏଥିପାଇଁ କିଏ ଦାୟୀ ତାହା ଜଣାପଡିନାହିଁ। ଉଭୟ ଜାହାଜରୁ ୪୪ ଜଣ କର୍ମଚାରୀଙ୍କୁ ଇରାନ ନୌସେନା ଉଦ୍ଧାର କରିଥିଲା। ଏଥିରେ ଆମେରିକାର ଜାହାଜ ମଧ୍ୟ ସହାୟତା କରିଥିଲା।

## ଏନ୍‌ସେଫାଲାଇଟ୍ସ ନେଲାଣି ୪୭ ଶିଶୁଙ୍କ ଜୀବନ

**ମୁଜାଫରପୁର,୧୩।୬**

ବିହାରର ମୁଜାଫରପୁର ଜିଲା ଓ ଆଖପାଖରେ ଗତ ୧୫ ଦିନ ମଧ୍ୟରେ ଏନ୍‌ସେଫାଲାଇଟ୍ସରେ ୪୭ ଶିଶୁଙ୍କ ଜୀବନ ଗଲାଣି। ତେବେ ବିହାର ସରକାର ଏହାକୁ ମାନିବାକୁ ନାରାଜ। ଏନ୍‌ସେଫାଲାଇଟ୍ସ ନୁହେଁ ହାଇପୋଗ୍ଲିସେମିଆ ବା ରକ୍ତଶର୍କରା ସ୍ତରରେ ଅସ୍ୱାଭାବିକତା କିମ୍ବା ଶରୀରରେ ସୋଡିୟମ ଓ ପଟାସିୟମର ଅଭାବ ଯୋଗୁ ଶିଶୁଙ୍କ ମୃତ୍ୟୁ ହେଉଥିବା ରାଜ୍ୟ ସରକାର କହିଛନ୍ତି। ବୁଧବାର ଶ୍ରୀକ୍ରିଷ୍ଣ ମେଡିକାଲ କଲେଜ ଓ ହସ୍ପିଟାଲରେ ଆଉ ୩ ଶିଶୁଙ୍କ ମୃତ୍ୟୁ ପରେ କେନ୍ଦ୍ରରୁ ୭ ଜଣିଆ ବିଶେଷଜ୍ଞ ଟିମ୍ ପରିସ୍ଥିତି ଅନୁଧ୍ୟାନ ଲାଗି ମୁଜାଫରପୁରରେ ଆସି ପହଞ୍ଚିଛନ୍ତି। ଆକ୍ୟୁଟ୍ ଏନ୍‌ସେଫାଲାଇଟ୍ସ ସିଣ୍ଡ୍ରୋମ୍ (ଏଇଏସ୍) ଅନୁରୂପ ଲକ୍ଷଣ ଯୋଗୁ ୪୭ ଶିଶୁଙ୍କ ମୃତ୍ୟୁ ଘଟିଥିବା ମୁଜାଫରପୁର ଜିଲାପାଳ ଆଲୋକ ରଞ୍ଜନ ଘୋଷ ସ୍ପଷ୍ଟ କରିଛନ୍ତି। ଶ୍ରୀକୃଷ୍ଣ ମେଡିକାଲ କଲେଜ ହସ୍ପିଟାଲରେ ୧୪ ଏବଂ କେଜ୍‌ରିୱାଲ ମୈତ୍ରୀ ସଦନରେ ୫ ନୂଆ ରୋଗୀ ପହଞ୍ଚିଛନ୍ତି, ଯେଉଁମାନେ ଏନ୍‌ସେଫାଲାଇଟ୍ସରେ ପୀଡିତ ବୋଲି ଆଶଙ୍କା କରାଯାଉଛି।

# ନାନାଙ୍କୁ କ୍ଲିନ୍‌ଚିଟ୍, ତନୁଶ୍ରୀ ନିରାଶ

**ମୁମ୍ବାଇ:** ଅଭିନେତା ନାନା ପାଟେକରଙ୍କ ବିରୋଧରେ ତନୁଶ୍ରୀ ଦତ୍ତା ଯେଉଁ ଯୌନ ଉତ୍ପୀଡନ ମାମଲା ଦାଏର କରିଥିଲେ ତାହାର କୌଣସି ପ୍ରମାଣ ନାହିଁ ବୋଲି ମୁମ୍ବାଇ ପୋଲିସ ସ୍ଥାନୀୟ ଏକ ଅଦାଲତକୁ ସୂଚନା ଦେଇଛନ୍ତି। ୨୦୧୮ ଅକ୍ଟୋବରରେ ନାନା ପାଟେକରଙ୍କ ବିରୋଧରେ ତନୁଶ୍ରୀ ସୋସିଆଲ ମିଡିଆରେ '#ମିଟୁ' ଅଭିଯୋଗ ଆଣିବା ପରେ ତାହା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ନାନାଙ୍କୁ ଏହି ଘଟଣାରେ 'କ୍ଲିନ୍ ଚିଟ୍' ଦିଆଯାଇଥିବାରୁ ତନୁଶ୍ରୀ ନୈରାଶ୍ୟ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ପୋଲିସ ଏବଂ ନ୍ୟାୟିକ ବ୍ୟବସ୍ଥା ଉପରୁ ଆସ୍ଥା ହରାଇଛନ୍ତି। ମୁମ୍ବାଇର ସବ୍‌ଅର୍ବାନ୍ ଓଶିୱାରା ପୋଲିସ ବୁଧବାର ଅନ୍ଧେରିର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏକ 'ବି ସମରି' ଦାଖଲ କରିଥିବା ଡେପୁଟି ପୋଲିସ କମିଶନର ପରମ୍‌ଜିତ ସିଂ ଦହିଆ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବା ପାଇଁ ପୋଲିସ କୌଣସି ପ୍ରମାଣ ନ ପାଇଲେ ଏକ 'ବି ସମରି' ରିପୋର୍ଟ ଦାଖଲ କରିଥାଏ। ତେବେ ମାଜିଷ୍ଟ୍ରେଟ୍ କୋର୍ଟ କ୍ଲୋଜର ରିପୋର୍ଟ ଉପରେ ଏକ ନିର୍ଦ୍ଦେଶନାମା ଜାରି କରିବେ। ଏହା ପୂର୍ବରୁ ଅଦାଲତ ସମ୍ପୃକ୍ତ ସବୁ ପକ୍ଷର ଯୁକ୍ତି ଶୁଣାଣି କରିବେ।

ପ୍ରତିକ୍ରିୟା ପ୍ରକାଶ କରି ତନୁଶ୍ରୀ ଦତ୍ତା ଏକ ବିବୃତିରେ କହିଛନ୍ତି ସେ ଏଥିରେ 'ଆଘାତପ୍ରାପ୍ତ କି ବିସ୍ମିତ' ନୁହନ୍ତି। ତାଙ୍କ ଓକିଲ ପୋଲିସ ରିପୋର୍ଟକୁ ବିରୋଧ କରିବା ସହିତ ହାଇକୋର୍ଟରେ ଆବେଦନ କରିବେ ବୋଲି କହିଛନ୍ତି। ପାଟେକର ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଏହି ଘଟଣାରେ ସାକ୍ଷୀମାନଙ୍କ ବିବୃତି ରେକର୍ଡ ନ କରି 'ବି ସମରି' ରିପୋର୍ଟ କିପରି ପ୍ରସ୍ତୁତ ହେଲା ବୋଲି ତନୁଶ୍ରୀ ପ୍ରଶ୍ନ କରିଛନ୍ତି। ଭୟ ପ୍ରଦର୍ଶନ କରାଯାଇ ଆମ ସାକ୍ଷୀମାନଙ୍କୁ ଚୁପ୍ କରିଦିଆଯାଇଛି ଏବଂ ମାମଲାକୁ ଦୁର୍ବଳ କରିବା ପାଇଁ ନକଲି ସାକ୍ଷୀଙ୍କ ବୟାନ ନିଆଯାଇଛି ବୋଲି ତନୁଶ୍ରୀ ଅଭିଯୋଗ କରିଛନ୍ତି।

'#ମିଟୁ' ମାମଲା



# ସ୍ପେସ୍ ଷ୍ଟେଶନ୍ ସ୍ଥାପନ କରିବ ଭାରତ



**ନୂଆଦିଲ୍ଲୀ,୧୩।୬(ଆଇଏଏନ୍ଏସ୍)**

ଭାରତ ୨୦୩୦ ସୁଦ୍ଧା ନିଜସ୍ୱ ସ୍ପେସ୍ ଷ୍ଟେଶନ୍ ଲଞ୍ଚ୍ କରିବାକୁ ଯୋଜନା କରିଥିବା ଇସ୍ରୋ (ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍)ର ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଉକ୍ତ ସ୍ପେସ୍ ଷ୍ଟେଶନ୍‌ର ଓଜନ ପାଖାପାଖି ୨୦ ଟନ୍ ହେବ ବୋଲି ଆକଳନ କରାଯାଇଛି। ଭାରତର ପ୍ରଥମ ମାନବଯୁକ୍ତ ମହାକାଶଯାନ 'ଗଗନଯାନ ମିଶନ୍'ର ଏହାର ସମ୍ପ୍ରସାରିତ ଅଂଶ। ୨୦୨୨ରେ ଗଗନଯାନର ସମ୍ପୂର୍ଣ୍ଣ ସଫଳତା ପରେ ୫ରୁ ୭ବର୍ଷ ମଧ୍ୟରେ ଭାରତ ଏକ ପୃଥକ୍ ସ୍ପେସ୍ ଷ୍ଟେଶନ୍ ମହାକାଶରେ ସ୍ଥାପନ କରିବ। ଉକ୍ତ ଷ୍ଟେଶନ୍‌ରେ ମାଇକ୍ରୋଗ୍ରାଭିଟି ଏକ୍ସପେରିମେଣ୍ଟ (ଅଣୁମାଧ୍ୟାକର୍ଷଣ ପର୍ଯ୍ୟବେକ୍ଷଣ) କରାଯିବ ବୋଲି ଶିବନ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମହାକାଶଚାରୀମାନେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ମହାକାଶରେ ଯେପରି ରହିପାରିବେ ତାହାକୁ ଦୃଷ୍ଟିରେ ରଖି ଏକ ପ୍ରାଥମିକ ଯୋଜନା ପ୍ରସ୍ତୁତ କରାଯାଉଛି। କିନ୍ତୁ ଗଗନଯାନର ସଫଳତା ପରେ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇବ। ଏହି ପ୍ରକଳ୍ପ ପାଇଁ କୌଣସି ଦେଶର ସହଯୋଗ ଲୋଡାଯିବ ନାହିଁ ବୋଲି ଶିବନ୍ କହିଛନ୍ତି। ଏ ପର୍ଯ୍ୟନ୍ତ ଆମେରିକା, ରୁଷିଆ, ଚାଇନା ଏବଂ କେତେକ ରାଷ୍ଟ୍ର ସାମୂହିକ ଉଦ୍ୟମରେ ମହାକାଶରେ ସ୍ପେସ୍ ଷ୍ଟେଶନ୍ ସ୍ଥାପନ କରିଛନ୍ତି। ଏଥିସହିତ ସୂର୍ଯ୍ୟ ଓ ଶୁକ୍ର ସମ୍ପର୍କରେ ଅଧ୍ୟୟନ ପାଇଁ ଅନ୍ୟ ଦୁଇଟି ମିଶନ୍ ଯଥାକ୍ରମେ ୨୦୨୦ ଓ ୨୦୨୩ରେ ଲଞ୍ଚ୍ କରାଯିବା ବୋଲି ଶିବନ୍ ଘୋଷଣା କରିଛନ୍ତି।

### ସ୍ପେସ୍ ଷ୍ଟେଶନର ଉଦ୍ଦେଶ୍ୟ

ସ୍ପେସ୍ ଷ୍ଟେଶନକୁ ଅର୍ବିଟାଲ ଷ୍ଟେଶନ୍ ବା ଅର୍ବିଟାଲ୍ ସ୍ପେସ୍ ଷ୍ଟେଶନ୍ ମଧ କୁହାଯାଏ। ଏହା ଏକ ସ୍ପେସ୍‌କ୍ରାଫ୍ଟ ଯାହା ମହାକାଶଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ସହାୟତା କରିଥାଏ। ଏହା ସାଧାରଣତଃ ଏକ କୃତ୍ରିମ ଉପଗ୍ରହ ଯାହାକୁ ପୃଥିବୀର ନିମ୍ନ କକ୍ଷରେ ସ୍ଥାପନ କରାଯାଏ। ଏଠାରେ ଛୋଟ ସ୍ପେସ୍‌କ୍ରାଫ୍ଟକୁ ମଧ ଆଶ୍ରୟ ଦିଆଯାଏ। ଏ ପର୍ଯ୍ୟନ୍ତ ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଷ୍ଟେଶନ୍ ହେଉଛି ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ। ଏହାକୁ ସ୍ଥାୟୀ ଭାବରେ ସ୍ଥାପନ କରାଯାଇଛି। ପୂର୍ବରୁ ସ୍ଥାପିତ ସ୍ପେସ୍ ଷ୍ଟେଶନ ହେଉଛି ଆଲମାଜ ଓ ସାଲ୍ୟୁଟ୍ ସିରିଜ୍, ସ୍କାଏଲାବ, ମିର୍, ତିଆନ୍‌ଗଙ୍ଗ-୧ ଏବଂ ତିଆନ୍‌ଗଙ୍ଗ-୨। ଚାଇନା, ରୁଷିଆ, ଆମେରିକା ସମେତ କେତେକ ପ୍ରାଇଭେଟ କମ୍ପାନୀ ଆଗାମୀ ଦଶନ୍ଧିରେ ସ୍ପେସ୍ ଷ୍ଟେଶନ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ସ୍ପେସ୍ ଷ୍ଟେଶନକୁ ଏକ ଗବେଷଣା ପ୍ଲାଟଫର୍ମ ଭାବେ ବ୍ୟବହାର କରାଯାଉଛି। ମାନବ ଶରୀରରେ ମହାକାଶରେ ଦୀର୍ଘରହଣିର ପ୍ରଭାବ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଜାରି ରହିଛି। ସ୍ପେସ୍ ଷ୍ଟେଶନକୁ ଉଭୟ ସାମରିକ ଏବଂ ବେସାମରିକ ଉଦ୍ଦେଶ୍ୟରେ ମଧ ବ୍ୟବହାର କରାଯାଉଛି।




# ପୋଖରୀରେ ଖସିଗଲା ଗୋଡ଼, ବୁଡ଼ିଯାଇ ବୃଦ୍ଧ ମୃତ

**କୋରାପୁଟ,୧୩।୬(ସ୍ୱ.ପ୍ର.)**

କୋରାପୁଟ ବ୍ଲକ୍ ଶୁକ୍ରିଗୁଡ଼ା ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ଗାଧୋଇବାବେଳେ ଗୋଡ଼ ଖସି ତାଙ୍କର ମୃତ୍ୟୁ ହୋଇଛି। ଶୁକୁ ହନ୍ତାଳ (୬୫) ଗୁରୁବାର ସକାଳେ ଗାଁ ପାଖ ପୋଖରୀରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ଖବର ପାଇ ଗ୍ରାମବାସୀ ପୋଖରୀରୁ ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। କୋରାପୁଟ ସଦର ଥାନାଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଅର୍ଜୁନ ବାଙ୍କା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କୋରାପୁଟ ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ସଦର ଥାନାରେ କେସ୍ ନଂ ୬/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।









## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆଦ୍ୟା ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପାଠ ପଢ଼ାଇବାକୁ କି ବିବାହ କରାଇବାକୁ ସମ୍ବଳ ନାହିଁ

# ଭିନ୍ନକ୍ଷମ ଝିଅକୁ ବିକ୍ରି ପାଇଁ ବାପା ପ୍ରସ୍ତୁତ

**କନ୍ଧମାଳ, ୧୩।୬ (ଡି.ଏନ.ଏ.)**

ବୌଦ୍ଧ ଜିଲାରେ ଯୁବତୀ ଚାଲାଣ ର୍ୟାକେଟ ସକ୍ରିୟ ହୋଇ ପଡିଛନ୍ତି। ବିବାହ ନାଁରେ ପ୍ରତିବର୍ଷ ଶହ ଶହ ଯୁବତୀ ମଧ୍ୟପ୍ରଦେଶ, ଛତିଶଗଡ, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଅଞ୍ଚଳରେ ବିକ୍ରି ହେଉଛନ୍ତି। ପୂର୍ବରୁ କନ୍ଧମାଳ ବ୍ଲକ ସିନ୍ଦୁରପୁର ଗାଁର ମଧୁ ରାଜହଂସ ତାଙ୍କ ବଡଝିଅ ଅପେଶ୍ୱରୀଙ୍କୁ ଦଲାଲ ମାଧ୍ୟମରେ ବିକ୍ରି କରିଥିବା ବେଳେ ଏବେ ମାଟ୍ରିକ ପାସ୍ କରିଥିବା ସାନ ଝିଅକୁ ରାଜ୍ୟ ବାହାରେ ବିକ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି।

ମଧୁଙ୍କ ବୟସ ୬୮ ବର୍ଷ। ଚାଷଜମି କହିଲେ ଏକ ଏକର ଜମିରୁ କମ୍। ସମ୍ବଳ ନ ଥିବାରୁ ସେ ନିଜେ ଚାଷ କରିବାକୁ ସକ୍ଷମ ନୁହନ୍ତି। ଫଳରେ ଭାଗ ଚାଷରେ ଲଗେଇ ଦେଇଛନ୍ତି ଚାଷଜମି। ଆୟ କହିଲେ ସେଇ ଭାଗଚାଷର ୮ ବସ୍ତା ଧାନ। ପରିବାରରେ ସେ ଜଣେ ହିଁ ବାର୍ଦ୍ଧକ୍ୟ ଭତ୍ତା ବାବଦରେ ମାସିକ ୫ ଶହ ଟଙ୍କା ପାଆନ୍ତି। ତାଙ୍କ ସ୍ତ୍ରୀଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ସେ ଭତ୍ତା ପାଇନାହାନ୍ତି। ଭିନ୍ନକ୍ଷମ ଝିଅ ମଧ୍ୟ ଭତ୍ତା ପାଇବା କଥା। ବାରମ୍ବାର ପଞ୍ଚାୟତ ଅଫିସ୍‌କୁ ଦୌଡି ଦରଖାସ୍ତ ଦେଇ ନୟାନ୍ତ ହେଲେଣି। କିଛି ସୁଫଳ ମିଳିନାହିଁ। ପୁଅ ବି କାମକୁ ପାରିଲା ଭଳି ହୋଇନାହିଁ।


ସାନଝିଅ ସହିତ ମଧୁ।

ଭିନ୍ନକ୍ଷମ ଝିଅ ଉର୍ମିଳାର ଗୋଟେ ଆଖି ନଷ୍ଟ ହୋଇଯାଇଥିଲେ ବି ସେ ଚଳିତ ବର୍ଷ ମାଟ୍ରିକ ପାସ କରିଛନ୍ତି। ଆଗକୁ ପାଠ ପଢାଇବାକୁ ସମ୍ବଳ ନାହିଁ। ଭୋଜିଭାତ ଦେଇ ବାହା କରେଇବାକୁ ମଧୁଙ୍କ ସାହସ ହେଉନାହିଁ। ଏ ସମ୍ପର୍କରେ ମଧୁ କୁହନ୍ତି, କାଣା କରମି, ପାଠ ପଢାବାକେ କି ବିହା କରବାକେ ମୋର ବଲ ନାଇଁ। ଭାବୁଛେ, ଗରାଖି ହେଲେ ଝିକେ ବିକି ଦେମି। ମଧୁଙ୍କ କହିବା ଅନୁସାରେ, ତାଙ୍କ ଗାଁ ଓ ଆଖପାଖ ଗାଁରୁ ଅନେକ ଝିଅ ବାହାଘର ନାଁରେ ବିକ୍ରି ହେଉଛନ୍ତି। କେତେ କେତେ ଝିଅ ହଜି ଯାଉଛନ୍ତି। ତାଙ୍କର ଖୋଜ ଖବର ମିଳୁନାହିଁ। ତାଙ୍କ ବଡଝିଅ ଅପେଶ୍ୱରୀଙ୍କୁ ଗତ ୪ ବର୍ଷ ତଳେ ୨୦ ହଜାର ଟଙ୍କା ବଦଳରେ ସେ ଅଜଣା ଲୋକଙ୍କ ହାତରେ ଟେକି ଦେଇଥିଲେ। ୪ ବର୍ଷ ଭିତରେ ଝିଅ ଥରେ ଘରକୁ ଆସିଛି। ସେ କେତେବେଳେ କେମିତି ଗାଁର କାହାକୁ ଫୋନ ଲଗାଇ କଥା ହେଉଛି। ଏବେ ବିବାହ ବୋଝ ଉଠେଇବାକୁ ଅକ୍ଷମ ମଧୁ ସାନଝିଅକୁ ବିକି ଦେବାକୁ ଚାହୁଁଛନ୍ତି। ବିବାହ ନାଁରେ ଝିଅକୁ ବିକି ଦେଲାବେଳେ ବାପ ହିସାବରେ ଦୁଃଖ ଲାଗେ କି ନାଁ ପ୍ରଶ୍ନରେ ମଧୁ ଉତ୍ତର ଦିଅନ୍ତି, ଉପାୟ ବି ନାହିଁ। ଯାହା ତା'ର ଭାଗ୍ୟରେ ଥିବ ଭୋଗ କରିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆତଙ୍କବାଦ ବିରୋଧରେ...

କାଏଦା କାର୍ଯ୍ୟାନୁଷ୍ଠାନ କମିଟି ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରିଥିଲା।

ୟୁହାନରେ ମୋଦି-ଜିନ୍‌ପିଙ୍ଗ ବୈଠକ ପରେ ଭାରତ-ଚାଇନା ସମ୍ପର୍କରେ ଦ୍ରୁତ ଅଗ୍ରଗତି ହୋଇଛି। ଉଭୟ ପରସ୍ପରର ସ୍ୱାର୍ଥ ପ୍ରତି ବେଶ୍ ସମ୍ବେଦନଶୀଳ ହୋଇଛନ୍ତି। ତା' ପରଠାରୁ ଦୁଇ ଦେଶ ମଧ୍ୟରେ ସହଯୋଗକୁ ନୂତନ କ୍ଷେତ୍ରକୁ ଆଗେଇ ନେବାର ସୁଯୋଗ ଆସିଛି ବୋଲି ମୋଦି ଜିନ୍‌ପିଙ୍ଗଙ୍କୁ କହିଛନ୍ତି।

ଡୋକଲାମରେ ଦୀର୍ଘ ୭୩ ଦିନ ଧରି ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଜାରି ରହିବା ଫଳରେ ଦୁଇ ଦେଶର ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇଥିଲା। ୨୦୧୮ ୟୁହାନ ସମ୍ମିଳନୀରେ ମୋଦି ଓ ଜିନ୍‌ପିଙ୍ଗ ଏହି ସମସ୍ୟାର ସମାଧାନ କରି ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ମୋଡ଼ ଦେଇଥିଲେ। ଗତ ୫ ବର୍ଷରେ ଦୁଇ ନେତାଙ୍କ ମଧ୍ୟରେ ୧୦ରୁ ଅଧିକ ଥର ବୈଠକ ହୋଇଥିଲା। ପ୍ରଧାନମନ୍ତ୍ରୀ ଭାବେ ପୁନଃନିର୍ବାଚିତ ହେବା ପରେ ମୋଦି ପ୍ରଥମ ବହୁରାଷ୍ଟ୍ରୀୟ ସମ୍ମିଳନୀ ଏସ୍‌ସିଓରେ ଯୋଗଦେବା ଲାଗି ଗୁରୁବାର ବିଶ୍‌କେକ୍‌ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

### କମିଲା ତାତି,...

କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାରେ ବର୍ଷା ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ମଧ୍ୟ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ କାଳବୈଶାଖୀ ହେବ। ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ପାଗ ଏହିଭଳି ରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

# ଜୁଲାଇ ୮ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ ଅଫିସ,୧୩।୬**

ଆସନ୍ତା ୮ ତାରିଖରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷା ନିମନ୍ତେ ୧୫ ମିନିଟ ଅଧିକ ସମୟ ଦିଆଯିବ। ଏଥିପାଇଁ ଗତ ୪ ତାରିଖରୁ ଫର୍ମପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୭ ତାରିଖ ହେଉଛି ଫର୍ମ ଦାଖଲର ଶେଷ ଦିନ। ବୋର୍ଡ ସମ୍ପାଦକ ରାମାଶିଷ ହାଜରା ଓ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ଗୁରୁବାର ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଜୁଲାଇ ୧୪ ତାରିଖରେ ସରିବ। ତେବେ ପ୍ରଥମ ଦିନ ୮ ତାରିଖରେ ପ୍ରଥମ ଭାଷା, ୯ରେ ଦ୍ୱିତୀୟ ଭାଷା, ୧୦ରେ ତୃତୀୟ ଭାଷା ଓ ମୂକ,ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଭିଜୁଆଲ ଆର୍ଟ ଥିଓରି ପରୀକ୍ଷା, ୧୧ରେ ଗଣିତ, ୧୨ରେ ବିଜ୍ଞାନ, ୧୩ରେ ସାମାଜିକ ବିଜ୍ଞାନ ଓ ୧୪ ତାରିଖରେ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଭିଜୁଆଲ ଆର୍ଟ ଥିଓରି ପରୀକ୍ଷା କରାଯାଇଥିବା କେନ୍ଦ୍ରରେ ହିଁ ଭିଜୁଆଲ ଆର୍ଟର ପ୍ରାକ୍ଟିକାଲ ପରୀକ୍ଷା ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମଦିନ ୮ ତାରିଖରେ ଇଂଲିଶ, ୯ରେ ଓଡ଼ିଆ ଓ ଅନ୍ୟାନ୍ୟ ପ୍ରଥମ ଭାଷା, ୧୦ରେ ଗଣିତ, ୧୧ରେ ସାମାଜିକ ବିଜ୍ଞାନ, ୧୨ରେ ବିଜ୍ଞାନ, ୧୩ରେ ପେଣ୍ଟିଂ(ଥିଓରି), ୧୪ରେ ପେଣ୍ଟିଂ(ପ୍ରାକ୍ଟିକାଲ), ୧୫ରେ ଗୃହବିଜ୍ଞାନ(ଥିଓରି ଓ ପ୍ରାକ୍ଟିକାଲ), ୧୬ ତାରିଖରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରୀକ୍ଷା କରାଯିବ। ତେବେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର କେବଳ ପେଣ୍ଟିଂ ଥିଓରି ୯ଟାରୁ ୧୦ଟା ୩୦ ଓ ପେଣ୍ଟିଂ ପ୍ରାକ୍ଟିକାଲ ୯ଟାରୁ ୧୨ଟା ପର୍ଯ୍ୟନ୍ତ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତ୍ୟେକ ମହିଳାଙ୍କ ମୃତ୍ୟୁର ହେବ ସମୀକ୍ଷା

**କଟକ ଅଫିସ, ୧୩।୬**

**୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବେ ଆଶା**

୧୫ରୁ ୪୯ ବର୍ଷ ମଧ୍ୟରେ ମୃତ୍ୟୁବରଣ କରୁଥିବା ପ୍ରତ୍ୟେକ ମହିଳାଙ୍କ ମୃତ୍ୟୁର ସମୀକ୍ଷା କରାଯିବ। ବ୍ଲକ ଓ ଜିଲା ସ୍ତରରେ ଏହି କାର୍ଯ୍ୟ ଆରମ୍ଭ ହେବ। ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ଆଶାକର୍ମୀମାନେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ମୁଖ୍ୟଙ୍କୁ ଟେଲିଫୋନ୍‌ରେ ଅବଗତ କରାଇବେ। ଏହା ପରେ ଉଦ୍ଦିଷ୍ଟ ଏକ ଫର୍ମରେ ମୃତ ମହିଳାଙ୍କ ନାମ, ଠିକଣା, ମୃତ୍ୟୁର ସ୍ଥାନ ଇତ୍ୟାଦି ଉଲ୍ଲେଖ କରି ଉକ୍ତ ରିପୋର୍ଟକୁ ୨୪ ଘଣ୍ଟା ମଧ୍ୟରେ ନିକଟସ୍ଥ ଡାକ୍ତରଖାନା ମୁଖ୍ୟଙ୍କ ନିକଟରେ ଦାଖଲ କରିବେ। ଏହାପରେ ଡାକ୍ତରଖାନା ମୁଖ୍ୟ ମୃତ୍ୟୁର କାରଣ ତର୍ଜମା କରି ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ କରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ସାଲିନୀ ପଣ୍ଡିତ ରାଜ୍ୟର ସମସ୍ତ ସିଡିଏମ୍ଓଙ୍କ ସମେତ ମେଡିକାଲ କଲେଜଗୁଡ଼ିକୁ ଗୁରୁବାର ଚିଠି କରିଛନ୍ତି। ପ୍ରତି ମାସରେ ଏହି ମୃତ୍ୟୁର ଉଚ୍ଚସ୍ତରୀୟ ସମୀକ୍ଷା କରାଯିବ ବୋଲି ନିର୍ଦ୍ଦେଶିକା ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉକି, ପୂର୍ବରୁ କେବଳ ମାତୃ ମୃତ୍ୟୁର ସମୀକ୍ଷା କରାଯାଉଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜି ରାହୁଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ମାନସିକ ଓ ପାରିବାରିକ ସ୍ଥିତି ସମସ୍ୟା ବହୁଳ ହୋଇପାରେ। ତଥାପି ଦ୍ୱିଜା ନକ୍ଷତ୍ର ନିକଟସ୍ଥ ବନ୍ଧୁଙ୍କ ସହଯୋଗ ଲାଭ କରି ବହୁ ଦିନରୁ ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରିବେ। ପାରିବାରିକ ସ୍ତରରେ ଭାବପ୍ରବଣତା ପରିହାର କରନ୍ତୁ, ନଚେତ୍ ଅଯଥା ଦୁଶ୍ଚିନ୍ତାକୁ ଆମନ୍ତ୍ରଣ କରିବାକୁ ପଡ଼ିପାରେ।

**ବୃଷ**: ରବି ନିଜ ରାଶିରେ ନକ୍ଷତ୍ରଭିତ୍ତିରେ ରାହୁଙ୍କ ଦ୍ୱାରା ସମ୍ବନ୍ଧିତ ଯୋଗୁ ସ୍ୱାସ୍ଥ୍ୟ, ପରିବାର ଓ ପଦସ୍ଥ ବ୍ୟକ୍ତିଙ୍କ ସହ ସମ୍ପର୍କରେ ସାମାନ୍ୟ ସମସ୍ୟା ଦେଖାଦେବ। ଆଲୋଚନା ପରିସରରେ ଆପଣଙ୍କ ଅପ୍ରିୟ ସତ୍ୟ ଆକସ୍ମିକ କଳହର କାରଣ ହୋଇପାରେ। ଅତୀତର ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢ଼ାଇବ।

**ମିଥୁନ**: ଧନାଧିପତିଙ୍କ କୋଣଭାବମଣ୍ଡନ ଅର୍ଥଲାଭ, ସୁସ୍ଥ ମାନସିକତା,ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମନକୁ ବିଚଳିତ କରିପାରେ।

**କର୍କଟ**: ବ୍ୟୟଭାବସ୍ଥ ମଙ୍ଗଳ ଆପଣଙ୍କ ଦୀର୍ଘଦିନର ସମ୍ପର୍କକୁ କ୍ଷୁଣ୍ଣ କରିବାର ଆଶଙ୍କା ରହିଛି। କିନ୍ତୁ ଏକାଦଶସ୍ଥ ଶୁକ୍ର ପ୍ରଭାବରୁ ଭୋଗବିଳାସ ସାଙ୍ଗକୁ ଷ୍ଟେସନାରୀ ଜିନିଷ, ନୂତନ ବସ୍ତ୍ର, ଅଳଙ୍କାର କିମ୍ବା ଗାଡ଼ି ଆଦି କ୍ରୟ କରିବାକୁ ମନ ବଳାଇବେ। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ସିଂହ**: ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ବନ୍ଧୁ ଓ ପାରିବାରିକ ସମ୍ପର୍କରେ ବ୍ୟାଘାତ ସୃଷ୍ଟି କରିବ। ଆକସ୍ମିକ ଭାବରେ କୌଣସି କାମ ସକାଶେ ଆପଣଙ୍କ ଖର୍ଚ୍ଚ ପରିମାଣ ବଢ଼ିଯିବା ସାଙ୍ଗକୁ ମନରେ ଆଶଙ୍କା ଲାଗି ରହିପାରେ। ଅବଶ୍ୟ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଲାଭବାନ ହେବେ।

**କନ୍ୟା**: ଚତୁର୍ଥାଧିପଙ୍କ ତୃତୀୟ ସ୍ଥିତି ପାରିବାରିକ ଜୀବନ ଓ ଲୋକ ସମ୍ପର୍କରେ ଶିଥିଳତା ଆଣିପାରେ। ସ୍ନାୟବିକ ଦୁର୍ବଳତା କାରଣରୁ ଆଣ୍ଠୁଠାରୁ ଗୋଡ଼ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ବହୁ ଦିନରୁ ଅଟକି ରହିଯାଇଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପ୍ରଶାସନ ଓ ପ୍ରକାଶନ, ମାଲିମକଦ୍ଦମାରେ ଶୁଭଫଳ ପାଇବେ।

**ତୁଳା**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କାର୍ଯ୍ୟସିଦ୍ଧି, ଯାତ୍ରା, ପ୍ରତିଯୋଗିତା, ପାରିବାରିକ ଜୀବନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ଆଶା କରିଥିବା ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ପାଇ କାମ ହାସଲ କରିବେ।

**ବିଛା**: ରାହୁ ନକ୍ଷତ୍ରସ୍ଥ ଦ୍ୱାଦଶ ଚନ୍ଦ୍ର ଅପବ୍ୟୟ ସାଙ୍ଗକୁ ଦୂରଯାତ୍ରା ପାଇଁ ମାନସିକ ବ୍ୟଗ୍ରତା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ ବୁଝି ବିଚାରି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ତଥାପି ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ସାମୟିକ ମନ ପ୍ରଫୁଲ୍ଲ ରହିପାରେ।

**ଧନୁ**: ଭାଗ୍ୟାଧିପ ରାଶି ଓ ଚନ୍ଦ୍ରଙ୍କଠାରୁ ଷଷ୍ଠ ଓ ଅଷ୍ଟମସ୍ଥ ଯୋଗୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କଲେ ବିବାଦ ଭିତରକୁ ଠେଲି ହୋଇ ଯାଇପାରନ୍ତି।

**ମକର**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ସହଜ ଓ ସୁବିଧାଜନକ ସ୍ଥିତି ଖୋଜିଲେ ପାଇବେ ନାହିଁ। ବସା ବାନ୍ଧି ରହିଥିବା ଦେହର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତ ରହିବେ। ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ଅର୍ଥ ସମ୍ପର୍କରୁ ଖୁସି ରହିବେ ଏବଂ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**: ଚନ୍ଦ୍ରଙ୍କ କୋଣଭାବରେ ରାହୁଙ୍କ ସହ ମଙ୍ଗଳ ଓ ବୁଧ ଦିନଚର୍ଯ୍ୟାରେ ମିଶ୍ରିତଫଳ ଅନୁଭବ କରାଇବେ। ବିବଦମାନ ପରିସ୍ଥିତିରୁ ମୁକ୍ତି ମିଳିବ, କିନ୍ତୁ ସନ୍ତୋଷ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନା ପରିକଳ୍ପନା ଉପରେ ଗୁରୁତ୍ୱ ଦେଇପାରନ୍ତି। ଘର କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ।

**ମୀନ**: କର୍ମଭାବସ୍ଥ ଶନି ଓ କେତୁ କର୍ମକ୍ଷେତ୍ରରେ ଗୁପ୍ତ ଶତ୍ରୁତା ସୃଷ୍ଟି କରିବ। କେତେକ କ୍ଷେତ୍ରରେ ଆପଣ ମନକଥା କାହାକୁ କହିପାରୁ ନ ଥିବେ କିମ୍ବା ସମାଧାନର ରାସ୍ତା ଖୋଜି ପାଉ ନ ଥିବେ। ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ଅଶାନ୍ତିରେ ରହିବେ। ଅବଶ୍ୟ ସଭା ସମିତିରେ ସଫଳତା ହାସଲ କରିବେ ଏବଂ ଅର୍ଥ ସଂକଟରୁ ରକ୍ଷା ପାଇଯିବେ।

ଆଜି ପହିଲି ରଜ, ଜ୍ୟେଷ୍ଠ ଶୁକ୍ଳପକ୍ଷ ଚମ୍ପକ ଦ୍ୱାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଗୁଆଲି ନୀତି, ମାସାନ୍ତ, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ରାଶି ନକ୍ଷତ୍ର ଦିବା ଘ୧୧।୧୧ମି. ପରେ ବିଶାଖା/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

real estate

**SALE**

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

Well renovated & reputed A/C restaurant with fast food counter all modern facilities at Cuttack road, Bhubaneswar for immediate sale. Contact: 9348600654, 9437585977, 7008257791. D-56175

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

3BHK apartment ready for sale near Pratap Nagari, Cuttack- Bhubaneswar NH facing. Built up 1400 sqft. and garage. Contact: 9040643792, 7978637083. Email: landbank.19@gmail.com (Broker excuse) D-66558

8000 sqft (25 nos) farm house land in a pollution noise free atmosphere just 100k.m from BBSR. 8763244211. D-66901

1200 sqft land, 900 sqft construction simplex, Brahmanjharilo, 6k.m from Nakhara 25lakhs LIC approved. 9861281504. D-12941

GA free hold land 2400 sqft at Bharatpur with booking builtup 2000 sqft duplex- 9937560970. D-66242

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

**8000 Sft plot sale at Satya Nagar, Bhubaneswar, directly buyer contact: Deepak- 9937329999 (Broker excuse).** D-66240

Yellowzone prime plot for sale at Malipada mainroad, Bhubaneswar near SUM Hospital @ 1600/- sqft. Contact: 9777063609. D-66140

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-66570

3BHK ready flat with car garage at mainroad side apartment near CIFA on Bhubaneswar-Puri Road. Price 36lakh. Contact: 8895301141. D-63951

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡି. 90,000 ବିକ୍ରି। Contact: 8908492594. D-12707

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040/ 8144658008. D-12948

Flat for sale 1414 sqft. 1st floor 105, Ratna Castle Appartment, Forest Park, Bhubaneswar. Contact: 9938363698. D-62187

ଭୁବନେଶ୍ୱର ପିତାପଲ୍ଲୀ NH-16 (ଟାଟା Motors ସାମ୍ନା) ନିକଟରେ general ପ୍ଲଟ ଏବଂ କଣ୍ଟାବାଡ଼ଠାରେ 100ft ରାସ୍ତାକୁଲାଗି ଆଦିବାସୀ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। ଯୋଗାଯୋଗ: 8093636334. D-66486

**ACCOMMODATION**

1500 sqft hall (1st floor) available at Tankapani road/ BBSR for rent. For commercial/ office. Contact- 9238306766. D-12946

healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Summer special mesmerizing offer expert therapeutic refreshing massage appointment. 9668374480. D-66560

Herbal full body massage by smart/expert therapist. Contact: 8338067247. D-66568

Newly opening ayurvedic body massage smart therapist, Shree herbal. 7750020754. D-66569

Full body massage with refreshment, expert therapist. 7381239385, 0674-2540855. D-66566

Experience full body massage with us (expert). Call: 7377048581, 0674- 2597822. D-66567

astrology

ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**AFFIDAVIT**

Affidavit before Executive Magistrate, 10.06.2019, my name has changed from Tilottama Sahoo to Dali Sahoo, W/o. Dinabandhu Sahoo, At/PO-Sogar, Dist- Dhenkanal, bearing LIC Policy-588624970 and all purposes. D-66805

**ରାଜନୀତି ବିଜ୍ଞାନରେ ଡକ୍ଟରେଟ (Ph.D) ଲାଭ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଦିବାସୀ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପିକା ଶ୍ରୀମତୀ ସଂଯୁକ୍ତା ନାୟକ BHANJA VIHAR UNIVERSITY (BERHAMPUR) ରେ ELECTORAL BEHAVIOUR 'A Case study of Berhumpur Assembly Constituency of Odisha' (With special reference to the 2009 election) ଉପରେ ଗବେଷଣା କରି Ph.D ଲାଭ କରିଛନ୍ତି। ସେ Ravenshaw University ର Professor Dr. Niranjan Barikଙ୍କ ଅଧୀନରେ ଗବେଷଣା କରୁଥିଲେ। ତାଙ୍କ Thesis ଟି Professor Dr. Ashok Acharya Delhi University ଙ୍କ ଦ୍ୱାରା ପରିକ୍ଷୀତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। Dr. Sanjukta Nayak ବ୍ରହ୍ମପୁରର ନୀଳକଣ୍ଠ ନାୟକ ଓ ଦମୟନ୍ତୀ ଅଧିକାରୀଙ୍କ ସୁପୁତ୍ରୀ ଅଟନ୍ତି। ଏବଂ କୋଦଳା ହଂସପୂଳୀ ଗ୍ରାମର ଗୋପୀନାଥ ସ୍ୱାଇଁ ଓ ଶାନ୍ତିଲତା ସ୍ୱାଇଁଙ୍କ ପୁତ୍ର ରତ୍ନାକର ସ୍ୱାଇଁଙ୍କ ପତ୍ନୀ ଅଟନ୍ତି। ଏହି ସଫଳତା ପାଇଁ ପ୍ରଭୁ ଜଗନ୍ନାଥ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ପଦାଧିକାରୀ, ବାଲିଗୁଡ଼ା କଲେଜ ଅଧ୍ୟକ୍ଷ, ଅଧ୍ୟାପକ- ଅଧ୍ୟାପିକା, ଶୁଭାକାଂକ୍ଷୀ ଓ ଏକମାତ୍ର କନ୍ୟା ପିହୁ, ପରିବାର, ବନ୍ଧୁବାନ୍ଧବଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

ଧ-୧୨୯୭୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।







■ କୁଳପତିମାନଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବୈଠକ

# ଚଳିତ ଶିକ୍ଷାବର୍ଷରୁ ଏକକ ସିଲାବସ୍

■ ଖୁବ୍‌ଶୀଘ୍ର ପୂରଣ ହେବ ଶିକ୍ଷକ ପଦବୀ

■ ବିଦ୍ୟାର୍ଥୀ, ଅଧ୍ୟାପକଙ୍କ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ତଥା ଆଧୁନିକୀକରଣ ନିମନ୍ତେ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ରାଜ୍ୟ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ଆଲୋଚନା କରିଛନ୍ତି। ଖାଲିଥିବା ଶିକ୍ଷକ ପଦବୀକୁ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହେବ। କଲେଜ ଖୋଲିବା ମାତ୍ରେ ଅଧ୍ୟାପକ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ କରାଯିବ। କେଉଁ ବିଶ୍ୱବିଦ୍ୟାଳୟ ଓ କଲେଜରେ କେଉଁ କେଉଁ ପଦବୀ କେତେ ସଂଖ୍ୟକ ଖାଲି ପଡ଼ିଛି, ତା'ର ତାଲିକା ପ୍ରସ୍ତୁତ କରି ୭ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଚଳିତ ଶିକ୍ଷାବର୍ଷଠାରୁ ଓଡ଼ିଶାରେ ଅଣ୍ଡର ଗ୍ରାଜୁଏଟ କଲେଜଗୁଡ଼ିକରେ ଏକକ ସିଲାବସ୍ ଲାଗୁ ହେବା ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ବିଦ୍ୟାର୍ଥୀ ତଥା ଅଧ୍ୟାପକମାନଙ୍କ ନିୟମିତ ଉପସ୍ଥାନକୁ ସୁନିଶ୍ଚିତ କରିବା ନିମନ୍ତେ ମଧ୍ୟ ମନ୍ତ୍ରୀ କୁଳପତିମାନଙ୍କୁ ପରାମର୍ଶ ଦେଇଥିଲେ।

ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ, ଚଳିତ ଶିକ୍ଷା ବ୍ୟବସ୍ଥାର ଉନ୍ନତୀକରଣ, ଆଧୁନିକୀକରଣ ଏବଂ ଗୁଣାତ୍ମକ ମାନବୃଦ୍ଧି ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ ଉପସ୍ଥିତ ରାଜ୍ୟର ୧୧ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। କୁଳପତିମାନଙ୍କଠାରୁ ସେମାନଙ୍କ ପରାମର୍ଶ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଉନ୍ନତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଶିକ୍ଷାଦାନ ପ୍ରକ୍ରିୟାକୁ ବିଶ୍ୱସ୍ତରୀୟ କରିବା ସହିତ ଗବେଷଣାକୁ ପ୍ରୋତ୍ସାହନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଅନୁପ୍ରବେଶକୁ ଆଦୌ ପ୍ରଶୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ବୈଠକରେ ସ୍ପଷ୍ଟ ଭାବେ ଜଣାଇଥିଲେ। ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ସାଧାରଣ ପ୍ରବେଶ ପରୀକ୍ଷା, ସ୍ନାତକ ସ୍ତରରେ ଏକକ ସିଲାବସ୍ ପ୍ରଚଳନ, ସ୍ନାତକ ଏବଂ ସ୍ନାତକୋତ୍ତର/ସ୍ୱୟଂଶାସିତ ସ୍ତରରେ ଅନୁଷ୍ଠିତ ପରୀକ୍ଷାରେ ସୁଧାର ଆଣିବା, ଫଳ ପ୍ରକାଶନ ଠିକ୍ ସମୟରେ କରିବା ଓ ସ୍ନାତକଧାରୀଙ୍କୁ ନିର୍ଦ୍ଧାରିତ ସମୟରେ ସାର୍ଟିଫିକେଟ୍ ପ୍ରଦାନ କରିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷାରେ ଗୁଣାତ୍ମକ ବିକାଶ ଓ ସଂସ୍କାର ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ପ୍ରତ୍ୟେକ ମହାବିଦ୍ୟାଳୟ ନାକ୍ ମାନ୍ୟତା ଲାଭ କରିବା ନିମନ୍ତେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ପରିଷଦ ସଦସ୍ୟ ସଚିବ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆବଶ୍ୟକ

**ରୋଷେୟା (ଶେଫ୍) - ୧**

ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।

**କିଚେନ ଆସିଷ୍ଟାଣ୍ଟ - ୨**

ପ୍ରତିଷ୍ଠିତ ହୋଟେଲରେ ପ୍ରାର୍ଥୀଙ୍କର ଅନ୍ୟୂନ ୨ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ଏବଂ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରିବାରେ ସେ ପାରଙ୍ଗମ ହୋଇଥିବା ଜରୁରୀ।

**ବାର୍ ଟେଣ୍ଡର - ୧**

ପ୍ରତିଷ୍ଠିତ ହୋଟେଲ ବା ବାର୍‌ରେ ପ୍ରାର୍ଥୀଙ୍କର ୨ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।

**ବି.ଦ୍ର.:** ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍ ଆଇଡି ଓ ଠିକଣାରେ ଆସନ୍ତା ୭ଦିନ ମଧ୍ୟରେ ଦରଖାସ୍ତ ପଠାଇବେ।

**PRESS CLUB OF ODISHA**
Master Canteen Chhak, Unit - 3, BBSR
E-mail: tatzaudi@yahoo.com

JAWAHAR NAVODAYA VIDYALAYA
AT/PO.- KHATIGUDA, DIST.-NABATANGPUR, ODISHA, PIN-764085
Ref.F.3-2/JNV/KTG/NBPR(O)/2019-20/, Dated: 12.06.2019

**NOTIFICATION FOR WALK- IN-INTERVIEW FOR THE POST OF MATRON**

Two posts of matron will be appointed in Jawahar Navodaya Vidyalaya, Khatiguda, Dist - Nabarangpur (Odisha) purely on Contract basis for the session 2019-20 to look after the girl students in the respective Hostels. Applications are hereby invited for the above mentioned post from intrested female candidates which includes windows or divorcees as per the criteria given below. Preference shall however be given to the candidates of war windows, windows of Govt. servants who have died in harness and ladies without encumbrances.

| | | |
|---|---|---|
| 1. | No. of post vacant | 02 (Two) |
| 2. | Salary/Honorarium | Monthly remuneration as fixed by NVS. |
| 3. | Age limit | Between 35 and 50 years of age as on 30.06.2019. |
| 4. | Educational qualification | Pass class X |
| 5. | Method of Appointment | The post is for only female candidate and the appointment will be on purely contract basis for the session 2019-20. |

The Application should contain the name of the candidate, Qualification, Date of Birth, Marital status, sex, Complete postal Address, Mobile No., Aadhaar no. etc. Along with Xerox copies of certificate and a passport size photograph duly attested by Gazetted Officer, Further, the eligible candidates are requested to attend the Walk-in-Interview on 22.06.2019 from10.00 A.M to 04.00 P.M. The submission of application and attending the Walk-in-Interview does not confer any candidate for selection or appointment to the said post. Please note that, no TA/DA will be given for attending the Walk-in-Interview.

*Sd./- PRINCIPAL*




## ମାଟ୍ରିକ ପରୀକ୍ଷା: ଇଂଲିଶରେ ଫେଲ୍ ହୋଇଛନ୍ତି ୬୦ ହଜାର

**ରିପୋର୍ଟ ମାଗିଲା ଗଣଶିକ୍ଷା ବିଭାଗ**

ଭୁବନେଶ୍ୱର,୧୩।୬(ବ୍ୟୁରୋ)

ଚଳିତବର୍ଷ ମାଟ୍ରିକ ପାସ୍ ହାର ଚିନ୍ତାଜନକ ହୋଇଛି। ଏଥର ପରୀକ୍ଷାରେ ଇଂଲିଶ ବିଷୟରେ ଫେଲ୍ ହାର ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଛି। ମୋଟ ୧ଲକ୍ଷ ୬୩ହଜାର ୯୫୪ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଫେଲ୍ ହୋଇଥିବା ବେଳେ ସେଥିମଧ୍ୟରୁ ୬୦ହଜାର ଛାତ୍ରୀଛାତ୍ର କେବଳ ଇଂଲିଶ ବିଷୟରେ ଫେଲ୍ ହୋଇଛନ୍ତି। ସେହିପରି 'ଇ' ଗ୍ରେଡ୍ ରଖି ୧ଲକ୍ଷ ୨୨ହଜାର ୬୨ଜଣ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୭୩ ପ୍ରତିଶତ ଇଂଲିଶରେ ଜଷ୍ଟ୍ ପାସ୍ କରିଛନ୍ତି। ବର୍ଷ ବର୍ଷ ଧରି ଇଂଲିଶରେ ପାସ୍ ହାର କମିଚାଲିଥିବାରୁ ଗଣଶିକ୍ଷା ବିଭାଗର ଚିନ୍ତା ବଢ଼ିଯାଇଛି। ଚଳିତବର୍ଷ ଇଂଲିଶରେ ଖରାପ କରିଥିବା ସ୍କୁଲଗୁଡ଼ିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରିପୋର୍ଟ ମାଗିଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଶୂନ ଫଳ କରିଥିବା ୮୨ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଛାତ୍ରୀଛାତ୍ରଙ୍କୁ ସ୍କୁଲସ୍ତରରେ ସ୍ପୋକନ୍ ଇଂଲିଶ କ୍ଲାସ୍ ଯୋଗାଇ ଦିଆଯିବ। ସେପଟେ ଶିକ୍ଷାବିତ୍‌ମାନେ ଏହାକୁ ନେଇ ତୀବ୍ର ନିନ୍ଦା କରିବା ସହ ବିଭାଗ ଉପରେ ଦୋଷ ଲଦିଛନ୍ତି। ବିଷୟଭିତ୍ତିକ ଶିକ୍ଷକଙ୍କ ଅଭାବ, ୪୦ହଜାର ଶିକ୍ଷକ ପଦବୀ ଖାଲି ଏବଂ ତୃଣମୂଳ ସ୍ତରରେ ଇଂଲିଶ ପଢ଼ାଇବାରେ ବିଫଳତା ଏହାର ମୁଖ୍ୟ କାରଣ ବୋଲି ସେମାନେ କହିଛନ୍ତି।

CLASSIFIED DISPLAY













## କେରଳ, ପଶ୍ଚିମବଙ୍ଗ ଉପରେ ଭାଜପାର ନଜର

### ସୁରେଶ ପୂଜାରୀ ସଭ୍ୟ ସଂଗ୍ରହ ଅଭିଯାନର ସହପ୍ରଭାରୀ

ନୂଆଦିଲ୍ଲୀ,୧୩।୬(ପି.ଟି.)



ଲୋକ ସଭା ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାକୁ ଆହୁରି ଆଗକୁ ଯିବାର ଅଛି ବୋଲି ଦଳ ଅଧ୍ୟକ୍ଷ ଅମିତ୍ ଶାହ ଗୁରୁବାର କହିଛନ୍ତି। ନୂଆ ଅଞ୍ଚଳରେ ସଂଗଠନକୁ ବଢ଼ାଇବା ସହ ଅଧିକରୁ ଅଧିକ ଲୋକଙ୍କୁ ଦଳରେ ସାମିଲ କରିବାକୁ ସେ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଦଳ ସେତେବେଳେ ସଫଳତମ ସ୍ଥାନରେ ପହଞ୍ଚିବ ଯେତେବେଳେ କେରଳ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ବିଭିନ୍ନ ରାଜ୍ୟର ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ବୈଠକରେ ଅଧ୍ୟକ୍ଷତା କରି ଶାହ କହିଥିଲେ। ଏଥିସହିତ ସେ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ଚୂଡ଼ାନ୍ତ ସ୍ପର୍ଶ ଦେଇଥିଲେ। ସଭ୍ୟ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ଲକ୍ଷ୍ୟରେ ଏହି ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେବ। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କୁ ସଭ୍ୟ ସଂଗ୍ରହ ଅଭିଯାନର ପ୍ରଭାରୀ ରଖାଯାଇଛି। ସଭ୍ୟ ସଂଗ୍ରହ ଶେଷ ହେବା ପରେ ଦଳର ସାଙ୍ଗଠନିକ ନିର୍ବାଚନ ହେବ। ଜୁଲାଇ ୬ ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀରୁ ଭାଜପାର ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ ହୋଇପାରେ। ସୁରେଶ ପୂଜାରୀ, ଦୁଷ୍ୟନ୍ତ ଗୌତମ, ଅରୁଣ ଚତୁର୍ବେଦୀ ଏବଂ ଶୋଭା ସୁରେନ୍ଦ୍ରନ୍‌ଙ୍କୁ ସଭ୍ୟସଂଗ୍ରହ ଅଭିଯାନର ସହପ୍ରଭାରୀ ନିଯୁକ୍ତ କରାଯାଇଛି। ସାଂଗଠନିକ ନିର୍ବାଚନ ଶେଷ ପର୍ଯ୍ୟନ୍ତ ଶାହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରେ ରହିବେ। ତେଣୁ ଚଳିତବର୍ଷ ହେବାକୁ ଥିବା ହରିୟାଣା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଶାହଙ୍କ ନେତୃତ୍ୱରେ ଭାଜପା ଲଢ଼ିପାରେ ବୋଲି ଜଣାପଡ଼ିଛି।

DSPL - 26



### ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି। ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହାଦ୍ୱାରା ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିପାରିବା।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା ଓ ଅନ୍ୟକୁ ବଞ୍ଚାଇ ନିଜେ ହସିବା। ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10080/13/0002/1920

DSPL - 26



### ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି। ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଜୀବନ ବଂଚାଇବାରେ ସହଯୋଗର ହାତ ବଢ଼ାଇ ଜୀବନ ସାର୍ଥକ କରିବା ନିମନ୍ତେ ଆମ୍ଭେମାନେ ବ୍ରତୀ ହେବା ବାଞ୍ଛନୀୟ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଂଚାଇ ନିଜେ ହସିବା। ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭକାମନା।

(ନବକିଶୋର ଦାସ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

10080/13/0002/1920

ଧରିତ୍ରୀ
DHARITRI
ଶୁକ୍ରବାର, ୧୪ ଜୁନ୍, ୨୦୧୯

ମଣିଷ ଯାହାକୁ ପାପ ବୋଲି କହେ– ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି– ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ– ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି– ତୁମେ କେବଳ ତାକୁ ହିଁ ଗ୍ରହଣ କର। –ଶ୍ରୀଅରବିନ୍ଦ



# ଗଡ଼ାଣିରେ ଅର୍ଥନୀତି

ଭାରତ ସରକାରଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ ଚଳିତ ସପ୍ତାହରେ ଦେଶର ଜିଡିପି ଆକଳନ ସମ୍ପର୍କରେ ଏକ କଟୁସତ୍ୟ ପ୍ରକାଶ କରି ଏକପ୍ରକାର ବୋମା ପକାଇବା ପରି କାମ କରିଛନ୍ତି। ତାଙ୍କ ବିସ୍ଫୋରକ ବୟାନ ଅନୁସାରେ କେନ୍ଦ୍ର ସରକାର ବାସ୍ତବ ଅଭିବୃଦ୍ଧି ହାରକୁ ଲୁଚାଇ ଚଞ୍ଚକତାପୂର୍ଣ୍ଣଭାବେ ଏହାକୁ ୨.୫ ପ୍ରତିଶତ ବଢ଼ାଇ ଆକଳନ କରିଛନ୍ତି। ତାଙ୍କ ମତରେ ଏହାକୁ ନ ଲୁଚାଇ ଯଦି ଆଗରୁ ପ୍ରକାଶ କରାଯାଇଥାନ୍ତା, ତେବେ ବ୍ୟାଙ୍କିଙ୍ଗ୍ ଓ କୃଷିକ୍ଷେତ୍ରରେ ଦେଖାଯାଉଥିବା ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ଜରୁରିକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇପାରିଥାନ୍ତା। ତେବେ ଅଭିବୃଦ୍ଧି ହ୍ରାସ ପାଇବାର କାରଣ ସ୍ୱରୂପ ସେ ଦୁର୍ବଳ ନିଯୁକ୍ତି ସୁଯୋଗ ଓ ଆର୍ଥିକ ଚାପକୁ ଦାୟୀ କରିଛନ୍ତି।

ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ ସଂଗଠନ (ଏନ୍‌ଏସ୍‌ଏସ୍‌ଓ)ର ତଥ୍ୟ ଅନୁସାରେ ଦେଶରେ ନିଯୁକ୍ତିହୀନତା ଗତ ୪୫ ବର୍ଷ ଭିତରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ମୋଟ ବେକାରି ବୃଦ୍ଧି ୬.୧ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳ ବେକାରି ୫.୩ ପ୍ରତିଶତ ବୃଦ୍ଧିପାଇଥିବା ବେଳେ ସହରାଞ୍ଚଳ ବେକାରି ୭.୮ ପ୍ରତିଶତ ବୃଦ୍ଧିପାଇଛି। ତେବେ ପୂର୍ବତନ ସିଇଏଙ୍କ ଯୁକ୍ତିକୁ ସରକାର ଖଣ୍ଡନ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସରକାର ନିଜର ସ୍ଥିତିରକ୍ଷା ପାଇଁ ଯାହା ବି ଦାବି କରନ୍ତୁ ନା କାହିଁକି ତାକୁ ଏବେ କେବଳ ପଶ୍ଚାତ୍‌ଚିନ୍ତନ ବା ପଛବୁଦ୍ଧି ଭାବେ ବିଚାର କରାଯିବ। ଦେଶର ଅର୍ଥନୀତି ଏବେ କେତେବର୍ଷ ହେଲା ମାନ୍ଦାବସ୍ଥା ଦେଇ ଗତି କରୁଛି। ଏହା ଇସ୍ପାତ, ବୟନ, ନିର୍ମାଣଠାରୁ ଆରମ୍ଭ କରି ଅଟୋମୋବାଇଲ ଓ ରପ୍ତାନି ପର୍ଯ୍ୟନ୍ତ ସବୁ କ୍ଷେତ୍ରକୁ ପ୍ରଭାବିତ କରୁଛି। ନିର୍ମାଣ, ଖଣି ଓ ରିୟଲ ଇଷ୍ଟେଟ୍ ପରି କ୍ଷେତ୍ରରେ ପୁଞ୍ଜିନିବେଶ ଉଲ୍ଲେଖନୀୟଭାବେ ହ୍ରାସ ପାଇଛି। ଗତ ଡିସେମ୍ବରରେ ଶେଷ ହେଉଥିବା ତ୍ରିମାସୀରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ କୋଠାନିର୍ମାଣ ଓ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ପୁଞ୍ଜିନିବେଶ ୮୦ ପ୍ରତିଶତ ହ୍ରାସ ପାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଭାରତ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ ତଳକୁ ଖସିବା ପରିପ୍ରେକ୍ଷୀରେ ଭାରତ ପ୍ରଖର ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରେ।

## ଆଜିର ଅର୍ଥନୀତି

ଏନ୍‌ଏସ୍‌ଏସ୍‌ଓର ତଥ୍ୟ ଅନୁସାରେ ନଭେମ୍ବର ୨୦୧୬ର ବିମୁଦ୍ରୀକରଣ ପରଠାରୁ ଏପର୍ଯ୍ୟନ୍ତ ୫୦ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି, ୧୩ ବର୍ଷ ପରେ ସ୍କୁଟର ବିକ୍ରିରେ ହ୍ରାସ ଘଟିଛି, କାର୍ ବିକ୍ରି ପାଞ୍ଚବର୍ଷ ତଳେ ଥିବା ଟାର୍ଗେଟକୁ ଖସିଆସିଛି, ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ମାର୍ଚ୍ଚ ୨୦୧୯ ସୁଦ୍ଧା ୨୧ ମାସ ତଳକୁ ଖସିଯାଇଛି ଏବଂ ଲୋକମାନଙ୍କର ପାରିବାରିକ ସଞ୍ଚୟ ୨୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ମେ ମାସରେ ଗତବର୍ଷର ସମାନ ସମୟ ତୁଳନାରେ ଯାତ୍ରୀବାହୀ ଗାଡ଼ି ବିକ୍ରି ୨୦.୫୫ ପ୍ରତିଶତ ହ୍ରାସ ପାଇଛି, ଯାହା ଗତ ୧୮ ବର୍ଷରେ ସର୍ବନିମ୍ନ। କ୍ରେଡିଟ ହ୍ରାସ ପାଇବା, ନିୟମରେ ପରିବର୍ତ୍ତନ ଏବଂ ମାନ୍ଦା ଅର୍ଥନୀତି ଯୋଗୁ ଏହି ଶିଳ୍ପ ଅତ୍ୟନ୍ତ ଦୁଃସ୍ଥିତି ଦେଇ ଗତି କରୁଛି। ତଥ୍ୟ ଅନୁସାରେ ଗାଡ଼ି ବିକ୍ରି କମିବା, ପ୍ରତ୍ୟକ୍ଷ ଟିକସ ଆଦାୟ ହ୍ରାସ ପାଇବା ଏବଂ ପାରିବାରିକ ସଞ୍ଚୟ ହ୍ରାସ ପାଇବା ଯୋଗୁ ବିତିଯାଉଥିବା ପ୍ରତ୍ୟେକ ମାସରେ ପରିସ୍ଥିତି ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଅଭିବୃଦ୍ଧି ଜାନୁୟାରୀ–ମାର୍ଚ୍ଚ ୨୦୧୯ ତ୍ରିମାସୀରେ ୫.୮ ପ୍ରତିଶତ ଥିଲା, ଯାହା ପୂରା ବର୍ଷର ଅଭିବୃଦ୍ଧି ହାରକୁ ପାଞ୍ଚବର୍ଷର ସର୍ବନିମ୍ନ ସ୍ତର ୬.୮ ପ୍ରତିଶତକୁ କମାଇଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଗତ ସପ୍ତାହରେ ପ୍ରକାଶିତ ସଦ୍ୟତମ ଉପଭୋକ୍ତା ବିଶ୍ୱାସ ସର୍ବେକ୍ଷଣ (ସିସିଏସ୍)ର ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣରେ ଭାଗନେଇଥିବା ଉତ୍ତରଦାତାମାନେ ଭାବୁଛନ୍ତି ଯେ ସେମାନେ ଆଗକୁ ଅଧିକ ଖର୍ଚ୍ଚ କରିବେ, ସେହି ଅନୁସାରେ ଜାନୁୟାରୀ–ମାର୍ଚ୍ଚ ୨୦୧୯ ତ୍ରିମାସୀରେ ଭାରତର ଜିଡିପି ୫.୮ ପ୍ରତିଶତ ଆକଳନ କରାଯାଇଛି। ସେହି ହିସାବରେ ଦେଶର ସାରା ବର୍ଷର ଅଭିବୃଦ୍ଧି ହାର ପାଞ୍ଚବର୍ଷର ସର୍ବନିମ୍ନ ସ୍ତର ୬.୮ ପ୍ରତିଶତରେ ପହଞ୍ଚିଛି। ଏଭଳି ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇବା ସତ୍ତ୍ୱେ ଗାଲୁଆଙ୍କ ପରି ସରକାର କହୁଛନ୍ତି ଯେ ଆମେ ସେପରି କିଛି ଗୁରୁତର ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହୋଇନାହୁଁ। ତେବେ ଭଲ କଥା ହେଉଛି, ସରକାର ଏକ କ୍ଷମତାସମ୍ପନ୍ନ ମନ୍ତ୍ରୀ ଗୋଷ୍ଠୀ (ଇଜିଏମ୍) ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଯେଉଁମାନେ ନିଯୁକ୍ତି ବୃଦ୍ଧି ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମାର୍ଗଦର୍ଶନ କରିବେ। ତେବେ ଏଠାରେ ସ୍ମରଣଯୋଗ୍ୟ ଯେ ପ୍ରଥମ ପାଳି ମୋଦି ସରକାର କ୍ଷମତାକୁ ଆସିବା ପରେ ଇଜିଏମ୍‌କୁ ଭାଙ୍ଗିଦେଇଥିଲେ।

ଆମର ଏକ ସମସ୍ୟା ଅଛି ବୋଲି ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ହେବା ଆବଶ୍ୟକ। ସରକାର ନିଜର ଗାଲୁଆପଣ ତ୍ୟାଗକରିବା ଉଚିତ। ଯଥାଶୀଘ୍ର ସମ୍ଭବ ଆର୍ଥିକ ମାନ୍ଦାବସ୍ଥାର କାରଣ ନିର୍ଦ୍ଧାରଣ କରି ତା'ର ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଗାଡ଼ି ଶିଳ୍ପକୁ ପୁଣି ପୂର୍ବ ପରି ଚଳମାନ ଅବସ୍ଥାକୁ ଫେରାଇ ଆଣିବାକୁ ହେବ। ଏଥିପାଇଁ ଯେଉଁସବୁ ପଦକ୍ଷେପ ନିଆଯିବା ଉଚିତ ସେଗୁଡ଼ିକ ମଧ୍ୟରେ ରହିଛି: ସବୁ ପ୍ରକାର ଗାଡ଼ି ଉପରୁ ଜିଏସ୍‌ଟି ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରିବା, ଘରୋଇ ପୁଞ୍ଜିନିବେଶକୁ କ୍ରିୟାଶୀଳ କରିବା ଲାଗି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଥିବା ଅଡୁଆଗୁଡ଼ିକୁ ସଫା କରିବା ଇତ୍ୟାଦି।



# ଯାନବାହନରୁ ବାୟୁ ପ୍ରଦୂଷଣ ଓ ବିଏସ୍–୬

ଡ. ରମେଶ ଚନ୍ଦ୍ର ପରିଡ଼ା

ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବିସ୍ତାରିତ ଶିଳ୍ପାୟନ ଓ ନଗରୀକରଣ, ବୃଦ୍ଧିପ୍ରାପ୍ତ ଯାନବାହନର ସଂଖ୍ୟା ତଥା ଅନ୍ୟାନ୍ୟ ବହୁ ମାନବୀୟ କାର୍ଯ୍ୟକଳାପ ହେତୁ ବାୟୁ ପ୍ରଦୂଷଣ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି। ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ଜନସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶ ଓ ପରିସଂସ୍ଥା। ଏହାର ଅର୍ଥନୈତିକ ମୂଲ୍ୟ ଟ୍ରିଲିୟନ ଟ୍ରିଲିୟନ ଡଲାର ହେବ ବୋଲି ୱାର୍ଲ୍ଡ ୱାଚ୍ ସଂସ୍ଥାର ମତ। ଉଦାହରଣସ୍ୱରୂପ ଗ୍ଲୋବାଲ ଏନଭାଇରନ୍‌ମେଣ୍ଟ ଆଉଟଲୁକ୍‌ର ୨୦୧୭ ମସିହାରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୧୩ରେ ଏହା ଥିଲା ବିଶ୍ୱରେ ୫.୫ ନିୟୁତ ଲୋକଙ୍କ ଅକାଳ ମୃତ୍ୟୁର କାରଣ ଏବଂ ସେମାନଙ୍କ ମଧ୍ୟରେ ୧.୫ ନିୟୁତ ଥିଲେ ଭାରତୀୟ। ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ ଏମାନଙ୍କ ସଂଖ୍ୟା ୨୦୧୮ ମସିହାରେ ୮.୮ ନିୟୁତ ଥିଲା ବୋଲି ଆକଳନ କରିଛି। ଏହା ବ୍ୟତୀତ, ରୋଗ–ବ୍ୟାଧି ହେତୁ ମଧ୍ୟ ଘଟୁଛି ବିପୁଳ ମାନବ ସମ୍ବଳର ଅପଚୟ। ସେହିପରି ବିଶ୍ୱ କୃଷି ସଂସ୍ଥାର ସୂଚନା ଅନୁସାରେ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବରେ ଧାନ, ଗହମ ଓ ମକାର ଉତ୍ପାଦିକା ଶକ୍ତି ଯଥାକ୍ରମେ ପ୍ରାୟ ୨୩, ୨୭ ଏବଂ ୯ ଶତାଂଶ ହ୍ରାସ ପାଇଛି (୨୦୧୭)। ଅନ୍ୟପକ୍ଷରେ ପରିବେଶ ଓ ପରିସଂସ୍ଥା ଉପରେ ଏହାର ପ୍ରଭାବ ଅକଳନୀୟ ହେଲାବେଳେ, ଆଗାମୀ କାଳରେ ପ୍ରଳୟ ସୃଷ୍ଟିର ସମ୍ଭାବନା ବହନ କରୁଥିବା ଜାଗତିକ ଉଷ୍ଣତା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ମଧ୍ୟ ଏହା ମୁଖ୍ୟ କାରଣ।

ବଡ କ୍ଷୋଭର ବିଷୟ ଯେ ଆମେରିକା, ଜାପାନ ବା ୟୁରୋପୀୟ ଦେଶମାନଙ୍କ ଭଳି ଶିଳ୍ପୋନ୍ନତ ନ ହେଲେ ବି ଭାରତ ଏବେ ଏକ ବିଶେଷ ଅପଖ୍ୟାତି ଅର୍ଜନ କରିଛି। ନିକଟରେ ଜାତିସଂଘ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ୨୦ଟି ନଗରୀ ମଧ୍ୟରୁ ୧୫ଟି ଏହି ଦେଶରେ ଅବସ୍ଥିତ। ଆମ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣ ଏଭଳି ଉତ୍କଟ ହେବା କ୍ଷେତ୍ରକୁ ସେଠାରେ ଦ୍ରୁତ ସଂଖ୍ୟାବୃଦ୍ଧି ଘଟି ଚାଲିଥିବା ଯାନବାହନଗୁଡ଼ିକର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ୨୭ରୁ ୩୫ ଶତାଂଶ ପର୍ଯ୍ୟନ୍ତ ବାଷ୍ପୀୟ ନିର୍ଗମନ ପାଇଁ ଦାୟୀ। ସେଥିପାଇଁ ଏହାକୁ ହ୍ରାସ କରିବା ଲାଗି ଆମ ଦେଶ ସମେତ ସମଗ୍ର ବିଶ୍ୱରେ ବିଭିନ୍ନ ଦିଗରୁ ଉଦ୍ୟମ ଚାଲିଛି। ତନ୍ମଧ୍ୟରୁ ଅନ୍ୟତମ ହେଲା ଏହି ନିର୍ଗମନର ମାନବୃଦ୍ଧି ଲାଗି ମାନକ ନିର୍ଦ୍ଧାରଣ। ସେ ଦିଗରେ ପ୍ରଥମେ ପଦକ୍ଷେପ ଆରମ୍ଭ କରିଥିଲେ ୟୁରୋପୀୟ ଦେଶସମୂହ। ଏବେ ତାଙ୍କୁ ଅନୁସରଣ କରିବାରେ ଲାଗିଛନ୍ତି ଭାରତ ସମେତ ବିଶ୍ୱର ଅନେକ ଦେଶ।

ଆମ ଦେଶରେ ଏ ପ୍ରକ୍ରିୟା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ୧୯୯୧ ମସିହାରୁ। ସେ ବର୍ଷ ପେଟ୍ରୋଲଚାଳିତ ଯାନ ପାଇଁ ଧାର୍ଯ୍ୟ ହୋଇଥିବା ପ୍ରଥମ ସ୍ତରର ମାନଦଣ୍ଡ କାର୍ଯ୍ୟକାରୀ ହେଲା। ତା'ପରେ ୧୯୯୨ରେ ଡିଜେଲଚାଳିତ ଯାନଗୁଡିକୁ ଏହାର ପରିସରଭୁକ୍ତ କରାଗଲା। ସରକାର ୧୯୯୫ ମସିହାରେ ଚାରୋଟି ମହାନଗରୀ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ବିକ୍ରି ହେଉଥିବା ପେଟ୍ରୋଲଚାଳିତ ଯାନଗୁଡିକରେ କାଟାଲିଟିକ କନଭର୍ଟର ସ୍ଥାପନ ବାଧ୍ୟତାମୂଳକ କଲେ। ଏହା କାର୍ବନ ମନୋକ୍ସାଇଡ, ହାଇଡ୍ରୋକାର୍ବନ ଭଳି ବିଷାକ୍ତ ପ୍ରଦୂଷଣକାରୀ ବାଷ୍ପର ଜାରଣ ପାଇଁ ଉଦ୍ଦିଷ୍ଟ ଥିଲା। ପୁନଶ୍ଚ ସେହିଠାରୁ ଏହି ନଗରୀଗୁଡିକରେ ସୀସାରହିତ ପେଟ୍ରୋଲ ଯୋଗାଣ ମଧ୍ୟ ଆରମ୍ଭ ହେଲା ଏବଂ ଅନ୍ୟ ୪୨ଟି ସହରରେ ମଧ୍ୟ ଏହା ବ୍ୟବହାର କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଗଲା। ଇତିମଧ୍ୟରେ ୟୁରୋପୀୟ ଦେଶଗୁଡ଼ିକରେ ଯାନବାହନର ବାଷ୍ପୀୟ ନିର୍ଗମନ ନିୟନ୍ତ୍ରଣ ଲାଗି ମାନଦଣ୍ଡ ସ୍ଥିର କରାଯାଇଥିଲା। ଏହାର ପ୍ରଥମ ପାବଚ୍ଛଟିକୁ କୁହାଯାଉଥିଲା ୟୁରୋ–୧। ଭାରତ ୧୯୯୯ ମସିହାରେ ତାହାକୁ ଏବଂ ୨୦୦୧ ମସିହାରେ ଏହାର ପରବର୍ତ୍ତୀ ମାନଦଣ୍ଡ ୟୁରୋ–୨କୁ ଅନୁସରଣ କଲା। ଏହାକୁ ଯଥାକ୍ରମେ କୁହାଗଲା ଭାରତ ଷ୍ଟେଜ–୧ (ବିଏସ୍–୧) ଏବଂ ଭାରତ ଷ୍ଟେଜ–୨ (ବିଏସ୍–୨)। ଉପରୋକ୍ତ ଚାରୋଟି ମହାନଗରୀରେ ତାହା ପ୍ରଚଳନ କରାଗଲା। ତା'ପରେ ଆମ ସରକାର ଅଗଷ୍ଟ ୨୦୦୨ରେ ଅଟୋ ଫୁଏଲ ପଲିସି ଘୋଷଣା କଲେ। ତହିଁରେ ରହିଲା ୨୦୧୦ ମସିହା ପର୍ଯ୍ୟନ୍ତ ପ୍ରଚଳନ ହେବା ପାଇଁ ଯାନବାହନଗୁଡ଼ିକରୁ ନିର୍ଗମନ ଏବଂ ତହିଁରେ ବ୍ୟବହୃତ ଇନ୍ଧନ ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶିକା। ଏଥିରେ ସ୍ପଷ୍ଟ କରାଗଲା ଯେ ଦେଶର ୧୩ଟି ବଡବଡ ନଗରରେ ବିଏସ୍–୨ର ପରବର୍ତ୍ତୀ ପର୍ଯ୍ୟାୟ ବିଏସ୍–୩ ମାନଦଣ୍ଡ ପ୍ରଚଳନ ହେବ ଏବଂ ଅନ୍ୟ ସମସ୍ତ ସହର ଓ ନଗର ୨୦୦୫ ମସିହାରୁ ବିଏସ–୨ ମାନଦଣ୍ଡ ମାନି ଚଳିବେ। ପୁନଶ୍ଚ ୨୦୧୦ରେ ସେହି ୧୩ଟି ନଗରରେ ବିଏସ୍–୪ ଏବଂ ଅନ୍ୟଗୁଡିକରେ ବିଏସ୍–୩ ଲାଗୁ ହେବ। ବର୍ତ୍ତମାନ ସମ୍ଭବତଃ ଦେଶର ୫୦ରୁ ଅଧିକ ସହର ଓ ନଗର ବିଏସ୍–୪ ମାନଦଣ୍ଡ ଅନୁସରଣ କରୁଛନ୍ତି। ଏହାପରେ ୨୦୧୪ରେ ଇନ୍ଧନ ନୀତିର ଦ୍ୱିତୀୟ ପର୍ଯ୍ୟାୟ ଅଟୋ ଫୁଏଲ ପଲିସି–୨୦୨୫ ପ୍ରଣୀତ ହୋଇ ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟକୁ ପଠାଯାଇଛି। ତହିଁରେ ୨୦୨୫ ମସିହା ପର୍ଯ୍ୟନ୍ତ ଏ କ୍ଷେତ୍ରରେ କି କି ପଦକ୍ଷେପ ନିଆଯିବ ତାହାର ପ୍ରସ୍ତାବ କରାଯାଇଛି। ତଦନୁଯାୟୀ ସମଗ୍ର ଦେଶରେ ୨୦୧୭ ସୁଦ୍ଧା ବିଏସ୍–୪, ୨୦୨୧ ସୁଦ୍ଧା ବିଏସ୍–୫ ଏବଂ ୨୦୨୫ ବେଳକୁ ବିଏସ୍–୬ ମାନଦଣ୍ଡର ପ୍ରଚଳନ କରିବା ଲାଗି ସୂଚନା ଦିଆଯାଇଛି। ତେବେ ଯାନବାହନର ହଠାତ୍ ସଂଖ୍ୟାବୃଦ୍ଧି ଏବଂ ତଜ୍ଜନିତ ବାୟୁ ପ୍ରଦୂଷଣ କଥା ବିଚାରକୁ ନେଇ ଏଥିରେ ପରିବର୍ତ୍ତନ ଅଣାଗଲାଣି। ଏଣୁ ଏବେ ବିଏସ୍–୫କୁ ବାଦଦେଇ ୨୦୨୦ ସୁଦ୍ଧା ସିଧାସଳଖ ବିଏସ୍–୬କୁ ଯିବା ପାଇଁ ସ୍ଥିର କରାଯାଇଛି।

ଯାନବାହନଗୁଡ଼ିକରୁ ଘଟୁଥିବା ପ୍ରଦୂଷଣକାରୀ ବାଷ୍ପୀୟ ନିର୍ଗମନରେ ସାଧାରଣତଃ ଥାଏ କାର୍ବନ ମନୋକ୍ସାଇଡ, ବିବିଧ ହାଇଡ୍ରୋକାର୍ବନ, ଯବକ୍ଷାରଜାନର ଅକ୍ସାଇଡ ସମୂହ ଏବଂ ବାୟୁରେ ଭାସମାନ ସୂକ୍ଷ୍ମ କଣିକା। ପ୍ରତ୍ୟେକ ଉଚ୍ଚତର ସ୍ତରର ବିଏସ୍ ମାନଦଣ୍ଡରେ ଏଗୁଡିକର ହ୍ରାସ ପାଇଁ ସୂଚନା ଥାଏ। ଇଞ୍ଜିନର ଦକ୍ଷତାରେ ପରିବର୍ତ୍ତନ, ଇନ୍ଧନର ମାନରେ ପରିବର୍ତ୍ତନ, ନୂତନ ଇନ୍ଧନର ବିନିଯୋଗ ମାଧ୍ୟମରେ ଏହା ହାସଲ କରିବାକୁ ହୁଏ। ଅତଏବ ବର୍ତ୍ତମାନ ପ୍ରଚଳିତ ବିଏସ୍–୪ ମାନଦଣ୍ଡ ଅନୁସାରେ ଡିଜେଲ ଇଞ୍ଜିନରୁ କିଲୋମିଟର ପ୍ରତି କାର୍ବନମନୋକ୍ସାଇଡ, ହାଇଡ୍ରୋକାର୍ବନ ଓ ଯବକ୍ଷାରଜାନ ଅକ୍ସାଇଡ ସମୂହ ଏବଂ ବାୟୁରେ ଭାସମାନ ସୂକ୍ଷ୍ମ କଣିକାର ମାତ୍ରା ଯଥାକ୍ରମେ ୦.୫ ଗ୍ରାମ୍, ୦.୩ ଗ୍ରାମ୍ ଓ ୦.୦୨୫ ଗ୍ରାମ୍ ନିର୍ଗମନ ହେଲାବେଳେ ପେଟ୍ରୋଲ ଇଞ୍ଜିନରୁ ତାହା ୦.୧ ଗ୍ରାମ୍, ୦.୧ ଗ୍ରାମ୍ ଏବଂ ୦.୦୦୪୫ ଗ୍ରାମ୍ ମଧ୍ୟରେ ସୀମିତ ରହିବା ଦରକାର। ସେହିପରି ଏଥିରେ ବ୍ୟବହୃତ ଡିଜେଲ ଓ ପେଟ୍ରୋଲରେ ଗନ୍ଧକର ମାତ୍ରା ନିୟୁତ ପ୍ରତି ୫୦ ଭାଗ ଏବଂ ସୀସା ୦.୦୦୫ ଭାଗରୁ ଅଧିକ ହେବା ଉଚିତ ନୁହେଁ। ଅନ୍ୟପକ୍ଷରେ, ବିଏସ୍–୬ ମାନଦଣ୍ଡରେ ଏହାକୁ ଅଧିକ କଠୋର କରାଯାଇଛି। ଏଥିରେ ଡିଜେଲ ଇଞ୍ଜିନ ପାଇଁ ସେଗୁଡିକର ନିର୍ଗମନକୁ ଯଥାକ୍ରମେ ୦.୫ ଗ୍ରାମ୍, ୦.୧୭ ଗ୍ରାମ୍ ଏବଂ ୦.୦୦୪୫ ଗ୍ରାମ୍ ଏବଂ ପେଟ୍ରୋଲ ଇଞ୍ଜିନ ପାଇଁ ୦.୧ ଗ୍ରାମ୍, ୦.୧ ଗ୍ରାମ୍ ଏବଂ ୦.୦୦୪୫ ଗ୍ରାମ୍ ରୂପେ ନିର୍ଦ୍ଧାରଣ କରାଯାଇଛି। ସେହିଭଳି ଏ ଉଭୟ ଇନ୍ଧନରେ ଗନ୍ଧକକୁ ନିୟୁତ ପ୍ରତି ୧୦ ଭାଗ ଏବଂ ସୀସାକୁ ୦.୦୦୧ ଭାଗ ମଧ୍ୟରେ ସୀମିତ ରଖାଯାଇଛି। ଏହାଫଳରେ ଯାନବାହନରୁ ବିଷାକ୍ତ ବାଷ୍ପ ନିର୍ଗମନ ୫୧ ଶତାଂଶ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

ତେବେ, ଏ ସମାଧାନ ହୁଏତ ସ୍ଥାୟୀ ହୋଇ ନ ପାରେ। ଉଦାହରଣ ସ୍ୱରୂପ, ୧୯୯୮ ମସିହାରେ ଦିଲ୍ଲୀରେ ତିନିଚକିଆ ଯାନ ଏବଂ ବସ୍‌ଗୁଡିକରେ ଡିଜେଲ ବଦଳରେ କମ୍ପ୍ରେସ୍‌ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ଇନ୍ଧନ ରୂପେ ବ୍ୟବହାର କଲା ପରେ ପ୍ରାୟ ୪ ବର୍ଷ ଧରି ସେଠାର ବାୟୁପ୍ରଦୂଷଣ ଅନେକ ମାତ୍ରାରେ କମ୍ ହୋଇଥିଲା। ତେବେ ଯାନବାହନର ହଠାତ୍ ସଂଖ୍ୟା ବୃଦ୍ଧି ଏବଂ ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପ ହେତୁ ଏ ପ୍ରଭାବ ସ୍ୱଳ୍ପକାଳ ସ୍ଥାୟୀ ହେଲା। ତେଣୁ ବିଏସ୍–୬ ମାନଦଣ୍ଡ ପ୍ରବର୍ତ୍ତନ ସମେତ ଯେଉଁ ଆହୁରି କେତେକ ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ରଖାଯାଇଛି ତନ୍ମଧ୍ୟରେ ରହିଛି ପ୍ରଦୂଷଣକାରୀ ଯାନବାହନର ବ୍ୟବହାର ବନ୍ଦ କରିଦେବା, ସ୍ୱଳ୍ପ ପ୍ରଦୂଷଣକାରୀ ବିକଳ୍ପ ଇନ୍ଧନର ବ୍ୟବହାର ବଢାଇବା, ବ୍ୟକ୍ତିଗତ ଗାଡି ଅପେକ୍ଷା ସର୍ବସାଧାରଣ ଗାଡି ବ୍ୟବହାର କରିବା ଇତ୍ୟାଦି। ସେହିପରି ବାଣ ଫୁଟାଇବା ଓ ଫସଲରୁ ଉତ୍ପନ୍ନ ନଡା ଆଦି ପୋଡିବାରୁ ନିବୃତ୍ତ ରହିବା ଏ ଦିଗରେ ସହାୟକ ହୋଇପାରିବ।

ନିକଟରେ ମୋଟରକାର ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଆଗାମୀ ଏପ୍ରିଲ ୨୦୨୦ରୁ ସରକାରୀ ବିଏସ୍–୬ ମାନଦଣ୍ଡ ଲାଗୁ ହେବା ଅବସରରେ ଅଧିକ ପ୍ରଦୂଷଣକାରୀ ଡିଜେଲ କାର୍ ଉତ୍ପାଦନ ବନ୍ଦ କରିବାକୁ ସ୍ଥିର କରିଛି। ୟୁରୋପୀୟ ଦେଶଗୁଡ଼ିକରେ ଏ ପ୍ରକାର କାର୍ ଉପରେ ବିବିଧ କଟକଣା ଲଗାଯିବାରୁ ଏହାର ବିକ୍ରୟ ୨୦୧୮ ମସିହା ସୁଦ୍ଧା ପ୍ରାୟ ୨୫% ହ୍ରାସ ପାଇଛି। କମ୍ପାନୀର ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ ଏବଂ ଅନ୍ୟମାନେ ଏହାକୁ ଅନୁସରଣ କରିବା ଉଚିତ।

ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭



# ଭାଇ ଭାଇ ସମ୍ପର୍କ

ଅଭିମନ୍ୟୁ ଧଳ

ଯୁଦ୍ଧ ଭୂମିରେ ରାବଣ ଶେଷନିଃଶ୍ୱାସ ନେବା ପୂର୍ବରୁ ଶ୍ରୀରାମଚନ୍ଦ୍ରଙ୍କୁ ପାଖକୁ ଡାକି କହିଲେ ''ମୁଁ ତୁମଠାରୁ ସବୁକଥାରେ ଶ୍ରେଷ୍ଠ। ଜାତିରେ ଶ୍ରେଷ୍ଠ, ବୟସରେ ତୁମଠାରୁ ବଡ଼, କୁଟୁମ୍ବରେ ତୁମଠାରୁ ବହୁତ ବଡ଼। ତୁମଠାରୁ ଜ୍ଞାନୀ, ମାନୀ, ମହାପରାକ୍ରମୀ, ବଳଶାଳୀ, ଧନସମ୍ପତ୍ତି, ସୈନ୍ୟସାମନ୍ତରେ ଯଥେଷ୍ଟ ଅଧିକ। ତୁମର ରାଜପ୍ରାସାଦ ସୁବର୍ଣ୍ଣ ମାତ୍ର, ମୋର ସମଗ୍ର ଲଙ୍କା ସୁବର୍ଣ୍ଣରେ ନିର୍ମିତ। ଏସବୁ ଥାଇ ମୁଁ ତୁମଠାରୁ ପରାସ୍ତ ହେଲି, କାରଣ, ତୁମ ଭାଇ ତୁମ ସହିତ ଅଛି, ଆଉ ମୋ ଭାଇ ମୋ ସାଥିରେ ନାହିଁ।''

କଥାରେ ଅଛି, ''କଳି ଯଦି କରି ବସିବ ସଙ୍ଗେ ଥିବ ଭାଇ।'' ବାସ୍ତବିକ୍ ଭାଇ–ଭାଇ ସମ୍ପର୍କ ରକ୍ତର ଗଭୀରତମ ସମ୍ପର୍କ। ଭାଇ ବିପଦରେ ପଡିଥିଲେ ଅନ୍ୟ ଭାଇ କିଛି ବାଛବିଚାର ନ କରି ସହାୟ ହୁଅନ୍ତି। ଗୋଟିଏ ମା' ପେଟରୁ ଜନ୍ମିତ ଭାଇମାନେ ଧୂଳିଖେଳଠାରୁ ଆରମ୍ଭ କରି, ପରସ୍ପର କଳିଝଗଡା, କିଛି ସମୟ ପରେ କୋଳାକୋଳି ହେବା ସ୍ନେହ, ପ୍ରେମ ଓ ବନ୍ଧନର ନିଚ୍ଛକ ପ୍ରତିଛବି। ଭାଇର ସଫଳତାରେ ଭାଇ ଅଧିକ ଖୁସି ଓ ଦୁଃଖରେ ଦୁଃଖୀ ହୋଇଥାଏ। ଯେଉଁଠାରେ ଭାଇମାନଙ୍କ ମନ ଏକ ଥାଏ ସେ ଘର ସବୁଥିରେ ପରିପୂର୍ଣ୍ଣ ରହିଥାଏ।

ଏକାନ୍ନବର୍ତ୍ତୀ ପରିବାରରେ ଭାଇ–ଭାଇ ସମ୍ପର୍କ ଅତୁଟ ଥିଲା। କୌଣସି ଭାଇର ଅସୁବିଧା ହେଲେ ଅନ୍ୟ ଭାଇମାନେ ଅଯାଚିତଭାବେ ସାହାଯ୍ୟ କରୁଥିଲେ। ନିଜ ପିଲାପିଲି ହେଉ ଅବା ଭାଇଙ୍କର ପିଲାପିଲି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ଖାଇବା ପିଇବାଠାରୁ ଆରମ୍ଭ କରି ପୋଷାକପତ୍ର କୌଣସିଥିରେ ପାତରଅନ୍ତର ନ ଥିଲା। କାଳକ୍ରମେ ଏକାନ୍ନବର୍ତ୍ତୀ ପରିବାର ଅଲଗା ହୋଇ ଛୋଟ ଛୋଟ ହୋଇଗଲା। ସମାଜତତ୍ତ୍ୱବିତ୍‌ଙ୍କ ମତରେ ପ୍ରତି ପଚାଶ ବର୍ଷରେ ସଭ୍ୟତା ଓ ସଂସ୍କୃତି ବଦଳେ। ପେଟପାଟଣା ହେଉ ଅବା ସ୍ଥାନାଭାବ ହେତୁ ଓ ଭଲରେ ରହିବା ପାଇଁ ବାପା, ଅଜାଙ୍କ ଭିଟାମାଟି ଛାଡିବାକୁ ପଡିଲା ଏବଂ ଯେଉଁମାନେ ସେହି ସ୍ଥାନରେ ରହିଲେ ସେମାନେ ପରସ୍ପରଠାରୁ ଅଲଗା ରହିଲେ। କେତେକେ ପିତୃଅର୍ଜିତ ସମ୍ପତ୍ତି ଭାଗବଣ୍ଟା ନ କରି ନିଜ ରୋଜଗାରରେ ଚଳନ୍ତି। ବିଶେଷକରି ସେମାନେ ବାହାରେ ଚାକିରି ବା ବ୍ୟବସାୟ ଆଦି କରି ଅର୍ଥ ଉପାର୍ଜନ କରିଥାନ୍ତି। ଗାଁରେ ଯେଉଁମାନେ ଥାଆନ୍ତି ସେମାନେ ପୈତୃକ ସମ୍ପତ୍ତିର ଦେଖାଶୁଣା କରନ୍ତି। ଭଲମନ୍ଦ କାମରେ ସମସ୍ତେ ଏକାଠି ହୋଇଥାନ୍ତି। ଆମ ପରମ୍ପରାରେ ଅଛି ବାପାମା' ଜୀବିତ ଥିବା ପର୍ଯ୍ୟନ୍ତ ପୁଅମାନେ ଭିନେ ହୋଇ ସମ୍ପତ୍ତି ଭାଗବଣ୍ଟା କରନ୍ତି ନାହିଁ। କାରଣ ତାହାଦ୍ୱାରା ବାପାମା'ଙ୍କୁ ବହୁତ ମାନସିକ ଆଘାତ ଲାଗିଥାଏ। କିନ୍ତୁ ଏବେ ତାକୁ କେହି ମାନୁନାହାନ୍ତି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଭାଇମାନେ ପରସ୍ପର ଅଲଗା ହୋଇଗଲେ ସମ୍ପତ୍ତି ସହିତ ବାପା ଓ ମା' ମଧ୍ୟ ବାଣ୍ଟି ହୋଇଯାଆନ୍ତି। କେତେକ ସ୍ଥଳରେ ଦେଖାଯାଏ ବାପାମା'ଙ୍କୁ ଅଲଗା କରିଦିଆଯାଏ। ବାହାରେ ବିପୁଳ ଅର୍ଥ ରୋଜଗାର କରୁଥିବା ଭାଇ, ଅନ୍ୟ ଭାଇକୁ ଆଡ଼ ଆଖିରେ ଦେଖନ୍ତି ନାହିଁ। ବରଂ ସେମାନଙ୍କ ଭାଗ ବିକ୍ରି କରିଦିଅନ୍ତି। ନିଜ ପିଲାଙ୍କୁ ଉଚ୍ଚଶିକ୍ଷିତ କରାଇ ବାହାରେ ରଖନ୍ତି। ବୟସର ଅପରାହ୍ନରେ ପୁଳାଏ ପଇସା ତାଙ୍କର ନିଃସଙ୍ଗତାକୁ ଦୂରେଇ ପାରେନାହିଁ। ଗାଁକୁ ଆସିବାକୁ ଇଚ୍ଛା ଥିଲେ ମଧ୍ୟ ଫେରିପାରନ୍ତି ନାହିଁ। କେବଳ ମନସ୍ତାପରେ ଛଟପଟ ହୁଅନ୍ତି। ଭାଇ–ଭାଇ ନିବିଡ ସମ୍ପର୍କ ସେତେବେଳେ ମନେପଡ଼େ।

ରକ୍ତ ସମ୍ପର୍କରେ ବନ୍ଧା ଭାରତୀୟ ପରିବାରଗୁଡିକ ଭିତରେ ଦିନକୁ ଦିନ ଦ୍ୱେଷ, ହିଂସା, ଈର୍ଷା ଆଦି ବୃଦ୍ଧି ପାଉଛି, ଯାହା ଅନେକ ସମୟରେ ବାହାରକୁ ଜଣା ପଡୁ ନ ଥିଲେ ମଧ୍ୟ ଭିତରେ ଭିତରେ କୁହୁଳୁଛି ଓ ସମ୍ପର୍କକୁ ଖରାପ କରୁଛି। ମହାଭାରତରେ ମହାମାନୀ ଦୁର୍ଯ୍ୟୋଧନ ପାଣ୍ଡବ ପାଞ୍ଚଭାଇଙ୍କୁ ପାଞ୍ଚଟି ପଡ଼ା ନ ଦେଇ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥିଲେ। ଆଜିକାଲି ଭାଇ–ଭାଇ ସମ୍ପର୍କ ଦୀର୍ଘସ୍ଥାୟୀ ରହିବା ବିରଳ। ଅନେକେ ରକ୍ତ ସମ୍ପର୍କକୁ ଛିନ୍ନକରି କଳିତକରାଳ ଏପରି କି ରକ୍ତାକ୍ତ ସଂଘର୍ଷରେ ଅବତୀର୍ଣ୍ଣ ହୋଇ ଥାନା, କୋର୍ଟ କଚେରିର ଆଶ୍ରୟ ନେଉଛନ୍ତି। ଅସଂଖ୍ୟ ସମ୍ପତ୍ତି ଭାଗବଣ୍ଟା ମାମଲା କୋର୍ଟକଚେରିରେ ପହଞ୍ଚୁଛି। ଏକ ପରିସଂଖ୍ୟାନ କହେ ଯେ, ଏବେ ଭାରତର ନ୍ୟାୟାଳୟଗୁଡ଼ିକରେ ଭାଇ–ଭାଗ ସମ୍ପର୍କିତ ମାମଲା ସର୍ବାଧିକ। ରାମାୟଣରେ ବାଳି ଓ ସୁଗ୍ରୀବଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଓ ଶତ୍ରୁତା ବାଳିବଧର କାରଣ ହେଲା। ଗରିବ, ମଧ୍ୟବିତ୍ତ ଅବା ଧନପତିଙ୍କ କ୍ଷେତ୍ରରେ ଏହା ଦେଖାଯାଇଥାଏ। ଅଭାବ ଅସୁବିଧା ଭିନେ ହେବାର ମୁଖ୍ୟ କାରଣ ନୁହେଁ। ଅନ୍ୟକୁ ସାହାଯ୍ୟ କରିବା ଭଲ କିନ୍ତୁ ମା' ପେଟର ଭାଇକୁ ସାହାଯ୍ୟ କରିବା ଦୂରେ ଥାଉ ବରଂ ତା'ର ଦୁଃଖରେ ଖୁସି ହେବା ପରି ଘଟଣା ଆଜିକାଲି ଦେଖିବାକୁ ମିଳୁଛି। ଭାଇ ବର୍ତ୍ତମାନ ଭଗାରି। ଶତ୍ରୁ କେଉଁଠି? ମା' ପେଟରେ।

ଭାଇ ଭାଇ ସମ୍ପର୍କ ସ୍ନେହ, ପ୍ରେମ, ମମତାର ସମ୍ପର୍କ ହୋଇଥିଲେ ମଧ୍ୟ ଏହା ସମୟକ୍ରମେ ବିଷମୟ ହୋଇଯାଇଛି। ହିଂସା, ଦ୍ୱେଷ, ଈର୍ଷା ମନକୁ ବାନ୍ଧି ଦେଉଛି। ସମ୍ପର୍କର ବିଭାଜନ ହେଉଛି। ବିରାଟ ବିଶ୍ୱ ଆମର ହାତମୁଠାରେ ରହିବା ବେଳେ ନିଜ ସମ୍ପର୍କଠାରୁ ଦୂରେଇ ଯାଇ ମଣିଷ କ'ଣ ଶାନ୍ତି ପାଉଛି? ମଣିଷ ଅବସାଦର ଶିକାର ହେବାର ଏହା ମୁଖ୍ୟ କାରଣ। କେତେ କବି, ଲେଖକଙ୍କ ଲେଖାରେ ଏବଂ ଚଳଚ୍ଚିତ୍ରରେ ଏହି ଭାଇ–ଭାଇ ସମ୍ପର୍କକୁ ନେଇ ଅନେକ କଥା ଓ ବ୍ୟଥା ରୂପାୟିତ ହୋଇଛି। ତଥାପି ଏହାର ପ୍ରଭାବ ବିଶେଷ ଫଳପ୍ରଦ ନୁହେଁ। ଭାଇମାନେ ନିଜ ପରିବାରରେ ସାଥୀ ହୋଇ ରହିଲେ ବିଜୟୀ ହୁଅନ୍ତି। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଉପବେଶନ କରିଥିବା ଦୁଇଭାଇ ଜଗା, ବଳିଆ ଏହାର ଶ୍ରେଷ୍ଠ ଉଦାହରଣ। ଏପରି ଭାଇ ଜଗତେ ନାହିଁ।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ–୯୮୬୧୦୪୮୦୫୨

## ଏଇ ଭାରତରେ

ଭଲ ବର୍ଷା ପାଇଁ ଖୋଲା ଆକାଶ ତଳେ ୪ ମାସ ହେବ ତପସ୍ୟା କରୁଛନ୍ତି ଜଣେ ସାଧୁ। ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି। ଏପରି ଏକ ଘଟଣା ଘଟିଛି ରାଜସ୍ଥାନରେ। ଏହି ରାଜ୍ୟର ଦୌସା ଜିଲା ମୁଖ୍ୟାଳୟଠାରୁ ମାତ୍ର ୩ କିଲୋମିଟର ଦୂରରେ ବଜୋରିର ବାଲାଜୀ ମନ୍ଦିର ପରିସରରେ ଜଣେ ସାଧୁ ବିଗତ ୪ ମାସ ହେବ ତପସ୍ୟା କରୁଥିବା ଦେଖାଯାଉଛି। ଖୋଲା ଆକାଶ ତଳେ ଚାରିପଟେ ନିଆଁ ଜାଳି ସାଧୁ ଜଣକ ତପସ୍ୟା କରିବାରେ ମଗ୍ନ ରହୁଛନ୍ତି। ଚଳିତବର୍ଷ ଆକାଶରୁ ଅଗ୍ନିବର୍ଷା ହେଉଥିବା ବେଳେ ଜଗଦୀଶ ଦାସ ମହାରାଜ ନାମକ ଏହି ସାଧୁ ଭଲ ବର୍ଷା କାମନା କରି ତପସ୍ୟା କରୁଛନ୍ତି। ବର୍ତ୍ତମାନର ସ୍ୱାର୍ଥପର ଦୁନିଆରେ ସାଧୁଙ୍କର ଏପରି କଠୋର ତପସ୍ୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ସାଧୁ ଜଣକ ଖୋଲା ଆକାଶ ତଳେ ବସି ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ଯେପରି ତପସ୍ୟାରେ ମଗ୍ନ ରହୁଛନ୍ତି ତାହାକୁ ଦେଖି ସମସ୍ତେ ପ୍ରଶଂସା କରୁଛନ୍ତି।

## ଚିରନ୍ତନୀ

ଲକ୍ଷ ଯୋଜନ–ବ୍ୟାପୀ
ଅଖଣ୍ଡ ଥାଟ ଚଳେ
ଅବିଶ୍ରାମ ଦିଗ୍‌ବଳୟକୁ ମାପି
ଉଠେ ସାମଗାନ ଗୁରୁଗମ୍ଭୀର
ତୁଟେ ମସ୍‌ଜିଦ୍, ତୁଟେ ମନ୍ଦିର
ଆକାଶ ଫଟାଇ
ଫୁଟେ ଆଗ୍ନେୟ ବାଣ
ପଦବିକ୍ଷେପେ ଧରଣୀ
ଥରାଏ ଅଗଣିତ ଆଗୁଆନ।
ସେଇ ଯେ କରିଛି ନୂଆ ଦୁନିଆରେ
ବିଜୟର ସନ୍ଧାନ
ଯୁଗେ ଯୁଗେ ସେଇ ସମାଜ ବାଦର ଗାନ।
(ଅଗଣିତ ଆଗୁଆନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁନ୍ ୧୯୯୪

- ବିହାରର ବୋକାରୋ ଜିଲାର ଅମଲାବାଦଠାରେ ଦାମୋଦର ନଦୀରେ ଏକ ନୌକା ବୁଡି ୬୦ଜଣ ଲୋକଙ୍କ ପ୍ରାଣହାନି।
- ନିର୍ବାଚନ ସଂସ୍କାର ନେଇ ପ୍ରସ୍ତାବିତ ଦୁଇଟି ବିଲ୍ ମଧ୍ୟରୁ ଲୋକ ସଭାରେ ଲୋକପ୍ରତିନିଧି ଆଇନ ସଂଶୋଧନ ବିଲ୍ ଆଗତ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | 3 | | 9 | B | | | 7 | | | |
| 9 | | | | | | 8 | | | B | | | | 5 | |
| | A | | | | | | E | | 0 | C | | 8 | 4 | 7 |
| | | | A | | | | C | 1 | | | | | | D |
| | | | 5 | 1 | | | D | 7 | | 2 | 4 | | E | |
| | | | | | | | | 3 | | | | | | 6 |
| 3 | | | 4 | D | | | | | A | | 6 | | | |
| 8 | | | | 0 | | | | C | | D | | 4 | | |
| E | | | | 6 | | | 4 | | | | | 2 | 8 | |
| | | | 8 | | 7 | D | A | | | 1 | | B | | C |
| 4 | | 5 | 6 | | D | 7 | | | | | A | | | |
| | | | | 8 | | 0 | | 2 | 3 | | | 9 | A | B |
| A | | | | 9 | | | | | | | 1 | | | |
| 1 | | | | 4 | | 6 | | | E | 7 | 0 | | | |
| B | | | 3 | | | | | | 6 | | | | 2 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନରେ ହିଂସା

ମହାଶୟ,

ଗତ ନିର୍ବାଚନରେ ଯେଉଁଭଳି ଭାବରେ ହିଂସାକାଣ୍ଡ ଘଟିଲା, ବିଭିନ୍ନ ଦଳ ମଧ୍ୟରେ କଥା କଟାକଟି, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ହେଲା ତାହା କୌଣସି ସଭ୍ୟ ସମାଜର ଭାଷା ନୁହେଁ। କିଏ କାହା ଉପରେ ମିଥ୍ୟା ଆରୋପ କଲା ତ ଆଉ କିଏ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗପର୍ଦ୍ଦ ଦାଖଲ କଲା। ନିର୍ବାଚନ ସମୟରେ ମଦ, ମାଂସ ଭୋଜିଭାତ ଏବଂ ଅର୍ଥ କାରବାର ହେଲା। ଅଥଚ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ନିୟନ୍ତ୍ରଣ କରିପାରିଲେ ନାହିଁ। ବିଭିନ୍ନ ଦଳର ସଦସ୍ୟମାନେ ଯେଉଁଭଳି ଭାବରେ ପ୍ରତିପକ୍ଷର ଚରିତ୍ର ସଂହାର ବା ହିଂସାକାଣ୍ଡ କଲେ ତାହାର ଏକ ନିରପେକ୍ଷ ତଦନ୍ତ କରାଗଲେ ପ୍ରାର୍ଥୀମାନଙ୍କର ଭଦ୍ରତା, ସ୍ୱଚ୍ଛତା ଲୋକଲୋଚନକୁ ଆସନ୍ତା। ଦାଗୀ ସଦସ୍ୟମାନଙ୍କର ସଦସ୍ୟତାକୁ ନାକଚ କରାଯାଇ ପାରନ୍ତା।

ବାସନ୍ତୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ରାଉରକେଲା

### ସାଉଁଟା ଅନୁଭୂତି

ବିଗତ ଦିନରେ ଅନେକ ଅନୁଭୂତି ସାଉଁଟିବାକୁ ପଡିଛି। ବନ୍ୟା ବାତ୍ୟା ବେଳେ ଅନେକ ବଦାନ୍ୟ ବ୍ୟକ୍ତି ସାହାଯ୍ୟର ହାତ ବଢ଼ାନ୍ତି। ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଆସେ। ବାତ୍ୟାବିପନ୍ନଙ୍କର ଖାଦ୍ୟବସ୍ତ୍ରଠାରୁ ଆରମ୍ଭକରି ରାସ୍ତାଘାଟ, ବିଜୁଳି ଓ ଘରଦ୍ୱାର ତିଆରିରେ ଅନେକ ଖର୍ଚ୍ଚ ହୁଏ। କିନ୍ତୁ କେତେଜଣ ସୁବିଧାବାଦୀ ଲୋକ ସେବା ଓ ସାହାଯ୍ୟ ନାଁରେ କୋଟି କୋଟି ଟଙ୍କା ବାଟମାରଣା କରନ୍ତି। କଥାରେ ଅଛି, କାହାର ସର୍ବନାଶ ତ ଆଉ କାହାର ପୁଷମାସ। ଏହିଧରଣର ଲୋକ ଅତୀତରେ ଥିଲେ ଏବଂ ବର୍ତ୍ତମାନ ବି ଅଛନ୍ତି। ଯେଉଁଠି ସୁବିଧା ସୁଯୋଗ ପାଆନ୍ତି ସେଠାରେ ସେମାନେ ସର୍ବସାଧାରଣ ଏବଂ ଅସହାୟମାନଙ୍କ ପାଇଁ ଆସୁଥିବା ଅର୍ଥ ଏବଂ ଦ୍ରବ୍ୟକୁ ବାଟମାରଣା କରନ୍ତି। ତେଣୁ ସେମାନଙ୍କୁ ଅନୁରୋଧ ଦୁଃଖୀଜନଙ୍କ ସେବାରେ ନିଜକୁ ଉତ୍ସର୍ଗ କରନ୍ତୁ। ଦୁଃଖୀ ସମ୍ପତ୍ତିରେ ଭାଗୀଦାର ହୋଇ ନିଜେ ଦୁଃଖୀ ନ ହୁଅନ୍ତୁ। ଯେଉଁ ବଂଶଧରଙ୍କ ପାଇଁ ବାଟମାରଣା କରିବେ, ସେମାନେ ଅୟସ କରିବେ ଏବଂ ବାପଅଜାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ବଦଳରେ ସେମାନଙ୍କର କୁତ୍ସାରଟନା କରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳିକାଙ୍କୁ ଉଦ୍ଧାର କଲା ସିଡବ୍ଲ୍ୟୁସି

**କେନ୍ଦ୍ରାପଡା ଅଫିସ, ୧୩।୬:** ରାଜନଗର ବ୍ଲକ ତାଳଚୂଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଅନନ୍ତ କିଶୋରୀ ଗ୍ରାମରୁ ଗୁରୁବାର ଜିଲା ସୁରକ୍ଷା କମିଟି ପକ୍ଷରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏହାପରେ ତାଙ୍କୁ ସହରର ସହରର ମନକରପୁରସ୍ଥିତ ରେସୱାରେ ରଖାଯାଇଛି।

ଏସମ୍ପର୍କରେ କମିଟିର ପରାମର୍ଶଦାତ୍ରୀ କନକଲତା ବେହେରା କହିଛନ୍ତି, ଗତ ୪ ମାସ ପୂର୍ବେ ଜଣେ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରେମରେ ଫସାଇ ଗୁଜୁରାଟକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ବିବାହ କରି ଗତ ମାସକ ପୂର୍ବରୁ ଅନନ୍ତ କିଶୋରୀ ଗ୍ରାମକୁ ଆସିଥିଲେ। ଏ ସମ୍ପର୍କରେ ଜିଲା ବିକାଶ ବିଭାଗ ସୂଚନା ଦେବାପରେ ସ୍ଥାନୀୟ ପୋଲିସ ଓ ସିଡିପିଓଙ୍କ ଉପସ୍ଥିତିରେ ଏହି ନାବାଳିକାଙ୍କୁ ଉଦ୍ଧାର କରାଯାଇଛି । ପ୍ରୋବେସନାରୀ ଅଫିସର ବିବେକାନନ୍ଦ ଅତିବୁଦ୍ଧି ଏହାର ନେତୃତ୍ୱ ନେଇଥିଲେ ।

### ପ୍ରବଳ ଗରମ, ବ୍ୟାପୁଛି ଝାଡ଼ାବାନ୍ତି
### ଡାଇରିଆ ୱାର୍ଡରେ ଅବ୍ୟବସ୍ଥା ଅଭିଯୋଗ

**ପାଟକୁରା, ୧୩।୬ (ଡି.ଏନ୍.ଏ.):** ଗତ ଦୁଇ ଦିନ ହେବ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ଗରଦପୁର ବ୍ଲକ ପାଟକୁରା ଅଞ୍ଚଳରେ ଝଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡ଼ିଛି। ପାଟକୁରା ମେଡିକାଲରେ ବୁଧବାର ୫ଜଣ ଝାଡ଼ାବାନ୍ତି ରୋଗୀ ଡାଇରିଆ ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ହଳଦିଆ ଗ୍ରାମର ଅଶୋକ ମହାପାତ୍ର(୩୨), ନିର୍ମଳା ପ୍ରଧାନ(୫୮), ହରିଦାସପୁର ଗ୍ରାମର ତୃପ୍ତି ରଞ୍ଜନ ମହାପାତ୍ର(୬), ଡଳିରାଣୀ ଓଝା, ତିର୍ତ୍ତୋଲ ଥାନା ଅଧୀନ ସମାନ୍ତରାପୁର ଗ୍ରାମର ମାଳତି ପ୍ରଧାନ(୭୦)। ତେବେ ସନ୍ଧ୍ୟା ସୁଦ୍ଧା କେତେଜଣଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପାଟକୁରା ମେଡିକାଲର ଡାକ୍ତର ଅସିତ୍ କୁମାର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ବୁଧବାର ଜଣେ ଡାଇରିଆ ରୋଗୀ ମେଡିକାଲକୁ ଆସିଥିବା ବେଳେ ଅନ୍ୟ ରୋଗୀମାନଙ୍କର ନାଳ,ତରଳ ଝାଡା ହେଉଥିବା ନେଇ ଚିକିତ୍ସା କରାଯାଉଛି। ଅପରପକ୍ଷେ ମେଡିକାଲରେ ରୋଗୀମାନଙ୍କ ପାଇଁ ଆବଶ୍ୟକ ସୁବିଧା କରାଯାଇ ନ ଥିବାରୁ ସେମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଡାଇରିଆ ୱାର୍ଡରେ ୬ଟି ଶଯ୍ୟା ଥିବା ବେଳେ ମାତ୍ର ଦୁଇଟି ଫ୍ୟାନ୍ ଲଗାଯାଇଛି। ତାହା ମଧ୍ୟ ଠିକ୍ ଭାବେ ବୁଲୁ ନ ଥିବାରୁ ରୋଗୀ ଓ ସମ୍ପର୍କୀୟମାନେ ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରବଳ ଖରା ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ବେଳେ ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିବାର ସମ୍ଭାବନା ରହିଥିବାରୁ ରୋଗୀଙ୍କ ପାଇଁ ମେଡିକାଲରେ ସମସ୍ତ ପ୍ରକାର ସୁବିଧା କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପାଟକୁରା ମେଡିକାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ହିମାଂଶୁ ଭୂଷଣ ଷଡ଼ଙ୍ଗୀଙ୍କୁ ପଚାରିବାରେ, ଝାଡାବାନ୍ତି ରୋଗୀମାନଙ୍କ ପାଇଁ ଆବଶ୍ୟକ ଔଷଧ ମହଜୁଦ ରହିଛି। ମେଡିକାଲକୁ ଆସୁଥିବା ରୋଗୀମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ଡା. ଷଡ଼ଙ୍ଗୀ କହିଛନ୍ତି।

■ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ବାଚସ୍ପତିଙ୍କ ସମୀକ୍ଷା

# ଆର୍‌ପିଡିଏସି ବୈଠକ ଡାକିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ, ପୁନର୍ବାସ ଓ ଥଇଥାନ ଏବଂ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷଭାବେ ପ୍ରକଳ୍ପ ପାଇଁ ବିସ୍ଥାପିତ ଲୋକମାନଙ୍କ ସୁବିଧା ଲାଗି ପୁନର୍ବାସ ସ୍ଥାନରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ପରି ଭିତ୍ତିଭୂମିର ବିକାଶ ସହ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କ ନାମରେ ଘରଡିହ ପଟ୍ଟା ପ୍ରଦାନ ଓ ଜମି ହସ୍ତାନ୍ତରଣ କରିବାକୁ ସଂପୃକ୍ତ ତହସିଲଦାରଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ସ୍ଥାନୀୟ ଅଞ୍ଚଳର ପ୍ରକଳ୍ପ ନେଇ ଆର୍‌ପିଡିଏସି ବୈଠକ ଡାକିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ, ପାରିପାର୍ଶ୍ୱିକ ଉନ୍ନତୀକରଣ, ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ, ପ୍ରକଳ୍ପ ଅଞ୍ଚଳରେ ଜମି ଲିଜ୍/ହସ୍ତାନ୍ତରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରକଳ୍ପ କାରଣରୁ ୫ଟି ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେଉଥିବାବେଳେ ୧୦ଟି ଗ୍ରାମ ଆଂଶିକଭାବେ ଜଳମଗ୍ନ ହେବ । ସମ୍ପୂର୍ଣ୍ଣ ଜଳମଗ୍ନ ହେଉଥିବା ୫ଟି ଗ୍ରାମର ଲୋକଙ୍କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି । ଏହି କାର୍ଯ୍ୟ ତୁରନ୍ତ କରିବା ଲାଗି ଚେଷ୍ଟା କରାଯାଉଛି, ଯାହାଦ୍ୱାରା ପ୍ରକଳ୍ପ ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିବ। ଚଢ଼ିଆପଡ଼ା ଗ୍ରାମର ପ୍ରଭାବିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଛି ଓ ସେମାନେ ଗଜପତି ଜିଲା ଭିତରେ ଜମି ଆଧାରିତ ପୁନର୍ବାସ ନିମନ୍ତେ ଆଗ୍ରହୀ ବୋଲି ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଗ୍ରାମର ବିସ୍ଥାପିତମାନଙ୍କ ପୁନର୍ବାସ ଓ ଥଇଥାନ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଗଲେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜଣାପଡିଛି । ସେହିଭଳି ସୁଗୁବା ଗ୍ରାମର ଲୋକମାନେ ମଧ୍ୟ ଗଜପତି ଜିଲାରେ ପୁନର୍ବାସ ନିମନ୍ତେ ଆଗ୍ରହୀ ଅଛନ୍ତି । ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ଜଙ୍ଗଲ ଜମି ଅଧିଗ୍ରହଣ ଲାଗି ଗଜପତି ଜିଲା ପ୍ରଶାସନ ଯଥାଶୀଘ୍ର ୧୩ଟି ଗ୍ରାମରେ ଗ୍ରାମସଭାର ସୁପାରିସ ହାସଲ କରିବା ସହିତ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ମଞ୍ଜୁର ପ୍ରମାଣପତ୍ର ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରିବେ । ପ୍ରକଳ୍ପ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଗଜପତି ଜିଲାପାଳ ୨.୧୪୭ କୋଟି ଟଙ୍କାର ଏକ ସଂଶୋଧିତ ଯୋଜନାକୁ ଅନୁମୋଦନ ନିମନ୍ତେ ଜଳସମ୍ପଦ ବିଭାଗକୁ ପ୍ରେରଣ କରିଥିବା ବୈଠକରୁ ଜଣାପଡିଛି। ଏହା ଦ୍ୱାରା ବିସ୍ଥାପିତ ପରିବାରଗୁଡ଼ିକ ପ୍ରକଳ୍ପ ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଏହି ବହୁମୁଖୀ ପ୍ରକଳ୍ପ ଦ୍ୱାରା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବାର୍ଷିକ ୩୮୮୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ଏଥିସହିତ ୩୬ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ସହ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳକୁ ୩୧.୫୪ ନିୟୁତ ଘନ ମିଟର ପାନୀୟଜଳ ଯୋଗାଯାଇପାରିବ । ଜି. ସାମନ୍ତରାପୁର ପୁନର୍ବାସ ଓ ଥଇଥାନ କଲୋନୀର ଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ହସ୍ତାନ୍ତର କରାଗଲେ ବିସ୍ଥାପିତ ପରିବାରଙ୍କୁ ପଟ୍ଟା ପ୍ରଦାନ କରାଯାଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବିସ୍ଥାପିତ ପରିବାରଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ଗଞ୍ଜାମ ଓ ଗଜପତି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟ ଜିଲାରେ ପୁନର୍ବାସ ପାଇଥିବାରୁ କିଛି ବିସ୍ଥାପିତ ପରିବାର ୨୫ ପ୍ରତିଶତ ଅତିରିକ୍ତ ସହାୟତା ଦାବି କରିଥିଲେ, ଯାହାକୁ ଅତିଶୀଘ୍ର ପୂରଣ କରାଯିବ ବୋଲି ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ । ପ୍ରତି ଦୁଇ ମାସରେ ଥରେ ସମୀକ୍ଷା ବୈଠକ ଆୟୋଜନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ଲକ କାର୍ଯ୍ୟାଳୟ ଆଗରେ ଅଳିଆଗଦା



ବ୍ଲକ କାର୍ଯ୍ୟାଳୟ ପାଚେରି କଡ଼ରେ ଅଳିଆଗଦା ହୋଇରହିଛି।

**ଆଳି, ୧୩।୬ (ଡି.ଏନ୍.ଏ.)**

କଟକ-ଚାନ୍ଦବାଲି ରାସ୍ତାର ଆଳି ନୂଆବଜାରସ୍ଥିତ ଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଅଳିଆ ଗଦା ହୋଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱଚ୍ଛଭାରତ ଯୋଜନାରେ ଚତୁଃପାର୍ଶ୍ୱ ସଫାସୁତୁରା ରଖିବା ପାଇଁ ସଚେତ କରାଯାଉଥିବା ବେଳେ ବ୍ଲକ ଅଫିସ୍ ପାଚେରୀ କଡ଼ରେ ଅଳିଆ ଗଦା ହୋଇରହିଛି। ଦୀର୍ଘଦିନ ଧରି ଏହି ଅଳି ଗଦା ହୋଇ ରହିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଦୈନିକ ଶହଶହ ଲୋକ ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟାନେଇ ଆସୁଥିବା ବେଳେ ଏହି ସ୍ଥାନ ଦେଇ ଯିବା ବେଳେ ନାକରେ ହାତ ଦେଇ ଯାଉଥିବା ଦେଖାଯାଉଛି। ଅଳିଆ ହଟାଇବା ପାଇଁ ବ୍ୟବସ୍ଥା କରାଯାଉ ନଥିବା ବେଳେ ବ୍ଲକ ଆଖପାଖରେ ଦୁର୍ଗନ୍ଧ ହେଉଥିବାରୁ ଲୋକେ ବିରକ୍ତି ପ୍ରକାଶ କରିଛନ୍ତି।

# ଜଣେ ଲେଖାଏ ଶିକ୍ଷକରେ ଚାଲିଛି ୯ ସ୍କୁଲ

**ପଟ୍ଟାମୁଣ୍ଡାଇ, ୧୩।୬ (ସ୍ୱ.ପ୍ର.)**

ଜଣେ ଶିକ୍ଷକରେ କୌଣସି ସ୍କୁଲରେ ପାଠପଢା ହେବ ନାହିଁ ବୋଲି ରାଜ୍ୟ ସରକାର ଓ ଶିକ୍ଷାବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି । କାରଣ ଜଣେ ଶିକ୍ଷକ ଦେହ ଖରାପ ହେଉ କିମ୍ବା କୌଣସି ସମସ୍ୟା ହେଉ ସେ ଯଦି ସ୍କୁଲକୁ ନ ଆସିପାରନ୍ତି ସେଦିନ ସ୍କୁଲ ବନ୍ଦ ରହିବ। ଫଳରେ ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଏଥି ପାଇଁ ଏକକ ଶିକ୍ଷକ ଥିବା ସ୍କୁଲକୁ ୨ ଶିକ୍ଷକରେ ପରିଣତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକରେ ଏହି ନିର୍ଦ୍ଦେଶକୁ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ୯ଟି ସ୍କୁଲରେ ଜଣେ ଲେଖାଁଏ ଶିକ୍ଷକ ରହିଥିବା ନେଇ ସୂଚନା ମିଳିଛି । ବ୍ଲକ ଅନ୍ତର୍ଗତ ପେଣ୍ଠପାଳ ପଞ୍ଚାୟତର ବାଲିଗିରା, ଅଣ୍ଡରା ପଞ୍ଚାୟତ ପଥୁରିହାଡିହା, ମ୍ୟୁନିସିପାଲିଟିର ତୁନଡିହ ପ୍ରକଳ୍ପ ପ୍ରାଥମିକ ସ୍କୁଲ, ଫୁଲପାଟଣା, ଭାଗଦେଇପୁର, ମାନପାଟଣା ପ୍ରକଳ୍ପ ସ୍କୁଲ, ବୁହାଲୋ ପ୍ରାଥମିକ ସ୍କୁଲ, ଦେଉଳି ପ୍ରାଥମିକ ସ୍କୁଲ ଓ ଦାଣ୍ଡିସାହି ଆଦି ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି। ଏସବୁ ସ୍କୁଲରେ ୩୦ ରୁ ୪୦ ଜଣ ଲେଖାଏଁ ଛାତ୍ରୀଛାତ୍ର ପାଠପଢୁଥିବା ବେଳେ ଜଣେ ଶିକ୍ଷକ ଥିବାରୁ ଅନେକ ସମୟରେ ପିଲାମାନଙ୍କ ପାଠପଢା ବ୍ୟାହାତ ହେଉଥିବା ଅଭିଯୋଗ ହୋଇଛି । ତୁରନ୍ତ ସ୍କୁଲଗୁଡିକରେ ଆଉ ଜଣେ ଲେଖାଏଁ ଶିକ୍ଷକ ଯୋଗଇ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏନେଇ ପଟ୍ଟାମୁଣ୍ଡାଇ ଶିକ୍ଷାବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଶିକ୍ଷାବିତ୍ ଓ ସାମାଜିକକର୍ମୀମାନେ ଦାବି କରିଛନ୍ତି ।

## ଡେରାରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ରାଜନଗର, ୧୩।୬ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଅଧୀନ ଡେରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗୁରୁବାର ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନବ ନିର୍ବାଚିତ ବାଧାୟକ ସାହୁ ବିଭିନ୍ନ ଅଞ୍ଚଳକୁ ଯାଇ ଲୋକମାନଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଉନ୍ନତିମୂଳକ କାର୍ଯ୍ୟ କରାଯିବା ଦିଗରେ ପଦକ୍ଷେପ ନେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କୁ ଫୁଲମାଳ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ଉପସଭାପତି ନିରଞ୍ଜନ ରାଉତ, କୋଷାଧ୍ୟକ୍ଷ ବାଇଧର ସେଠୀ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ରାଉତ, ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ନାଏବ ସରପଞ୍ଚ ମାଗେଶ୍ୱର ଖଟୁଆ, ବରିଷ୍ଠ ନେତା ପ୍ରଫୁଲ୍ଲ କଣ୍ଡ, ବସନ୍ତ କୁମାର ପାଣି, ଏକାଦଶୀ ବେହେରା, ହେମନ୍ତ ଦାସ, ଫକୀର ବେହେରା, କେଶବ ପ୍ରଧାନ, ଯୁବନେତା ରବୀନ ମଳିକ, ମନୋଜ ଦାସ, ବିକ୍ରମ ବାରିକ, ଚନ୍ଦ୍ରଭାନୁ ଜେନା, ରଶ୍ମିରଞ୍ଜନ ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ।

# ଥାନାରୁ ଚମ୍ପଟ ଚୋର ଗିରଫ



ଆଳି ଥାନାରେ କିରଣ ସେଠୀ।

**ଆଳି, ୧୩।୬ (ଡି.ଏନ୍.ଏ.)**

ଆଳି ଥାନାରୁ ଗୁରୁବାର ସକାଳେ ଚମ୍ପଟ ମାରିଥିବା ଚୋରକୁ ପୋଲିସ ଅପରାହ୍ନ ୪ଟା ବେଳେ ତାଙ୍କ ଘରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଟ୍ଟାମୁଣ୍ଡାଇ ଥାନା ଅଧୀନ ମୁଳବସନ୍ତ ଗ୍ରାମର କିରଣ ସେଠୀ। ପୂର୍ବରୁ ତାଙ୍କ ନାମରେ ବାଇକ୍ ଚୋରି ନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ଥାନାରୁ ଫେରାର ହେବା ଘଟଣାରେ ଆଉ ଏକ ମାମଲା ରୁଜୁ ହୋଇଛି।

ଘଟଣା ମୁତାବକ, ବୁଧବାର ରାତିରେ ଆଳି ଥାନା ଅଧୀନ ଗୋପାଳରାୟପୁର ଶାସନ ମିନକେତନ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ଏକ ବିବାହ ଭୋଜିରୁ ଫେରୁଥିଲେ। କଟକ-ଚାନ୍ଦବାଲି ରାସ୍ତାର ଗୋପୀନାଥପୁର ଶାସନ ନିକଟରେ ଗାଡ଼ି ରଖି ଶୌଚ ହେବାକୁ ଯାଇଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କ ବାଇକ୍ ନେଇଯାଉଥିବା ଦେଖିଥିଲେ। ତେବେ ସ୍ଥାନୀୟ କେତେଜଣ ଲୋକଙ୍କ ସହଯୋଗରେ ସେ ଦୁର୍ବୃତ୍ତଙ୍କୁ ପିଛା କରି ସିଙ୍ଗିରି ବଜାର ନିକଟରେ ଧରିଥିଲେ। ତେବେ ଅନ୍ୟ ୩ ଜଣ ଫେରାର ହୋଇଯାଇଥିବା ବେଳେ କିରଣଙ୍କୁ ଲୋକମାନେ କାବୁ କରିଥିଲେ। ଗୁରୁବାର ସକାଳେ ଲୋକମାନେ ତାଙ୍କୁ ପୋଲିସ ଜିମା ଦେଇଥିବା ବେଳେ ଶୌଚ ହେବାକୁ ଯିବା ବାହାନାରେ ଏଏସ୍‌ଆଇ ଭଗବାନ ମାଝି ଓ କନଷ୍ଟେବଳ ସୌମ୍ୟକାନ୍ତି ସ୍ୱାଇଁଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଏହାପରେ ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବେଳେ ମୁଳବସନ୍ତ ଗ୍ରାମସ୍ଥିତ ତାଙ୍କ ଘରୁ କିରଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ୧୧୦/୧୯ ନଂ. ରେ ମାମଲା ଥିବା ବେଳେ ୧୧୧/୧୯ ନଂ.ରେ ଆଉ ଏକ ମାମଲା ରୁଜୁ କରାଯାଇଛି।




# ସ୍କୁଲ ଭିତ୍ତିଭୂମି ଦୋହଲାଇ ଦେଇଛି ବାତ୍ୟା

**ଡେରାବିଶ, ୧୩।୬ (ସ୍ୱ.ପ୍ର.)**

**ଡେରାବିଶ ବ୍ଲକ**
- ■ ୧୯୪ ସ୍କୁଲ କ୍ଷତିଗ୍ରସ୍ତ, ୬ ସ୍କୁଲ ସମ୍ପୂର୍ଣ୍ଣ ଭାଙ୍ଗିଛି
- ■ ପାଠପଢ଼ା ବ୍ୟାହତ ହେବା ଆଶଙ୍କା
- ■ ତୁରନ୍ତ ମରାମତି ଆରମ୍ଭ କରିବାକୁ ଦାବି

ବାତ୍ୟା ଫନୀ ପ୍ରଭାବରେ ଡେରାବିଶ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ପରିବେଶ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଛି। ବାତ୍ୟାରେ ଡେରାବିଶ ବ୍ଲକ ଅଞ୍ଚଳର ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ଜଣ ଗୁରୁତର ଆହତ ହୋଇଥିଲେ। ତେବେ ଏହି ବାତ୍ୟା ବ୍ଲକ ଅଞ୍ଚଳର ୧୧୫ ପ୍ରାଥମିକ ବିଦ୍ୟାଳୟ, ୪୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୩୭ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି। ବିଦ୍ୟାଳୟ କ୍ଷୟକ୍ଷତି ନେଇ ତଦନ୍ତ ହେବା ପରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ ହୋଇଛି। ଏହି ରିପୋର୍ଟ ଅନୁସାରେ ବାତ୍ୟାରେ ୧୯୪ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ସେଥିରୁ ୬ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଅନ୍ୟ ବିଦ୍ୟାଳୟଗୁଡ଼ିକ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ୮୦ଟି ସ୍କୁଲର ଶୌଚାଳୟ ଭାଙ୍ଗିଥିବା ବେଳେ ୪୭ ବିଦ୍ୟାଳୟର ରୋଷେଇ ଘର ଭାଙ୍ଗିରୁଜି ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ଚାନ୍ଦୋଳ ପଞ୍ଚାୟତ ଅଧୀନ ତୋଟାସାହି ପ୍ରୋଜେକ୍ଟ ପ୍ରାଇମେରି ସ୍କୁଲ, ଜଅଁରା ବାରିମୂଳ ପଞ୍ଚାୟାତ ଅଧୀନ ବମ୍ଭୁ ପ୍ରାଥମିକ ବିଦ୍ୟାଳୟ, ହରିଅଙ୍କ ପଞ୍ଚାୟତ ଅଧୀନ ହରିଅଙ୍କ ଜେନାସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ରତାଦିଆ-ଖଣ୍ଡସାହି ପଞ୍ଚାୟତ ଅଧୀନ କାଦୁଆ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଲରାହାଟ ପଞ୍ଚାୟତ ଅଧୀନ ତିଲୋକଣା ଓ କୁଅଁରପୁର ପ୍ରାଥମିକ ବିଦ୍ୟାଳୟ ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସ୍କୁଲର ପୁନରୁଦ୍ଧାର କାର୍ଯ୍ୟ ପାଇଁ ପ୍ରାୟ ୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏ ନେଇ ଜିଲା ପ୍ରଶାସନ ନିକଟରେ ଦାଖଲ ହୋଇଥିବା ରିପୋର୍ଟରେ ଦର୍ଶାଯାଇଥିବା ଜଣାପଡ଼ିଛି। ସେହିପରି ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ୧୨୫ ବିଦ୍ୟାଳୟର ନିର୍ମାଣ ବା ମରାମତି ପାଇଁ ୮.୩୩ କୋଟି, ୮୦ ଶୌଚାଳୟ ପାଇଁ ୫୪.୩୦ ଲକ୍ଷ ଏବଂ ୪୭ ରୋଷେଇ ଘର ପାଇଁ ୧୮.୮୦ଲକ୍ଷ ଟଙ୍କାର ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ରଜ ପରେ ସ୍କୁଲ ଖୋଲୁ ଥିବା ବେଳେ ଏ ଯାଏ ସ୍କୁଲ ଘରଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ ହୋଇନି। ଯଦି ସ୍କୁଲ ଖୋଲିବା ପୂର୍ବରୁ ମରାମତି ଶେଷ ନ ହୁଏ ତା'ହେଲେ ପିଲାଙ୍କ ପାଠପଢ଼ା ନିଶ୍ଚିତ ରୂପେ ବାଧାପ୍ରାପ୍ତ ହେବ। ତେଣୁ ତୁରନ୍ତ ସ୍କୁଲ ଘରଗୁଡ଼ିକର ମରାମତି କରାଯିବାକୁ ଅଭିଭାବକ, ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା,
ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ଆଜି କ'ଣ କେଉଁଠି

ଯାଜପୁର

- ଜିଲାସ୍ତରୀୟ ଲୋକକଳା ଦିବସ। ସ୍ଥାନ- ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର। ସମୟ-ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଲୋକକଳା ଦିବସ ପାଇଁ ସଚେତନତା ଶୋଭାଯାତ୍ରା ସ୍ଥାନ- ସଂସ୍କୃତି ଭବନଠାରୁ ଆରମ୍ଭ। ସମୟ- ପୂର୍ବାହ୍ନ ସାଢେ ୮ଟା।

■ ଜିଲା କୃଷି ନୀତି ନିର୍ଦ୍ଧାରଣ ବୈଠକ

# ଜମିରେ ବଢୁଛି ସାର ବ୍ୟବହାର

ଯାଜପୁର ଅଫିସ,୧୩।୬

ଜଳବାୟୁ ପରିବର୍ତ୍ତନ ଅଥବା ରସାୟନିକ ସାରର ବହୁଳ ମାତ୍ରାରେ ବ୍ୟବହାର ମୃତ୍ତିକାର ଉତ୍ପାଦନ କ୍ଷମତାକୁ ଦିନକୁ ଦିନ ହ୍ରାସ କରିବାରେ ଲାଗିଛି। ପୂର୍ବରୁ ଚାଷୀ ନିଜ ବିଲରେ ଖତ ଆଦି ଜୈବିକ ସାର ବ୍ୟବହାର କରି ଭଲ ଫସଲ ଅମଳ କରିପାରୁଥିଲା। ମାତ୍ର ସମୟକ୍ରମେ ଚାହିଦାକୁ ଲକ୍ଷ୍ୟ ରଖି ଜମିରୁ ଅଧିକରୁ ଅଧିକ ଅମଳ ଆଶାରେ ଚାଷୀ ରସାୟନିକ ସାର ବ୍ୟବହାର କରୁଛି। ଯାହାଫଳରେ ମାଟିର ଉର୍ବରତା କମି କମି ଯାଉଛି। ଆଉ ଏହାର ସଦ୍ୟତମ ଉଦାହରଣ ହେଉଛି ଜମିରେ ବ୍ୟବହାର ହେବାକୁ ଥିବା ସାରର ପରିମାଣକୁ ନେଇ ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି। ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ଯାଜପୁର ଜିଲାରେ ୧,୪୨,୭୫୦ ହେକ୍ଟର ଜମିରେ ଖରିଫ ଚାଷ କାର୍ଯ୍ୟ କରିବାକୁ ନିର୍ଦ୍ଧାରଣ ହୋଇଛି। ଏଥିରେ ୨୯,୮୫୦ ମେଟ୍ରିକ ଟନ୍ ସାର ବ୍ୟବହାର ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ଗତ ଖରିଫରେ ହେକ୍ଟର ପିଛା ୯୫.୬୨ କିଲୋଗ୍ରାମ ସାର ବ୍ୟବହୃତ





ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା କୃଷି ନୀତି ନିର୍ଦ୍ଧାରଣ ବୈଠକ।

## ଚଳିତ ବର୍ଷ ୧,୪୨,୭୫୦ ହେକ୍ଟର ଜମିରେ ଚାଷ

ହୋଇଥିବାବେଳେ ଚଳିତ ବର୍ଷ ହେକ୍ଟର ପିଛା ୧.୨୮ କ୍ୱିଣ୍ଟାଲ ହିସାବରେ ସାର ବ୍ୟବହାରର ଲକ୍ଷ୍ୟ ରଖାଯାଇଛି। ଅର୍ଥାତ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ହେକ୍ଟର ପିଛା ୨୨.୩୮କିଲୋଗ୍ରାମ ଅଧିକ ସାର ବ୍ୟବହାର କରାଯିବ। ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା କୃଷି ନୀତି ନିର୍ଦ୍ଧାରଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରି କହିଥିଲେ ଯେ, କୃଷି ଓ କୃଷକର ଉନ୍ନତି ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ତେଣୁ ଏହି ଯୋଜନାର ସୁଫଳ ଯେପରି ଚାଷୀମାନେ ପାଇବା ସହ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇପାରିବ ସେଥିପ୍ରତି ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି ଜିଲାରେ କୃଷିର ସ୍ଥିତି ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଜିଲାର ମୋଟ ୧,୪୫,୪୫୦ ହେକ୍ଟର ଚାଷ ଜମି ମଧ୍ୟରୁ ୧ଲକ୍ଷ ୧୭ହଜାର ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟ ଜମିରେ ଅଣ ଧାନ ଫସଲ ଚାଷ ହେଉଛି। ୨୦୧୮-୧୯ ବର୍ଷରେ ରେ ଖରିଫ୍‌ରେ ୮୨,୩୩୪ ହେକ୍ଟର ଓ ରବି ଋତୁରେ ୪୪,୧୯୫ ହେକ୍ଟର ଜମିରେ ଜଳସେଚନ ମାଧ୍ୟମରେ ଚାଷ କରାଯାଇଥିଲା। ୨୦୧୮-୧୯ ବର୍ଷରେ ୧ଲକ୍ଷ ୧୫ହଜାର ହେକ୍ଟର ଜମିରେ ରବି ଋତୁରେ ଫସଲର ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୧,୦୩,୬୫୪ ହେକ୍ଟରରେ ଫସଲ କରାଯାଇଥିଲା। ଯାହା ଶତକଡ଼ା ୯୦.୧୩ ଭାଗ। ୨୦୧୮-୧୯ରେ ୧୦,୫୫୦ ମୃତ୍ତିକା ପରୀକ୍ଷାର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୫୦୧୮ ଟି ପରୀକ୍ଷା କରାଯାଇଥିଲା। ରବି ଋତୁରେ ବିଭିନ୍ନ ମିନିକିଟ୍ ମାଧ୍ୟମରେ ନୂଆ ପ୍ରଜାତିର ଶୋରିଷ, ଚିନାବାଦାମ, ମୁଗ, ବିରି ଇତ୍ୟାଦି ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ୨୦୧୯-୨୦ ବର୍ଷ ପାଇଁ ୧,୪୨,୭୫୦ ହେକ୍ଟର ଜମିରେ କୃଷି କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୧୮୭୦ହେକ୍ଟର ଜମିରେ ଆଖୁଚାଷ ପାଇଁ ଯୋଜନା ରହିଛି। ଚଳିତ ବର୍ଷ ୧୪,୨୩୪ ଟି ମୃତ୍ତିକା ପରୀକ୍ଷାର ଲକ୍ଷ୍ୟଧାର୍ଯ୍ୟ କରାଯାଇ ୩୯୮ ଟି ନମୁନା ସଂଗ୍ରହ ହୋଇଛି। ଉନ୍ନତ ବିହନ ଉଦ୍ଦେଶ୍ୟରେ ବିଭିନ୍ନ କିସମର ୨୧୦ହେକ୍ଟର ଜମିରେ ଧାନ ଚାଷ କରାଯିବ। ୭୭୧୯ ହେକ୍ଟର ଜମିରେ ବିଭିନ୍ନ ଜଳସେଚନ ଉତ୍ସ ମାଧ୍ୟମରେ ଜଳସେଚିତ କରାଯିବ। ଚଳିତ ବର୍ଷ ବ୍ୟାପକ ସଚେତନତା ଓ ତାଲିମ ମାଧ୍ୟମରେ କୃଷିର ଉନ୍ନତି, ଉନ୍ନତ ବିହନ, କୀଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପ୍ରତି ଗୁରୁତ୍ୱ ଦିଆଯାଇଛି ବୋଲି ଶସ୍ୟ ସଂରକ୍ଷଣ ଅଧିକାରୀ ଶ୍ରୀଧର ଦାସ ସୂଚନା ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସରକାର ଓ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଗୁରୁତ୍ୱ ଦେଉଛନ୍ତି। ତେଣୁ ପ୍ରଶାସନ ବିଭିନ୍ନ ସ୍ଥାନରେ ମାଟିରେ ମିଶୁଥିବା ଓ ମାଟିରେ ମିଶୁ ନ ଥିବା ଉପକରଣକୁ ସଂରକ୍ଷଣ କରି ପରବର୍ତ୍ତୀ ସମୟରେ ଖତ ସାରରେ ପରବର୍ତ୍ତନ କରି ଚାଷ କାର୍ଯ୍ୟରେ ବ୍ୟବହାର କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ ଦାସ ସୂଚନା ଦେଇଥିଲେ। ନିମ୍ବ ଜାତୀୟ କୀଟନାଶକ ବ୍ୟବହାରକୁ ଉତ୍ସାହିତ କରିବାକୁ ମଧ୍ୟ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡର ଡିଜିଏମ ସୁବ୍ରତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଲୋକନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଚୋରି ବାଇକ୍ ଜବତ, ଜଣେ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର, ୧୩।୬(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ପୋଲିସ ବୁଧବାର ରାତିରେ ବାଲିସାହି ଛକରୁ ୨ଟି ଚୋରା ମୋଟର ସାଇକେଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଜଣଙ୍କ କଳିଙ୍ଗନଗର ଥାନା ଅନ୍ତର୍ଗତ ରାଇଟିକର ଗ୍ରାମର ତପନ କୁମାର ବସନ୍ତିଆ। ଏ ନେଇ ପୋଲିସ ଏକ ମାମଲା (୧୨୪/୧୯) ରୁଜୁକରି ଗୁରୁବାର ତପନଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ତପନ ବାଇକ୍ ୨ଟିକୁ ଚୋରି କରି ଆଣି ବାଲିସାହି ଛକରେ ବିକ୍ରିକରିବାକୁ ଉଦ୍ୟମ କରିଥିଲେ। ପୋଲିସ ବାଇକ୍‌କୁ ଜବତ କରିବା ସହ ତପନଙ୍କୁ ଗିରଫ କରିଥିଲା। ଜବତ ଗାଡ଼ି ମଧ୍ୟରୁ ଗୋଟିଏ ପିଙ୍ଗଳ ଗ୍ରାମର ତାପସ ମଲ୍ଲିକଙ୍କର ବୋଲି ଜଣାପଡିଛି।

## ଯାଜପୁର ଏମ୍‌ପି, କୋରେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଯାଜପୁରରୋଡ,୧୩।୬(ନି.ପ୍ର):** ବ୍ୟାସଦେବ ଟାଉନ ହଲଠାରେ କୋରେଇର ନବ ନିର୍ବାଚିତ ବିଧାୟକ ଅଶୋକ ବଳ ଏବଂ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ବ୍ୟାସନଗର ବିଜୁ ଜନତା ଦଳ ତରଫରୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମହେଶ ଧଳ, ପୂର୍ବତନ ପୋରାଧ୍ୟକ୍ଷା ସବିତା ରାଉତ, ପୂର୍ବତନ ଉପ ପୋରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ସରୋଜିନି ବଳ, ସୌମେନ୍ଦ୍ର ରାଉତ, ଗୋବିନ୍ଦ ଜେନା, ଶିଶିର କୁମାର ରାଉତ, ବ୍ୟାସନଗର ବିଜେଡି ସଭାପତି ମନୋଜ ପରିଡ଼ା, ରଶ୍ମିତା ପଣ୍ଡା, ଇନ୍ଦିରା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ।

## ରସୁଲପୁର ବିଡିଓଙ୍କୁ କୋରେଇ ବିଡିଓଙ୍କ ଦାୟିତ୍ୱ ହସ୍ତାନ୍ତର

**କୋରେଇ୧୩।୬(ସ୍ୱ.ପ୍ର):** ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ କୋରେଇ ବ୍ଲକ ବିଡିଓଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ଗୁରୁବାର ପତ୍ର ସଂଖ୍ୟା ୩୦୫୨/୧୩।୬।୨୦୧୯ରେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ୪ମାସ ହେଲା କୋରେଇ ବ୍ଲକରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ।

## ମନ୍ଦାକିନୀ ତ୍ରିପାଠୀଙ୍କ ସ୍ମୃତିଚାରଣ ସଭା



ସ୍ମୃତି ଚରଣ ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଚଣ୍ଡିଖୋଲ,୧୩।୬(ଡି.ଏନ୍.ଏ.)

ବଡ଼ଚଣାର ସଂଗ୍ରାମୀପୀଠ ବାଲିପଡ଼ିଆ ଠକ୍କରବାପା ଆଶ୍ରମର ସହଯୋଗୀ ସଞ୍ଚାଳିକା, ଶ୍ରୀସତ୍ୟସାଇ ସଂଗଠନର ବାଳବିକାଶ ଗୁରୁ ତଥା ବାଲିପଡ଼ିଆ ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ପାଦିକା ମନ୍ଦାକିନୀ ତ୍ରିପାଠୀଙ୍କ ପ୍ରଥମ ବାର୍ଷିକ ସ୍ମୃତି ଚାରଣ ସଭା ବାଲିପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବେଦପାଠ ଓ ସାଇଭଜନ ସନ୍ଧ୍ୟାର ଏକ ଆଧ୍ୟାତ୍ମିକ ପରିବେଶ ଭିତରେ ଆୟୋଜିତ ସମାରୋହରେ ରାଜ୍ୟ କୃଷି, କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ମହିୟସୀ ମନ୍ଦାକିନୀଙ୍କ କାର୍ଯ୍ୟଧାରା ଗ୍ରାମୀଣ ମହିଳା ଓ ବିଦ୍ୟାର୍ଥୀଙ୍କୁ ଆଧ୍ୟାତ୍ମିକତା କ୍ଷେତ୍ରରେ ପ୍ରେରଣା ଦେଇ ଆସିଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଓଡ଼ିଶା ବିଧାନସଭାର ସରକାରୀ ଉପମୁଖ୍ୟ ସଚେତକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବିଜେଡ଼ି ସାଧାରଣ ସମ୍ପାଦକ ବିଜୟ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସମିତି ପଲାଇ ପକ୍ଷରୁ ବେଦପାଠ ଓ ସାଇଭଜନ ପରିବେଷିତ ହୋଇଥିଲା।

■ ପ୍ରଶାସନର ଟାଳଟୁଳ ନୀତି

## ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ

ଚଣ୍ଡିଖୋଲ,୧୩।୬(ଡି.ଏନ୍.ଏ.)

ରାଜ୍ୟ ସରକାର ବିଜୁ ପକ୍କାଘର ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବସ ଯୋଜନା ମାଧ୍ୟମରେ ଗରିବ ହିତାଧିକାରୀଙ୍କୁ ଘର ଯୋଗାଇ ଦେଉଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଟାଳଟୁଳ ନୀତି ପାଇଁ ଏହି ଯୋଜନାରୁ ବହୁ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ପଂଚାୟତ ଅଧିନ ରାମଦାସପୁର ଗ୍ରାମରେ। ଏହି ଗ୍ରାମର ଦିବ୍ୟାଙ୍ଗ ରଞ୍ଜନ ସାହୁ ଜଣେ ଯୋଗ୍ୟ ହିତାଧିକାରୀଭାବେ ପ୍ରଶାସନର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ସେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି।

ସୂଚନାଥାଉକି ୨୦୧୮ ଆର୍ଥିକ ବର୍ଷରେ ଏହି ପଞ୍ଚାୟତର ୭ ଜଣ ହିତାଧିକାରୀଙ୍କୁ ବିଜୁ ପକ୍କାଘର ଯୋଜନାରେ ଚିହ୍ନଟ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେଥିରେ ରଞ୍ଜନଙ୍କ ନାମ ମଧ୍ୟ ରହିଥିଲା। ତେବେ ୬ ଜଣଙ୍କ ବ୍ୟାଙ୍କ ଖାତାକୁ ଘର ନିର୍ମାଣ ପାଇଁ ଅର୍ଥ ରାଶି ଦୁଇରୁ ତିନୋଟି କିସ୍ତିରେ ପ୍ରଦାନ କରାଯାଇଥିବା ବେଳେ ରଞ୍ଜନଙ୍କୁ ଆଜି ପର୍ଯ୍ୟନ୍ତ ଅର୍ଥ ରାଶିର ଗୋଟିଏ କିସ୍ତି ମଧ୍ୟ ପ୍ରଦାନ କରାଯାଇ ନାହିଁ। ଗତ ଡିସେମ୍ବର ୧୮ତାରିଖରେ ସ୍ଥାନୀୟ ବିଧାୟକଙ୍କ ଅନୁମୋଦନ ଥିବା ଏକ ଦରଖାସ୍ତ ବ୍ଲକ ବିଡିଓ ପାଇଲା ପରେ ବି ରଞ୍ଜନଙ୍କୁ ପକ୍କାଘର ଯୋଜନାର ଅର୍ଥରାଶି ପ୍ରଦାନ କରୁ ନାହାନ୍ତି। ଗତ ଆର୍ଥିକ ବର୍ଷରେ ସେହି ପଞ୍ଚାୟତର ସୁନୀତା ବାରିକ ଏକ ଲକ୍ଷ ଟଙ୍କା, ପ୍ରଣତି ବଳ ୫୫ହଜାର ଟଙ୍କା, ବାସୁଦେବ ତରାଇ ୨୦ ହଜାର ଟଙ୍କା, ଜୟଶ୍ରୀ ଦାସ ୫୫ହଜାର ଟଙ୍କା, ଛନକ ତରାଇ ୫୫ହଜାର ଟଙ୍କା ଓ ଫୁଲ ପଣ୍ଡାଙ୍କୁ ୨୦ ହଜାର ଟଙ୍କା ଦିଆଯାଇଥିବାବେଳେ ରଞ୍ଜନଙ୍କ ଖାତାକୁ ଟଙ୍କାଟିଏ ଆସି ନାହିଁ। ଏହି ବ୍ଲକ ଅଧିନରେ ଥିବା ଅନେକ ସ୍ୱଚ୍ଛଳ ବର୍ଗର ଲୋକଙ୍କଠାରୁ ମୋଟା ଅଙ୍କର ଉତ୍କୋଚ ନେଇ ଆବାସ ଯୋଜନା ବାଟବଣା କରାଯାଉଥିବା ବହୁବାର ବ୍ଲକ ପ୍ରଶାସନ ବିରୋଧରେ ଅଭିଯୋଗ ହୋଇ ଆସୁଅଛି। ତେବେ ପ୍ରଶାସନିକ ଅଧିକାରୀ ଏଥିପ୍ରତି ସଜାଗ ନ ହୋଇ ପ୍ରକୃତ ହିତାଧିକାରୀଙ୍କୁ ହଇରାଣ କରୁଥିବା ଦେଖିବାକୁ ମିଳିଛି। ବିଧବା ମା', ସ୍ତ୍ରୀ ଓ ଦୁଇଟି ପିଲାଙ୍କୁ ନେଇ ୫ ପ୍ରାଣୀର କୁଟୁମ୍ବ ପୋଷିବା ରଞ୍ଜନଙ୍କ ଭଳି ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପକ୍ଷରେ କଷ୍ଟକର ହୋଇଥିବାବେଳେ ତାଙ୍କୁ ପ୍ରଶାସନ ତରଫରୁ ଅଣଦେଖା କରାଯିବା ପରିତାପର ବିଷୟ। ତୁରନ୍ତ ଦିବ୍ୟାଙ୍ଗ ରଞ୍ଜନଙ୍କୁ ଆବାସ ଯୋଜନାର ଅର୍ଥ ମଞ୍ଜୁର କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ ରଞ୍ଜନଙ୍କ ଫାଇଲ ଖୋଜି ତୁରନ୍ତ କିପରି ଅର୍ଥ ମଞ୍ଜୁର କରାଯିବ ସେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗିରି କହିଛନ୍ତି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କଳିଙ୍ଗନଗର,୧୩।୬(ଡି.ଏନ୍.ଏ.)

ସାପକାମୁଡ଼ାରେ ଗୁରୁବାର ଜଣେ ମହିଳାଙ୍କ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ କେନ୍ଦୁଝର ଜିଲା ବ୍ରାହ୍ମଣୀପାଳ ଥାନା ଅନ୍ତର୍ଗତ ଦୈତାରୀ ଅଞ୍ଚଳର ଜଥ୍ ସିଂଙ୍କ ସ୍ତ୍ରୀ ଚିପିରି ଟିଉ (୩୫)। ଏ ନେଇ ଦାନଗଦୀ ପୋଲିସ ଏକ ଅପମୃତ୍ୟୁ ମାମଲା (୧୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ଚିପିରି ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଡାକ୍ତରଖାନା ପକ୍ଷରୁ ଦାନଗଦୀ ପୋଲିସକୁ ଖବର ଦିଆଯାଇଥିଲା।

## ଠିକା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଡୁବୁରୀ,୧୩।୬(ଡି.ଏନ୍.ଏ.)

କଳିଙ୍ଗନଗର ନୀଳାଚଳ ଇସ୍ପାତ କାରଖାନାରେ ଠିକା ଶ୍ରମିଭାବେ କାମ କରୁଥିବା ଜଣେ କର୍ମଚାରୀଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ସାରଙ୍ଗପୁର ହଟିଂ ଗ୍ରାମର ସାଲୁ ଟୁଡ (୪୦)। ତାଙ୍କ ମୃତଦେହ କଟକ ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଟୁଡ ମହାବୀର କନ୍‌ଷ୍ଟ୍ରକଶନ ନାମକ ଏକ ଘରୋଇ ଠିକା ସଂସ୍ଥା ଅଧୀନରେ କାମ କରୁଥିଲେ। ବୁଧବାର ଅପରାହ୍ନରେ କାରଖାନାରେ ଓଲ୍‌ଡିଂ କାମ କରୁଥିବାବେଳେ ବିଦ୍ୟୁତ୍ ଆଘାତ ଲାଗି ଗୁରୁତର ହୋଇ ପଡିଥିଲେ। ପ୍ରଥମେ ତାଙ୍କୁ ଟାଟା ମଡ଼ିକାଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। କିନ୍ତୁ କାରଖାନା ପକ୍ଷରୁ ଭିନ୍ନ ମତ ପ୍ରକାଶ କରାଯାଇଛି। ଯାହାକୁ ନେଇ ଟୁଡଙ୍କ ମୃତ୍ୟୁ ଘଟଣାର ସତ୍ୟତା ଜଣାପଡି ପାରି ନାହିଁ। କାରଖାନାର ଏସ୍‌ଏମ୍‌ଏସ୍ (ଷ୍ଟିଲ୍ ମେଲଟିଂ ସେକ୍‌ଶନ) କାମ ଦୀର୍ଘ ଦିନ ହେବ ବନ୍ଦ ରହିଛି। ସେଠାରେ ଟୁଡ କୌଣସି କାରଣବସତଃ ବେହୋସ ହୋଇ ପଡିଥିଲେ। ଏହା ଦେଖି ତୁରନ୍ତ ତାଙ୍କୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେଇଥିବା କାରଖାନାର କର୍ପୋରେଟ କମ୍ୟୁନିକେଶନ ଆସିଷ୍ଟାଣ୍ଟ ମ୍ୟାନେଜର ସନ୍ଦୀପ ସେଠୀ କହିଛନ୍ତି। ତେବେ ଏହି ଘଟଣାରେ କାରଖାନା ପକ୍ଷରୁ ମୃତ ପରିବାରଙ୍କ ସମ୍ପର୍କୀୟଙ୍କୁ ବିଳମ୍ବରେ ସୂଚନା ଦେବା, ଦୁର୍ଘଟଣା ପରେ ସ୍ଥାନୀୟ ପୋଲିସକୁ କୌଣସି ସୂଚନା ନ ଦେବା ଓ କଟକ ମଙ୍ଗଳବାଗ ପୋଲିସ ଥାନାରୁ ଏ ନେଇ କଳିଙ୍ଗନଗର ଥାନାକୁ ସୂଚନା ଦିଆଯିବା ଘଟଣା ଠିକା ଶ୍ରମିକଙ୍କ ମୃତ୍ୟୁକୁ ଆହୁରି ରହସ୍ୟା ବୃତ କରିଛି।

## କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷତି

କାଳିଆପାଣି,୧୩।୬(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳରେ ବୁଧବାର କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଫନୀ ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଗୃହ, ବିଦ୍ୟୁତ୍ ଖୁଣ୍ଟ ମରାମତି ସରି ନ ଥିବାବେଳେ ଏବେ ଦୁଇଦୁଇ ଥର ଘୂର୍ଣ୍ଣି ଝଡ ଖଣି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢାଇଦେଇଛି। ରାତି ପ୍ରାୟ ୮ଟା ପାଖାପାଖି ସମୟରେ ବର୍ଷା ଏବଂ ବଜ୍ରପାତ ସହ ପ୍ରବଳ ବେଗରେ ପବନ ବୋହିଥିଲା। ଫଳରେ କଂସ ପଞ୍ଚାୟତର ଗୁରୁଜଙ୍ଗ, ଜୁରଜଙ୍ଗପାଳ, ଓସ୍ତପାଳ, ଓସ୍ତିଆ, କାଳିଆପାଣି ହନୁମାନ ମନ୍ଦିର ହଟିଂ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବଡ଼ବଡ଼ ଗଛ ଟମକା-ମଙ୍ଗଳପୁର ରାସ୍ତା ଓ ଗ୍ରାମର କେତେଜଣଙ୍କ ଘର ଉପରେ ପଡିଥିବା ଦେଖିବାକୁ ମିଳିଥିଲା। ସେହିପରି ବିଦ୍ୟୁତ୍ ଖୁଣ୍ଟିଭାଙ୍ଗି ପଡିଥିବାବେଳେ ତାର ଛିଣ୍ଡି ପଡିଛି। ତେବେ ଅଞ୍ଚଳରେ କୌଣସି ଧନଜୀବନ ହାନି ଘଟି ନ ଥିବା ଜଣାପଡିଛି। ବାତ୍ୟା ଏବଂ ଘୂର୍ଣ୍ଣି ଝଡରେ ବ୍ୟାପକ ଗଛ ନଷ୍ଟ ହୋଇଥିବାରୁ ଅଞ୍ଚଳରେ ବ୍ୟାପକ ଚାରାରୋପଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଫନୀ ସମୟରେ ମଧ୍ୟ ଏହି ସବୁ ଗ୍ରାମଗୁଡିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଅଦ୍ୟାବଧି ସହାୟ ମିଳିପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସାମସ୍ ସେଣ୍ଟରରୁ ବାଦ୍ ପଡିଲା ଧର୍ମଶାଳା କଲେଜ

ଧର୍ମଶାଳା,୧୩।୬(ଡି.ଏନ୍.ଏ.)

ଚଳିତ ବର୍ଷ ଯୁକ୍ତ ୨ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଗତ ୬ ତାରିଖଠାରୁ ଆରମ୍ଭ ହୋଇଛି। ଏହି ବ୍ଲକରେ ଥିବା ୬ଟି ଯୁକ୍ତ ୨ କଲେଜର ନାମଲେଖା ପାଇଁ ଧର୍ମଶାଳା ମହାବିଦ୍ୟାଳୟକୁ ସାମସ୍ ସେଣ୍ଟର ଭାବେ ମାନ୍ୟତା ମିଳିଥିଲା। କିନ୍ତୁ ଏବେ ଧର୍ମଶାଳା କଲେଜକୁ ସାମସ୍ ସେଣ୍ଟରରୁ ବାଦ୍ ଦିଆଯାଇଛି। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଗତ ବର୍ଷ ଧର୍ମଶାଳା ବ୍ଲକର ୬ଟି ଯୁକ୍ତ୨ କଲେଜରେ କଳାରେ ୧୪୦୮, ବିଜ୍ଞାନରେ ୪୪୮ ଓ ବାଣିଜ୍ୟରେ ୪୮ଟି ମୋଟ ୧୯୦୪ଟି ସିଟ୍ ରହିଥିଲାବେଳେ ଧର୍ମଶାଳା ମହାବିଦ୍ୟାଳୟ ସାମସ୍ ସେଣ୍ଟରରେ ୧୫୫୦ଜଣ ଛାତ୍ରୀଛାତ୍ର ଫର୍ମ ଦାଖଲ କରିଥିଲେ। ଏଥର ଧର୍ମଶାଳା ବ୍ଲକରେ ୨୮୫୭ଶହ ଛାତ୍ରୀଛାତ୍ର ମ୍ୟାଟ୍ରିକ ପାସ୍ କରିଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ସାଧାରଣ ବର୍ଗର ଛାତ୍ରୀଛାତ୍ରମାନେ ଅର୍ଥ ପୈଠକରି ଅନଲାଇନରେ ଆବେଦନ କରୁଛନ୍ତି। ତେଣୁ ସେମାନଙ୍କ ଫର୍ମ ସାମସ୍ ସେଣ୍ଟରରେ ଦାଖଲ କରିବାର ଆବଶ୍ୟକତା ରହୁ ନାହିଁ। ମାତ୍ର ଏସିଏସ୍‌ଟି ଛାତ୍ରୀଛାତ୍ରମାନେ ଆବେଦନ ଫର୍ମ ସାମସ୍ ସେଣ୍ଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ଧର୍ମଶାଳା ମହାବିଦ୍ୟାଳୟ ସାମସ୍ ସେଣ୍ଟରରୁ ବାଦ୍ ପଡିଥିବାରୁ ଏହି ବ୍ଲକର ଏସିଏସ୍‌ଟି ଛାତ୍ରୀଛାତ୍ର ଚଣ୍ଡିଖୋଲସ୍ଥିତ ବାବାଭୈରବା ନନ୍ଦ ମହାବିଦ୍ୟାଳୟ ବା ମୁଗୁପାଳସ୍ଥିତ ଉପେନ୍ଦ୍ର ସାରଦା ନାଥ ମହାବିଦ୍ୟାଳୟରେ ଦାଖଲ କରିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଭ୍ରାଂଶୁ ପଟ୍ଟନାୟକଙ୍କ ସହ ଯୋଗଯୋଗ କରିବାରୁ, ସାମସ୍ ସେଣ୍ଟର କଟିବା ନେଇ କୌଣସି ଚିଠି ଆମର ହସ୍ତଗତ ହୋଇନାହିଁ। ଏହା ଜଣାପଡିବା ପରେ କଲେଜ ପକ୍ଷରୁ ପୁନଶ୍ଚ ସାମସ୍ ସେଣ୍ଟର କରବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ସହ ଯୋଗାଯୋଗ କରାଯାଇଛି ବୋଲି କହିଛନ୍ତି।

## ୬୪ତମ ସର୍ବଭାରତୀୟ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରସୁଲପୁର,୧୩।୬(ଡି.ଏନ୍.ଏ.)





କବାଡ଼ି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରଠାରେ ଗୁରୁବାର ସନ୍ଧ୍ୟାରେ ୬୪ତମ ସର୍ବଭାରତୀୟ ପୁରୁଷ କବାଡି ଓ ରାଜ୍ୟସ୍ତରୀୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ସହ ପଡିଆ ମଧ୍ୟରେ କରମର୍ଦ୍ଦନ କରିବା ସହ ଖେଳରେ ଶୃଙ୍ଖଳା ବଜାୟ ରଖିବା ସହ ପ୍ରତ୍ୟେକ ଖେଳାଳି ଖେଳୁଆଡ ମନୋଭାବ ନେଇ ଖେଳିବାକୁ ଅନୁରୋଧ କରିଥିଲେ। ଯାଜପୁର କବାଡି ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସୌରୀବନ୍ଧୁ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ସେଠୀ ପ୍ରଦୀପ ପ୍ରଜ୍ୱଳନକରି କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବରେ ଆସୋସିଏସନର ଉପସଭାପତି ନିଗମାନନ୍ଦ ମହାନ୍ତି, ଲିଙ୍କନ ଫାର୍ମାସିଟିକାଲାର ଜୋନାଲ ମାନେଜର ଅଭୟ କୁମାର ମହାନ୍ତି, ରସୁଲପୁର ସରପଞ୍ଚ ଗୋଲକ ବିହାରୀ ପଣ୍ଡା, ଦଳିତ ନେତା ଗୟାଧର ମଲ୍ଲିକ, ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ସହସମ୍ପାଦକ ସମରେନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହିଳା ବିଭାଗର ପ୍ରଥମ ମ୍ୟାଚ ଆସ୍କା ଓ ଯାଜପୁର(ଏ) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଶକ୍ତିଶାଳି ଆସ୍କା ଦଳ ୩୬-୮ ପଏଣ୍ଟ ବ୍ୟବଧାନରେ ଯାଜପୁରକୁ ପରାସ୍ତ କରି ଅଗ୍ରଣୀ ଲାଭ କରିଛି। ସେହିପରି ପୁରୁଷ ବିଭାଗର ଉଦ୍‌ଘାଟନୀ ମ୍ୟାଚ ହୁଗୁଳି କବାଡି ଦଳ ସହ ଆୟୋଜକ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହୁଗୁଳି ଦଳ ୪୧-୧୪ ସ୍କୋର ବ୍ୟବଧାନରେ ପରାସ୍ତ କରିଛି। ମହିଳା ବିଭାଗର ଦ୍ୱିତୀୟ ମ୍ୟାଚ୍ ଜୟ ଓଡିଶା ଓ କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କିଶୋର କ୍ଲବ ୯ ପଏଣ୍ଟ ବ୍ୟବଧାନରେ ଜୟ ଓଡିଶାକୁ ପରାସ୍ତ କରିଥିଲା। ଖେଳ ଶେଷ ସୁଦ୍ଧା କିଶୋର କ୍ଲବ ୨୦ ଓ ଜୟ ଓଡିଶା ୧୧ ପଏଣ୍ଟ ହାସଲ କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଉଭୟ ଓ ମହିଳା ବିଭାଗର ଖେଳ ଜାରି ରହିଥିଲା।



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



# କାମରେ ଲାଗୁନି ମେଗା ପାନୀୟ ଜଳ ପ୍ରକଳ୍ପ

- ପ୍ରକଳ୍ପ ନିର୍ମାଣରେ ୮୦ ଲକ୍ଷ ଟଙ୍କା ବ୍ୟୟବରାଦ
- ୧୫ ବର୍ଷ ପରେ ବି ସ୍ୱାଭାବିକ ହୋଇନି ଜଳଯୋଗାଣ
- ପାଣି ପାଇଁ ତହଳବିକଳ ଲୋକେ

କୋରେଇ,୧୩।୬(ସ୍ୱ.ପ୍ର.)

କୋରେଇ ସମେତ ସମଗ୍ର ଯାଜପୁର ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଥିବାବେଳେ ଆଗକୁ ତାତି ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅସହ୍ୟ ତାତିରେ ଲୋକେ ଅତିଷ୍ଠ ହେଉଥିବାବେଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଏବେ କାମରେ ଆସୁନି। ଫଳରେ ପାଣି ପାଇଁ ଲୋକେ ତହଳବିକଳ ହେଉଛନ୍ତି। ଏଭଳି ପରିସ୍ଥିତ ଦେଖାଦେଇଛି କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତରେ। ଏହି ପଞ୍ଚାୟତରେ ୨୦୦୩ରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ପଞ୍ଚାୟତର ଖମଣ, ନାହାନ୍ଦା, ଗୋଡ଼ିପାଟଣା, ମଠପାଟଣା, ରାଧାନଗର ପାଟଣା, ଗୁରୁସାହି, ଉଦୟପାଟଣା, ଠାକୁରପାଟଣା ଓ ବଡେଇଟିକର ଆଦି ଗ୍ରାମ ସହ ଶଙ୍ଖଚିଲା ବଜାରକୁ ଜଳ ଯୋଗାଣ ପାଇଁ ଏହି ପ୍ରକଳ୍ପ ନିର୍ମିତ ହୋଇଥିଲା। ହେଲେ ନିର୍ମାଣର ୧୫ ବର୍ଷ ପରେ ମଧ୍ୟ ଏଯାବତ୍ ଜଳଯୋଗାଣ ସ୍ୱାଭାବିକ ହୋଇନାହିଁ। ବଡେଇଟିକର, ଠାକୁରପାଟଣା, ନାହାନ୍ଦା ଆଦି ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ଜଳଯୋଗାଣ ହୋଇନାହିଁ। ଏପରି କି ଠାକୁରପାଟଣା ଗ୍ରାମକୁ ସଂଯୋଗ ହୋଇଥିବା ପାଇପ୍ ଦୀର୍ଘ ୭ ବର୍ଷ ପଡ଼ିରହିବା ପରେ ଜଳଯୋଗାଣ ହେଉ ନ ଥିବାରୁ ସେସବୁ ନଷ୍ଟ ହୋଇଥିଲା। ପରେ ବ୍ଲକ ଜଳ ଯୋଗାଣ ବିଭାଗ ପକ୍ଷରୁ ୨୦୧୭ରେ ପୁନଶ୍ଚ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ପାଇପ୍ ସଂଯୋଗ କରାଯାଇଥିଲେ ମଧ୍ୟ ଗ୍ରାମକୁ ପାଣି ସଂଯୋଗ ହୋଇପାରିନାହିଁ। ଫଳରେ ଲଗାଯାଇଥିବା ପାଇପଗୁଡ଼ିକ ପୁଣି ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ଗତବର୍ଷ ଠାକୁରପାଟଣା ଗ୍ରାମରେ ପଞ୍ଚାୟତ ପକ୍ଷରୁ ଖୋଳାଯାଇଥିବା ୩ ନଳକୂପ ମଧ୍ୟ ଲୋକଙ୍କ କାମରେ ଆସୁନି। ୩ଟି ଯାକ ନଳକୂପରୁ ଏବେ ନାଲି ପାଣି ବାହାରିବା ସହ ଦୂଷିତ ପାଣି ପିଇ ଗ୍ରାମର ବହୁଲୋକ



ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବା ଜଣାପଡ଼ିଛି। ନଳକୂପ ଖନନରେ ମଧ୍ୟ ଅର୍ଥ ବାଟମାରଣା କରାଯାଇ ନିମ୍ନମାନର ପାଇପ୍ ଲଗାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ବିଦ୍ୟାଳୟ ନିକଟରେ ଥିବା ନଳକୂପରୁ ବାହାରୁଥିବା ଇଟାଗୁଣ୍ଡ ମିଶା ପାଣିପିଇ ବହୁ ଛାତ୍ରୀଛାତ୍ର ଏବେ ରୋଗରେ ପଡ଼ିଥିବା ଜଣାପଡ଼ିଛି। ସେହିପରି ବଡେଇଟିକର, ନାହାନ୍ଦା, ମଠପାଟଣା, ନୂଆପାଟଣା ଆଦି ଗ୍ରାମରେ ମଧ୍ୟ ସମାନ ଅବସ୍ଥା। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ସୋମନାଥ ପଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ, ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ମାତ୍ର ୩ ଗ୍ରାମକୁ ଜଳଯୋଗାଣ କରାଯିବାର ଯୋଜନା ଥିଲା। ୧ ହଜାର ମେଗାହର୍ଷ କ୍ଷମତା ବିଶିଷ୍ଟ ପମ୍ପ ଲଗାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଅନ୍ୟ ୭ ଗ୍ରାମକୁ ଜଳଯୋଗାଣ କରାଯିବାର ଯୋଜନା ହୋଇଥିବାବେଳେ ତାହା ଉକ୍ତ ପ୍ରକଳ୍ପ ଜଳ ଯୋଗାଣ ପାଇଁ ସମକ୍ଷ ନୁହେଁ। ଏବେ ଅଧିକ କ୍ଷମତା ବିଶିଷ୍ଟ ପମ୍ପ ଲଗାଯିବା ପାଇଁ ସୁପାରିସ କରାଯାଇଛି। ଆସନ୍ତା ଗ୍ରୀଷ୍ମଋତୁ ପୂର୍ବରୁ ତାହା ନିଶ୍ଚିତ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ପଞ୍ଚାୟତ ପକ୍ଷରୁ ଖୋଳାଯାଇଥିବା ନଳକୂପରୁ ଦୂଷିତ ପାଣି ବାହାରୁଥିବାରୁ ସେସବୁର ପୁନରୁଦ୍ଧାର କରାଯାଇ ଅଧିକ ଗଭୀର ବିଶିଷ୍ଟ ନଳକୂପ ଖନନ କରାଯିବ। ଏଥିସହ ନୂତନ ପାଇପ୍ ସଂଯୋଗ କାରାଯିବ ବୋଲି ଜଳଯୋଗାଣ ଯନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ ତୁରନ୍ତ ନଳକୂପଗୁଡ଼ିକର ମରାମତି ଏବଂ ପାଇପ ଲାଇନ୍‌ରେ ଜଳଯୋଗାଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ପଞ୍ଚାୟତର ବହୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ନେବାବେଳେ ଧରାପଡ଼ିଲେ ଅଗ୍ନିଶମ ଅଧିକାରୀ

ଭଦ୍ରକ ଅଫିସ, ୧୩।୬

ଗୁରୁବାର ସନ୍ଧ୍ୟାରେ ଭଦ୍ରକ ଅଗ୍ନିଶମ ଅଧିକାରୀ ସଂଗ୍ରାମ କୁମାର ହାଁସଦା ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ତାଙ୍କ ସହ ଫାୟାରମ୍ୟାନ ବିଭୁପ୍ରସାଦ ଜେନାଙ୍କୁ ମଧ ଭିଜିଲାନ୍ସ ଟିମ୍ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୪ ତାରିଖରେ ଗ୍ରାମାଞ୍ଚଳ ଥାନା ସମ୍ମୁଖ ଆର୍‌ଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଏକ ଚୂନ ଓ ବ୍ଲିଚିଂ ଗୋଦାମରେ ନିଆଁ ଲାଗି ୩ଟି ଗୋଦାମ ବିସ୍ଫୋରଣ ହୋଇ ପ୍ରାୟ ଶତାଧିକ ଟନର ବ୍ଲିଚିଂ ନଷ୍ଟ ହୋଇଯାଇଥିଲା। ସେହି ସମୟରେ ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ଚତୁରତାର ସହ ନିଆଁକୁ ଆୟତ୍ତ କରିଥିଲେ। ନଷ୍ଟ ହୋଇଥିବା ବ୍ଲିଚିଂ ଓ ଅନ୍ୟାନ୍ୟ ସାମଗ୍ରୀର କ୍ଷୟକ୍ଷତି ଆକଳନ ଦାୟିତ୍ୱ ନେଇଥିଲେ ଭଦ୍ରକ ଅଗ୍ନିଶମ ଅଧିକାରୀ ହାଁସଦା। ଉକ୍ତ ରିପୋର୍ଟ ପ୍ରଦାନ ନିମନ୍ତେ ଗୁରୁବାର ସନ୍ଧ୍ୟାରେ ଭଦ୍ରକ ଦମକଳ କେନ୍ଦ୍ର ପରିସର ନିଜ କାର୍ଯ୍ୟାଳୟରେ ସେ ଗୋଦାମ ମାଲିକଙ୍କ ଆକାଉଣ୍ଟାଣ୍ଟ ଶେଖ୍ ଅବଦୁଲ ମୋଜିଦ୍‌ଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଜଗି ରହିଥିବା ଭଦ୍ରକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ। ହେଲେ ଭିଜିଲାନ୍ସ ଟିମ୍‌ଙ୍କୁ ଲାଞ୍ଚ ଟଙ୍କା ଜବତ କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ହାଁସଦାଙ୍କଠାରୁ ଉକ୍ତ ଟଙ୍କା ଫାୟାରମ୍ୟାନ ବିଭୁପ୍ରସାଦ ନେଇ ଏକ ଆଲମାରୀ ଭିତରେ ରଖି ଦେଇଥିଲେ। ଭିଜିଲାନ୍ସ ଟିମ୍ ଛାନ୍‌ଭିନ କରିବା ପରେ ଟଙ୍କା ପାଇଥିଲେ। ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ରଙ୍କ ସମେତ ବାଲେଶ୍ୱର ଡିଏସ୍‌ପି ଡିସି ମୁର୍ମୁ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ସୁନୀଲ ଏକ୍କା ପ୍ରମୁଖ ଚଢ଼ାଉରେ ନେତୃତ୍ୱ ନେଇଥିଲେ।

### ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜଳିଲା ଟ୍ରାନ୍ସଫର୍ମର: ରାସ୍ତା ସିଲ୍

ଯାଜପୁରରୋଡ,୧୩।୬(ନି.ପ୍ର)

ବ୍ୟାସନଗର ତହସିଲ ଓ ବ୍ୟାସନଗର ପୌର ପରିଷଦ କାଯ୍ୟାଳୟ ସାମ୍ନା ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଉଚ୍ଚ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ଗୁରୁବାର ସନ୍ଧ୍ୟାରେ ହଠାତ୍ ଜଳିବା ଆରମ୍ଭ କରିଥିଲା। ତାହା ଏତେ ପ୍ରଚଣ୍ଡ ମାତ୍ରାରେ ଜଳିଥିଲା ଯେ ସ୍ଥାନୀୟ ପୋଲିସ ରାସ୍ତାକୁ ସିଲ କରି କାହାରିକୁ ଉକ୍ତ ରାସ୍ତାରେ ଯିବାକୁ ଦେଇ ନ ଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଏହା ୨ ଘଣ୍ଟାରୁ ଅଧିକ ସମୟ ଧରି ଜଳିଚାଲିଥିଲା। ଫଳରେ ବଜାର ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇପଡ଼ିଥିଲା। ବୁଧବାର ସନ୍ଧ୍ୟାରୁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଝଡ଼ ତୋଫାନ ଯୋଗୁ ରଜ ବଜାର ମାନ୍ଦା ପଡିଥିଲା। ଗୁରୁବାର ସନ୍ଧ୍ୟାରେ ପାଗ ଭଲ ଥିବାରୁ ବେପାର ଭଲ ହେବାର ଆଶା କରାଯାଉଥିଲା। ହେଲେ ଷ୍ଟେଶନ ବଜାର ଓ ମୁଖ୍ୟ ମାର୍କେଟ ରାସ୍ତାଟି ବନ୍ଦ ଥିବାରୁ ଲୋକେ ହଇରାଣ ହେବା ସହ ମାର୍କେଟ ଅଞ୍ଚଳରେ ବିଜୁଳି ସରବରାହ ବନ୍ଦ ହୋଇଯାଇଛି। ନିମ୍ନମାନର ଟ୍ରାନ୍‌ସଫର୍ମର ବସାଇବା ଯୋଗୁ ଏପରି ହୋଇଥିବା କୁହାଯାଉଛି।

# ୪ ଲେନ୍ ରାସ୍ତା ନିର୍ମାଣ ଘୋଷଣାରେ ସୀମିତ

**ଟମକା-ମଙ୍ଗଳପୁର ରାସ୍ତା**

- ମରାମତି ଅଭାବରୁ ରାସ୍ତା ଶୋଚନୀୟ ହୋଇପଡ଼ିଛି।
- ମରାମତି ନ ହେଲେ ଖଣି ଅଞ୍ଚଳକୁ ପରିବହନ ବନ୍ଦ ଚେତାବନୀ

କାଳିଆପାଣି,୧୩।୬(ଡି.ଏନ୍.ଏ.)

ସୁକିନ୍ଦା ଖଣି ଅଞ୍ଚଳ ଟମକା-ମଙ୍ଗଳପୁର ରାସ୍ତା ୪ ଲେନ୍ ବିଶିଷ୍ଟ କରାଯିବା ନେଇ ଘୋଷଣା କେବଳ ଘୋଷଣାରେ ସୀମିତ ରହିଛି। ୨୦୧୬ରେ ମୁଖ୍ୟମନ୍ତ୍ରୀ ରାସ୍ତା ପ୍ରଶସ୍ତୀକରଣ ପାଇଁ ଘୋଷଣା କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ରାସ୍ତା କାମ ହୋଇପାରୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କ୍ରୋମାଇଟ ପରିବହନ ପାଇଁ ଦୈନନ୍ଦିନ ଖଣି ଅଞ୍ଚଳକୁ ବହୁଗାଡି ଯାତାୟାତ କରୁଛି। ରାସ୍ତାଟି ମରାମତି ଅଭାବରୁ ଖାଲଖମା ସୃଷ୍ଟି ହୋଇଛି। ଆଗକୁ ବର୍ଷାଦିନ ଆସୁଥିବାବେଳେ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି। ସେହିପରି ଭିମଟାଙ୍ଗର ଫେକର କମ୍ପାନୀ ଫାଟକଠାରୁ କୋଲିପଶୀ ଛକ ରାସ୍ତା ମଧ୍ୟ ଅତି ଶୋଚନୀୟ ହୋଇପଡିଛି। ଏ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ



ଗେଲେ ଆଗାମୀ ଦିନରେ ଖଣିଅଞ୍ଚଳରୁ କ୍ରୋମାଇଟ ପରିବହନ ବନ୍ଦ କରାଯିବ ବୋଲି ଭାଜପା ଯୁବନେତା ଦିଲୀପ କୁମାର ପାତ୍ର, ଲମ୍ବୋଦର ମହାନ୍ତ, ସ୍ଥାନୀୟ ବଣିକ ସଂଘ ଏବଂ ବହୁ ଟ୍ରକ୍ ମାଲିକ ଚେତାବନୀ ଦେଇଛନ୍ତି।

ଖଣି ଅଞ୍ଚଳର ବିକାଶ ପାଇଁ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍‌ଏଫ) ଗଠନ କରାଯାଇଛି। କିନ୍ତୁ ଖଣି ଅଞ୍ଚଳଦେଇ ଯାଇଥିବା ଟମକା-ମଙ୍ଗଳପୁର ରାସ୍ତା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଉକ୍ତ ରାସ୍ତା ଦେଇ ଜିଲା ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିବିଶେଷ ଯାତାୟାତ ମଧ୍ୟ କରୁଛନ୍ତି । ହେଲେ ରାସ୍ତାର ଅବସ୍ଥା ଉପରେ କାହାରି ଦୃଷ୍ଟି ନ ପଡିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ମଝିରେ ବଡ଼ବଡ ଖାଲଖମାମାନ ସୃଷ୍ଟି ହୋଇଥିବାବେଳେ ଗାଡିମୋଟର ଯାତାୟାତବେଳେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଆମ୍ବୁଲାନ୍ସ, ସ୍କୁଲ ବସ୍ ଯାତାୟାତରେ ବାଧାପ୍ରାପ୍ତ ହେଉଥିବା ବେଳେ ପଥଚାରୀ ଓ ଛାତ୍ରୀଛାତ୍ର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷ ସ୍ଥାନୀୟ ବାସୀନ୍ଦାଙ୍କ ଦାବି ପରେ କମ୍ପାନୀ କର୍ତ୍ତୃପକ୍ଷ ରଥଯାତ୍ରା ସମୟରେ ରାସ୍ତାର ଖାଲସ୍ଥାନରେ କଳାପଥର ଗୁଣ୍ଡ ପକାଇ ରାସ୍ତା ମରାମତି କରିଥିଲେ। ଏବେ ତାହା ଉଠିଯାଇଛି। ଫଳରେ ରାସ୍ତାର ଅବସ୍ଥା ପୂର୍ବ ଅପେକ୍ଷା ଆହୁରି ଶୋଚନୀୟ ହୋଇ ପଡିଛି। ୨୦୧୬ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଗଡ଼ା ଗସ୍ତ ସମୟରେ ଏହି ରାସ୍ତାକୁ ଚାରିଥାକିଆ କରିବା ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଅଦ୍ୟାବଧି ଟେଣ୍ଡର ପ୍ରକ୍ରିୟା ବ୍ୟବସ୍ଥା କରାଯାଇ ନ ଥିବାରୁ ରାସ୍ତା ସମ୍ପ୍ରସାରଣ କାମ ହୋଇ ପାରୁ ନାହିଁ। ଏ ସମ୍ପର୍କରେ ଆର୍‌ଆଣ୍ଡବି ସୁକିନ୍ଦା କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ରାସ୍ତା ସମ୍ବନ୍ଧରେ ସେ କୌଣସି ମତାମତ ଦେଇ ନ ଥିଲେ।

### ପୂର୍ବତନ ଖବରକାଗଜ ବିତରକଙ୍କ ହତ୍ୟା ଘଟଣା

# ପୁତୁରା, ଝିଆରୀ ଜ୍ୱାଇଁ ଗିରଫ

ଦଶରଥପୁର, ୧୩।୬ (ଡିଏନ୍‌ଏ)



ଆକାଶ ସାମଲ



ପରେଶ ସାହୁ

ଦଶରଥପୁର ବ୍ଲକ ଅନ୍ତର୍ଗତ ଛଟିଣା ପଞ୍ଚାୟତ ଛଟିଣା ଗ୍ରାମର ପୂର୍ବତନ ଖବରକାଗଜ ବିତରକ ମାଧବ ଚନ୍ଦ୍ର ସାମଲ (କାଳିଆ)ଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ପୁତୁରା ଓ ଝିଆରୀ ଜ୍ୱାଇଁଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। କାଳିଆଙ୍କର ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କର ଜଣେ ସମ୍ପର୍କୀୟ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାଳିଆଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା।

ସୂଚନା ଯେ, କାଳିଆ ଅବିବାହିତ ଥିବାବେଳେ ପୂର୍ବରୁ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରୁଥିଲେ। ସେ ସୋମବାର ମଧ୍ୟାହ୍ନରେ ବାଡିରେ କାମ କରୁଥିବାବେଳେ ତାଙ୍କ ପୁତୁରା ଆକାଶ ଏବଂ ଝିଆରୀ ଜ୍ୱାଇଁ ପରେଶ ସାହୁ ତାଙ୍କୁ ବିଧା ଗୋଇଠା ମାରିବା ସହ ତାଙ୍କ ଛାତି ଉପରେ ଚଢ଼ି ଯାଇ ହତ୍ୟା କରିଥିଲେ। ସେ ବିଷ ଖାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଥିବାବେଳେ ତାଙ୍କୁ ପରିବାର ଲୋକେ ହତ୍ୟା କରିଥିବାନେଇ କାଳିଆଙ୍କ ପଡୋଶୀ ତଥା ସମ୍ପର୍କୀୟ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଥାନାଧିକାରୀ ଅସିତ୍ ମହାନ୍ତି ଏକ ମାମଲା (ନଂ. ୧୪୭/୧୯) ରୁଜୁ କରି ମୃତକଙ୍କ ଘରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ କରିଥିଲେ। ଏହାପରେ କାଳିଆଙ୍କ ପୁତୁରା ଆକାଶଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିଲେ। ଗୁରୁବାର ମୃତ କାଳିଆଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି। କାଳିଆ ମଦ୍ୟପାନ କରି ଘରେ ଅଶାନ୍ତି ସୃଷ୍ଟି କରୁଥିଲେ। ତେଣୁ ସେ ଉତ୍‌କ୍ଷିପ୍ତ ହୋଇ ଦାଦାଙ୍କୁ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ପୁତୁରା ଆକାଶ ପ୍ରକାଶ କରିଛନ୍ତି।

### ବାଙ୍ଗାଲୋରରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ରୂପ୍‌ସା, ୧୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ପୋଡାପଡା ଗ୍ରାମର ସୁଦାମ ଚରଣ ସିଂହଙ୍କର ପୁଅ ସତ୍ୟନାରାୟଣ(୨୧)ଙ୍କ ବାଙ୍ଗାଲୋରରେ ମୃତ୍ୟୁ ଘଟିଛି। ଗତ ୯ତାରିଖ ରାତିରେ ସେ ବାଇକ ଯୋଗେ ନିଜ ଭଡା ଘରକୁ ଫେରୁଥିବା ବେଳେ ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ସମ୍ପର୍କୀୟମାନେ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ସେ ୪ବର୍ଷ ଧରି ବାଙ୍ଗାଲୋରରେ ଘରଭଡା ନେଇ ଫ୍ଲାଇଟ୍, ଟ୍ରେନ, ବସ୍ ଟିକେଟ ବିକ୍ରି ଲାଗି କାଉଣ୍ଟର ଖୋଲିଥିଲେ। ପୁଅର ରୋଜଗାରରେ ପରିବାର ଲୋକ ଆରାମରେ ଚଳିଯାଉଥିଲେ। ପୁଅର ମୃତ୍ୟୁ ହେବା ଶୁଣିବା ପରେ ତାଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ବୁଧବାର ସନ୍ଧ୍ୟାରେ ଯୁବକଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ପୁଅକୁ ସେଠାରେ ମାରି ଦିଆଯାଇଥିବା ମା' ବାପା ଅଭିଯୋଗ କରିବା ସହ ପୋଲିସ ତଦନ୍ତ ପାଇଁ ଦାବି କରିଛନ୍ତି।

# ଅବ୍ୟବସ୍ଥା ଘେରରେ ଉପଭୋକ୍ତା ପ୍ରତିକାର ମଞ୍ଚ

ଯାଜପୁର ଟାଉନ,୧୩।୬(ଡିଏନଏ)

ଯାଜପୁର ଜିଲା ଉପଭୋକ୍ତା ବିଭାଗ ପ୍ରତିକାର ମଞ୍ଚ ଅତ୍ୟନ୍ତ ଅବ୍ୟବସ୍ଥା ଘେରରେ ରହିଛି। ଜିଲା ପ୍ରଶାସନ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯତ୍ନଶୀଳ ନୁହେଁ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଯାଜପୁର ଜିଲାର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲା ମୁଖ୍ୟାଳୟ ନିକଟରେ କାର୍ଯ୍ୟ କରୁଛି ଜିଲା ଉପଭୋକ୍ତା ପ୍ରତିକାର ମଞ୍ଚ। ଏହି ଅଦାଲତଟି ପୁରୁଣାକାଳିଆ କୋଠାଘରେ କାର୍ଯ୍ୟ କରୁଛି; ଯାହାର ଚତୁଃପାର୍ଶ୍ୱର ଉଚ୍ଚତା ବଢ଼ିଯିବା ପରେ ଏହା ପୋତି ହୋଇଯିବାକୁ ବସିଲାଣି। ଏହି ଅଦାଲତ ନିକଟରେ ଜିଲା ନିର୍ବାଚନ ବିଭାଗ ପକ୍ଷରୁ ଇଭିଏମ୍ ଗୋଦାମ ଘର ନିର୍ମାଣ କରାଯାଉଛି। ନିୟୋଜିତ ଠିକାଦାର ଇଭିଏମ୍ ଗୋଦାମଘର



ଉପଭୋକ୍ତା ପ୍ରତିକାର ମଞ୍ଚ ସମ୍ମୁଖରେ ଗୋଦାମଘର ବ୍ୟବହୃତ ସାମଗ୍ରୀ ଗଦାହୋଇଛି ।

ବ୍ୟବହୃତ ସାମଗ୍ରୀଗୁଡିକୁ ଅଦାଲତ ସାମ୍ନା ରାସ୍ତାରେ ଗଦା କରି ରଖିଥିବାରୁ ଏହି ଅଦାଲତକୁ ଯାତାୟାତ ପାଇଁ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି। ଫଳରେ ଏଠାରେ କାର୍ଯ୍ୟରତ କର୍ମଚାରୀ ସମେତ ଏଠାକୁ ଆସୁଥିବା ଆଇନ୍‌ଜୀବୀ ଓ ପକ୍ଷଙ୍କୁ ବାଟ ଆଡ଼େଇ ବା ଭିନ୍ନ ରାସ୍ତାରେ ବୁଲି କାର୍ଯ୍ୟାଳୟକୁ ପ୍ରବେଶ କରିବାକୁ ପଡୁଛି। ବର୍ଷା ହେଲେ ଏହି ରାସ୍ତା ଦେଇ ଅଦାଲତକୁ ଯିବା ସମ୍ଭବ ହୋଇପାରିବ ନାହିଁ। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ଆଇନ୍‌ଜୀବି ଉଦୟନାଥ ସାହୁ ଦାବି କରିଛନ୍ତି।

### ବଜ୍ରପାତରେ ଫାଟିଲା କାନ୍ଥ

କୋରେଇ,୧୩।୬(ସ୍ୱ.ପ୍ର)

କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତସ୍ଥିତ ଖଜୁରୀନାଲୁଆ ଗ୍ରାମରେ କାଳବୈଶାଖୀ ଯୋଗୁ ବଜ୍ରପାତ ହୋଇଥିଲା। ଫଳରେ ଦାଶରଥି ଖଣ୍ଡେଇ, ବିକ୍ରମ ପରିଡ଼ା, ଗଙ୍ଗାଧର ଖଣ୍ଡେଇଙ୍କ ଘରର ବିଭିନ୍ନ ସ୍ଥାନ ଫାଟିଯାଇଥିବା ଦେଖିବାକୁ ମିଳିଛି। ସୂଚନା ଯେ, ବୁଧବାର ସନ୍ଧ୍ୟାରେ ବଜ୍ରପାତ ହୋଇଥିଲା। ଏଥିରେ ଅନେକଙ୍କ ଘର କାନ୍ଥ ଓ ଛାତର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାବେଳେ ଆଉ କେତେକ ସ୍ଥାନରେ ଘରର ଛପର ଉଡିବା ସହ ଗଛ ଭାଙ୍ଗି ରାସ୍ତାରେ ପଡିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କୋରେଇର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ଥିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି।

# ଦଳା-ଶଙ୍ଖଚିଲା ରୋଡ୍ ପାଲଟିଛି ମରଣଯନ୍ତା

ଯାଜପୁରରୋଡ,୧୩।୬(ନି.ପ୍ର)

ଯାଜପୁର ରୋଡ଼ ଦଳା ଛକରୁ ଶଙ୍ଖଚିଲା ଆରଆଣ୍ଡବି ରୋଡ଼ ବିଗତ କିଛି ବର୍ଷ ହେବ ପଥଚାରୀ ଏବଂ ଗୋରୁଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗତ ସପ୍ତାହରେ ଉକ୍ତ ସ୍ଥାନରେ ଏକ ଦୁର୍ଘଟଣା ଘଟି ଏକ ବାଛୁରୀ ମୃତ୍ୟୁବରଣ କରିଥିବାବେଳେ ଗୋଟିଏ ଗାଈ, ଜଣେ ଯୁବକ ଆହତ ହୋଇଥିଲେ। ଗୁରୁବାର ସମାନ ସ୍ଥାନରେ ଆଉ ଏକ ଦୁର୍ଘଟଣା ଘଟିଛି। ଗୋଟିଏ ଗାଈ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ବାଇକ୍ ଚାଳକ ଆହତ ହୋଇ ଯାଜପୁର ରୋଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଠାରେ ପ୍ରଶାସନ ପକ୍ଷରୁ ସ୍ପିଡ୍ ବ୍ରେକର ଓ ହମ୍ପସ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

### ରାହାସ ଗୁହାଳି ଗାଁରେ ବାଘ ଆତଙ୍କ



ବାଘ ପାଦ ଚିହ୍ନ ଠାବ ।

ବିଞ୍ଝାରପୁର/ଯାଜପୁର ଟାଉନ, ୧୩।୬(ଡିଏନଏ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ରାହାସ ଗୁହାଳି ଗ୍ରାମରେ ଲୋକେ ବାଘ ଦେଖିଥିବା ପ୍ରଚାର ହେବାପରେ ଆତଙ୍କ ଖେଳିଯାଇଛି। ବୁଧବାର ସନ୍ଧ୍ୟାରେ ଗ୍ରାମର କେତେଜଣ ଯୁବକ ଆମ୍ବନାଳ ପୋଲ ଉପରେ ବସିଥିବାବେଳେ ସେମାନେ ପ୍ରଥମେ ୩ଟି ଛୁଆ ବାଘ ଓ କିଛି ସମୟ ପରେ ବାଘୁଣୀକୁ ଦେଖିଥିବା କହିଥିଲେ। ସେମାନେ ସମ୍ପୂର୍ଣ୍ଣ ଘଟଣାକୁ ମୋବାଇଲରେ ରେକର୍ଡିଂ କରି ପୋଲିସ ଓ ବନ ବିଭାଗକୁ ଅବଗତ କରାଇଥିଲେ। ବିଞ୍ଝାରପୁର ଥାନାଧିକାରୀ ଶିବ ଚରଣ ବେହେରା ସଦଳବଳେ ରିଣା ଗୁହାଳି ଅଞ୍ଚଳରେ ଲୋକଙ୍କୁ ସତର୍କ ରହିବାକୁ ସୂଚନା ଦେଇ ଫେରି ଆସିଥିଲେ। ଗୁରୁବାର ବନ ବିଭାଗ ପକ୍ଷରୁ ରେଞ୍ଜର ପ୍ରେମାନନ୍ଦ ରାଉତରାୟ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପାଦଚିହ୍ନକୁ ଠାବ କରିଥିଲେ। ଯାଜପୁର ଫରେଷ୍ଟର ପ୍ରେମାନନ୍ଦ ରାଉତରାୟ ପାଦଚିହ୍ନର ଫଟୋ ଉଠାଇ ଡିଏଫ୍‌ଓ ମହମ୍ମଦ ରେହମାନଙ୍କୁ ପଠାଇବା ପରେ ତାହା ବାଘ ନୁହେଁ, ରାମଶିଆଳ ବୋଲି କହିଛନ୍ତି। ତେଣୁ ଗ୍ରାମବାସୀ ବ୍ୟତିବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି।

# ବର୍ଷା ଜଳରେ ବୁଡ଼ିବ ସହର

ଯାଜପୁର ଟାଉନ,୧୩।୬(ଡିଏନଏ)

ଆଉ ମାତ୍ର କେଇଟା ଦିନ ପରେ ବର୍ଷା ଋତୁ ଆରମ୍ଭ ହୋଇଯିବ। ଯାଜପୁର ସହରର ସମସ୍ତ ମୁଖ୍ୟ ଡ୍ରେନ୍ ପଙ୍କରେ ଭର୍ତ୍ତି ହୋଇ ଯାଇଥିବାବେଳେ ଡ୍ରେନ୍ ପାଣି ନିଷ୍କାସନ ହୋଇ ପାରୁନାହିଁ। ବିଭିନ୍ନ ୱାର୍ଡଗୁଡ଼ିକରେ ଥିବା ଡ୍ରେନ୍ ମଧ୍ୟ ସଫା ନ ହୋଇ ଅନୁରୂପ ଅବସ୍ଥା ଦେଖାଦେଇଛି। ଏହାକୁ ତୁରନ୍ତ ସଫା ନ କରାଗଲେ ବର୍ଷାଦିନେ ଏହି ସହରରେ ଡ୍ରେନ ପାଣିରେ ସହର ଭାସିବା ଭଳି ପରିସ୍ଥିତି ଦେଖାଦେବା ନିଶ୍ଚିତ ହୋଇପଡ଼ିଛି। କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ଯାଜପୁର ପୌରାଞ୍ଚଳର ଅଧିକାଂଶ ଡ୍ରେନ୍‌କୁ ନବୀକରଣ ନାମରେ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ତେବେ ଡ୍ରେନ୍‌ର ପାଣି ନିଷ୍କାସନ ପାଇଁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇପାରି ନାହିଁ। ସହରରେ ଥିବା ଅନେକ ପ୍ରାକୃତିକ ନାଳ ମଧ୍ୟ ପ୍ରାୟ ବନ୍ଦ ହୋଇଯାଇଛି। ଫଳରେ ଅଳ୍ପ ବର୍ଷାରେ ଯାଜପୁର ସହରର ଅନେକ ସ୍ଥାନ ଜଳମଗ୍ନ ହୋଇପଡିଥିବା ଦେଖାଦେଇଛି। ପୂର୍ବରୁ ସହରରେ ବର୍ଷା ଜଳ ଅନେକ ପୋଖରୀକୁ ଚାଲିଯାଉଥିଲା। ମାତ୍ର ୧୦ବର୍ଷ ମଧ୍ୟରେ ଅନେକ ଜଳାଶୟକୁ ଲୋକେ ପୋତି ସ୍ଥାୟୀ ଗୃହ ନିର୍ମାଣ କରିବା ଫଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ସହରର କେତେଜଣ ବ୍ୟକ୍ତି ଜଳାଶୟକୁ ପୋତି ନୂତନ ଗୃହ ନିର୍ମାଣ କରିଥିବାବେଳେ ସେମାନଙ୍କ ବିରୋଧରେ ପୌରପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ବିନା ପ୍ଲାନ୍ ଅନୁମୋଦନରେ ଲୋକେ ଜଳାଶୟକୁ ପୋତି ଗୃହ ନିର୍ମାଣ କରିବାରେ ଲାଗିଛନ୍ତି। ଏଥିପ୍ରତି ପୌର ପ୍ରଶାସନ କିମ୍ବା ସ୍ପେଶାଲ ପ୍ଲାନିଂ ଅଥରିଟି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଆଖି ବୁଜିଦେବା କାରଣରୁ ଲୋକେ ପାଣି ନିଷ୍କାସନ ରାସ୍ତାକୁ ଅନାୟାସରେ

**ସଫା ହେଉନି ଡ୍ରେନ୍**

ଅବରୋଧ କରିପାରୁଛନ୍ତି। ପୂର୍ବରୁ ଯାଜପୁର ପୌରାଞ୍ଚଳ ଅଧୀନରେ ଥିବା ବିଭିନ୍ନ ପ୍ରାକୃତିକ ନାଳ ଦେଇ ବର୍ଷାଜଳ ସହଜରେ ନିଷ୍କାସନ ହୋଇପାରୁଥିଲା। ଯଦିଓ ସେ ସମୟରେ ସହରର ଶୀତଳେଶ୍ୱର, ତାରାମଦନ, ନହରାପୁର ଇତ୍ୟାଦି କେତକ ଖାଲୁଆ ଅଞ୍ଚଳରେ ବର୍ଷା ଜଳ ଜମି ରହୁଥିଲା, ତାହା ବହୁତ କମ୍ ଏବଂ କିଛି ସମୟ ମଧ୍ୟରେ ନିଷ୍କାସନ ମଧ୍ୟ ହୋଇଯାଉଥିଲା। ମୁଖ୍ୟତଃ ସେ ସମୟରେ ସହରର ବିଭିନ୍ନ ଅଞ୍ଚଳରେ ଥିବା ରାସ୍ତାଗୁଡିକ ମଧ୍ୟ ଖାଲୁଆ ଥିଲା। କିନ୍ତୁ ଏବେ ସହରର ପ୍ରାୟ ପ୍ରତ୍ୟେକ ରାସ୍ତାର ଉଚ୍ଚତା ବୃଦ୍ଧି ପାଇଛି। ମୋରମ୍ ଏବଂ ପିଚୁ ବଦଳରେ ଅଧିକାଂଶ ରାସ୍ତା କଂକ୍ରିଟ୍‌ରେ ପରିଣତ ହୋଇଛି। ସହରରେ ଲୋକସଂଖ୍ୟା ବୃଦ୍ଧି ପାଇବା ସାଙ୍ଗକୁ ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ଜମିରେ କୋଠାଘର ନିର୍ମାଣ ହୋଇସାରିଛି। ମାତ୍ର ସହରର ଡ୍ରେନେଜ୍ ବ୍ୟବସ୍ଥାରେ ସେଭଳି କୌଣସି ପରିବର୍ତ୍ତନ ହୋଇନାହିଁ। ଫଳରେ ସାମାନ୍ୟ ବର୍ଷାରେ ଏହି ସହରର ଅଧିକାଂଶ ରାସ୍ତାରେ ନର୍ଦ୍ଦମା ଜଳର ସୁଅ ଘଣ୍ଟା ଘଣ୍ଟା ଧରି ଚାଲୁଛି। ଲଗାଣ ବର୍ଷା ହେଲେ ଜିଲା ଜଜ୍‌କୋର୍ଟ, ବାର ଆସୋସିଏଶନ୍, ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରାର ଅଫିସ, ଜିଲାସ୍କୁଲ, ଯାଜପୁର ମୁଖ୍ୟଚିକିତ୍ସାଳୟ ସମେତ ଘରେ ଘରେ ବର୍ଷା ପାଣି ପ୍ରବେଶ କରୁଛି। ଯାଜପୁର ପୌରପାଳିକା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ଲାନ୍ ଓ ଦୂରଦୃଷ୍ଟିର ଅଭାବ ଯୋଗୁ ନିର୍ମାଣ କରାଯାଉଥିବା ଡ୍ରେନ୍‌ଗୁଡିକ କୌଣସି କାମରେ ଆସୁନାହିଁ ବୋଲି ଅଭିଯୋଗ ହୋଇଛି। ଯାଜପୁର ସହରର ବିଭିନ୍ନ ପୁଷ୍କରିଣୀ ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ମୁଖ୍ୟତଃ ତ୍ରିମୂର୍ତ୍ତି ସିନେମା ହଲ୍ ନିକଟରେ ଥିବା ପ୍ରାକୃତିକ ନାଳ (ଯେଉଁ ନାଳରେ ସହରର ପ୍ରାୟ ୬୦ ଭାଗ ବର୍ଷା ଜଳ ନିଷ୍କାସନ ହୁଏ) ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ସହରର ଅଧିକାଂଶ ଅଞ୍ଚଳର ବର୍ଷା ଜଳ ଉକ୍ତ ନାଳ ଦେଇ ନିଷ୍କାସନ ହୋଇପାରୁ ନାହିଁ। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ନାଳଗୁଡିକ ପୋତି ହୋଇଯାଉଥିଲେ ମଧ୍ୟ ଯାଜପୁର ମ୍ୟୁନିସିପାଲିଟି କିମ୍ବା ଟାଉନ୍ ପ୍ଲାନିଂ କର୍ତ୍ତୃପକ୍ଷ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ବର୍ଷା ଆସିବା ପୂର୍ବରୁ ସହରର ସମସ୍ତ ଡ୍ରେନ୍ ସଫା କରାଯାଇ ପଙ୍କ ଉଦ୍ଧାର କରାଯିବା କଥା ମାତ୍ର ଏପର୍ଯ୍ୟନ୍ତ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କରାଯାଇପାରି ନାହିଁ। ଫଳରେ ବର୍ଷା ଦିନରେ ଯାଜପୁର ସହର ଜଳମଗ୍ନ ରହିବା ଏକ ପ୍ରକାର ନିଶ୍ଚିତ ହୋଇପଡିଛି। ଏ ସମ୍ପର୍କରେ ଯାଜପୁର ପୌରପରିଷଦ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ, ବର୍ଷା ପୂର୍ବରୁ ସଫେଇ ହୋଇଯିବ ବୋଲି କହିଥିବାବେଳେ ଏଯାବତ୍ ତାହା ହୋଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କୁଜଙ୍ଗ,୧୩।୬(ସ୍ୱ.ପ୍ର.):** କଟକ-ପାରାଦୀପ ରାସ୍ତାର ଭୁତମୁଣ୍ଡାଇ ନିକଟରେ ବୁଧବାର ସନ୍ଧ୍ୟାରେ କାଳବୈଶାଖିରେ ଉପୁଡ଼ିପଡିଥିବା ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଏରସମା ବ୍ଲକ୍ ଅରଡ଼ା ଗ୍ରାମର କୈଳାସ ଚନ୍ଦ୍ର ପରିଡାଙ୍କ ପୁଅ ସୂର୍ଯ୍ୟକାନ୍ତ(୩୪) ବାଇକ୍‌ରେ ଅନ୍ୟ ଜଣଙ୍କ ସହ ଯାଉଥିବାବେଳେ ଉକ୍ତ ଗଛରେ ପିଟି ହୋଇଯାଇଥିଲେ। ତୁରନ୍ତ ତାଙ୍କୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପୂର୍ବରୁ ଉକ୍ତ ଗଛ ସହ ନିମିଢି ଗ୍ରାମର ଶଙ୍କର ସାହୁ ଧକ୍କା ହୋଇଥିଲେ। ତାଙ୍କୁ ଅଗ୍ନିଶମ ବାହିନୀ କର୍ମଚାରୀ ଗୁରୁତର ଅବସ୍ଥାରେ ଉଦ୍ଧାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇ ବାଇକ୍ ଆରୋହୀ ହେଲମେଟ୍ ନ ପିନ୍ଧି ଗାଡିରେ ଟଙ୍ଗାଇଥିଲେ। ଏଭଳି କାରଣ ଯୋଗୁ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁ ହେଉଥିବା କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି।

### ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ



**କୁଜଙ୍ଗ,୧୩।୬(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ପୋତାନଈ ପଞ୍ଚାୟତରେ ନିର୍ମାଣାଧୀନ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଓକଲା ଗ୍ରାମର ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ୧୩(ଗ) ଏହି ରାସ୍ତାରେ ବ୍ୟବହୃତ ସାମଗ୍ରୀ ନିମ୍ନମାନର ବୋଲି ଗ୍ରାମର କେଦାର ମୁଦୁଲି, ରମାକାନ୍ତ ମୁଦୁଲି, ଶ୍ରମିକନେତା ବିଷ୍ଣୁ ଚରଣ ମୁଦୁଲି, ଉତ୍ତମ ମୁଦୁଲି ପ୍ରମୁଖ ଅଭିଯୋଗ କରିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ନୃସିଂହନାଥଙ୍କ ପୀଠରେ ବାଦୀପାଲା

**ବାଲିକୁଦା,୧୩।୬(ସ୍ୱ.ପ୍ର.):** ଅପଣ୍ଡରା ପଞ୍ଚାୟତ ସାଲବେଲପୁର ଗାଁର ପ୍ରଭୁ ନୃସିଂହନାଥଙ୍କ ପୀଠରେ ଗୁରୁବାରଠାରୁ ବାଦିପାଲା ଆରମ୍ଭ ହୋଇଛି। ଏହା ୪ ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବହୁ ବର୍ଷ ପୂର୍ବରୁ ଏହି ପରମ୍ପରା ଚାଲିଆସିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଚଳିତ ବର୍ଷ ଗାୟକ ଜ୍ଞାନ କାନୁନଗୋ ଓ କୈଳାସ ପାଣି ପାଲା ପରିବେଷଣ କରିବେ। ପୂର୍ବତନ ସରପଞ୍ଚ ତଥା କମିଟି ସଦସ୍ୟ ରାମଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ରାଉତ, ଗୋପିନାଥ ସ୍ୱାଇଁ, ଗଜେନ୍ଦ୍ର ସ୍ୱାଇଁ, ନୀଳମଣି ସ୍ୱାଇଁ, ଛବୀନ୍ଦ୍ର ସ୍ୱାଇଁ, ଟୁକୁନା ନାୟକ, ଯୁଧିଷ୍ଠିର ସ୍ୱାଇଁ, ଦେବେନ୍ଦ୍ର ରାଉତ, ନୃସିଂହ ଦାସ, ବାବୁ ଦାସ, ଭିକାରି ଦାସ, କ୍ଷେତ୍ରମୋହନ ଦାସ, ଶୁକାନ୍ତ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି।

### ଆଇଓସିଏଲ୍‌ର ଭ୍ରାମ୍ୟମାଣ ଚିକିତ୍ସା ଶିବିର

**ରାହାମା,୧୩।୬,(ଡି.ଏନ୍.ଏ.):** ପାରାଦୀପ ଆଇଓସିଏଲ୍ ତରଫରୁ ଭ୍ରାମ୍ୟମାଣ ଚିକିତ୍ସା ଶିବିର ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ସେବା ଯୋଗାଇ ଦିଆଯାଉଛି। କମ୍ପାନୀ ପକ୍ଷରୁ ୱାକାର୍ଡ ଫାଉଣ୍ଡେଶନ୍ ବିଭିନ୍ନ ପଞ୍ଚାୟତକୁ ଯାଇ ଗରିବ ଲୋକଙ୍କୁ ଚିକିତ୍ସା ସେବା ଯୋଗାଉଛି। ଏହି କ୍ରମରେ କାଠକୋଟ ପଞ୍ଚାୟତର ବାଣସରା ଏବଂ ଗୋବର୍ଦ୍ଧନପୁରଠାରେ ଗୁରୁବାର ଏହି ଶିବିର ଅନୁଷ୍ଠିତ ହୋଇଛି। ଡାଃ. କୃଷ୍ଣଚନ୍ଦ୍ର ମୁଦୁଲି ପଞ୍ଚାୟତର ୪୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରି ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଫାର୍ମାସିଷ୍ଟ ରଶ୍ମିତା ସ୍ୱାଇଁ, ଏଏନ୍ଏମ୍ ତପସ୍ୱିନୀ ସାହୁ ଭ୍ରାମ୍ୟମାଣ ଆମ୍ବୁଲାନ୍ସରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିର ପରିଚାଳନାରେ ସ୍ଥାନୀୟ ଅଞ୍ଚଳର ନରେଶ କୁମାର ପରିଜା, ଦେବକାନ୍ତ ମହାପାତ୍ର, ଆଲୋକ ମହାପାତ୍ର, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ ପ୍ରତ୍ୟେକ ମାସରେ ଅନୁଷ୍ଠିତ ହେବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

■ ବିଗତ ବର୍ଷଗୁଡ଼ିକ ତୁଳନାରେ କମିଛି ବର୍ଷା

# ବିହନ ବୁଣିବାକୁ ଡରୁଛନ୍ତି ଚାଷୀ

■ସ୍ୱଳ୍ପ ବର୍ଷା ହେଲେ ମଧ ବୁଣାଯିବ ବିହନ
■କେନାଲରେ ପାଣି ଆସିବାରେ ହୋଇପାରେ ବିଳମ୍ବ

**ଜଗତ୍‌ସିଂହପୁର ଅଫିସ,୧୩।୬**

ବିଗତ ବର୍ଷଗୁଡିକ ତୁଳନାରେ ଚଳିତବର୍ଷ ଅଦ୍ୟାବଧି ଜଗତ୍‌ସିଂହପୁର ଜିଲାରେ ବର୍ଷା ପରିମାଣ କମିଛି। ଆଗକୁ ମଧ ଆଶାଜନକ ବର୍ଷା ହେବନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଯାହାବି ହେଉ ରଜ ପରେ ଚାଷୀ ବିଲରେ ବିହନ ବୁଣିବା ଆରମ୍ଭ କରିବେ। କାରଣ ବର୍ଷାରେ ବିଳମ୍ବ ହେଲେ ମଧ ଅପେକ୍ଷା କରିହେବ ନାହିଁ। ବିଳମ୍ବରେ ବିହନ ବୁଣିଲେ ଅଗଷ୍ଟ ମାସ ବେଳକୁ ପୋକ ଲାଗିବା ସମ୍ଭାବନା ଅଧିକ। ତେଣୁ ସାମାନ୍ୟ ବର୍ଷା ହେଲେ ବି ଚାଷୀ ବିହନ ବୁଣିବା ଆରମ୍ଭ କରିଦେବେ। ପରେ ବର୍ଷା ନ ହେଲେ ଗଜା ମରୁଡ଼ି ହେବାର ଆଶଙ୍କା ରହିଛି। ସେହିପରି କେନାଲ ପାଣି ନ ଆସିବା ଯାଏ ରୁଆ କାମ ହୋଇପାରିବ ନାହିଁ। ଯେହେତୁ ଏଯାଏ ଗ୍ରୀଷ୍ମ କୋପରୁ ନିସ୍ତାର ମିଳିନି, ତେଣୁ ମୌସୁମୀ ଆସିବାରେ ବହୁ ବିଳମ୍ବ ହେବ ବୋଲି କୁହାଯାଉଛି।

ଜୁନ ୧୩ ତାରିଖ ସୁଦ୍ଧା ଜିଲାରେ ୩୨୭ ମିଲିମିଟର ବର୍ଷା ହୋଇଛି। ସେଥିମଧ୍ୟରୁ ୧ ତାରିଖରେ ୨୨ ମିଲିମିଟର (ଏମ୍ଏମ୍), ୩ରେ ୫୫, ୬ରେ ୧୧୯, ୭ରେ ୮ ଓ ୧୩ରେ ୧୨୮ ଏମ୍ଏମ୍ ବର୍ଷା ରେକର୍ଡ କରାଯାଇଛି। ବିଗତବର୍ଷଗୁଡିକର ଜୁନ ମାସ ବର୍ଷା ରେକର୍ଡ ଅନୁଶୀଳନ କଲେ ଜଣାଯାଏ ୨୦୧୮ରେ ୧,୬୨୫ ଏମ୍ଏମ୍, ୨୦୧୭ରେ ୯୮୮ ଓ ୨୦୧୬ରେ ୯୬୨ ଏମ୍ଏମ୍ ବର୍ଷା ହୋଇଥିଲା। ଚଳିତବର୍ଷ ଏ ପର୍ଯ୍ୟନ୍ତ ମୌସୁମୀ ଓଡ଼ିଶା ଛୁଇଁନାହିଁ। ଏହା ଖୁବଶୀଘ୍ର ଛୁଇଁବ ବୋଲି କୁହାଯାଉଥିଲେ ସୁଦ୍ଧା ଭରସା ନାହିଁ। ଏଲନିନୋ ପ୍ରଭାବରେ ଚଳିତ ଖରିଫ ଋତୁରେ ମରୁଡ଼ି ହେବାର ଆଶଙ୍କା ଥିବା ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏହି ସୂଚନା ଚାଷୀଙ୍କୁ ଗୋଳମାଳିଆ ସ୍ଥିତିରେ ରଖିଛି। ବର୍ଷା ବିଳମ୍ବ ହେଲେ ଜିଲାର ପାଖାପାଖି ୨୦ ହଜାର ହେକ୍ଟର ଚାଷ ଜମିରେ ବିହନ ବୁଣିବାରେ ବିଳମ୍ବ ହୋଇପାରେ। ଏ ସମ୍ପର୍କରେ କେତେଜଣ ଚାଷୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦିନ ଥିଲା ରଜ ପୂର୍ବରୁ ବିଲରେ ଲଙ୍ଗଳ ପଶୁଥିଲା। ଏହାଦ୍ୱାରା ବିଲରୁ ଘାସ ଆଦି ସଫା କରିବା ସହଜ ହେଉଥିଲା। ପରେ ଚାଷୀ ବିହନ ବୁଣିବା ସହଜ ହେଉଥିଲା। କିନ୍ତୁ ଏବେ ପ୍ରାକୃତିକ ପରିବର୍ତ୍ତନ ଯୋଗୁ ଚାଷରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ତଥାପି ରଜ ପରେ କମ ବର୍ଷା ହେଲେ ଅର୍ଥାତ ମାଟି ନରମ ହୋଇଗଲେ ବୁଣାବୁଣି ଆରମ୍ଭ ହୋଇଯାଉଛି। ଗଜା ବାହାରିବାକୁ ପାଖାପାଖି ୫/୬ ଦିନ ସମୟ ଲାଗୁଛି। ଗଜା ବାହାରିବାର ୮/୧୦ ଦିନ ଭିତରେ ବର୍ଷା ନ ହେଲେ ଏହା ଶୁଖିବା ଆରମ୍ଭ ହୋଇଯିବ। ବର୍ଷା ହେବାରେ ଯେତିକି ବିଳମ୍ବ ହେବ ଗଜା ପ୍ରତି ସେତିକି ବିପଦ ରହିବ। ଏପରି କି ଗଜା ମରୁଡ଼ି ହେବାର ଆଶଙ୍କା ସୃଷ୍ଟି ହେବ। ଜିଲାର ନାଉଗାଁ, ଏରସମା ଓ ବିରିଡ଼ିର କିଛି ଅଞ୍ଚଳରେ ଏହି ମରୁଡି ଭୟ ଅଧିକ। ଏକଥା ଭାବିଲାବେଳକୁ ବିହନ ବୁଣିବାକୁ ଡର ଲାଗୁଛି ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପଟେ ଜୁଲାଇ ମାସରେ ଯାଇ କେନାଲରେ ପାଣି ଆସିବ। ପରେ ତଳି ପଡିବ। ଗତବର୍ଷ କେନାଲରେ ପାଣି ଆସିବାରେ ବିଳମ୍ବ ଯୋଗୁ ଚାଷୀ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏବର୍ଷ ମଧ କମ ବର୍ଷା ଯୋଗୁ କେନାଲ ପାଣି ଆସିବାରେ ବିଳମ୍ବ ହୋଇପାରେ। ଏହା ହେଲେ ଚାଷୀ ମୁଣ୍ଡରେ ହାତଦେଇ ବସିବେ। ତେଣୁ ସମସ୍ତେ ବର୍ଷାକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକ କହିଛନ୍ତି ଯେ, ବାସ୍ତବରେ ବର୍ଷା ନ ହେଲେ ଚାଷ ବାଧାପ୍ରାପ୍ତ ହେବ। ଯେହେତୁ ପାଣିପାଗ ବିଭାଗ ମରୁଡି ହେବାର ଆଶଙ୍କା ଥିବା ପୂର୍ବାନୁମାନ କରୁଛନ୍ତି ତେଣୁ ଚାଷୀ ଭୟ କରିବା ସ୍ୱାଭାବିକ। ତଥାପି ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ। ଜଗତ୍‌ସିଂହପୁର ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷା କମିଗଲେ ମଧ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇ ନ ପାରେ ବୋଲି ସେ କହିଛନ୍ତି।



ତହସିଲ କାର୍ଯ୍ୟାଳୟରେ ଭାଜପା କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ବାତ୍ୟା ମୁକାବିଲାରେ ବ୍ଲକ ଓ ତହସିଲ ପ୍ରଶାସନ ବିଫଳ

# କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ଭାଜପାର ଦାବି

**ବାଲିଆ,୧୩।୬**

ବାତ୍ୟା ଫନୀ ଯୋଗୁ ବିରିଡ଼ି ବ୍ଲକର ସମସ୍ତ ୨୧ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ପରେ ବିପନ୍ନ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ କ୍ଷୟକ୍ଷତି ଆକଳନ ଓ ପରିଚାଳନାରେ ବ୍ଲକ ଓ ତହସିଲ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ବାତ୍ୟାକୁ ୪୦ଦିନ ପୁରିଥିଲେ ମଧ ଏ ପର୍ଯ୍ୟନ୍ତ ବିପନ୍ନଙ୍କ ପାଖରେ ପଲିଥିନ ଖଣ୍ଡେ ପହଞ୍ଚିପାରିନାହିଁ। ଏନେଇ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ତହସିଲ କାର୍ଯ୍ୟାଳୟକୁ ଯାଇ କୈଫିୟତ ମାଗିଛନ୍ତି।

ବାତ୍ୟାରେ କେତେ ଲୋକ ବିପନ୍ନ ହୋଇଛନ୍ତି, ସରକାରଙ୍କ ପକ୍ଷରୁ ବିରିଡ଼ି ତହସିଲକୁ କେତେ ପଲିଥିନ ଯୋଗାଇ ଦିଆଯାଇଛି ତାହାର ହିସାବ ମାଗିଛନ୍ତି। ଏଥିସହ କାହିଁକି ସମସ୍ତ ବିପନ୍ନଙ୍କ ପାଖରେ ପଲିଥିନ ପହଞ୍ଚିପାରିନାହିଁ, କାହିଁକି ଘରଭଙ୍ଗା ତଦନ୍ତ ଠିକ୍ ଭାବେ ହୋଇନାହିଁ ଓ ବାତ୍ୟାରେ ବାସହୀନ ଲୋକଙ୍କୁ କାହିଁକି ସହାୟତା ପ୍ରଦାନ କରାଯାଇନାହିଁ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଜବାବରେ ଅତିରିକ୍ତ ତହସିଲଦାର କହିଲେ ଯେ, ଆରଆଇଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ କିଛି ପଲିଥିନ ବଣ୍ଟାଯାଇଛି ଓ ଏବେ ମଧ ବଣ୍ଟାଯାଉଛି। ତେଣୁ ଯଦି କେହି ବିପନ୍ନ ହିତାଧିକାରୀ ବାଦ୍‌ପଡ଼ିଥାନ୍ତି, ତାହାର ତାଲିକା ପ୍ରଦାନ କଲେ ଅନୁଧ୍ୟାନ କରାଯାଇ ପଲିଥିନ ପ୍ରଦାନ ସହ ଘରଭଙ୍ଗା ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ପରେ ଭାଜପା ନେତା ଭୋଇ ଓ ଅନ୍ୟମାନେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।

ମାତ୍ର ବିଡିଓ ଜରୁରୀ କାମରେ ଜଗତ୍‌ସିଂହପୁର ଯାଇଥିବାରୁ ମୁଖ୍ୟ କିରାଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା କରାଯାଇଥିବା ଏଥିରେ ଅଭିଯୋଗ କରାଯାଇଥିଲା। ଏଥିସହ ତୁରନ୍ତ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ତାଲିକାଭୁକ୍ତ କରି ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା ଭୋଇ ଚେତାବନୀ ଦେଇଥିଲେ। ବିଭୁତି ଭୂଷଣ ଭୁୟାଁ, ଶୁଭ୍ରଜିତ ରାଉତରାୟ, ଚିତ୍ତରଞ୍ଜନ ପାତ୍ର, ଜଗା ଭୋଇ, ବାମଦେବ ମଲିକ, ସୁଜିତ ନାୟକ, ମନୋଜ ରାଉତ, ଲକ୍ଷ୍ମୀଧର ମଲିକ, ସରୋଜ କୁମାର ସାହୁ, ପ୍ରିୟବ୍ରତ ବଡ଼ିଆ, କୃଷ୍ଣଚନ୍ଦ୍ର ଓଝା, ପ୍ରମୋଦ ମଲିକ, ଦେବେନ୍ଦ୍ର ପରିଜା, ସତ୍ୟ ପଟ୍ଟନାୟକ, ଚିତ୍ତରଞ୍ଜନ କାଣ୍ଡି, ଇବ୍ରାହିମ ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ।

■ ପଙ୍କପାଳରେ କମୁନି ମାଙ୍କଡ଼ ଆତଙ୍କ

# ପ୍ରତିବାଦରେ ମହିଳାଙ୍କ ବିକ୍ଷୋଭ



ବନ ବିଭାଗର ଚାରା ଉତ୍ପାଦନ କେନ୍ଦ୍ର ଆଗରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କୁଜଙ୍ଗ,୧୩।୬(ସ୍ୱ.ପ୍ର.)**

ପଙ୍କପାଳ ପଞ୍ଚାୟତରେ ମାଙ୍କଡ଼ ଆତଙ୍କ ବନ୍ଦ ହେଉନାହିଁ। ଗତ ମାସକ ମଧ୍ୟରେ ଏହି ପଞ୍ଚାୟତରେ ବହୁ ଲୋକ ମାଙ୍କଡ଼ କାମୁଡ଼ାର ଶିକାର ହେଲେଣି। ବୁଧବାର ଅପରାହ୍ନରେ ପଙ୍କପାଳର ଦୋଳଗୋବିନ୍ଦ ମିଶ୍ର(୮୦) ଶୌଚ ହୋଇ ଘରକୁ ଫେରୁଥିବାବେଳେ ମାଙ୍କଟଡି ତାଙ୍କ ପିଚାକୁ କାମୁଡ଼ି ଦେଇଛି। ତାଙ୍କୁ ପ୍ରଥମେ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୧୫ ଦିନ ତଳେ ଦୋଳଙ୍କ ଭାଇ ଗଜେନ୍ଦ୍ର ମିଶ୍ରଙ୍କୁ ମଧ ମାଙ୍କଡ଼ କାମୁଡି ଦେଇଥିଲେ। ଏବେ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ବୁଧବାର ପଙ୍କପାଳର ବାଞ୍ଛାନିଧି ମିଶ୍ରଙ୍କ ସ୍ତ୍ରୀଙ୍କୁ ମାଙ୍କଡ଼ କାମୁଡ଼ି ଦେଇଥିଲା। ମାଙ୍କଡ଼ ଆତଙ୍କ ବିଷୟରେ ଗ୍ରାମବାସୀ ଅଭିଯୋଗ କରିବା ପରେ ନନ୍ଦନକାନନ ଓ ବନ ବିଭାଗ କର୍ମଚାରୀମାନେ ଆସି ୨ଟି ହନୁ ମାଙ୍କଡ଼ ଧରିଥିଲେ। ମାତ୍ର ଲୋକଙ୍କୁ ଆକ୍ରମଣ କରୁଥିବା ମାଙ୍କଡ଼କୁ ଧରାଯାଇନାହିଁ। ଏହାର ପ୍ରତିବାଦରେ ସ୍ଥାନୀୟ ମହିଳାମାନେ ପୂର୍ବରୁ ପଞ୍ଚାୟତ ଅଫିସ ଆଗରେ ବିକ୍ଷୋଭ କରିଥିଲେ। ମାତ୍ର ସୁଫଳ ନ ମିଳିବାରୁ ଗୁରୁବାର ସମିତିସଭ୍ୟ ପଦ୍ମନାଭ ସାହୁ, ସନ୍ତୋଷ ମିଶ୍ର, ରଶ୍ମୀରଞ୍ଜନ ସାହୁ, ରତ୍ନାକର ସାହୁ, କୃଷ୍ଣପ୍ରସନ୍ନ ଦାସ, ନରେନ୍ଦ୍ର ନାୟକ, ଧୀର ଜେନା, ତାପସ କୁମାର ଦାଶ, ରତ୍ନାକର ସାହୁ, ନାରୀନେତ୍ରୀ ଲକ୍ଷ୍ମୀପ୍ରିୟା କର, ମଞ୍ଜୁଲତା ସେଠୀଙ୍କ ନେତୃତ୍ୱରେ ବହୁ ମହିଳା ବନ ବିଭାଗର ଚାରା ଉତ୍ପାଦନ କେନ୍ଦ୍ରରେ ତାଲା ପକାଇ ଧାରଣା ଦେଇଥିଲେ। ଆଗକୁ ବିଦ୍ୟାଳୟ ଖୋଲିବାକୁ ଥିବାବେଳେ ମାଙ୍କଡ଼ ଆତଙ୍କ ଯୋଗୁ ପିଲାଙ୍କୁ ଘରୁ ଛାଡ଼ିବାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ତେଣୁ ତୁରନ୍ତ ଉକ୍ତ ମାଙ୍କଡ଼କୁ କାବୁ କରିବାକୁ ସେମାନେ ଦାବି କରିଛନ୍ତି। ଫରେଷ୍ଟର ଶାନ୍ତନୁ କୁମାର ଦଳାଇ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ ସେ ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି, ଡେପୁଟି ରେଞ୍ଜର ମାନସ ଦାସ, ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଛନ୍ତି ଓ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ତୁରନ୍ତ ମାଙ୍କଡ଼ ଧରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଅଢଙ୍ଗଗଡ଼ ବାର୍ଷିକ ମହିମା ମେଳା

**ବିରିଡ଼ି,୧୩।୬(ଡି.ଏନ.ଏ)**

କଳିଯୁଗରେ ମହିମା ଧର୍ମକୁ ଆଶ୍ରୟ କଲେ ଜୀବ ସହଜରେ ମୁକ୍ତିଲାଭ କରିଥାଏ। ବୁଧବାର ବିରିଡ଼ି ବ୍ଲକ ଅନ୍ତର୍ଗତ ଅଢଙ୍ଗଗଡ଼ସ୍ଥିତ ବ୍ରହ୍ମ ଅବଧୂତ ସ୍ୱର୍ଗତ ବ୍ରହ୍ମାନନ୍ଦ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମର ୧୧ତମ ବାର୍ଷିକ ଉତ୍ସବରେ ସନ୍ୟାସୀ ବାବା ଓ ଅରୂପାନନ୍ଦ ବାବା ଏହି ମତବ୍ୟକ୍ତ କରିଛନ୍ତି। ସନ୍ଧ୍ୟାରେ ଅଖଣ୍ଡ ବ୍ରହ୍ମ ଧୂନି ସ୍ଥାପନ ସହ ଘୃତାହୁତି ପ୍ରଦାନ କରାଯାଇଥିଲା। ଏହି ଧୂନି ପ୍ରଭାତରୁ ସମ୍ପନ୍ନ କରାଯାଇ ବାଲ୍ୟ ଲୀଳା ଅର୍ପଣ କରାଯାଇଥିଲା। ଏଥିରେ ସାଧୁ କୃଷ୍ଣ ଚନ୍ଦ୍ର ଦାସ, ହରମୋହନ ଦାସ, ମାନସ ବୈରାଗୀ, ସାଧୁ ଅରୁଣ ଦାସ ଯୋଗ ଦେଇଥିଲେ।

# ଆଜିଠାରୁ ରଜ ମହୋତ୍ସବ

**ପାରାଦୀପ,୧୩।୬(ସ୍ୱ.ପ୍ର.)**

ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମଠାରେ ଶୁକ୍ରବାରଠାରୁ ରଜ ମହୋତ୍ସବ ଆରମ୍ଭ ହେବ। ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଜଗନ୍ନାଥ ଲଳିତକଳା ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ଆୟୋଜନ ହୋଇଛି। ବିଶେଷକରି ରଜ ମହୋତ୍ସବରେ ସବୁ ବର୍ଗର ଲୋକଙ୍କୁ ସାମିଲ କରିବା ସହ ୩ ଦିନ ବ୍ୟାପୀ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ପୋଡ଼ପିଠା, ହୁଳହୁଳି, ଶଙ୍ଖବାଦନ, ରଜପାନ, ରଜବେଶ, ରଜଗୀତ, ନୃତ୍ୟ, ଚାଲିବା, ରଜଦୋଳି, ଲୁଡୁ ଓ ତାସ ଖେଳ, କବିତା ପାଠ ଆଦି ପ୍ରତିଯୋଗିତା ହେବ। ଏଥିରେ ୫ବର୍ଷରୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ବାଳିକା, ଯୁବତୀ, ମହିଳାଙ୍କ ସମେତ ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରିବେ। ଏଥିପାଇଁ ଷ୍ଟାଡିୟମ ପରିସରରେ ସ୍ୱତନ୍ତ୍ର ରଜ ଉତ୍ସବ ମଞ୍ଚ, ଏକାଧିକ ଦୋଳି କରାଯାଇଛି। ପାରାଦୀପରେ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦର କର୍ତ୍ତୃପକ୍ଷ ପାଳନ କରିଥାନ୍ତି। ସେଥିରୁ ରଜ ଅନ୍ୟତମ। ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳରେ ଏହି ଗୋଟିଏ ମାତ୍ର ଉତ୍ସବକୁ ସ୍ଥାନୀୟ ଅଧିବାସୀ ବେଶ୍ ଆନନ୍ଦର ସହ ଦିନ ତମାମ ଉପଭୋଗ କରିଥାନ୍ତି।



ରଜ ମହୋତ୍ସବ ପାଇଁ ଗୋପବନ୍ଧୁ ଷ୍ଟାଡିୟମ୍‌ରେ ପ୍ରସ୍ତୁତି ଚାଲିଛି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

**ପାରାଦୀପ,୧୩।୬(ସ୍ୱ.ପ୍ର.)**

ପାରାଦୀପ ପୌର ପରିଷଦ ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଚାଲିଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ସମ୍ପର୍କିତ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଛି। ଶେଷ ଦିବସରେ ୱାର୍ଡ ନଂ.୧୬, ୧୭, ୧୮ ଓ ୧୯ର ଅଧିବାସୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କିପରି ବର୍ଜବସ୍ତୁକୁ ଦୁଇ ପ୍ରକାର ପ୍ଲାଷ୍ଟିକ ଡବାରେ ରଖାଯିବ ଓ ସକାଳୁ ପୌର ପ୍ରଶାସନର ଆବର୍ଜନା ସଂଗ୍ରହ ଗାଡିରେ ଦିଆଯିବ ସେ ସମ୍ପର୍କରେ କୁହାଯାଇଥିଲା। ଏଥିସହ ବସ୍ତି ଅଞ୍ଚଳରେ ଥିବା ଛୋଟ ବ୍ୟବସାୟୀମାନେ ସେମାନଙ୍କ ଆବର୍ଜନାକୁ ବିକ୍ଷିପ୍ତ ଭାବେ ନ ପକାଇ ଡଷ୍ଟବିନରେ ରଖିବା ଓ ଆବର୍ଜନା ସଂଗ୍ରହ ଗାଡିରେ ଦେବାକୁ କୁହାଯାଇଥିଲା। ଉକ୍ତ ଶିବିରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ପ୍ରଭାତି ନାୟକ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପୌର ଯନ୍ତ୍ରୀ ଦୁର୍ଯ୍ୟୋଧନ ପଟେଲଙ୍କ ସମେତ ସେହି ୱାର୍ଡର କାଉନ୍‌ସିଲର, ଜମାଦାର ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଗତ ସପ୍ତାହରୁ ୩ଟି ପର୍ଯ୍ୟାୟରେ ଚାଲିଥିଲା। ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।




ପ୍ରଶିକ୍ଷାର୍ଥୀଙ୍କୁ ଶିବିରରେ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ମହାନଦୀ ପଠାରୁ ଖସୁଛି ଅତଡ଼ା

**ତିର୍ତ୍ତୋଲ,୧୩।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଦେଇ ପ୍ରବାହିତ ମହାନଦୀର ଦକ୍ଷିଣ ପାର୍ଶ୍ୱ ବାଲିପାଟଣାଠାରୁ ତିର୍ତ୍ତୋଲ ପର୍ଯ୍ୟନ୍ତ ନଦୀପଠାରୁ ବ୍ୟାପକ ଅତଡ଼ା ଖସୁଛି। ନଦୀ ଶଯ୍ୟାରୁ ଅବାଧ ବାଲି ଉତ୍ତୋଳନ ଓ ପଠାରେ ଥିବା ସବୁଜିମା ଉଜୁଡ଼ିଯିବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଏହି ସ୍ଥାନରେ ପଥର ପ୍ୟାକିଂ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରକାଶ ଯେ, ବାଲିପାଟଣାରୁ ତିର୍ତ୍ତୋଲ ୪ କିମି ମଧ୍ୟରେ ଗତ କିଛିବର୍ଷ ହେଲା ମହାନଦୀ ପଠାରୁ ଅତଡ଼ା ଖସିଚାଲିଛି। ବିଶେଷ କରି ତିର୍ତ୍ତୋଲ-ପୋଷଲ ଘାଟ ନିକଟରେ ଅଧିକ ମାଟି ଅତଡ଼ା ଖସୁଥିବା ଦେଖାଯାଇଛି। ଏହି ସ୍ଥାନରେ ବିଗତ ୫ବର୍ଷ ମଧ୍ୟରେ ନଦୀପଠା ପ୍ରାୟ ୨୦୦ ମିଟରରୁ ଅଧିକ ଖାଇଗଲାଣି। ଫଳରେ ଏଠାରେ ନଦୀ ଦକ୍ଷିଣ ମୁହାଁ ହେଲାଣି। ବନ୍ୟା ଆସିବା ସମୟରେ ନଦୀ ଅଧିକ ମାତ୍ରାରେ କୂଳ ଖାଉଛି। ଏଥିଯୋଗୁ ନଦୀର ବାମପାର୍ଶ୍ୱରେ ବାଲିସ୍ତୁପ ସୃଷ୍ଟି ହେଉଥିବାବେଳେ ଦକ୍ଷିଣ ପାର୍ଶ୍ୱ ନଦୀଗର୍ଭରେ ଲୀନ ହେବାରେ ଲାଗିଛି। ଏଭଳି ସ୍ଥିତି ଲାଗି ରହିଲେ କିଛିବର୍ଷ ମଧ୍ୟରେ ମହାନଦୀ ସୀମା ଦକ୍ଷିଣରେ ଥିବା କଟକ-ପାରାଦୀପ ରାସ୍ତା କଡକୁ ଲାଗି ଆସିବ। ଏହା ତିର୍ତ୍ତୋଲ, ତେନ୍ତୁଳିପଦା, ଜଡତିରା, ତରଜଙ୍ଗା, ମଣିଜଙ୍ଗା ପଞ୍ଚାୟତ ସମେତ ଅନ୍ୟ କେତେକ ପାଖ ପଞ୍ଚାୟତ ପ୍ରତି ବିପଦ ସୃଷ୍ଟି କରିବ। ଏବେ ନଦୀ ଅତଡ଼ା ଖାଇବା ଦ୍ୱାରା ବହୁ ଲୋକଙ୍କ ଜମି ନଦୀଗର୍ଭକୁ ଚାଲିଗଲାଣି। ଏପରି କି ତିର୍ତ୍ତୋଲ କଲେଜ କ୍ୟାମ୍ପସ ସମ୍ପ୍ରସାରଣ ପାଇଁ ଥିବା ଜମି ସହ ସରସ୍ୱତୀ ଶିଶୁ ମନ୍ଦିର ପାଇଁ ଥିବା ଜମିର କିଛି ଅଂଶ ନଦୀରେ ମିଶିଗଲାଣି। ଏଥିସହ ଏହି ସ୍ଥାନରେ ଥିବା ପୁରାତନ ଝୁଲବାବା ମଠ ଏବେ ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହେଲାଣି। ଏହି ମଠ ପରିସରରେ ଥିବା ବହୁ ବଡ଼ ବଡ଼ ଗଛ ନଦୀଗର୍ଭକୁ ଚାଲିଗଲାଣି। ମଠ ସଂଲଗ୍ନ ଜମିରେ ପାର୍କ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ଘୋଷଣା ହୋଇଥିଲା। ଏଥିପାଇଁ ବ୍ଲକ ପ୍ରଶାସନ ନିକଟରେ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ନଦୀପଠା ଖାଇବା ଓ ମଠ ପରିସର ସଙ୍କୁଚିତ ହେବା ଫଳରେ ଏଥିରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏଠାରେ ପ୍ରଶାସନ ତରଫରୁ ପଥର ପ୍ୟାକିଂ ଓ ବ୍ୟାପକ ବୃକ୍ଷରୋପଣ କରିବାକୁ ଦାବି ହେଉଛି। ରାଜ୍ୟ ସରକାରଙ୍କ ସବୁଜ ମହାନଦୀ ଯୋଜନାରେ ଏଠାରେ ସବୁଜ ବଳୟ ସୃଷ୍ଟି ହେଲେ ପଠାର ସୁରକ୍ଷା ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ମହାନଦୀ ଅତଡ଼ା ଖାଉଥିବା ସ୍ଥାନ।

■ଦକ୍ଷିଣ ମୁହାଁ ହେଉଛି ନଦୀ
■ପଥର ପ୍ୟାକିଂ, ବୃକ୍ଷରୋପଣ କରିବାକୁ ଦାବି

**ସଂକ୍ଷେପରେ**

## ସାହସିକତା ପାଇଁ ଅଜୟଙ୍କୁ ସମ୍ବର୍ଦ୍ଧନା



**ରାଜନଗର, ୧୩।୬ (ଡି.ଏନ୍.ଏ.):** ରାଜନଗର ବ୍ଲକର ଅନ୍ୟତମ ସାମାଜିକ ସଂଗଠନ ସ୍ୱରସମ୍ଭାବନା ପକ୍ଷରୁ ସମ୍ବର୍ଦ୍ଧନା ବୁଧବାର ରାଜନଗର ପ୍ରେସକ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ଅତୁଳ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନିଜ ଜୀବନକୁ ବାଜି ଲଗାଇ ନଦୀ ସ୍ରୋତରୁ ଦୁଇଭଉଣୀଙ୍କୁ ଉଦ୍ଧାର କରିଥିବା ସତ୍ପତା ଗ୍ରାମର ଅଜୟ ପ୍ରଧାନଙ୍କୁ ତାଙ୍କ ସାହାସିକତା ପାଇଁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ପ୍ରଦୀପ ନାୟକ, ଶିକ୍ଷାବିତ୍ ସୁବାସଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଆବାହକ ମାନସ ଦାସ ସ୍ୱର ସମ୍ଭାବନାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ସମ୍ପାଦକ ଜୀବନାନନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଅଜୟଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ମେ ୧୬ ତାରିଖରେ ରାଜନଗର ବ୍ଲକ ସତ୍ପତା ଗ୍ରାମ ଦେଇ ପ୍ରବହିତ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ସେହି ଗ୍ରାମର ୩ ଭଉଣୀ ଶୁଭାଙ୍ଗିନୀ ପାତ୍ର, ସାନିତା ପାତ୍ର ଓ ଲିଜାରାଣୀ ପାତ୍ର ଭାସି ଯାଉଥିଲେ। ସେମାନଙ୍କ ପାଟି ଶୁଣି ଅଜୟ ଶୁଭାଙ୍ଗିନୀ ଓ ସାନିତାଙ୍କୁ ଉଦ୍ଧାର କରିଥିବା ବେଳେ ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିବା ବେଳେ ଲିଜାରାଣୀଙ୍କର ମୃତ୍ୟୁ ହୋଇଥିଲା।

# ରଜ ମଉଜ ପାଇଁ ଚାଲିଛି ସଜବାଜ

**ଡେରାବିଶ, ୧୩।୬(ସ୍ୱ.ପ୍ର.)**

ରାତି ପାହିଲେ ରଜ। ଗୁରୁବାର ଏଥିପାଇଁ ସଜବାଜ ଥିଲା ବେଳେ ଡେରାବିଶ ବ୍ଲକରେ ଯୁବତୀମାନେ ମେହେନ୍ଦି ଲଗାଇ ଦୋଳି ଖେଳ ପାଖରେ ଭିଡ଼ ଜମାଇଛନ୍ତି। ଏଥିସହ ବୟସ୍କ ବ୍ୟକ୍ତିଙ୍କର ତାସ ଓ ପଶା ଖେଳ ଗାଁ ଦାଣ୍ଡକୁ ଉତ୍ସବମୁଖର କରିଛି। ଏହି ପର୍ବପାଇଁ ବାହାରେ କାମ କରୁଥିବା ଲୋକଙ୍କ ଘର ବାହୁଡା ଆରମ୍ଭ ହୋଇଥିବା ବେଳେ ଘରେ ବନ୍ଧୁ ବାନ୍ଧବ ଆସର ବଢିବାରେ ଲାଗିଛି। ବ୍ଲକ ଅଧୀନ ଦାନପୁର ପଞ୍ଚାୟତର କେଶରପୁରଠାରେ ଥିବା ଶୁକ୍ଳେଶ୍ୱର ମହାଦେବଙ୍କ ପୀଠ ଓ

**ଡେରାବିଶ ବ୍ଲକ**

ବାଲିଆରେ ଶୁକ୍ରବାର ପାଲା ମହୋତ୍ସବ ହେବାକୁ ଥିବା ବେଳେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେହିପରି ବ୍ଲକର ବିଭିନ୍ନ ଦେବାଦେବୀ ମନ୍ଦିରରେ ହରିହାଟ, ଭଜନ ସଂକୀର୍ତ୍ତନ ଓ ଭାଗବତ ପାରାୟଣ ପାଇଁ ପ୍ରସ୍ତୁତି ଚାଲିଛି। ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱିପାଞ୍ଚଳରେ ଥିବା ଯଅଁରା ବାରିମୂଳ, ହରିଅଙ୍କ ଓ ଇନ୍ଦାଳୋ ଆଦି ପଞ୍ଚାୟତରେ ଧୁମ୍‌ଧାମ୍ ରଜ ପର୍ବ କଟାଇବା ପାଇଁ ଆୟୋଜନ କରାଯାଇଛି। ଏସବୁ ପଞ୍ଚାୟତରେର ଗ୍ରାମବାସୀ ନଦୀ ବାଲିରେ ବାଗୁଡ଼ି ଖେଳ ସହ ତାସ ଓ ପଶାପାଲି ଖେଳି ଏହି ପର୍ବର ମଜା ଉଠାଉଛନ୍ତି।



ପିଲାମାନେ ରଜ ଦୋଳିର ମଜା ନେଉଛନ୍ତି।

### ସେମାନେ କୁହନ୍ତି...

ପିଲାଦିନେ ତନ୍ତବୁଣା କସ୍ତା ଲୁଗା ଆଣିବା ପାଇଁ ବାପାଙ୍କ ସଙ୍ଗେ ଖୁବ ଅଳି ଅଝଟ କରିଛି। କସ୍ତା ପିନ୍ଧି ଘରକୁ ଘର ବୁଲିବା ସହ ଗୋଡ଼ରେ ରଙ୍ଗ, ହାତରେ ମଞ୍ଜୁଆତି ଲଗାଇବାରେ ୩ ଦିନ ବିତି ଯାଉଥିଲା। କଦଳି ପଟୁଆ ଚଟି ପିନ୍ଧି ଗାଁ ସାରା ବୁଲି ପିଠା ଖାଉଥିଲୁ। ଗୁରୁଜନଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଉଥିଲୁ। ସେଦିନ ଓ ଆଜି ମଧ୍ୟରେ ଫରକ ରହିଛି। ପିଠା, ମିଠା ହେଉଛି। ନୂଆ ଜାମାପଟା ହେଉଛି। ତେବେ ସେଦିନର ତୋଟାରେ ଲାଗିଥିବା ରଜ ଝୁଲା ସହ ଏବେର ପ୍ଲାଷ୍ଟିକ ଝୁଲାକୁ ଦେଖି ହସ ଲାଗୁଛି।

*–କମଳାପ୍ରଭା ଖଟୁଆ, ତିଲଙ୍ଗ, ଡେ଼ରାବିଶ*

ଆଜରୁରଜସମୟରେପାନଭଙ୍ଗା ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ଗଜରା, ମାଳି, ତେନ୍ତୁଲିଆ, କରଞ୍ଜି, ଲବଙ୍ଗି ଆଦି ଭଳିକିଭଳି ପାନ ମୋଡ଼ି ଖୁବ କମ୍ ସମୟରେ ସମସ୍ତଙ୍କୁ ଖୁଆଇବା ପାଇଁ ଆମ୍ଭେମାନେ ଏକତ୍ରିତ ହେଉଥିଲୁ। ତେବେ ତରତରରେ ଗୁଆ କାଟୁକାଟୁ ଆଙ୍ଗୁଳି ଉପରେ ଖିଲିକାତି ଦବି ଯାଇଥିଲା। ସେ ଚିହ୍ନ ଏଯାଏଁ ଲିଭିନାହିଁ। ସେଦିନର ସେହି ସ୍ମୃତି ଏବେ ବି ମନରୁ ଲିଭିନି। ପ୍ରତିବର୍ଷ ରଜ ଆସିଲେ ସେଦିନର କଥା ମନେ ପଡେ।

*–ରଜନୀ ରାଉତ , ଶଙ୍କରପୁର*

ରଜ ପର୍ବ ପାଳିବା ପାଇଁ ପାଠପଢ଼ା ଛାଡ଼ି ଘରକୁ ଆସିଛି। ସାଙ୍ଗସାଥୀଙ୍କ ମେଳରେ ମିଶି ଆମେ ଖୁବ ମସ୍ତି କରୁଛୁ।

*–ଶୁଚିସ୍ମିତା ରୟ,ଛାତ୍ରୀ, ପଲ୍ଲୀରଘୁନାଥପୁର*

ଲୁଣାନଦୀ ପଠାରେ ଆଗରୁ ବାଗୁଡ଼ି ଖେଳ ଚାଲିଥିଲା। ଏହି ଖେଳରେ କାନି କାଟି କାଞ୍ଚି ମାରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ତଳେ ପକାଇବାରେ ମୁଁ ମାହିର ଥିଲି। ତେବେ ମୋର ସାଙ୍ଗ ସଚ୍ଚି ନାଥକୁ କାଞ୍ଚି ମାରିବା ବେଳେ ତାଙ୍କ ଗୋଡ଼ ଫୁଲି ଯାଇଥିଲା। ସେହି ଘଟଣା ପରେ ଦୀର୍ଘଦିନ ଧରି ପରସ୍ପରକୁ ଦୋଷାରୋପ କରିଛୁ। ତେବେ ଘଟଣାଚକ୍ରରେ ଏବେବି ଆମେ ଭଲ ସାଙ୍ଗ ଭାବେ ଏକାଠି ହୋଇ ଏବେ ବାଗୁଡ଼ି ଖେଳ ଦେଖୁଛୁ।

*–କେଶବ ଚନ୍ଦ୍ର ଆଚାର୍ଯ୍ୟ, ଝିଙ୍କଡ଼ି, ଡେରାବିଶ*

## ଅର୍ଥନୈତିକ ଗଣନା ତାଲିମ
## ନିର୍ଭୁଲ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ,୧୩।୬**

ବାଲେଶ୍ୱର ବ୍ରିଟ୍ କଲ୍ୟାଣମଣ୍ଡପରେ ଗୁରୁବାର ୭ମ ଅର୍ଥନୈତିକ ଗଣନା ପ୍ରକ୍ରିୟା ସକାଶେ ତାଲିମଦାତାମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ନିର୍ଭୁଲ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ ଏହି ଜାତୀୟ କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଦେଶର ବିକାଶ ନିମନ୍ତେ ପଥ ଉନ୍ମୁକ୍ତ କରିଥାଏ, ତେଣୁ ଏହାକୁ ଉପଯୁକ୍ତ ଭାବେ ପରିଚାଳନା କରିବାକୁ କହିଥିଲେ।

ଏହି ପ୍ରକ୍ରିୟା ୧୯୭୭ ମସିହାରେ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଥିଲା। ଚଳିତଥର ଏହାକୁ ଆଇଟି ପ୍ରୟୋଗ ମାଧ୍ୟମରେ ସଞ୍ଚାଳନ କରାଯିବ। ଏହାକୁ ଆଇଟି ସଂସ୍ଥା ସାଧାରଣ ସେବା କେନ୍ଦ୍ର(ସିଏସ୍‌ସି) ଦ୍ୱାରା ପରିଚାଳନା କରାଯିବ। କାର୍ଯ୍ୟକ୍ରମରେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ବରିଷ୍ଠ ପରିସଂଖ୍ୟାନ ଅଧିକାରୀ ସମୟ ଦାଶ, ବନମାଳୀ ମହାପାତ୍ର, ମହେନ୍ଦ୍ର କୁମାର ସିଂ, ଅଞ୍ଜନ କୁମାର ନାୟକ, ଅରୂପ ମହାପାତ୍ର ଏବଂ ବିରଞ୍ଚି ନାୟକ ମଞ୍ଚାସୀନ ଥିଲେ।

## ମଦ ସହ କାର୍ ଜବତ



**ବାଲେଶ୍ୱର ଅଫିସ, ୧୩।୬:** ବାଲେଶ୍ୱରରୁ ଭଦ୍ରକ ଚାଲାଣ ହେଉଥିବା ଦେଶୀ ମଦ ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ଅବକାରୀ ବିଭାଗର ଭ୍ରାମ୍ୟମାଣ୍ୟ ଟିମ୍ ଦ୍ୱାରା ଚଢାଉ କରାଯାଇ ଜବତ କରାଯାଇଛି। ୬୦୦ ଲିଟର ଦେଶୀ ମଦ ସହ ଗୋଟିଏ କାର୍ (ନଂ-ଓଡି-୦୨-ଡବ୍ଲ୍ୟୁ-୨୪୫୮)କୁ ଜବତ କରାଯାଇଥିବା ଅବକାରୀ ବିଭାଗର ଭ୍ରାମ୍ୟମାଣ୍ୟ ଆଇ.ଆଇ.ସି ଉଦୟ ଲାଲ ନାୟକ ପ୍ରକାଶ କରିଛନ୍ତି।

ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶରେ ଅବକାରୀ ଭ୍ରାମମାଣ୍ୟ ଟିମ୍ ଚଢାଉ କରି ସଦର ବ୍ଲକ ସ୍ଥିତ ରସାଲପୁର କଲେଜ ସମ୍ମୁଖ ରାସ୍ତାରୁ ଉକ୍ତ ଗାଡିକୁ ଅଟକାଇ ମଦକୁ ଜବତ କରିଥିଲେ। ଡ୍ରାଇଭର ଅକ୍ଷୟ ବେହେରା (୩୦) କୌଶଳକ୍ରମେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏନେଇ ଅବକାରୀ ଜିଲା ଭ୍ରାମ୍ୟମାଣ୍ୟ ଗୋଇନ୍ଦା ଥାନାରେ ମାମଲା ରୁଜୁ କରାଯାଇଛି। ଚଢାଉରେ ଏଏସ୍‌ଆଇ ଚନ୍ଦ୍ରମୋହନ ସେଠୀ, କନଷ୍ଟେବଲ ପ୍ରହ୍ଲାଦ ବିଶ୍ୱାଳ, ସେକ୍ କଲ୍ଲୀନ ଓ ଅଞ୍ଜନ ଜେନା ପ୍ରମୁଖ ସାମିଲ ଥିଲେ।

■ ମେଡିକାଲ୍‌ରେ ଡାକ୍ତରଙ୍କୁ ମାଡ଼ ଘଟଣା

# ଥାନାରେ ମାମଲା

**ପଟ୍ଟାମୁଣ୍ଡାଇ, ୧୩।୬ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଚିକିତ୍ସାଳୟରେ ଜଣେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ ଜଣେ ସ୍ୱେଚ୍ଛାସେବୀଙ୍କୁ ମାଡ଼ ମରାଯିବା ନେଇ ଇତିମଧ୍ୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଦୁର୍ଘଟଣାରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ୧୦୮ ଆମ୍ବୁଲାନ୍ସ ବଦଳରେ ଅନ୍ୟ ଆମ୍ବୁଲାନ୍ସରେ ନେବାକୁ ଦାବି କରି ଏଭଳି କାଣ୍ଡ କରାଯାଇଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ଗତ ମଙ୍ଗଳବାର ଅପରାହ୍ନରେ ବାଲିପାଟଣାର ୪ଜଣ ଯୁବକ ଏକ କାର୍‌ରେ ଆସୁଥିବା ବେଳେ ପଟ୍ଟାମୁଣ୍ଡାଇ–ବାଲିପାଟଣା ରାସ୍ତାର ତନୁପୁର ଶେଷ ମୁଣ୍ଡରେ ଥିବା ଏକ ଗଛରେ ପିଟି ହୋଇ ଯାଇଥିଲେ। ଫଳରେ କାର୍ ଆଗରେ ବସିଥିବା ୨ଜଣ ଯୁବକ ଗୁରୁତର ହୋଇଥିଲେ। ବାଲିପାଟଣା ଗ୍ରାମର କେତେଜଣ ଯୁବକ ସେମାନଙ୍କୁ ନେଇ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମେଡିକାଲ ସହକାରୀ ସର୍ଜନ ଡାକ୍ତର ଚନ୍ଦ୍ରଶେଖର ଦାସ ଓ ଆୟୁଷ ଡାକ୍ତର ଚମ୍ପତି ୨ ଆହତଙ୍କ ପ୍ରାଥମିକ ଚିକିତ୍ସା କରି କଟକ ବଡ଼ ମେଡିକାଲ୍‌କୁ ପଠାଇବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ମାତ୍ର ଉପସ୍ଥିତ ଯୁବକମାନେ ଉକ୍ତ ଆମ୍ବୁଲାନ୍ସରେ ନଯାଇ ଦୁର୍ଘଟଣାଗ୍ରସ୍ତଙ୍କୁ ଅନ୍ୟ ଆମ୍ବୁଲାନ୍ସନେବା ପାଇଁ ଜିଦ୍ ଧରି ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଶୁଭ୍ରଜିତ୍ ଜେନା ଓ ଅଭୟ ଜେନା କାର୍ଯ୍ୟରତ ୨ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଡା. ପ୍ରଦୀପ କୁମାର ଚମ୍ପତି ଓ ହେଲ୍ପଡେସ୍କ ସ୍ୱେଚ୍ଛାସେବୀ ସରୋଜ କୁମାର ଦାସଙ୍କୁ ମାଡ଼ ମାରିଥିଲେ। ଏନେଇ ଉକ୍ତ ଦିନ ସନ୍ଧ୍ୟାରେ ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଡ଼ା. ନିରାକାର ପରିଡା ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ– ୨୦୧/୨୦୧୯)ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

# ଶିଶୁ ଶ୍ରମ ନିରୋଧ ଦିବସ




ସମାବେଶରେ ଯୋଗଦେଇଥିବା ଅତିଥିମାନେ।

**ରାଜକନିକା,୧୩।୬(ଡି.ଏନ୍.ଏ)**

ଆଳି ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ବିଶ୍ୱ ଶିଶୁ ଶ୍ରମକ ନିରୋଧ ଦିବସ ବୁଧବାର ପାଳିତ ହୋଇଯାଇଛି। ରାଜକନିକାର ପିମ୍ପୁଡିଠାରେ ଆୟୋଜିତ ସମାବେଶରେ ଆଳି ଜେଏମ୍‌ଏଫ୍‌ସିର ମାଜିଷ୍ଟ୍ରେଟ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଶିଶୁ ଶ୍ରମ ନିର୍ଯାତନାକୁ ରୋକିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ୨୦୨୫ ସୁଦ୍ଧା ଶିଶୁ ଶ୍ରମ ପ୍ରଥାକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ସମିତି ପକ୍ଷରୁ ସହଯୋଗ କାମନା କରାଯାଇଥିଲା। ବିଚାରପତି ପି.ଶୁଭଲକ୍ଷ୍ମୀଙ୍କ ସଭାପତିତ୍ୱରେ ବଜ୍ର ମହାକାଳୀ ନୋଡାଲ ୟୁପି ସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ଏଥିରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ ଓ ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ କୈଳାସ ନାୟକ ଯୋଗ ଦେଇଥିଲେ।।

■ ଜିଲାପାଳଙ୍କ ମାର୍ଶାଘାଇ ଗସ୍ତ

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**ମାର୍ଶାଘାଇ, ୧୩।୬ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଗୁରୁବାର ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ ଓ ମେଡିକାଲ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବ୍ଲକ ଅଞ୍ଚଳରେ ଚାଲିଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ତ୍ୱରାନ୍ୱିତ କରିବାକୁ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଆବାସ ଯୋଜନାରେ ୨୦୧୩ ରୁ ଏ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ପାଇଥିବା ସମସ୍ତ ହିତାଧିକାରୀ ତୁରନ୍ତ ଘର କାର୍ଯ୍ୟ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସର ସମେତ ବିଭିନ୍ନ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ବୃକ୍ଷରୋପଣ କରିବାକୁ ଜିଲାପାଳ ଚୌଧୁରୀ ପରାମର୍ଶ ଦେଇଥିଲେ।



ବ୍ଲକ ଆଗରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଓ ଅନ୍ୟମାନେ।

ଏହି ଅବସରରେ ତାଳସଙ୍ଗା ଗ୍ରାମର ଆବାସ ଯୋଜନା ହିତାଧିକାରୀ ଚିତରଞ୍ଜନ ଦାସ ନିର୍ମାଣ ଶ୍ରମିକ ଯୋଜନାରେ ପ୍ରାୟ ଦେଢବର୍ଷ ହେବ ଗୃହ ନିର୍ମାଣ କରିସାରିଥିଲେ ବି ଟଙ୍କା ପାଇ ନ ଥିବା ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତେବେ ଆସନ୍ତା ୧୦ ଦିନ ମଧ୍ୟରେ ତାଙ୍କୁ ଗୃହ ନିର୍ମାଣ ଅର୍ଥ ପ୍ରଦାନ କରିବାକୁ ଜିଲାପାଳ ଚୌଧୁରୀ ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ସମୀକ୍ଷା ପରେ ଜିଲାପାଳ ଜୁଣ ଗ୍ରାମରେ ପହଞ୍ଚି ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଘର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ପରେ ଜୁଣ ଅଙ୍ଗନୱାଡି(ଖ) କେନ୍ଦ୍ର ପରିଦର୍ଶନ କରି ଖାଦ୍ୟ ପ୍ରସ୍ତୁତି ସହ ପ୍ରସୂତି ଓ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ସମ୍ପର୍କରେ ପଚାରି ବୁଝିଥିଲେ। ଜୁଣ ଅଙ୍ଗନଓାଡି କେନ୍ଦ୍ର ସମେତ ବ୍ଲକ ଅଞ୍ଚଳରେ ପୂର୍ଣାଙ୍ଗ ହୋଇଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବିଜୁଳି ସଂଯୋଗ ସହ ସ୍ଥାନୀୟ ପୋଖରୀ ଉନ୍ନତୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ରୋଗୀମାନଙ୍କୁ ଅଧିକ ପରିମାଣରେ ଔଷଧ ବଣ୍ଟନ ନିମନ୍ତେ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ ମେଡିକାଲ ପରିସରକୁ ସବୁଜସୁନ୍ଦର କରିବା ପାଇଁ ବିପିଏମ୍ ହିମାଦ୍ରୀ ମହାରଥୀଙ୍କୁ ପରାମର୍ଶ ଦେବା ସହିତ ଉନ୍ନୟନକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସ୍ଥାନୀୟ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ତୁଳସୀପୁର ବାଲି ଖାଦନରେ ଜିଲାପାଳ ପହଞ୍ଚି ବାଲି ଉଠାଣ ବନ୍ଦ କରିଥିଲେ। ଜିଲାପାଳଙ୍କ ସମୀକ୍ଷା ବୈଠକରେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ, ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ୨ ଗାଈ ମୃତ

**ଡେରାବିଶ, ୧୩।୬ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଗିରିଗୋଲା ଗ୍ରାମରେ ବୁଧବାର ବଜ୍ରପାତ ଘଟି ବାବୁଲି ମଳିକଙ୍କ ୨ଟି ଗାଈଙ୍କ ମୃତ୍ୟୁ ଘଟିଛି। ଗାଈ ଦୁଇଟି ଏକ ଚାଳିଆ ଘରେ ବନ୍ଧା ହୋଇଥିଲା ବେଳେ ହଠାତ୍ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବା ଯୋଗୁ ଦୁଇଟି ଯାକ ଗାଈର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ

**ଆଳି, ୧୩।୬ (ଡି.ଏନ୍.ଏ.)**

ଗତ ଏକ ସପ୍ତାହ ହେବ ଆଳି ଅଞ୍ଚଳରେ ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କୁ ଅତିଷ୍ଠ କରିଛି। ଜୁନ ଦ୍ୱିତୀୟ ସପ୍ତାହ ଶେଷ ହେବାକୁ ବସିଛି। ହେଲେ ବର୍ଷା ହେଉ ନଥିବା ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ଖରା ଓ ଗରମରୁ ଲୋକେ ନିସ୍ତାର ପାଉ ନ ଥିବା ବେଳେ ଲୋ ଭୋଲଟେଜ୍ ଯୋଗୁ ଫ୍ୟାନ୍, କୁଲର, ଏସି ବି କାମ କରୁନି। ତା' ଘନଘନ ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଦ୍ୟୁତ୍ କାଟ୍ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ସନ୍ତୋଷଜନକ ଉତ୍ତର ଦେଉ ନ ଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ଏନ୍‌ଜେନ୍ ସଂସ୍ଥା ବିଲ ଆଦାୟ ଓ ଏଲଟି ଲାଇନର ଦାୟିତ୍ୱରେ ଥିଲାବେଳେ ୧୧ କେଭି ଓ ୩୩ କେଭି ଦାୟିତ୍ୱରେ ବିଦ୍ୟୁତ ବିଭାଗ ରହିଛି। ଅନ୍ୟ ପକ୍ଷରେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ କର୍ମଚାରୀ ଅଭାବ ଆଳ ଦେଖାଇ ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହୋଇଛି ବୋଲି ବହୁ ଉପଭୋକ୍ତା ଅଭିଯୋଗ କରିଛନ୍ତି। ଲୋ ଭୋଲଟେଜ୍ ସାଙ୍ଗକୁ ବାରମ୍ବାର ବିଦ୍ୟୁତ୍ କାଟ ସମସ୍ୟା କିଭଳି ଦୂର କରାଯାଇ ପାରିବ ସେ ଦିଗରେ ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ଦେବାକୁ ଆଳି ବ୍ଲକ ଅଞ୍ଚଳର ଚିତ୍ତରଞ୍ଜନ ବେହେରା, ବାସୁଦେବ କର, ସୁଶାନ୍ତ ମହାନ୍ତି, ରାଜମୋହନ ସ୍ୱାଇଁ, ଚିତ୍ତରଞ୍ଜନ ପରିଡା ପ୍ରମୁଖ ଦାବି କରିଛନ୍ତି।



କେନ୍ଦ୍ରାପଡ଼ା ସେବା ସମିତି ପକ୍ଷରୁ ସହରର ତିନିମୁହାଣୀ ଛକରେ ଆୟୋଜିତ ପୋଷାକ ସଂଗ୍ରହ ଓ ବଣ୍ଟନ କାର୍ଯ୍ୟକ୍ରମ।

■ ସରକାରୀ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ନିମ୍ନ ମାନର

# ବେସରକାରୀ ବିଦ୍ୟାଳୟ ଆଡ଼କୁ ମୁହାଁଉଛନ୍ତି ବିଦ୍ୟାର୍ଥୀ

■ ବ୍ଲକରେ ମାତ୍ର ୧୨ ଜଣ ପାଇଛନ୍ତି ଏ-୧ ଗ୍ରେଡ୍

■ ୧୧ ଜଣ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର

**ଡେରାବିଶ, ୧୩।୬(ସ୍ୱ.ପ୍ର.)**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ମାଗଣାରେ ବହି, ପୋଷାକ, ଜୋତାଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଆଦି ଯୋଗାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ସରକାରୀ ବିଦ୍ୟାଳୟଗୁଡିକରେ ପ୍ରାଥମିକ ଶିକ୍ଷାର ମାନ କମିଯାଉଥିବା ଅଭିଯୋଗ ହେଉଛି। ଫଳରେ ବାଧହୋଇ ଅଭିଭାବକମାନେ ପିଲାମାନଙ୍କୁ ବେସରକାରୀ ବିଦ୍ୟାଳୟରେ ଭର୍ତ୍ତି କରାଉଛନ୍ତି। ସୂଚନାଯୋଗ୍ୟ, ଡେରାବିଶ ବ୍ଲକରେ ଛତୁଫୁଟିଲା ପରି ବେସରକାରୀ ବିଦ୍ୟାଳୟ ଗଢ଼ି ଉଠୁଥିବା ବେଳେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ରହିଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନର ମାନ କମିବାରେ ଲାଗିଛି। ଚଳିତ ମାଟ୍ରିକ ପରୀକ୍ଷାରେ ଡେରାବିଶ ବ୍ଲକରୁ ୧୨ ଜଣ ଛାତ୍ରୀଛାତ୍ର ଏ–୧ ଗ୍ରେଡ ପାଇଥିବା ବେଳେ ସେଥିରୁ ୧୧ ଜଣ ହେଲେ ବେସରକାରୀ ବିଦ୍ୟାଳୟର। ପିଲାମାନଙ୍କୁ ଶିକ୍ଷାଦାନ ଦେବା ନିମନ୍ତେ ସରକାରୀ ବିଦ୍ୟାଳୟଗୁଡିକରେ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଥିବା ବେଳେ ଏଥିପାଇଁ ସରକାରୀ ରାଜକୋଷରୁ ମୋଟା ଅଙ୍କର ଅର୍ଥ ବ୍ୟୟ ହେଉଛି। ମାତ୍ର ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ାରେ ଉନ୍ନତି ହେଉନାହିଁ। ପ୍ରତିବର୍ଷ ପ୍ରଥମରୁ ପଞ୍ଚମ ଯାଏଁ ଉଜ୍ଜ୍ୱଳ ଯୋଜନା ଓ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଉତ୍ଥାନ ଯୋଜନାରେ ଦୁର୍ବଳ ଛାତ୍ରୀଛାତ୍ରୀଙ୍କୁ ବିଭକ୍ତ କରାଯାଇ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ହୋଇଛି। ଏହି ଯୋଜନା ଅନ୍ତର୍ଗତ ଛାତ୍ରୀଛାତ୍ରଙ୍କୁ ଲେଭୁଲ୍ – ୧ ଓ ଲେଭୁଲ୍ –୨ରେ ବିଭକ୍ତ କରାଯାଇ ଶିକ୍ଷାଦାନ ଦିଆଯାଉଛି। ଏସବୁ ସତ୍ତ୍ୱେ ପିଲାମାନେ ପାଠପଢ଼ାରେ ଦୁର୍ବଳ ରହୁଛନ୍ତି। ଏଥିଯୋଗୁ ଉଚ୍ଚପ୍ରାଥମିକରୁ ହାଇସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରମାନେ ଶିକ୍ଷାରେ ଦୁର୍ବଳ ରହୁଛନ୍ତି। ଫଳରେ ବିଦ୍ୟାଳୟରେ ପାଠପଢ଼ା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ଫଳାଫଳ ହୋଇ ନ ଥିବାରୁ ଏବେ ଡେରାବିଶ ଶିକ୍ଷା ବିଭାଗର ଚେତା ପଶିଛି। ଗତ ସୋମବାର ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁରସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ବିଦ୍ୟାପୀଠରେ ୮ଟି କ୍ଲଷ୍ଟରର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ସେଥିରେ ଉଜ୍ଜ୍ୱଳ ଓ ଉତ୍ଥାନ ଯୋଜନା ଉପରେ ଗୁରୁତ୍ୱ ଦିଆଯିବାସହ ଛାତ୍ରୀଛାତ୍ରଙ୍କୁ ସାଧାରଣଜ୍ଞାନ, ପ୍ରବନ୍ଧ ଓ ବକ୍ତୃତା ସହ ବିଦ୍ୟାଳୟର ପାଠାଗାରର ସାହାଯ୍ୟ ନେବା ଉପରେ ଧ୍ୟାନ ଦେବା ପାଇଁ ପ୍ରଧାନ ଶିକ୍ଷକମାନଙ୍କୁ ତାଗିଦ୍ କରାଯାଇଥିଲା। ଏଥିସହ ପ୍ରତିଦିନ ସମସ୍ତ ଛାତ୍ରୀଛାତ୍ରଙ୍କ ଉପସ୍ଥିତ ଏବଂ ପଢ଼ାଖାତା ତଦରଖା କରିବାପାଇଁ ଗୁରୁତ୍ୱ ଦିଆଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁନ୍, ୨୦୧୯



## ସଂକ୍ଷେପରେ

### ଫନୀ : ଘରଭଙ୍ଗା ସହାୟତା ୭ କୋଟି ୫୮ ହଜାର ଟଙ୍କା ମଞ୍ଜୁର

ଭୁବନେଶ୍ୱର,୧୩।୬(ବ୍ୟୁରୋ): ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ପୁରୀ ଜିଲାରେ ଘର ହରାଇଥିବା କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏଥିପାଇଁ ୭ କୋଟି ୫୮ ହଜାର ମଞ୍ଜୁର କରାଯାଇଛି। ବିଶେଷତଃ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆରଏଫ୍)ରୁ ପ୍ରଦାନ କରାଯାଇଥିବା ସହାୟତା ରାଶିରୁ ବଞ୍ଚିତ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ଏହି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ୭୪୦୦ ପରିବାରଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଆଂଶିକ ଘର ଭାଙ୍ଗିଥିବା ୬୦୦ ପରିବାରଙ୍କୁ ୩୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ସେହିପରି ଅନ୍ୟ ଏକ ଘୋଷଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ପାଇଁ ଦୁଇଟି ନୂଆ ତହସିଲ ଘୋଷଣା କରିଛନ୍ତି। ପ୍ରଥମଟି ଝରବନ୍ଧ ତହସିଲ ହବ। ଦ୍ୱିତୀୟଟି ହେଉଛି- ଲଉଡ଼ିଧରା ତହସିଲ।

### ବିଏମ୍‌ସିର ଚଢ଼ାଉ: ୨କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପଲିଥିନ ଜବତ

ଭୁବନେଶ୍ୱର, ୧୩।୬(ବ୍ୟୁରୋ): ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ପଲିଥିନ ବ୍ୟାନ ହୋଇଥିଲେ ମଧ୍ୟ ବ୍ୟବସାୟୀମାନେ ଏହାର ବ୍ୟବହାର ଜାରି ରଖିଛନ୍ତି। ଏନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), କମିଶନରେଟ ପୋଲିସ, ଜଙ୍ଗଲ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ମିଳିତ ସ୍କ୍ୱାର୍ଡ ଦ୍ୱାରା ୨ଟି ସ୍କ୍ୱାର୍ଡ କରାଯାଇ ଚଢ଼ାଉ ଜାରି ରହିଛି। ଚଢ଼ାଉରେ ୨କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରାଯାଇଛି। ଏବେ ପଲିଥିନ ଗୋଦାମ ଉପରେ ଚଢ଼ାଉକୁ ଜୋରଦାର କରାଯାଇଛି। ସମସ୍ତ ଜବତ ପଲିଥିନକୁ କଟକ ରୋଡସ୍ଥିତ ଯାତ୍ରୀନିବାସରେ ରଖାଯାଇଛି। ସ୍କ୍ୱାର୍ଡ ପ୍ରଥମ ଦିନରେ ୭୫ କେଜି ପଲିଥିନ ଜବତ କରିଥିବାବେଳେ ଦ୍ୱିତୀୟ ଦିନରେ ୪୫ କେଜି ପଲିଥିନ ଜବତ କରିଥିଲେ। ଏବେ ୟୁନିଟ-୧, ୟୁନିଟ-୨, ଶହୀଦନଗର, ଚନ୍ଦ୍ରଶେଖରପୁର, ଡମଣା, ବରମୁଣ୍ଡା ଆଦି ବଜାର ଉପରେ ନଜର ରଖାଯାଇଛି। ଏହି ଚଢ଼ାଉ ଆଗକୁ ଜାରି ରହିବ ବୋଲି ସୂଚନା ମିଳିଛି।

### ବ୍ରାହ୍ମଣୀରେ ବୁଡ଼ିଗଲେ ୨ ଯୁବକ

ପବିତ୍ରନଗର, ୧୩।୬(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ସମଲ ବ୍ୟାରେଜ ତଳମୁଣ୍ଡରେ ବୁଡ଼ି ଗୁରୁବାର ପ୍ରାଣ ହରାଇଛନ୍ତି ଦୁଇ ଯୁବକ। ସେମାନେ ହେଲେ ସମଲ ବ୍ୟାରେଜ କଲୋନୀର ବିଶ୍ୱରଞ୍ଜନ ନାୟକ ଓ କାହ୍ନୁ ଚରଣ ମହାରଣା। ପୋଲିସ ଉଭୟଙ୍କ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ସମଲ ଥାନାରେ ନଂ. ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାରୁ ଜଣାପଡ଼ିଛି, ଅପରାହ୍ନ ପ୍ରାୟ ୨ଟା ବେଳେ ବିଶ୍ୱ, କାହ୍ନୁ ଓ ସେହି ଅଞ୍ଚଳର ବିଜୟ ମହାନ୍ତି ସମଲ ବ୍ୟାରେଜ ଆନିକଟ ତଳମୁଣ୍ଡରେ ଗାଧୋଉଥିଲେ। ସେହି ସମୟରେ ବିଶ୍ୱ ଓ କାହ୍ନୁ ପାଣି ସୁଅରେ ଭାସି ଯାଇଥିଲେ।

■ ରଥଯାତ୍ରା ତୃତୀୟ ସମନ୍ୱୟ ବୈଠକ

# ଫାସିକାଠଦାତାଙ୍କ ସଂଖ୍ୟା ହ୍ରାସ ନେଇ ଉଦ୍‌ବେଗ

ପୁରୀ ଅଫିସ,୧୩।୬

■ବସ୍‌ଭଡ଼ା ଅଧିକ ନେଲେ କାର୍ଯ୍ୟାନୁଷ୍ଠାନ
■୧୯୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ
■ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରହିବ ୫ ଆମ୍ବୁଲାନ୍ସ



ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଅନ୍ୟମାନେ।

ଆଉ ୨୦ଦିନ ପରେ ରଥଯାତ୍ରା। ହେଲେ ଏ ପର୍ଯ୍ୟନ୍ତ ପ୍ରସ୍ତୁତି ଅଧାପନ୍ତରିଆ। ରାସ୍ତାଘାଟ ମରାମତି କାମ ସରି ନ ଥିବାବେଳେ ଡ୍ରେନ ସଫେଇ ଚାଲିଛି। ବିଶେଷକରି ବର୍ଷକୁ ବର୍ଷ ଫାସିକାଠଦାତାଙ୍କ ସଂଖ୍ୟା କମୁଥିବାରୁ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିସହ ବଡଦାଣ୍ଡରେ ଟ୍ରାଫିକ ଜାମ୍‌ର ପ୍ରମୁଖ କାରଣ ସାଜୁଥିବା ବେଆଇନ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରାଯିବାକୁ ଦାବି ଉଠିଛି।

ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଗୁରୁବାର ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ରଥଯାତ୍ରାର ୩ୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ରଥ ନିର୍ମାଣ ପାଇଁ ଫାସିକାଠ ଦାନ କରିଥିବା ନୟାଗଡ଼ ଜିଲାର ୨୨ଜଣ ଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ରଥକାଠ, ରଥ ନିର୍ମାଣ, ରଥକନା, ଦଉଡ଼ି ଏବଂ ରଥଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଫାସିକାଠଦାତାଙ୍କ ସଂଖ୍ୟା କମୁଥିବା ନେଇ ଉପସ୍ଥିତ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଗତବର୍ଷ ଆସିଥିବା ଫାସିକାଠ ମଧ୍ୟରୁ କେତେକ ବଳକା ରହିଛି। ତେଣୁ ଏଥର ଯେତିକି ଦରକାର ସେତିକି ଲୋକଙ୍କଠାରୁ ଅଣାଯାଇଛି। ସେହିପରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ଆସନ୍ତା ୩ମାସ ମଧ୍ୟରେ ବନ ପ୍ରକଳ୍ପ ସମେତ ବିଭିନ୍ନ ଜଙ୍ଗଲ ଏବଂ ବ୍ୟକ୍ତିଗତ ମାଲିକାନାରେ ରଥ ନିର୍ମାଣରେ ଲାଗୁଥିବା ଗଛ କେତେ ସଂଖ୍ୟାରେ ରହିଛି ସେ ସମ୍ପର୍କରେ ରିପୋର୍ଟ ଦେବାକୁ ଆର୍‌ସିସିଏଫ୍ ଦିବାକର ମିଶ୍ରଙ୍କୁ କୁହାଯାଇଛି। ପ୍ରତ୍ୟେକ ବସ୍‌ରେ ରେଟ୍ ଚାର୍ଟ ରହିବ। ଧାର୍ଯ୍ୟ ମୂଲ୍ୟଠାରୁ କୌଣସି ବସ୍ ଅଧିକ ଭଡ଼ା ନେଲେ ସମ୍ପୃକ୍ତ ବସ୍ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ ସାମଲ କହିଛନ୍ତି। ରଥଯାତ୍ରା ପାଇଁ ଅଧିକ ୨୦୦ ବସ୍ ଚାଲିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ମହାନ୍ତି କହିଛନ୍ତି। ପୂର୍ବତଟ ରେଳପଥ ପକ୍ଷରୁ ଏଥର ୧୯୨ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ପୁରୀ ସମେତ ଆଖପାଖ ଷ୍ଟେଶନରେ ୨୬ଟି ଅଧିକ କ୍ୟାଟରିଂ, ୬୨ଟି ବୁକିଂ କାଉଣ୍ଟର, ୪୦ଟି ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ ବ୍ୟବସ୍ଥା କରାଯିବ। ଟ୍ରେନ୍‌ଗୁଡ଼ିକର ସମୟ ସାରଣୀ ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ।

ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନାବେଳେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସିଡିଏମ୍‌ଓ ଅମରେନ୍ଦ୍ର ମହାନ୍ତି କହିଥିଲେ ରଥଯାତ୍ରା ପାଇଁ ଅଧିକ ସଂଖ୍ୟକ ଡାକ୍ତର, ବେଡ୍, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା ଆଦି ବ୍ୟବସ୍ଥା ହେଉଛି। ବାତ୍ୟାରେ ଓଭରହେଡ୍ ପାଣିଟାଙ୍କି ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ହୋଇନାହିଁ। ତୁରନ୍ତ ପାଣିଟାଙ୍କି ନିର୍ମାଣ କରିବାକୁ ପିଏଚ୍‌ଇଓକୁ ଆଇନମନ୍ତ୍ରୀ କହିଥିଲେ। ହସ୍ପିଟାଲରେ ଯାହା ଅନ୍ୟାନ୍ୟ ଆବଶ୍ୟକ କାମ ରହିଛି ତାହାର ଏକ ତାଲିକା ପ୍ରସ୍ତୁତ କରି ଜିଲାପାଳଙ୍କ ସହ ଆଲୋଚନା ଲାଗି ସିଡିଏମ୍‌ଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଡ୍ରେନ୍ ସଫେଇ କାମ ଜୋର୍‌ସୋରରେ ଚାଲିଥିବା କହିଥିଲେ। ବଡଦାଣ୍ଡର ଟ୍ରାଫିକ ସମସ୍ୟାକୁ ନେଇ ହୋ ହଲ୍ଲା ହୋଇଥିଲା। ଗୁଣ୍ଡିଚା ମନ୍ଦିରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଧିକାଂଶ ମାର୍କେଟ କମ୍ପ୍ଲେକ୍ସ ବେଆଇନ ଭାବେ ତିଆରି କରାଯାଇଛି। ସେମାନଙ୍କର ପାର୍କିଂ ସୁବିଧା ନାହିଁ। ରାସ୍ତାରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ପାର୍କିଂ ସୁବିଧା ନ କରି ବେଆଇନ ଭାବେ ଚାଲୁଥିବା ୮ଟି ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ ପାଇଁ ଗତବର୍ଷ ରଥ ସମନ୍ୱୟ କମିଟି ବୈଠକରେ ଦାବି ହୋଇଥିଲା। ହେଲେ ବର୍ଷେ ବିତିଯାଇଥିଲେ ମଧ୍ୟ ତାହା କରାଗଲାନାହିଁ। ତେଣୁ ସମ୍ପୃକ୍ତ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ ପାଇଁ ଏଥର ବୈଠକରେ ପୁନଃ ଦାବି କରାଯାଇଥିଲା। ସେହିପରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ବର୍ତ୍ତମାନ ଗୋଟିଏ ଆମ୍ବୁଲାନ୍ସ ରହୁଛି। ଫଳରେ ଏହା ଠିକ୍ ଭାବେ ସେବା ଯୋଗାଇ ପାରୁନାହିଁ। ତେଣୁ ୫ଟି ଆମ୍ବୁଲାନ୍ସ ବିଭିନ୍ନ ସ୍ଥାନରେ ରଖିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଅଧିକାରୀଙ୍କୁ କୁହାଯାଇଛି। ଜାତୀୟ ରାଜପଥ ବିଭାଗ ବଡଦାଣ୍ଡରେ ପ୍ରତିବର୍ଷ ପିଚୁ ପକାଇ ଉଚ୍ଚା କରୁଥିବାରୁ ଶ୍ରୀମନ୍ଦିରରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ସେବାୟତମାନେ ଅଭିଯୋଗ କରିଥିଲେ। ଏ ଦିଗରେ ଧ୍ୟାନ ଦେବେ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ବୈଠକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଳଓ୍ୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳେଇ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା ଘଟଣା

## କମାଣ୍ଡାଣ୍ଟଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର,୧୩।୬(ବ୍ୟୁରୋ)

■ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ
■ଠିକ୍ ତଦନ୍ତ ଦାବିକଲେ ଅଭିଯୋଗକାରୀ

ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା ଦିଆଯାଉଥିବା ନେଇ ବୁଧବାର ଜଣେ ଟ୍ରେନି ଏସ୍‌ଆଇ ବିଶ୍ୱଜିତ୍ ବେହେରା ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଅନ୍ୟ କେତେଜଣ ମଧ୍ୟ ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ। ତେବେ ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କ ବିରୋଧରେ ଆସିଥିବା ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିଛି ପୋଲିସ ବିଭାଗ। ପୋଲିସ ଡିଜି ଆର୍.ପି. ଶର୍ମା ଛୁଟିରେ ଥିବାରୁ ଗୁରୁବାର ଘଟଣା ସଂକ୍ରାନ୍ତରେ କମାଣ୍ଡାଣ୍ଟ ସିଂଙ୍କୁ ରିପୋର୍ଟ ତଲବ କରିଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ। ରିପୋର୍ଟ ଆସିବା ପରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପାଧ୍ୟାୟ କହିଛନ୍ତି।

ଅନ୍ୟପକ୍ଷରେ ନିର୍ଯାତନା ଘଟଣାକୁ ନେଇ ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ବିଭାଗର ଭିତିରି ଗୁମର ପଦାକୁ ଆସିଛି। ଟ୍ରେନିଂ ସେଣ୍ଟରର ସମସ୍ତ ପରିଚାଳନା, ବିଭିନ୍ନ କାର୍ଯ୍ୟକ୍ରମ ଓ ଆର୍ଥିକ କାରବାର ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜର ପଡ଼ିଛି। ମିଳିଥିବା ସୂଚନାନୁସାରେ, ଅଭିଯୋଗ ସଂକ୍ରାନ୍ତରେ ତନାଘନା ଆରମ୍ଭ ହୋଇଥିବାବେଳେ କମାଣ୍ଡାଣ୍ଟ ସିଂ ମଧ୍ୟ ଏ ସଂକ୍ରାନ୍ତରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଅଭିଯୋଗ ଆଣିଥିବା ଏସ୍‌ଆଇ ବେହେରାଙ୍କ ନାଁରେ ମଧ୍ୟ ମୌଖିକ ଭାବେ କେତେକ ଅଭିଯୋଗ କରିଛନ୍ତି। ଏସବୁ ଘଟଣାକୁ ନେଇ ଏସଆଇ ବେହେରା କହିଛନ୍ତି, ପୂର୍ବରୁ ଯେତେବେଳେ ଟ୍ରେନିଂ ପାଇଁ ଆସିଥିଲି ସେତେବେଳେ ମୋର ଲିଗାମେଣ୍ଟ ସମସ୍ୟା ରହିଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ ଟ୍ରେନିଂ ନେବାକୁ ମନା କରାଯାଇଥିଲା। ଟ୍ରେନିଂ ସେଣ୍ଟରରେ କୌଣସି ପ୍ରକାର ଠକି ନାହାନ୍ତି କି ଲୁଚିକରି ଯାଇନାହାନ୍ତି। ଟ୍ରେନିଂ ସମୟରେ ୨ଟି ପ୍ରୋସିଡିଂ ଥିବା ନେଇ ଯେଉଁ ଅଭିଯୋଗ ଅଣାଯାଉଛି ତାହାର ବାସ୍ତବତା ଉପସ୍ଥାପନ କରାଯାଉ। ଟ୍ରେନିଂ ସମୟରେ କମାଣ୍ଡାଣ୍ଟ ସିଂ ଯେଉଁଭଳି ଭାବେ ଖରାପ ବ୍ୟବହାର କରିବା ସହ ନିର୍ଯାତନା ଦେଇଛନ୍ତି ତାହା ଠିକ୍ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା ଦିଆଯାଉଥିବା ନେଇ କେନ୍ଦୁଝର ଜିଲା ଘଟଗାଁ ଥାନାର ଏସ୍‌ଆଇ ବେହେରା ମଧ୍ୟ କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଓ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟକୁ ଅନ୍‌ଲାଇନ୍‌ରେ ଅଭିଯୋଗ ପଠାଇଛନ୍ତି।

# ସାଇବର କ୍ରାଇମ୍‌ରେ ନାବାଳକ

ସମ୍ବଲପୁର,୧୩।୬(ବ୍ୟୁରୋ)



■ମନ୍ତ୍ରୀ, ବିଧାୟକଙ୍କ ନାମରେ ମିଥ୍ୟା ଫେସବୁକ୍ ଆକାଉଣ୍ଟ
■ଟଙ୍କା, ବିଭିନ୍ନ ସାମଗ୍ରୀ ଠକେଇ
■ଜନସାଧାରଣ ସଚେତନ ହେବା ଜରୁରୀ:ଏସ୍‌ପି

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ରାମଜୀ ମନ୍ଦିର ନିକଟରେ ରହୁଥିବା ଜଣେ ନାବାଳକଙ୍କୁ ସାଇବର ଅପରାଧରେ ପୋଲିସ କବ୍‌ଜାକୁ ନେଇଛି। ସେ ମନ୍ତ୍ରୀ, ବିଧାୟକ, ବ୍ୟବସାୟୀ ଏପରି କି ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କ ନାମରେ ମିଥ୍ୟା ଫେସବୁକ୍ ଆକାଉଣ୍ଟ ଖୋଲି ଲୋକଙ୍କୁ ଠକେଇ କରୁଥିଲେ। ବିଭିନ୍ନ ବ୍ୟକ୍ତିଙ୍କ ସହ ଫେସବୁକ ବନ୍ଧୁତା ସ୍ଥାପନ କରି ନିଜକୁ ମନ୍ତ୍ରୀ କିମ୍ବା ଜିଲାପାଳ ପରିଚୟ ଦେଇ ସାହାଯ୍ୟ ପାଇଁ ଅନୁରୋଧ କରୁଥିଲେ। ଲୋକଙ୍କଠାରୁ ଟଙ୍କା, ସୁନା ଅଳଙ୍କାର, ମୋବାଇଲ ଓ ଅନ୍ୟ ସାମଗ୍ରୀ ଠକି ନେଉଥିଲେ। ମନ୍ତ୍ରୀ, ଜିଲାପାଳଙ୍କ ଭଳି ବ୍ୟକ୍ତିଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ଲୋକେ କୁଣ୍ଠାବୋଧ କରୁ ନ ଥିଲେ। ହେଲେ ସମ୍ବଲପୁରର ପୂର୍ବତନ ନଗରପାଳ ସିଦ୍ଧାର୍ଥ ସାହାଙ୍କ ଅଭିଯୋଗ କ୍ରମେ ସ୍ୱତନ୍ତ୍ର ପୋଲିସ ଟିମ୍ ଏହି ସାଇବର ଅପରାଧୀଙ୍କୁ ଧରିପାରିଛି ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ସଞ୍ଜୀବ ଅରୋରା ସୂଚନା ଦେଇଛନ୍ତି।

ଆରୋରା କହିଛନ୍ତି, ସିଦ୍ଧାର୍ଥଙ୍କ ଫଟୋ ଦେଇ ନାବାଳକ ଜଣକ ଏକ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲିଥିଲେ। ବିଭିନ୍ନ ଲୋକଙ୍କ ସହ ଫେସ୍‌ବୁକ୍‌ରେ ବନ୍ଧୁତା ସ୍ଥାପନା କରିଥିଲେ। ଏହି ଫେକ୍ ଆକାଉଣ୍ଟରୁ ବୁର୍ଲାର କ୍ରିଷ୍ଣା ମାଝିଙ୍କୁ ସାହାଯ୍ୟ ଦରକାର କହି ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୧ହଜାର ଟଙ୍କା ଦେବାକୁ କହିଥିଲେ। ସେହିପରି ବୁଢ଼ାରାଜାର ନିର୍ମଳ ଭୋଇଙ୍କୁ ଏକ ମୋବାଇଲ ଫୋନ ଦେବାକୁ ମଧ୍ୟ କହିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏ ନେଇ ଟାଉନ ଥାନାରେ ଦଫା ୪୧୯, ୪୨୦ ଆଇପିସି, ୬୬-ସି, ୬୬-ଡି ଆଇଟି ଆକ୍ଟରେ ଏକ ମାମଲା (ନଂ. ୨୪୬/୧୯) ରୁଜୁ ହୋଇଛି। ନାବାଳକ ଜଣକ ସମ୍ବଲପୁର ଜିଲାପାଳ ଶୁଭମ ସକସେନା, ଝାରସୁଗୁଡ଼ା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାଶ, କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ନାମରେ ମଧ୍ୟ ଫେକ୍ ଫେସବୁକ ଆକାଉଣ୍ଟ ଖୋଲିଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମଧ୍ୟ ଜାନୁୟାରୀ ୨୦୧୯ରେ ଏହି ନାବାଳକ ଜଣକ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଫେସବୁକ ଆକାଉଣ୍ଟ ହ୍ୟାକ୍ କରି ଚାନ୍ଦା ଆଦାୟ କରିଥିଲେ ବୋଲି ଏସ୍‌ପି କହିଛନ୍ତି। ସେହିପରି ପେଟ୍ରୋଲ ପମ୍ପ କରାଇଦେବା ନାମରେ ମଧ୍ୟ ୨ଲକ୍ଷ ୯୭ ହଜାର ୫ଶହ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ସୋସିଆଲ ମିଡିଆରେ ବିଭିନ୍ନ ଉପାୟରେ ଠକେଇ ହେଉଛି। ଏ ନେଇ ଜନସାଧାରଣ ସଚେତନ ହେବା ଜରୁରୀ ବୋଲି ଏସ୍‌ପି ଅରୋରା କହିଛନ୍ତି।

■ ଫନୀ ମୁକାବିଲା ନେଇ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ପ୍ରଶଂସା

# 'ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ପ୍ରସ୍ତୁତି ବିଶ୍ୱସ୍ତରୀୟ'


ସଚିବାଳୟରେ ଗୁରୁବାର ବାତ୍ୟା ଫନୀ ପରବର୍ତ୍ତୀ ପୁନରୁଦ୍ଧାର ନେଇ ସମୀକ୍ଷା ବୈଠକରେ ରାଜ୍ୟ ସରକାର ଓ ଏନ୍‌ଡିଏମ୍‌ଏ ଅଧିକାରୀଙ୍କ ମଧ୍ୟରେ ଆଲୋଚନା।

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

■କେନ୍ଦ୍ର ନିକଟରେ ଅଧିକ ୫୨୦୦ କୋଟି ଟଙ୍କା ଦାବି କଲେ ମୁଖ୍ୟ ଶାସନ ସଚିବ
■ପୁନରୁଦ୍ଧାର ପାଇଁ ବୈଷୟିକ ସହଯୋଗ ପାଇଁ ମିଳିଲା ପ୍ରତିଶ୍ରୁତି

ବାତ୍ୟା ଫନୀ ମୁକାବିଲା କରିବାରେ ଓଡ଼ିଶାର ପ୍ରସ୍ତୁତି ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପ୍ରଣାଳୀ ବିଶ୍ୱସ୍ତରୀୟ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍, ଟେଲିକମ୍ ସେବାର ପୁନରୁଦ୍ଧାର ଏବଂ ଗୃହନିର୍ମାଣ କ୍ଷେତ୍ରରେ କେନ୍ଦ୍ର ପକ୍ଷରୁ ସମସ୍ତ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ସଦସ୍ୟ କମଲ କିଶୋର କହିଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସରକାର ଏବଂ ଏନ୍‌ଡିଏମ୍‌ଏ ସମନ୍ୱୟ ବୈଠକରେ କମଲ ଯୋଗଦେଇ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକ ନିର୍ଣ୍ଣୟ ବିନ୍ଦୁ ନିର୍ଦ୍ଧାରଣ କରିଛି। ଯାହା ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକ ପାଇଁ ଅନୁକରଣୀୟ ବୋଲି କିଶୋର କହିଛନ୍ତି।

ମୁଖ୍ୟ ଶାସନ ସଚିବ ପାଢୀ କହିଛନ୍ତି ଯେ, ଫନୀ ପରେ ଏବେ ପୁନଃ ଥଇଥାନ ଓ ପୁନଃ ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଉଛି। ଏହି କାର୍ଯ୍ୟରେ ଅନ୍ତର୍ଜାତୀୟସ୍ତରୀୟ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ସେ ଏନ୍‌ଡିଏମ୍‌ଏକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ମିଳିଥିବା ୧ହଜାର କୋଟି ଟଙ୍କାର ବିନିଯୋଗ ହୋଇସାରିଛି। ପୁନଃ ଥଇଥାନ କାର୍ଯ୍ୟ ଲାଗି ଏନ୍‌ଡିଆର୍‌ଏଫ୍‌ରୁ ଆହୁରି ୫,୨୦୦ କୋଟି ଟଙ୍କା ଯୋଗାଇ ଦେବାକୁ ପାଢୀ ଅନୁରୋଧ ମଧ୍ୟ କରିଛନ୍ତି। ଏହାଛଡ଼ା ବାତ୍ୟା ସହନଶୀଳ ଗୃହ ନିର୍ମାଣ, ବିଦ୍ୟୁତ୍ ବଣ୍ଟନ ଭିତିଭୂମି, ଟେଲିକମ୍ ଏବଂ ଜୀବିକା ନିର୍ବାହ ସହାୟତା ଆଦି କ୍ଷେତ୍ରରେ ଉଭୟ ରାଜ୍ୟ ସରକାର ଏବଂ ଏନ୍‌ଡିଏମ୍‌ଏ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସ୍ଥିର ହୋଇଥିବା ଜଣାପଡ଼ିଛି।

ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ବାତ୍ୟାରେ ପ୍ରାୟ ୧.୩୫ଲକ୍ଷ ବାସଗୃହ ନଷ୍ଟ ହୋଇଛି, ୧.୪୦ଲକ୍ଷ ପକ୍କା ଏବଂ ୨.୭୨ଲକ୍ଷ କଚ୍ଚାଘର ଆଂଶିକ ଭାବେ ଭାଙ୍ଗିଯାଇଛି। ଏହା ବ୍ୟତୀତ ୭୫୪୭ କୁଡ଼ିଆ ଏବଂ ୧.୯୧ ଲକ୍ଷ ଗୁହାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୧,୪୬,୩୧୧ ହେକ୍ଟର ଜମିରେ ଶତକଡ଼ା ୩୩ଭାଗରୁ ଅଧିକ ଫସଲ ନଷ୍ଟ ହୋଇଥିବାବେଳେ ୬,୨୮୧ ବଡ଼ ଗୃହପାଳିତ ପ୍ରାଣୀ ଏବଂ ୫୩.୨୬ ଲକ୍ଷ କୁକୁଡ଼ା କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା ଯୋଗୁ ୭୧,୦୬୦ ହସ୍ତଶିଳ୍ପୀ, ୪୨,୪୮୮ ହସ୍ତତନ୍ତ ବୁଣାକାର, ୧୨,୧୩୫ ରେଶମ ଚାଷୀଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ୬,୪୧୬ ବୋଟ୍, ୮୮୨୮ ମାଛଧରା ଜାଲ ମଧ୍ୟ ନଷ୍ଟ ହୋଇଛି। ଯେଉଁଥି ଲାଗି ମତ୍ସ୍ୟଜୀବୀଙ୍କ ଜୀବିକାନିର୍ବାହ ପନ୍ଥା ନଷ୍ଟ ହୋଇଛି। ୫୬୩ ଅଣୁ ଓ କ୍ଷୁଦ୍ରଶିଳ୍ପ ସହ ଲୁଣ ଖଳା ଶିଳ୍ପ ନଷ୍ଟ ହୋଇଯାଇଛି। ଓଡ଼ିଶାରେ କୃଷି ଓ ଉଦ୍ୟାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କମିଶନର ସେଠୀ କହିଛନ୍ତି। ରାସ୍ତାକଡ଼ ଦୋକାନୀ ଏବଂ ବୁଲା ବିକାଳିଙ୍କ ସହାୟତା ପାଇଁ ଏନ୍‌ଡିଆର୍‌ଏଫ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ) ଅନ୍ତର୍ଭୁକ୍ତ କରାଇବାକୁ ସେ ଏନ୍‌ଡିଏମ୍‌ଏଙ୍କୁ ଅନୁରୋଧ କରିଛନ୍ତି।

# ଭାଜପାର ସାଙ୍ଗଠନିକ ନିର୍ବାଚନୀ ପ୍ରସ୍ତୁତି

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

■ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ବସିଲା ବୈଠକ
■ସୁରେଶ ପୂଜାରୀ ନୂତନ ସଦସ୍ୟତା ଅଭିଯାନର ରାଷ୍ଟ୍ରୀୟ ସହପ୍ରଭାରୀ
■ରାଜ୍ୟ ସଭାପତି ଦୌଡ଼ରେ ବହୁ ଆଶାୟୀ

ଭାଜପା ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୩ ବର୍ଷକୁ ଥରେ ସର୍ବଭାରତୀୟ ସ୍ତରରେ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ସମୟସୀମା ପୂରଣ ହୋଇସାରିଥିବା ଯୋଗୁ ଏଥିପାଇଁ ଦଳ ନିଜର ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଷ୍ଟ୍ରୀୟ ପଦାଧିକାରୀ, ପ୍ରତ୍ୟେକ ରାଜ୍ୟର ସଭାପତି, ପ୍ରଭାରୀ ଏବଂ ସହପ୍ରଭାରୀମାନେ ଯୋଗଦେଇଛନ୍ତି। ଦଳ ପକ୍ଷରୁ ଖୁବ୍‌ଶୀଘ୍ର ନୂଆ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏ ନେଇ ଦଳର ଯାହା ବ୍ୟବସ୍ଥା ରହିଛି ସେଦିଗରେ ଶାହ ବୈଠକରେ ଉପସ୍ଥିତ ସମସ୍ତଙ୍କ ସହ ଆଲୋଚନା କରିଛନ୍ତି। ସର୍ବଭାରତୀୟ ନୂଆ ସଦସ୍ୟତା ପାଇଁ ପ୍ରଭାରୀ ଭାବେ ଶିବରାଜ ସିଂ ଚୌହାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କୁ ସହପ୍ରଭାରୀ କରାଯାଇଛି। ଏମାନଙ୍କ ନେତୃତ୍ୱରେ ଖୁବ୍‌ଶୀଘ୍ର ପ୍ରତ୍ୟେକ ରାଜ୍ୟର ନୂଆ ସଦସ୍ୟତା ପ୍ରଭାରୀ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ଦଳ ପକ୍ଷରୁ ରାଜ୍ୟରେ ନୂଆ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାପରେ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ, ଜିଲା, ମଣ୍ଡଳସ୍ତରରେ ନୂତନ ସଭାପତି ଚୟନ କରାଯିବ। ସୂଚନା ମୁତାବକ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଛି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମଧ୍ୟ କାର୍ଯ୍ୟକାଳ ଗତ ଜାନୁୟାରୀରେ ସମାପ୍ତ ହୋଇଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ କରି ଦଳ ବସନ୍ତ ପଣ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଦେଶରେ ଆରମ୍ଭ ହେବାକୁ ଥିବା ନୂତନ ସଦସ୍ୟତା ଅଭିଯାନ ଶେଷ ହେବାପରେ ବିଭିନ୍ନ ରାଜ୍ୟରେ ଦଳର ସଭାପତି ପରିବର୍ତ୍ତନ ହେବେ। ସଦସ୍ୟତା ଅଭିଯାନ ସରିବା ପରେ ଜାତୀୟସ୍ତରରେ ଦଳ ପକ୍ଷରୁ ନିର୍ବାଚନ ଅଧିକାରୀ ନିଯୁକ୍ତ ହେବେ। ସେ ରାଜ୍ୟ ପାଇଁ ନିର୍ବାଚନ ଅଧିକାରୀ ବାଛିବେ। ତାଙ୍କ ନେତୃତ୍ୱରେ ରାଜ୍ୟ, ଜିଲା ଏବଂ ମଣ୍ଡଳସ୍ତରର ସଭାପତି ନିଯୁକ୍ତ ହେବେ। ପ୍ରତ୍ୟେକ ଜିଲାସ୍ତରରେ ୨୦ରୁ ୨୫ପ୍ରତିଶତ ନୂଆ ସଦସ୍ୟ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ତେବେ ଦଳର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ସଭାପତି ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନ ପୂର୍ବରୁ ଯେତିକି ନେତା ଆଶାୟୀ ଥିଲେ ଏବେ ତା'ର ସଂଖ୍ୟା ବୃଦ୍ଧି ପାଇଚାଲିଛି ବୋଲି ଦଳର ଜଣେ ନେତା କହିଛନ୍ତି। ବହୁ ହେଭିଓ୍ୱେଟ୍ ନେତା ହାରିଯିବା ପରେ ବର୍ତ୍ତମାନ ରାଜ୍ୟ ସଭାପତି ପଦ ଉପରେ ନଜର ପକାଇଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ କେ.ଭି. ସିଂ ଦେଓ, ମନମୋହନ ସାମଲ, ପ୍ରଦୀପ ପୁରୋହିତ, ଭୃଗୁ ବକ୍ସିପାତ୍ରଙ୍କ ନାଁକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି।



# ବନସ୍ତେ ଡାକିଲା ଗଜ...

**ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରର ସଂସ୍କୃତି ସହ ରଜ ଓତଃପ୍ରୋତ ଭାବେ ଜଡ଼ିତ। ଏଥିଲାଗି ପିଲାଠୁ ବୁଢ଼ାଯାଏ ସମସ୍ତଙ୍କ ମନରେ ଭରିଥାଏ ଉନ୍ମାଦନା । ନୂଆ ବସ୍ତ୍ର ପିନ୍ଧି ପିଠାପଣା ଖାଇ ଦୋଳି ଖେଳି ଓ ନାଚଗୀତ କରି ରଜ ପାଳିଥାନ୍ତି।**

**ଉତ୍ସବ ମୁଖର କେନ୍ଦୁଝର**

'ବନସ୍ତେ ଡାକିଲା ଗଜ, ବରଷକୁ ଥରେ ଆସିଛି ରଜ, ଆସିଛି ରଜଲୋ ଘେନି ନୂଆ ସଜବାଜ' । ହଁ ଆଜି ପହିଲି ରଜ। କୃଷିଭିତ୍ତିକ ଏହି ପର୍ବକୁ ଗାଁଠୁ ସହର ପ୍ରତିଟି ଓଡ଼ିଆ ପରିବାର ପାଳିଥାନ୍ତି। ବିଶେଷକରି କେନ୍ଦୁଝର ଜିଲାରେ ରଜ ପର୍ବ ନିଆରା ଢଙ୍ଗରେ ପାଳିତ ହୋଇଥାଏ।

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରର ସଂସ୍କୃତି ସହ ରଜ ଓତଃପ୍ରୋତ ଭାବେ ଜଡ଼ିତ। ପୂର୍ବରୁ ଜିଲାରେ ୩ରୁ ୭ ଦିନ ଧରି ପାଳିତ ହେଉଥିଲା ଏହି ପର୍ବ । ଏହି ଦିନଗୁଡିକରେ ନୂଆ ବସ୍ତ୍ର ପିନ୍ଧି ପିଠାପଣା ଖାଇ ଦୋଳି ଖେଳି ଓ ନାଚଗୀତ କରି ରଜ ପାଳିଥାନ୍ତି। ପିଲାଠୁ ବଡ଼ ଯାଏ ସମସ୍ତଙ୍କ ମନରେ ଭରିଦିଏ ଉନ୍ମାଦନା। ଏହି ଦିନରେ ପରିବାର ଲୋକେ ଯେଉଁଠି ବି ଥାଆନ୍ତୁନା କାହିଁକି ଏକାଠି ହୋଇଥାନ୍ତି ବୋଲି ବରିଷ୍ଠ ଅଧ୍ୟାପକ ଡ. ଅନିଲ କୁମାର ଦାସ କୁହନ୍ତି।

'ବିଶେଷକରି ରଜ ପର୍ବ ମହିଳାମାନଙ୍କ ଆନନ୍ଦର ପର୍ବ । ମହିଳାମାନେ ଏହି ତିନିଦିନ ଘରର କୌଣସି କାମ କରନ୍ତି ନାହିଁ । ଏଣୁ ଏଥିପାଇଁ ପୂର୍ବରୁ ପିଠାପଣା ଆଦିର ବ୍ୟବସ୍ଥା କରିଥାନ୍ତି। ଏପରି କି ଆଗରୁ ପାଣି ମଧ୍ୟ ସଂଗ୍ରହ କରିଥାନ୍ତି। ରଜରେ ନୂଆ ଲୁଗା ପିନ୍ଧି, ଗୋଡ଼ରେ ଅଳତା ଲଗାଇ ଆଉ ଓଠକୁ ଲାଲ୍ କରିବା ପାଇଁ ଖିଲିପାନ ଖାଇ ପୁଚି, ବାଗୁଡି ଆଦି ଖେଳ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ନୃତ୍ୟଗୀତ ଗାଇ ଦୋଳି ଖେଳରେ ମଜ୍ଜିଯାଆନ୍ତି ବୋଲି କୁହନ୍ତି ବରିଷ୍ଠ ସାହିତ୍ୟିକ ରାମକୃଷ୍ଣ ମହାପାତ୍ର।

କାଠରେ ଦୋଳି ନିର୍ମାଣ କରାଯାଇଥାଏ। 'ଆଗରୁ ପ୍ରତ୍ୟେକ ଗ୍ରାମର ଆମ୍ବତୋଟା ବା ଘରେ ଘରେ ଦୋଳି ହେଉଥିଲା। କିନ୍ତୁ ଜଙ୍ଗଲ ଧ୍ୱଂସ ପାଇବା ଯୋଗୁ ଏହି ପର୍ବ ଆଗଭଳି ପାଳନ ହୋଇପାରୁନାହିଁ । ଏହାର ସ୍ୱରୂପ ବଦଳିଯାଇଛି ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା କହିଛନ୍ତି। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ପୁଟୁଳିଆ, ବୀଣାଝରି, ବିସ୍ତାପାଳ, ଜଳବଙ୍ଗ, ସୀତାବିଞ୍ଜି ଭଳି କେତେକ ଗ୍ରାମ ତଥା ଆନନ୍ଦପୁର ଅଞ୍ଚଳରେ ସ୍ଥାନୀୟ ସଙ୍ଗଠନ ଉଦ୍ୟମରେ ମେଳା ଆୟୋଜନ କରାଯାଉଛି । ବିଭିନ୍ନ ପ୍ରକାର ଦୋଳି ସହିତ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସେହିପରି ଜିଲାର ଗୋବର୍ଦ୍ଧନ, ଜାମୁଜୋଡି, ପଟିଲୋ, ବଲାଣୀପଶି, ଜଘିଂରା, ଚମ୍ପୁଆ, ଉଖୁଣ୍ଡା, ଜାଲି, ନୟାଗଡ଼ ଆଦି ଗ୍ରାମରେ ରଜ ପର୍ବ ଧୁମ୍‌ଧାମ୍‌ରେ ପାଳନ ହେଉଛି ।

ସେହିପରି ସଦର ବ୍ଲକର ପୁଟୁଳିଆର ବୃହତ୍ ରାମଦୋଳି, ଘଟଗାଁ ବ୍ଲକର ବୀଣାଝରିରେ ବହୁ କିସମର ଦୋଳି ଅନେକଙ୍କୁ ଆକୃଷ୍ଟ କରିଥାଏ । ସେଠାରେ ଦୋଳିଖେଳ ସାଙ୍ଗକୁ ବିଭିନ୍ନ ପ୍ରକାର ରଜଗୀତ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ତାସ୍, ଲୁଡୁ, ବାଗୁଡି ଆଦି ଖେଳ ପ୍ରତିଯୋଗିତା ହୋଇଥାଏ। ସଦର ବ୍ଲକର ବିସ୍ତାପାଳରେ ଆଦିବାସୀ ସଂପ୍ରଦାୟର ମହିଳା ଓ ପୁରୁଷଙ୍କ ରାତିତମାମ ନୃତ୍ୟଗୀତ, ସଦର ବ୍ଲକର ଜଳବଙ୍ଗରେ ରଜବତୀ ବିବାହ ନିଆରା ପରମ୍ପରା ବହୁ ବର୍ଷରୁ ଚାଲିଆସୁଛି । ମାଟିରେ ରଜବତୀ ଓ ବର ମୂର୍ତ୍ତି ତିଆରି କରି ମହିଳାମାନେ ପାରମ୍ପରିକ ରୀତିନୀତିରେ ବାହାଘର କରିଥାନ୍ତି, ଯାହାକୁ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମେ । ସେହିପରି ଜିଲାର ପୌରାଣିକ ପୀଠ ସୀତାବିଞ୍ଜିରେ ଏହି ଦିନରେ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ । ଦୋକାନ ବଜାର ଓ ମୀନାବଜାର ବସେ । ଯଦିଓ ଏଠାରେ ଦୋଳିର ବ୍ୟବସ୍ଥା ନାହିଁ, ତଥାପି ଏହି ପୀଠକୁ ଲୋକେ ମାତା ସୀତା, ଲବ ଓ କୁଶଙ୍କ ପ୍ରସ୍ତର ମୂର୍ତ୍ତି ଦର୍ଶନ କରିବାକୁ ଆସିଥାନ୍ତି।

**–ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**



ରାମ ଦୋଳି

# ନିଆରା ରଜପାନ

**ରଜପାନର ସ୍ୱାଦ ସତରେ ନିଆରା। ଏହି ପର୍ବରେ ଭଳିକି ଭଳି ଭିନ୍ନ ସ୍ୱାଦର ପାନ ଖୋର୍ଦ୍ଧା ଜିଲା ସାରୁଅ ବଜାରରେ ଗ୍ରାହକଙ୍କର ମନ ମୋହିଥାଏ। ଗୀତର ତାଳେ ତାଳେ ପାନ ଭଙ୍ଗାର ତରିକା ଗ୍ରାହକଙ୍କୁ ଦୋକାନୀ ପାଖକୁ ଟାଣି ଆଣିଥାଏ। ପୋଡ଼ପିଠାର ଚାହିଦା ପରି ପାନର ଚାହିଦା ବି ଏଠାରେ କମ୍ ନ ଥାଏ ।**



ମା'ଙ୍କ ସହ ପ୍ରେରଣା ପ୍ରତୀକ୍ଷା

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଗଣପର୍ବ ରଜ। ଗାଁଠାରୁ ସହର ଯାଏଁ ସବୁଠି ଲାଗି ରୁହେ ରଜରେ ମିଠାର ଅନୁଭୂତି। ଝିଅବୋହୂ ମିଳିତ ହୋଇ ପିଠାପଣା ଓ ରଜ ପାନ ଖାଇ ବିଭିନ୍ନ ପଲ୍ଲୀଗୀତ ଗାଇ ଦୋଳି ଖେଳି ରଜ ପାଳନ କରିଥାନ୍ତି। ତେବେ ରଜ ଅବସରରେ ଏବେ ପାନର ଚାହିଦା ବଢ଼ିବାରେ ଲାଗିଛି। ରଜ ପାନର ସ୍ୱତନ୍ତ୍ରତା ରହୁଛି। ପାନ ଖାଇବା ଓ ନ ଖାଇବା ଲୋକ ମଧ୍ୟ ରଜ ପାନ ଖାଇ ମଜା ଉଠାଇଥାନ୍ତି। ପୂର୍ବେ ଘରେ, ଖଟିରେ ପାନ କେବଳ ଭଙ୍ଗାଯାଉଥିଲା। ଏବେ ରଜ ଆସିଲେ ଖୋର୍ଦ୍ଧା ନିକଟସ୍ଥ ସାରୁଅ ବଜାରରେ ପ୍ରାୟ ୨୫ ବର୍ଷ ଧରି ପସରା ପଡୁଛି। ସାରୁଅ ବଜାର ଦେଇ ଗଲାବେଳେ ପାନର ପସରା ଦେଖି ଗାଡି, ବାଇକ୍, ସାଇକେଲ ଓ ପାଦ ଚଲା ଲୋକ ଅଟକିଯାଏ ରଜ ପାନ କିଣିବା ପାଇଁ। ତେବେ ରଜ ବଜାରରେ ମିଠା ପାନର ଚାହିଦା ଅଧିକ ରହୁଛି। ସାରୁଅ ବଜାରରେ ଅକ୍ଷୟ ଭାଇନା, ମୂଷା ଭାଇନାଙ୍କ ପରି ୧୫ ଦୋକାନ ଗଢ଼ି ଉଠିଛି। ପୂର୍ବରୁ ଏଠାରେ ୭ଟି ପାନଦୋକାନ ଥିବାବେଳେ ରଜ ଉପଲକ୍ଷେ ନୂଆ ୮ଟି ଖୋଲିଛି। ସବୁବେଳେ ଏଠାରେ ମିଠାପତ୍ର ବନାରାସୀ ପାନ ବିକ୍ରି ହୁଏ। ତେବେ ରଜକୁ ଦୃଷ୍ଟିରେ ରଖି ଏଠାରେ ସ୍ୱତନ୍ତ୍ର ଭାବେ ରଜପାନ ପ୍ରସ୍ତୁତ କରାଯାଏ। ଏଥିପାଇଁ ରଜର ୧୦ଦିନ ପୂର୍ବରୁ କଲିକତା ଯାଇ ମିଠା ପାନ ପତ୍ର ସାଙ୍ଗକୁ ମିଠା ପାନ ମସଲା ଆଣିବାକୁ ପଡିଥାଏ। ଦୋକାନ ଆଗରେ ଗୁଲକନ୍, ଚେରୀ, ଜେଲି ଆଦି ୮୦ ପ୍ରକାରର ମିଠା ମସଲା ସଜେଇ ହୋଇ ରହିଛି। ଗୋଟା ପାନରେ ଚନ୍ଦନ, ଧଳା ଖଇର ମାରି ଭଜା ଓ ପାତି ଗୁଆ, ଛୁଞ୍ଚି ଗୁଆ, ପ୍ରସାଦ, ନିଲମ, ଚଟଣୀ, ଲବଙ୍ଗ, ଗୁଜୁରାତି ଓ ହୀରାମୋତି ପରି ମସଲା ପଡୁଛି। ଲବଙ୍ଗ ପାନ, ତ୍ରିଭୁଜ ପାନ, ପୋଡପିଠା ପାନ, ଫାୟାର ପାନ ପରି ନାଁ ଅନୁଯାୟୀ ଭିନ୍ନ ଭିନ୍ନ ମସଲା ପଡୁଛି। ସବୁ ପାନର ସ୍ୱାଦ ମଧ୍ୟ ଅଲଗା। ଦୋକାନୀଙ୍କ ହାତକୁ ମଧ୍ୟ ଫୁରସତ ନ ଥାଏ। ବର୍ଷର ୪ ଦିନ ଏଠାରେ ରଜ ପାନ ମିଳିଥାଏ। ପ୍ରତି ବ୍ୟବସାୟୀ ରଜ ପାନରେ କେବଳ ୧୦ ହଜାରରୁ ଆରମ୍ଭ କରି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିଥାନ୍ତି। ଚଳିତବର୍ଷ ଭଲ ବ୍ୟବସାୟ ଆଶା ରଖି ପାନ ବିକ୍ରି ଆରମ୍ଭ ହୋଇଛି। ଖୋର୍ଦ୍ଧା ସହରର ଗୁରୁଜଙ୍ଗରେ ସନ୍ତୋଷ ପାଇକରାୟ, ଖୋର୍ଦ୍ଧା ବଜାର ଷ୍ଟେଟବ୍ୟାଙ୍କ ଛକ ଭରତ ପଟ୍ଟନାୟକ, ସମବାୟ ଛକରେ ସତ୍ୟନାରାୟଣ ସାହୁ, ଗାନ୍ଧୀ ମାର୍କେଟ ଛକରେ ଲୁନା ସାହୁ, ମ୍ୟୁନିସିପାଲିଟି ରୋଡ ରବି ଜେନାଙ୍କ ଦୋକାନରେ ରଜ ପାନ ମଧ୍ୟ ମିଳୁଛି।

**–ଲୋକନାଥ ମିଶ୍ର, ଖୋର୍ଦ୍ଧା**



ସୁଜାତା ସାହୁ



## ଏମାନେ କୁହନ୍ତି

–ଖୋର୍ଦ୍ଧାର ଭରତ ପଟ୍ଟନାୟକ କୁହନ୍ତି, ୧୩ରୁ ୩୩ ବର୍ଷ ହେଲା ପାନ ବିକ୍ରି କରି ଆସୁଛି। ସାଧାରଣ ଦିନଗୁଡିକରେ ତାଙ୍କ ପାନର ଚାହିଦା ରହିଥାଏ। ରଜ ସମୟରେ ଚାହିଦା ଅଧିକ ବଢ଼େ।

–ରଜ ପାନର ଦାମ ୫ଟଙ୍କାରୁ ୧୫୦ଟଙ୍କା ପର୍ଯ୍ୟନ୍ତ ରହିଥିବା କୁହନ୍ତି, ସାରୁଅ ବଜାରର ଦୋକାନୀ ପ୍ରକାଶ କୁମାର ଦାଶ (ମୂଷା ଭାଇନା)। ୧୯୮୦ରୁ ମୂଷା ଭାଇନା ପାନ ଦୋକାନ କରିଥିବା କହିଛନ୍ତି।

–ତାଳଚେରର ସୁଜାତା ସାହୁ କୁହନ୍ତି, ସାରୁଅ ବଜାରରେ କାମ ଥିଲା। ସ୍ୱାମୀଙ୍କ ସହ ସାରୁଅ ଆସିଥିଲି। ବଜାରରେ ପାନର ପସରା ଦେଖି ପାନ କିଣିଲୁ। ତେବେ ପାନର ସ୍ୱାଦ ଭାରି ବଢ଼ିଆ।

–ଖୋର୍ଦ୍ଧା ସହରର ବକ୍ସିଲେନର ଟେଲି କଳାକାର ପ୍ରେରଣା ପ୍ରତୀକ୍ଷା କୁହନ୍ତି, ରଜ ପାନର ସ୍ୱାଦ ନିଆରା। ମୁଁ ନିଜେ ଖାଇ ମା'ଙ୍କୁ ଖାଇବାକୁ ଦେଇଥିଲି। ମିଠାପାନ ଖାଇ ରଜକୁ ଖୁସିରେ କଟାଇବା ଆରମ୍ଭ କରିଛି।



# ୨୦ରୁ ୫୦୦ ଟଙ୍କା

ରଜରେ ପାନର ମଜା ଯୋଗାଇ ଦେବାକୁ ପ୍ରସ୍ତୁତ ହେଲେଣି ବ୍ୟବସାୟୀ। ଶହୀଦନଗରରୁ ଆରମ୍ଭ କରି ମାଷ୍ଟରକ୍ୟାଣ୍ଟିନ୍ ଏବଂ ସିଆରପିଏଫ୍ ଛକ, ବନାରସୀ ଓ ଡିଲକ୍ସ ଭଳି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଭେରାଇଟ୍‌ର ପାନ ଓ ଏହାର ଭଳିକି ଭଳି ମସଲା ଉପଲବ୍ଧ ହେଲାଣି ରାଜଧାନୀ ବଜାରରେ। ଶହୀଦନଗରଠାରେ ଥିବା ବନାରସୀ ପାନଭଣ୍ଡାର ପକ୍ଷରୁ ରଜ ଅବସରରେ ବିଭିନ୍ନ ପ୍ରକାରର ଫ୍ଲେଭର ପାନ ସହ ମିଠା ଓ ଜର୍ଦା ପାନ ଭଳି ଏକାଧିକ ରଜପାନ ବିକ୍ରିପାଇଁ ଉପଲବ୍ଧ ହେଉଛି। କଲିକତା ଓ ବାଙ୍ଗାଲୋରରୁ ସ୍ୱତନ୍ତ୍ର ପାନପତ୍ର ଆସୁଛି। ଦିଲ୍‌ଖୁସ୍, ଦିଲ୍ ବାହାର୍, ଦିଲ୍ ଦିୱାନା, ଦିଲୱାଲା, ରାଜୱାଡି, ବଣ୍ଟି ବବ୍‌ଲି ପାନ୍, ଘୁଙ୍ଗୁରୁ, ମାୱା, ଡାଏଟ୍ ପାନ୍, ଫାୟାର୍ ପାନ୍, ଦବଙ୍ଗ ପାନ୍ ଭଳି ଆକର୍ଷଣୀୟ ନାମରେ ପାନ ମିଳୁଛି। ଏହାଛଡା ଫ୍ଲେଭର ପାନ ମଧ୍ୟରେ ଷ୍ଟ୍ରବେରୀ, ଚକୋଲେଟ୍, ପାଇନଆପଲ୍, ବଟରସ୍କଚ୍, ଆପଲ, ଅରେଞ୍ଜ, ମ୍ୟାଙ୍ଗୋ, କେଶର ଏବଂ ଲିଚି ଫ୍ଲେଭରର ପାନ ଏଠାରେ ଗ୍ରାହକମାନେ ପାଇ ପାରୁଛନ୍ତି। ଯାହାର ଦାମ୍ ୨୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହୁଛି। ଏହି ପାନରେ ସୋଲ ମିକ୍ସ, ରିମ୍‌ଝିମ୍, ହଲଚଲ, ସମ୍ ସୁପାରି, ଜିଲତାନ, ନଡିଆ ମିକ୍ସ, ଚକ୍‌ଲେଟ୍ ମିକ୍ସ, ଲବଙ୍ଗ ସୁପାରୀ ମିକ୍ସ, ମଧୁରୀ ପ୍ରଭୃତି ମସଲା ସହ ସଜାଇବା ପାଇଁ ଚେରୀ ବ୍ୟବହୃତ ହେଉଛି। ରାଜ୍ୟ ଓ ରାଜ୍ୟ ବାହାରୁ ଏହି ମସଲାଗୁଡିକ ଅଣାଯାଉଛି। ରଜ ପାଇଁ ସ୍ୱତନ୍ତ୍ର ଗିଫ୍ଟ ପ୍ୟାକିଂ ମଧ୍ୟ ହେଉଛି। ଯାହାକୁ ଗ୍ରାହକମାନେ ପରସ୍ପରକୁ ଉପହାର ସ୍ୱରୂପ ଦେବା ପାଇଁ କିଣି ନେଉଛନ୍ତି।

**–ଅସମାପିକା ସାହୁ, ଭୁବନେଶ୍ୱର**

# ଓଡ଼ିଶାର ଗଣପର୍ବ



"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜଲୋ
ଘେନି ନୂଆ ସଜବାଜ....।"ଭାରତ ପଲ୍ଲୀପ୍ରଧାନ ରାଷ୍ଟ୍ର। ପଲ୍ଲୀ ହେଉଛି ତା'ର ଜୀବନ। ଏକଦା ପଲ୍ଲୀସଂସ୍କୃତି ଥିଲା ଆମ ମହାନ୍ ଭାରତୀୟ ସଂସ୍କୃତି ଓ ପରମ୍ପରାର ପୃଷ୍ଠଭୂମି। ପଲ୍ଲୀ ଜୀବନ ସରଳ ତଥା ସୁଲଳିତ । ପଲ୍ଲୀ ଜୀବନରେ କୃଷି ହେଉଛି ଜୀବନ ଓ ଜୀବିକା। ଏହି କୃଷି ସଭ୍ୟତା ଆରମ୍ଭ ହୋଇଛି ବହୁ ପୁରାକାଳରୁ ଓ ଏହି ପଲ୍ଲୀର ପୃଷ୍ଠଭୂମିରୁ। ପଲ୍ଲୀକୁ ଛାଡିଦେଇ ଭାରତୀୟ ସଂସ୍କୃତିର କଳ୍ପନା କଦାପି କରାଯାଇପାରିବ ନାହିଁ। ସବୁଠାରୁ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମନୁଙ୍କର ରାଜା ବେନ୍‌ଙ୍କ ପୁତ୍ର ପୃଥି ମଧ୍ୟ କୃଷକ ପରିବାରର ଥିଲେ, ଯାହାଙ୍କ ନାମାନୁସାରେ ଧରିତ୍ରୀର ଅନ୍ୟ ନାମ ପୃଥିବୀ ରଖାଯାଇଛି। ଋକ୍ ବେଦରେ ବର୍ଣ୍ଣିତ ହୋଇଛି–

"ବଶ୍ୱି ପୁଷ୍ଟେ ଗ୍ରାମେ/ ଅସ୍ମିନ୍ ଅନାତୁରମ।"

କୁହାଯାଇଛି ଗ୍ରାମ ଶାନ୍ତି ଓ ସ୍ୱାବଲମ୍ବୀ ନର ପ୍ରତୀକ ବିକଶିତ ହେଉ। ଲୋକଙ୍କୁ କୃଷି କର୍ମରେ ଲିପ୍ତହେବା ପାଇଁ ପରୋକ୍ଷରେ ଉପଦେଶ ଦିଆଯାଇଛି।

'ଅକ୍ଷୌ ମାଂ ଦିବ୍ୟା କୃଷିମିତ୍ତ୍ୱ ଷସ୍ୱମାଟି' ମଣିଷ ସହ ସହବନ୍ଧିତ। ମାଟିକୁ ଛାଡି ସେ ତିଳେହେଲେ ରହିପାରିବ ନାହିଁ। ଅଥର୍ବ ବେଦରେ ମାଟିକୁ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରାଯାଇଛି। 'ମାତା ଭୂମିଃ ପୁତ୍ରୋଅୟଂ ପୃଥିବ୍ୟା'। ଅର୍ଥାତ୍ ପୃଥିବୀ ମାତା ଓ ମୁଁ ତା'ର ପୁତ୍ର। ତେଣୁ ମାଟି ମା'ର ପୂଜା କରେ, ମାଟିର ଧୂଳିକୁ ନେଇ ସେ ମଥାରେ ମାରେ। ଆଶୀର୍ବାଦ ଭିକ୍ଷା କରେ ତା'ଠାରୁ।

ଆମର ଆଲୋଚିତ ରଜପର୍ବ ପଲ୍ଲୀକେନ୍ଦ୍ରିକ ଓଡ଼ିଆଙ୍କର ଏକ ଲୋକପ୍ରିୟ କୃଷିଭିତ୍ତିକ ପର୍ବ, ଯହିଁରେ ମାଟି ମା'ର ବନ୍ଦନା ତଥା ଆରାଧନା କରାଯାଇଥାଏ।

ମାଟି ମା'–ନାରୀ ଜାତି ବି ଆମର ମା'। ଏଣୁ ଏହି ପର୍ବଟି କନ୍ୟାରତ୍ନମାନେ ବହୁ ଆଡମ୍ବର ସହକାରେ ଓଡ଼ିଶାରେ ପାଳନ କରିଥାନ୍ତି। ବିଶେଷତଃ ଉପକୂଳବାସୀ ଏହାକୁ ଗଣପର୍ବ ଭାବରେ ପାଳନ କରିଥାନ୍ତି। ଶାସ୍ତ୍ରମତେ ମା' ଧରିତ୍ରୀ ଏହି ତିନି ଦିନ ଧରି ଋତୁମତୀ ବା ରଜସ୍ୱଳା ହୋଇଥାନ୍ତି। ମା'ଙ୍କୁ କର୍ଷଣ କରିବା ଶାସ୍ତ୍ରସମ୍ମତ ନୁହେଁ। ତାଙ୍କୁ ସେଇ ତିନିଦିନ ପୂର୍ଣ୍ଣ ବିଶ୍ରାମ ଦିଆଯାଏ–ପୂଜା ମଧ୍ୟ କରାଯାଏ। ଏହି ସମୟରେ ହଳ ବା ଚାଷବାସ କାର୍ଯ୍ୟ ନିଷିଦ୍ଧ ଥାଏ। ରଜପର୍ବ ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ପାଳନ ହୋଇଥିବାରୁ ଶ୍ରୀମନ୍ଦିରରେ ଦ୍ୱି–ଅୟନ ପର୍ବ ପାଳନ ହୁଏ। ଯଥା ମକର ସଂକ୍ରାନ୍ତିକୁ ଉତ୍ତରାୟଣ ଏବଂ କର୍କଟ ସଂକ୍ରାନ୍ତିକୁ ଦକ୍ଷିଣାୟନ ପର୍ବ କୁହାଯାଏ।

ବୃଷର ଶେଷ ଦିନକୁ ପହିଲି ରଜ କୁହାଯାଏ। ଏହି ରଜରେ ହଳ ପ୍ରବାହ, ଭୂମି ଖନନ, ସମସ୍ତ କୃଷି କର୍ମ ଏବଂ ଶୁଭ ହୋମାଦି ତିନିଦିନ ପାଇଁ ନିଷିଦ୍ଧ ଥାଏ। ବିଭିନ୍ନ ଦେବୀ ପୀଠରେ ଏହି ପର୍ବ ବିଧିମତେ ପାଳିତ ହୋଇଥାଏ।

ରଜର ପ୍ରଥମ ଦିନଟି ସଜବାଜ–ବେଶ୍ ଆକର୍ଷଣୀୟ। ଝିଅମାନେ କଣ୍ଢେଇଗୁଡ଼ିକୁ ଏକାଠି କରି ସଜାଇ ରଖିଥାନ୍ତି। ନିଜେ ମଧ୍ୟ ସଜବାଜ ହୁଅନ୍ତି। ଘରର ସ୍ତ୍ରୀଲୋକମାନେ ରଜରେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଆଗରୁ ରନ୍ଧନ ସାମଗ୍ରୀ ପ୍ରସ୍ତୁତ କରି ରଖିଥାନ୍ତି। କଟା, ବଟା, ଛେଚା ଏପରିକି ଗଛରୁ କିଛି ତୋଳା ହୁଏନାହିଁ। ରଜର ପୋଡ଼ପିଠା ଏକ ପ୍ରସିଦ୍ଧ ସୁସ୍ୱାଦୁ ବ୍ୟଞ୍ଜନ, ଏହାର ପ୍ରସ୍ତୁତି ପ୍ରଣାଳୀ ବଡ଼ ବିଚିତ୍ର। ଘରେଘରେ ରଜଭାର, ରଜପଣା, ରଜ ଘାଣ୍ଟ ପୁଣି ରଜ ମଣ୍ଡା, ଲାଉପୋଡ଼, ଆରିସା, କାକରା ପ୍ରସ୍ତୁତ କରାଯାଇ ବିତରଣ କରାଯାଇଥାଏ। ଝିଅମାନେ ଆମ୍ବ କି ବରଗଛ ଡାଳରେ ରଜଦୋଳି ଲଗାଇ ଗୀତ ଗାଇ ଦୋଳି ଖେଳନ୍ତି ଓ ମଜା ନିଅନ୍ତି। ସେମାନେ ଗାଆନ୍ତି–

"ରଜ ଦୋଳି କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ
ଦିଶୁଥାଇ ଝଟ ଝଟ.... ଇତ୍ୟାଦି।"



ଫଟୋ: ବିକାଶ ନାୟକ

ରଜରେ ବନ୍ଧୁ ମିଳନ ହୁଏ–ବିଦେଶରୁ ଅର୍ଥାତ୍ ସହରରୁ ରଜ ପାଳିବା ପାଇଁ କିଛି କିଛି ପରିବାର ଚାକିରି କ୍ଷେତ୍ରରୁ ଛୁଟିକାଟିବା ପାଇଁ ଗ୍ରାମାଭିମୁଖୀ ହୁଅନ୍ତି। ଗାଁରେ ତାସ ଓ ପଶା ଖେଳ ହୁଏ। ଡୁଡୁ, ବୋହୂଚୋରି, ବାଗୁଡି ଇତ୍ୟାଦି ଖେଳ ଚାଲେ। ଜାଗାଏ ଜାଗାଏ ମେଳା ବସେ ଓ ମନୋରଞ୍ଜନ ପାଇଁ ଯାତ୍ରା ଅବା ଅପେରା ତଥା ଗୋଟିପୁଅ ନାଚର ଆୟୋଜନ ହୋଇଥାଏ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକମନ, ଏକ ଚିତ୍ତ, ଏକ ପ୍ରାଣରେ ଏହାକୁ ବେଶ୍ ଆଡମ୍ବର ସହକାରେ ମନେଇଥାନ୍ତି ଓ ଉପଭୋଗ କରିଥାନ୍ତି।

ଶେଷଦିନ ଭୂମିନଅଁଣ କୁହାଯାଏ ବା ବସୁମତୀ ଗାଧୁଆ ହୋଇଥାଏ। ଏହି ଦିନ ମାଟି ମା'କୁ ଗାଧୋଇଦେଇ ବିଭିନ୍ନ ଫଳଭୋଗ ଦିଆଯାଇଥାଏ। ଏହି ରଜର ବିଶେଷତା ହେଉଛି ରଜଦୋଳି ଗୀତ। ଏହି ଗୀତ ଆମ ଲୋକ ଗୀତକୁ ପରିପୁଷ୍ଟ କରିଛି। ଏହି ଗୀତର ମାଧୁର୍ଯ୍ୟ ଓ ଶବ୍ଦଲିପି ଭିନ୍ନ ଧରଣର। ଗୀତର ପ୍ରତିଟି ସ୍ତବକରେ ପଲ୍ଲୀକଥା, ନିଜ କଥା ତଥା ମାଟି ଓ ମଣିଷର କଥା କୁହାଯାଇଛି। ଯେପରି–

"ପାଚିଲା ଆମ୍ବ ପଣସ
ଆସ ନାନୀମାନେ ଦୋଳିରେ ବସ
ଦୋଳିରେ ବସ, ନ କରି ମନ ବିରସ।"

ଏହି ପର୍ବ ଆମ ଓଡ଼ିଶୀ ପ୍ରାଚୀନ ପରମ୍ପରାକୁ ବହନ କରେ। ଏବେ ଆମେ ମିଶ୍ର ସଂସ୍କୃତିକୁ ଆପଣେଇ ନେଇଥିବା ବେଳେ ଆମର ନିଜସ୍ୱ ସଂସ୍କୃତି ଓ ପରମ୍ପରାକୁ ପାସୋରି ବସିଲୁଣି। ରଜପର୍ବ ବାସ୍ତବିକ ବର୍ଷାବରଣ କରେ, ବର୍ଷାର ଆଗମନୀ ହୁଏ–ପୁନରାୟ ଧରଣୀରାଣୀ ଶସ୍ୟଶାମଳା ହୁଏ। ଜନଜୀବନକୁ ଏହା ନିଗୁଢ଼ ପ୍ରେମ ଓ ସ୍ନେହ, ଶ୍ରଦ୍ଧାରେ ବାନ୍ଧିଦେଇଥାଏ।

**–ଡ.କିଶୋର ମହାନ୍ତି**
ସିଡିଏ, କଟକ, ମୋ–୯୪୩୭୭୨୮୪୭୫

| Dollar | Sensex | Nifty | Gold | Silver |
|---|---|---|---|---|
| 69.50 (16) | 39,741.36 (15.45) | 11,914.05 (7.85) | 33,570.00 (₹0) | 37,850.00 (₹40) |



ଟାଟା ଗ୍ରୁପ୍ କମ୍ପାନୀଙ୍କ ମଧ୍ୟରେ ସହଯୋଗିତା ବୃଦ୍ଧି ପାଉଛି। ଏହାର ପ୍ରଭାବରେ ପ୍ରଦର୍ଶନରେ ଉନ୍ନତି ଘଟୁଛି। ଆଗକୁ ଆହୁରି ସହଯୋଗିତା ବଢ଼ାଇବାକୁ ହେବ।

– ଏନ୍.ଚନ୍ଦ୍ରଶେଖରନ୍, ଅଧ୍ୟକ୍ଷ, ଟାଟା ସନ୍ସ



ଛତିଶଗଡ଼ର ବୈଲାଡିଲାରେ ଏନ୍ଏମ୍ଡିସି ପକ୍ଷରୁ ଲୁହାପଥର ଉତ୍ତୋଳନ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ଉନ୍ନତି ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଦିଗରେ କମ୍ପାନୀ କାମ କରିବ।

– ବୈଜେନ୍ଦ୍ର କୁମାର, ସିଏମ୍ଡି, ଏନ୍ଏମ୍ଡିସି

## ସଂକ୍ଷେପରେ

### ୪%କୁ ହ୍ରାସ ହେଲା ଇଏସ୍ଆଇସି ଯୋଗଦାନ

**ନୂଆଦିଲ୍ଲୀ,୧୩-୬:** କେନ୍ଦ୍ର ସରକାର କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି)ର ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମରେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ମୋଟ ଅଂଶଦାନକୁ ୬.୫%ରୁ ୪%କୁ ହ୍ରାସ କରିଛନ୍ତି। ଏହାଦ୍ୱାରା ୧୨.୮୫ ଲକ୍ଷ ନିଯୁକ୍ତିଦାତା ପ୍ରତିବର୍ଷ ୫ ହଜାର କୋଟି ଟଙ୍କା ସଞ୍ଚୟ କରିପାରିବେ। ଏହାଦ୍ୱାରା ୩.୬ କୋଟି କର୍ମଚାରୀ ଲାଭାନ୍ୱିତ ହେବେ। ଜୁଲାଇ ପହିଲାରୁ ଏହା କାର୍ଯ୍ୟକାରୀ ହେବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରି କୁହାଯାଇଛି ଯେ, ନିଯୁକ୍ତିଦାତାଙ୍କ ଅଂଶଦାନକୁ ୪.୭୫ରୁ ୩.୨୫ ପ୍ରତିଶତ ଏବଂ କର୍ମଚାରୀଙ୍କ ଅଂଶଦାନକୁ ୧.୭୫ରୁ ୦.୭୫%କୁ ହ୍ରାସ କରାଯାଇଛି। ଏହାଦ୍ୱାରା ଅଧିକ କର୍ମଚାରୀଙ୍କୁ ଇଏସ୍ଆଇସି ଅଧୀନକୁ ଅଣାଯାଇପାରିବ ବୋଲି ଏଥିରେ କୁହାଯାଇଛି।

### ୧୪ ଦିନ ଭିତରେ ମିଳିବ କିଷାନ କ୍ରେଡିଟ୍ କାର୍ଡ

**ନୂଆଦିଲ୍ଲୀ,୧୩-୬:** ବହୁ ଚାଷୀ ଏବେ ସୁଦ୍ଧା ସଂସ୍ଥାଗତ ଋଣରୁ ବଞ୍ଚିତ ହେଉଥିବାରୁ ଆବେଦନ ପାଇବାର ୧୪ ଦିନ ଭିତରେ ଯୋଗ୍ୟ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ (କେସିସି) ପ୍ରଦାନ କରିବାକୁ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଶରେ ୬.୯୫ କୋଟି କିଷାନ କ୍ରେଡିଟ କାର୍ଡ ପ୍ରଦାନ କରାଯାଇଛି। ଏହି ବ୍ୟବସ୍ଥାରେ ଚାଷୀଙ୍କୁ ସବ୍ସିଡିରେ ସରକାର ଋଣ ପ୍ରଦାନ କରିଥାନ୍ତି। କେସିସିର ବିସ୍ତାର କରି ପଶୁପାଳନ ଏବଂ ମତ୍ସ୍ୟ ଚାଷକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। କୃଷି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡଲି ଚକ୍ରବର୍ତ୍ତୀ ବ୍ୟାଙ୍କଗୁଡ଼ିକୁ ଏଥିନେଇ ପତ୍ର ଲେଖିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏବେ ସୁଦ୍ଧା ବଡ଼ ସଂଖ୍ୟାରେ ଚାଷୀ ରହିଛନ୍ତି, ଯେଉଁ ମାନଙ୍କୁ ସଂସ୍ଥାଗତ ଋଣ ମିଳୁନାହିଁ। କାରଣ ସେମାନଙ୍କୁ କେସିସି ଜାରି କରାଯାଇ ନାହିଁ। ଅଥବା ପୂର୍ବରୁ ଜାରି କରାଯାଇଥିବା କେସିସି ଡିଫଲ୍ଟ/ଏନ୍ପିଏ ହୋଇଛି କିମ୍ବା ବିଭିନ୍ନ କାରଣରୁ ଏହା ନିଷ୍କ୍ରିୟ ରହିଛି। କେସିସିରେ ପ୍ରାପ୍ତ ଋଣ ସବ୍ସିଡିଯୁକ୍ତ ହେଉଥିବାରୁ ଚାଷୀଙ୍କ ଆଧାର ନମ୍ବରକୁ ବ୍ୟାଙ୍କ ନିଜ ପାଖରେ ରଖିବେ। ସାଧାରଣତଃ ବ୍ୟାଙ୍କ ୯ ପ୍ରତିଶତ ହାରରେ ଚାଷୀଙ୍କୁ ଫସଲ ଋଣ ଦେଇଥାନ୍ତି। କିନ୍ତୁ ସରକାର ଏଥିରେ ୨ ପ୍ରତିଶତ ସବ୍ସିଡି ଦେବାକୁ ସ୍ଥିର କରିଛନ୍ତି। ଫଳରେ କେସିସିରେ ପଞ୍ଜୀକୃତ ଚାଷୀଙ୍କୁ ୭% ହାରରେ ଋଣ ମିଳିବ।

### ନୂଆ ପିସିରୁ ଏମ୍ଏସ୍ଏମ୍ଇଙ୍କୁ ଅଧିକ ସଞ୍ଚୟ

**ଭୁବନେଶ୍ୱର,୧୩-୬:**ରାଜ୍ୟର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ଗୁଡିକ ନୂଆ ପର୍ସନାଲ କମ୍ପ୍ୟୁଟର(ପିସି) ବ୍ୟବହାର ଦ୍ୱାରା ଅଧିକ ସଞ୍ଚୟ କରିବାକୁ ସକ୍ଷମ ହେବେ। ଗୋଟିଏ ୪ ବର୍ଷର ପୁରୁଣା ପିସିର ରକ୍ଷଣାବେକ୍ଷଣ ଲାଗି ସଂସ୍ଥାଗୁଡିକ ୯୩,୫୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ପୁରୁଣା ପିସି ଦ୍ୱାରା ସଂସ୍ଥାଗୁଡିକର ଉତ୍ପାଦକତା, ସମୟ ଏବଂ ନିରାପତ୍ତା ଜନିତ ପ୍ରସଙ୍ଗ ପ୍ରଭାବିତ ହେଉଛି। ସଂସ୍ଥାଗୁଡିକ ପିସିର ରକ୍ଷଣାବେକ୍ଷଣ ଲାଗି ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ସେଥିରୁ ନୂଆ ୩ ପିସି କିଣାଯାଇ ପାରିବ ବୋଲି ମାଇକ୍ରୋସଫ୍ଟ ପକ୍ଷରୁ କରାଯାଇଥିବା ଟେକ୍ଆଇଲ୍ ରିପୋର୍ଟରେ ପ୍ରକାଶ ପାଇଛି। ପରିଚାଳନାକୁ ଅଧିକ ଦକ୍ଷ କରିବା ଏବଂ ନୂଆ ଗ୍ରାହକଙ୍କ ସହ ଯୋଡି ହେବା ଲାଗି ଏମ୍ଏସ୍ଏମ୍ଇ ଟେକ୍ନୋଲୋଜିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଡିଜିଟାଲ ସେବା ବ୍ୟବହାର ଦ୍ୱାରା ଅଭିବୃଦ୍ଧିରେ ଉନ୍ନତି ଆଣିବା ପାଇଁ ଏମ୍ଏସ୍ଏମ୍ଇଗୁଡିକ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା ମାଇକ୍ରୋସଫ୍ଟର କଣ୍ଟ୍ରି ଜେନେରାଲ ମ୍ୟାନେଜର ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି।

## ■ ଆଦାୟ ହେବ ଟିକସ
# କ୍ଷତି ଦର୍ଶାଇ ଠକୁଛନ୍ତି କମ୍ପାନୀ




■ ଦୁଇ ପ୍ରକାର ଖାତା ଦର୍ଶାଉଛନ୍ତି କମ୍ପାନୀ
■ ୧୮.୫%ରେ ମ୍ୟାଟ୍ ଆଦାୟ ହେଉଛି
■ ୧୫ ବର୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ କ୍ରେଡିଟ୍ କ୍ୟାରିଫରୱାର୍ଡ ସୁବିଧା ମିଳୁଛି

ନୂଆଦିଲ୍ଲୀ,୧୩-୬

ଦେଶର ଅର୍ଥନୀତିକୁ ଗତିଶୀଳ କରିବା ଲକ୍ଷ୍ୟରେ ମୋଦି ସରକାର ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ବିମୁଦ୍ରୀକରଣ ପରେ ଭୂତ କମ୍ପାନୀଙ୍କୁ ବନ୍ଦ କରି ଦେଶର ଚାଲିଥିବା ସମାନ୍ତରାଳ ଅର୍ଥନୀତିକୁ ଧ୍ୱସ୍ତ କରିବା ପରେ ମୋଦି ସରକାର ଏବେ କ୍ଷତି ଦର୍ଶାଉଥିବା କମ୍ପାନୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି। ଜାଣିଶୁଣି ନିଜର ବାଲାନ୍ସ ଶିଟ୍‌ରେ କ୍ଷତି ଦର୍ଶାଇ ଟିକସ ଠକୁଥିବା ପ୍ରାୟ ୨.୫ ଲକ୍ଷ କମ୍ପାନୀଙ୍କ ଠାରୁ ଏହା ଆଦାୟ କରିବାକୁ ସରକାର ପଦକ୍ଷେପ ନେବେ। ଏଥିପାଇଁ ସର୍ବନିମ୍ନ ବୈକଳ୍ପିକ ଟିକସ (ମ୍ୟାଟ୍) ନିୟମରେ ସଂଶୋଧନ କରାଯିବ। ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି ଯେ, ବଜେଟ ଅଥବା ଏହା ପରେ ସରକାର ଏହି କମ୍ପାନୀମାନଙ୍କଠାରୁ ଟିକସ ଆଦାୟ କରିବାକୁ ପଦକ୍ଷେପ ନେବେ।

ପ୍ରସ୍ତାବ ଅନୁଯାୟୀ,ବାସ୍ତବିକ କ୍ଷତି ସହିଥିବା କମ୍ପାନୀଙ୍କୁ ସରକାର ଟ୍ୟାକ୍ସ କ୍ରେଡିଟ ଉପରେ ରିହାତି ଦେବାକୁ ଯାଉଛନ୍ତି। ଦେଶରେ ପ୍ରାୟ ୨.୫ ଲକ୍ଷରୁ ଅଧିକ କମ୍ପାନୀ ଅଛନ୍ତି, ଯେଉଁମାନେ ଦଶନ୍ଧି ହେବ ଜାଣିଶୁଣି ସରକାରଙ୍କୁ ଟିକସ ଦେଉନାହାନ୍ତି। ସେମାନେ କ୍ଷତି ସହିଥିବା ଦର୍ଶାଉଛନ୍ତି। ଏହି କମ୍ପାନୀଗୁଡ଼ିକ ବ୍ୟାଙ୍କରୁ ଋଣ ନେଉଛନ୍ତି ଏବଂ ଦୀର୍ଘ ଦିନ ଧରି ପରୋକ୍ଷ ଟିକସ ଦେଉଛନ୍ତି। କିନ୍ତୁ ପ୍ରତ୍ୟକ୍ଷ ଟିକସ ଅର୍ଥାତ୍ କର୍ପୋରେଟ ଟିକସ ଦେଉନାହାନ୍ତି ବୋଲି ଜଣାପଡିଛି।

ଟିକସ ପୈଠ କରୁଥିବା କମ୍ପାନୀ ବାସ୍ତବରେ ସରକାରଙ୍କ ସମ୍ମୁଖରେ ଦୁଇ ପ୍ରକାର ହିସାବ ଖାତା ଉପସ୍ଥାପନ କରିଥାନ୍ତି। ପ୍ରଥମ ଖାତାରେ ସେମାନେ ଆୟକର ହିସାବ ଦର୍ଶାଉଥିବା ବେଳେ ଦ୍ୱିତୀୟ ଖାତାରେ କମ୍ପାନୀ ଆଇନ ଅନୁଯାୟୀ, ସଂଖ୍ୟାଧିକ ଖର୍ଚ୍ଚ ଦର୍ଶାଇ ନିଜକୁ କ୍ଷତିରେ ଚାଲୁଥିବା ଦର୍ଶାଇଥାନ୍ତି। କିନ୍ତୁ ସେମାନେ ଶେୟାରଧାରକଙ୍କୁ ଭାରି ପରିମାଣରେ ଲାଭାଂଶ ଦେଉଥିବା ନଜରକୁ ଆସୁଛି। ଏହି କମ୍ପାନୀଗୁଡ଼ିକ ଆଇନ ଅଧୀନରେ ନିଜ ଖାତାରେ ଲାଭ ହେଉଥିବା ଦର୍ଶାଇଥାନ୍ତି। ସରକାର ଆୟର ଏହି ଦୁଇପ୍ରକାର ରିପୋର୍ଟିଂ ଜରିଆରେ ଆୟକର ଠକୁଥିବା କମ୍ପାନୀଗୁଡ଼ିକ ବିରୋଧରେ ଲଗାମ ଲଗାଇବାକୁ ୪ ଦଶନ୍ଧି ପୂର୍ବେ ମ୍ୟାଟ୍ ଆଣିଥିଲେ। କମ୍ପାନୀ ଆଇନର ଗଳା ବାଟ ଦେଇ ଜାଣିଶୁଣି ମିଥ୍ୟା କ୍ଷତି ଦର୍ଶାଉଥିବା କମ୍ପାନୀଗୁଡ଼ିକ ଠାରୁ ଟିକସ ଆଦାୟ ଲାଗି ଏବେ ସରକାର ଅଣ୍ଟା ଭିଡିଛନ୍ତି।

ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟସ୍ ଅଫ୍ ଇଣ୍ଡିଆର ପୂର୍ବତନ ପ୍ରେସିଡେଣ୍ଟ ଅମରଜିତ ଚୋପ୍ରାଙ୍କ କହିବାନୁଯାୟୀ, ଏଭଳି ଟିକସ ଆଦାୟରେ କୌଣସି ଅସୁବିଧା ନାହିଁ। ତେବେ ସର୍ବନିମ୍ନ ହାରରେ ଟିକସ ଆଦାୟ ହେବା ଆବଶ୍ୟକ। ସୂଚନାଯୋଗ୍ୟ ଯେ, ଭାରତରେ ବୈକଳ୍ପିକ ସର୍ବନିମ୍ନ ଟିକସ(ଏଏମ୍‌ଟି) ଆଇନ ୧୯୮୩ରେ ଲାଗୁ ହୋଇଥିଲା। ଏହାରି ଭିତରେ ଏକାଧିକ ଥର ଏଥିରେ ସଂଶୋଧନ କରାଯାଇସାରିଥିଲା। ୧୯୯୧ରେ ଟିକସ ସହ ସମ୍ପୃକ୍ତ ଅନେକ ଛାଡକୁ ବନ୍ଦ କରାଯିବା ପରେ ସରକାର ଏଏମ୍‌ଟି ଆଦାୟର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ୫ ବର୍ଷ ପରେ ଏହାକୁ ଦ୍ୱିତୀୟଥର ସର୍ବନିମ୍ନ ବୈକଳ୍ପିକ ଟିକସ(ମ୍ୟାଟ୍) ନାମରେ ଲାଗୁ କରାଗଲା। ୧୯୯୬-୯୭ ବଜେଟ ଉପସ୍ଥାପନ ବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ଏହା ଘୋଷଣା କରିଥିଲେ। ଏଥିରେ ସେ କହିଥିଲେ ଯେ, ଏହି ନିୟମ ଅଧୀନରେ କୌଣସି କମ୍ପାନୀର ମୋଟ ଆୟ ବୁକ୍ ପ୍ରଫିଟ୍‌ଠାରୁ ୩% କମ୍ ହୋଇଥାଏ, ତେବେ କମ୍ପାନୀର ମୋଟ ଆୟକୁ ବୁକ୍ ପ୍ରଫିଟ୍‌ର ୩% ମନେ କରାଯିବ ଏବଂ କମ୍ପାନୀଠାରୁ ସେହି ଅନୁପାତରେ ଟିକସ ଆଦାୟ କରାଯିବ। ୨୦୦୧ରେ ପୁଣିଥରେ ଏଥିରେ ସଂଶୋଧନ କରାଯାଇଥିଲା। ପ୍ରଦାନ କରାଯାଇଥିବା ଟିକସ ଉପରେ ମିଳିବାକୁ ଥିବା ଛାଡ ବ୍ୟବସ୍ଥା(କ୍ୟାରିଫରୱାର୍ଡ)କୁ ପ୍ରତ୍ୟାହାର କରିନିଆଗଲା। ଏହାପରେ କର୍ପୋରେଟ ଓ ମ୍ୟାଟ୍ ମଧ୍ୟରେ ଯାହାର ରେଟ୍ ଅଧିକ ହେବ କମ୍ପାନୀ ସେହି ହିସାବରେ ଟିକସ ପୈଠ କରିବେ। ୨୦୦୫ରେ ପୁଣିଥରେ ଏଥିରେ ପରିବର୍ତ୍ତନ ହେଲା ଏବଂ କମ୍ପାନୀଙ୍କୁ ପ୍ରତି ୫ ବର୍ଷ ଭିତରେ ଟ୍ୟାକ୍ସ କ୍ରେଡିଟକୁ କ୍ୟାରି ଫରୱାର୍ଡ କରିପାରିବାର ଅଧିକାର ଦିଆଗଲା। ଏହାକୁ ପରେ ୧୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଦେଶରେ ୧୮.୫ ହାରରେ ମ୍ୟାଟ୍ ଆଦାୟ ହୋଇଥାଏ। କମ୍ପାନୀଗୁଡ଼ିକ ସର୍ବଦା ଏହାକୁ ବିରୋଧ କରିଆସୁଛନ୍ତି। କ୍ରମାଗତ ଟିକସ ହାର ବଢ଼ିବା ସହିତ ବୁକ୍ ପ୍ରଫିଟ ଦେଖାଶୁଣା କରିବାରେ ଅସୁବିଧା ହେଉଛି ବୋଲି ସେମାନେ ଅଭିଯୋଗ କରିଆସୁଛନ୍ତି। ଅର୍ଥ ମନ୍ତ୍ରଣାଳୟ ମତରେ ଜାଣିଶୁଣି କ୍ଷତି ଦର୍ଶାଉଥିବା ଏଭଳି କମ୍ପାନୀଙ୍କଠାରୁ ସର୍ବନିମ୍ନ ଟିକସ ଆଦାୟ କରାଯିବା ଦରକାର। ସମ୍ଭବତଃ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ଉପସ୍ଥାପିତ ହେବାକୁ ଥିବା ବଜେଟ୍‌ରେ ଏ ସମ୍ପର୍କରେ ଘୋଷଣା କରିଦେବେ।

## ତନିଷ୍କ ପକ୍ଷରୁ ଆକର୍ଷଣୀୟ ରିହାତି



ଭୁବନେଶ୍ୱର,୧୩-୬

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ରଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ରଜ ପର୍ବରେ ଶପିଂ ଅଭିଜ୍ଞତାକୁ ସ୍ୱତନ୍ତ୍ର କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଏହା ସୂଚନା ଦେଇଛି। ଏହି ସମୟରେ ସୁନା ଗହଣାର ଗଢା ମୂଲ୍ୟ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଗ୍ରାହକମାନେ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରି ପାରିବେ। ଏହାବାଦ ପୁରୁଣା ସୁନା ବଦଳାଇଲେ ଶତପ୍ରତିଶତ ମୂଲ୍ୟ ଲାଭ କରିପାରିବେ। ଚଳିତ ମାସ ୧୪ରୁ ୧୬ ତାରିଖ ଯାଏ ରାଜ୍ୟର ସବୁ ତନିଷ୍କ ଷ୍ଟୋରରେ ଏହି ଅଫର ଉପଲବ୍ଧ ହେବ। ଏହି ଅବସରରେ ଷ୍ଟୋରରେ ସ୍ୱୟମ, ଉତ୍ସବ, ଲାବଣ୍ୟ, ଗୁଲନାଜ, ପ୍ରିନ ଏବଂ ଅଭୀର ଭଳି କଲେକ୍ସନ ସାମିଲ ରହିଛି। ଗହଣାଗୁଡିକର ମୂଲ୍ୟ ୧୦ ହଜାର ଟଙ୍କାରୁ ଆରମ୍ଭ ହେଉଛି।

## ବଜାର କୋଲକତାର ରଜ ଅଫର

ଭୁବନେଶ୍ୱର,୧୩-୬

ବଜାର କୋଲକତା ପକ୍ଷରୁ ରଜ ଅଫର ଘୋଷଣା କରାଯାଇଛି। ଦେଶର ୭ଟି ରାଜ୍ୟରେ ଥିବା ୬୯ ଶୋ'ରୁମରେ ଗ୍ରାହକମାନେ ଏହି ଅଫର ଲାଭ କରିପାରିବେ। ରାଜ୍ୟରେ ୧୬ଟି ଶୋ'ରୁମରେ ଏହି ଅଫର ଉପଲବ୍ଧ ରହିଛି। ରଜ ଉପଲକ୍ଷେ ଶୋ'ରୁମରୁ ୪୯୯ ଟଙ୍କାର କ୍ରୟ ଉପରେ ଲକି ଡ୍ରରେ ଭାଗ ନେବାର ସୁଯୋଗ ମିଳିବ। ଏହା ଦ୍ୱାରା କାର ଓ ବାଇକ ଜିତିବାର ସୁଯୋଗ ରହିଛି। ୯୯୯ ଟଙ୍କାର କ୍ରୟ ଉପରେ ୨୫୦ ଟଙ୍କାର ଗିଫ୍ଟ ଭାଉଚର ଏବଂ ଅନେକ ଉପହାର ଜିତିବାର ସୁଯୋଗ ରହିଛି।

## ଏମ୍ ବଜାରର ରଜରେ ସଜ ଅଫର

ଭୁବନେଶ୍ୱର,୧୩-୬

ଏମ୍ ବଜାର ପକ୍ଷରୁ ରଜରେ ସଜ ଅଫର ଘୋଷଣା କରାଯାଇଛି। ଏଥିରେ ବିଭିନ୍ନ ଅଫର ସହ ଲକି ଡ୍ର ସାମିଲ ରହିଛି। ୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକ ଲକି ଡ୍ରରେ ଭାଗ ନେଇ ପାରିବେ। ଭାଗ୍ୟଶାଳୀ ବିଜେତା ବାଇକ୍,ରେଫ୍ରିଜରେଟର, ୱାସିଙ୍ଗ ମେଶିନ ଏବଂ ଟିଭି ଜିତି ପାରିବେ। ସେହିଭଳି ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟରେ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଉଛି।

## ସଚିବ ସ୍ତରରେ ନିଯୁକ୍ତ ହେବେ ୪୦ ଏକ୍ସପର୍ଟ

ନୂଆଦିଲ୍ଲୀ,୧୩-୬

ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ସରକାରୀ କାର୍ଯ୍ୟକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ନୂଆ ପଦକ୍ଷେପ ନେଉଛନ୍ତି। ବ୍ୟୁରୋକ୍ରାସିରେ ୪୦ ବିଶେଷଜ୍ଞଙ୍କୁ ସାମିଲ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଜନା ରୂପାୟନ ଓ କ୍ରିୟାନ୍ୱୟନକୁ ଅଧିକ ଗତିଶୀଳ କରିବାକୁ ଚାହୁଁଛନ୍ତି। ନୀତି ଆୟୋଗର ପରାମର୍ଶକ୍ରମେ ବିଭିନ୍ନ କ୍ଷେତ୍ରରେ ପାରଙ୍ଗମତା ହାସଲ କରିଥିବା ବିଶେଷଜ୍ଞମାନଙ୍କୁ ଉପ ସଚିବରୁ ଆରମ୍ଭ କରି ଯୁଗ୍ମ ସଚିବ ସ୍ତରରେ ନିଯୁକ୍ତି ଦିଆଯିବ। ସେମାନଙ୍କୁ ସଚିବମାନଙ୍କ ଭଳି ସମସ୍ତ ପ୍ରକାର ସୁବିଧା ସୁଯୋଗ, ଅଧିକାର ଦିଆଯିବ। ତେବେ ତଫାତ୍ ଏତିକି ଯେ, ସେମାନେ ନିୟମିତ ନ ହୋଇ ୩ ବର୍ଷିଆ ଚୁକ୍ତିଭିତ୍ତିକ ହେବେ। ଏହି ସମୟ ଭିତରେ ସେମାନଙ୍କ ପ୍ରଦର୍ଶନ ଭଲ ରହିଲେ ତାଙ୍କର ଚୁକ୍ତିକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ପରାମର୍ଶଦାତା ଭାବେ ସେମାନଙ୍କୁ ନିଯୁକ୍ତି ଦିଆଯିବ। କର୍ମଚାରୀ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ଡ୍ରାଫ୍ଟ ତିଆରି କରାଯାଉଛି। ଏହି ୪୦ ବିଶେଷଜ୍ଞଙ୍କୁ ଫିକ୍ସଡ ଟର୍ମ କଣ୍ଟ୍ରାକ୍ଟରେ ରଖାଯିବ। ୟୁପିଏସ୍‌ସି ପକ୍ଷରୁ ଖୁବଶୀଘ୍ର ଏ ସମ୍ପର୍କରେ ଏକ ବିଜ୍ଞାପନ ପ୍ରକାଶ କରାଯିବ। ଏଥିପୂର୍ବରୁ ଏପ୍ରିଲରେ ୯ ଜଣ ବିଶେଷଜ୍ଞଙ୍କୁ ଏଭଳି ଭାବେ ନିଯୁକ୍ତ କରାଯାଇଛି। ସୂଚନାଥାଉ କି, ଉପ ସଚିବ ଅଥବା ଯୁଗ୍ମ ସଚିବ ଭାବେ ଅଧିକାଂଶ କ୍ଷେତ୍ରରେ ଆଇଏଏସ୍, ଆଇପିଏସ୍ ଅଥବା ଅନ୍ୟ ପ୍ରମୁଖ ସେବାର ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଥାଏ।

## ୧୦୦ରୁ ଊର୍ଦ୍ଧ୍ୱ ଟିସିଏସ୍ କର୍ମଚାରୀ କୋଟିପତି

**ବେଙ୍ଗାଲୁରୁ,୧୩-୬:** ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍(ଟିସିଏସ୍)ରେ କୋଟିପତି କର୍ମଚାରୀଙ୍କ ସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ କର୍ମଚାରୀ ନିଜ କ୍ୟାରିୟର ଏହି କମ୍ପାନୀରୁ ଆରମ୍ଭ କରିଛନ୍ତି। ଆର୍ଥିକ ବର୍ଷ ୨୦୧୭ରେ ଟିସିଏସ୍‌ରେ ୯୧ ଜଣ କୋଟିପତି କର୍ମଚାରୀ ଥିଲେ, ଯାହା କି ଆର୍ଥିକ ବର୍ଷ ୨୦୧୯ରେ ବୃଦ୍ଧି ପାଇ ୧୦୩ ହୋଇଛି। ତେବେ ଏମାନଙ୍କ ଭିତରେ ସିଇଓ ରାଜେଶ ଗୋପୀନାଥନ ଏବଂ ସିଓଓ ଏନ୍‌ଜି ସୁବ୍ରମଣ୍ୟମ୍ ସାମିଲ ନୁହନ୍ତି। ସେହିପରି ଟିସିଏସ୍‌ରେ କାର୍ଯ୍ୟରତ ବିଦେଶୀ କର୍ମଚାରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇନାହିଁ। ଆଇଟି ସେକ୍ଟରର ଅନ୍ୟତମ ଶୀର୍ଷ କମ୍ପାନୀ ଇନ୍‌ଫୋସିସ୍‌ରେ ୬୦ରୁ ଅଧିକ କର୍ମଚାରୀ ୧.୦୨ କୋଟି ଟଙ୍କା ଆୟ କରୁଛନ୍ତି। ଟିସିଏସ୍ ଭଳି ଇନ୍‌ଫୋସିସ୍‌ରେ ମଧ୍ୟ କମ୍ପେନ୍‌ସେଶନ ଅଧୀନରେ ଷ୍ଟକ୍ ଅପ୍‌ସନକୁ ଧରାଯାଇନାହିଁ। ଟିସିଏସ୍‌ର ଲାଇଫ୍ ସାଇନ୍ସେସ୍, ହେଲ୍‌ଥକେୟାର ଏବଂ ପବ୍ଲିକ୍ ସର୍ଭିସେସ୍ ବିଜ୍‌ନେସ୍ ମୁଖ୍ୟ ଦେବାଶୀଷ ଘୋଷଙ୍କୁ ବାର୍ଷିକ ୪.୭ କୋଟି ଟଙ୍କା ଦରମା ମିଳିଥାଏ। ସେହିପରି ବିଜ୍‌ନେସ୍ ଓ ଟେକ୍ନୋଲୋଜି ସର୍ଭିସେସ୍ ମୁଖ୍ୟ କୃଷ୍ଣନ୍ ରାମାନୁଜମ୍ ୪.୧ କୋଟି ଆୟ କରନ୍ତି।

## ଏସ୍‌ବିଆଇ ଲାଇଫର ପିତୃଦିବସ କ୍ୟାମ୍ପେନ୍

ଭୁବନେଶ୍ୱର,୧୩-୬

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ପିତୃ ଦିବସ ଅବସରରେ ପାପା ହେଁ ନା ମେରେ ପାପା ଫର୍ମୁଲା କ୍ୟାମ୍ପେନ ଆରମ୍ଭ କରାଯାଇଛି। ପିତୃ ଦିବସକୁ ଏକ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରିବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି। ୨୦୧୫ରେ କମ୍ପାନୀ ପକ୍ଷରୁ ପାପା ହେଁ ନା କ୍ୟାମ୍ପେନ ଆରମ୍ଭ କରାଯାଇଥିଲା। ଏଥିରେ ପ୍ରଚ୍ଛଦପଟ ଗାୟକ ସାନ୍‌ଙ୍କ ମ୍ୟୁଜିକାଲ ଭିଡିଓକୁ ସାମିଲ କରାଯାଇଛି। ମେରେ ପାପା ଫର୍ମୁଲା ପ୍ରଯୁକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଏକ ପରିକଳ୍ପନା ଯାହା ବାପାଙ୍କୁ ପୁନଃ ଆବିଷ୍କାର କରିବାର ସୁଯୋଗ ପ୍ରଦାନ କରୁଛି ବୋଲି ଏସ୍‌ବିଆଇ ଲାଇଫର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ମୁଖ୍ୟ ରବୀନ୍ଦ୍ର ଶର୍ମା ସୂଚନା ଦେଇଛନ୍ତି।

## ଆନ୍ଧ୍ର ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୧୩-୬



ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ କେ.ଭି.ଭି.ଏନ୍.ଏସ୍.ରାମମୂର୍ତ୍ତି ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୫ ମସିହାରେ ସେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପ୍ରବେଶ କରିଥିଲେ। ଦୀର୍ଘ ୨୮ ବର୍ଷରୁ ଅଧିକ ଶିଳ୍ପ ସହ ଜଡିତ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ ଅବସ୍ଥାପିତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ, ଗୁଜରାଟ, ତେଲେଙ୍ଗାନା ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡିକରେ ସେ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭୁବନେଶ୍ୱର ଅଞ୍ଚଳରେ କ୍ରେଡିଟ୍, ମାର୍କେଟିଂ, ରିକଭରି ଉପରେ ଅଧିକ ଧ୍ୟାନ ଦେବେ ବୋଲି ରାମମୂର୍ତ୍ତି କହିଛନ୍ତି।

**ଜିଲ୍ଲା କୃଷି ଅଧିକାରୀ, ସାଲେପୁର**

**ବିହନ ବିଶୋଧନ ଅଭିଯାନ, ଖରିଫ୍ - ୨୦୧୯-୨୦**

ଏତଦ୍ୱାରା ରାଜ୍ୟ ଯୋଜନା ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ସାଲେପୁର କୃଷି ଜିଲ୍ଲା ଅନ୍ତର୍ଗତ ଚାରିଗୋଟି ବ୍ଲକ ଯଥା: ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ଟାଙ୍ଗୀଚୌଦ୍ୱାରର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ତା୧୭।୦୬।୨୦୧୯ରୁ ତା୧୨।୦୭।୧୯ରିଖ ମଧ୍ୟରେ ଖରିଫ୍ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।

ଏଣୁ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରି ନିଜ ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ମୃତ୍ତିକା ଏବଂ ବିହନ ଜନିତରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

ସ୍ୱା./- ଶ୍ରୀ ମୋହନ ପ୍ରସାଦ ଶର୍ମା
ଜିଲ୍ଲା କୃଷି ଅଧିକାରୀ, ସାଲେପୁର

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.02/2019-20 NOTICE INVITING TENDER

On behalf of OPTCL, sealed tenders are invited from **(A)** Original manufacturer Or their Authorised Dealers having IT. PAN, GST Registration No., HT/MV License & Authorised Dealership Certificate to carry out the work of oil arresting in different capacity of transformers at 220/132/33 KV Grid Sub-Station, Narendrapur under EHT(O&M) Division, Berhampur and **(B)**Electrical Contractors having valid HT/MV License, IT. PAN, GST Registration No. etc. for supply and complete fitting of street lights from main gate to control room, backside of control room & main gate to Chatrapur Division Office at 132/33KV Grid Sub-Station, Chatrapur under EHT (O&M) Division Chatrapur separately. Commencement of Sale of Tender Paper: - From Dated 17.06.2019 to Dated 16.07.2019 up to 5.00 PM. Last Date of Submission of Tender Paper: Dated 17.07.2019 up to 2.00 PM. Date of Opening of Tender Paper:dated 17.07.2019 at 3.00 PM. Cost of Tender Paper : Rs.4,000+ GST @ 12%= Rs.4,480/- For A & B separately. For details please visit our website **www.optcl.co.in**. Corrigendum if any will be published in the website only.

*General Manager (Elect.)*

**e-Procurement Notice** No.14-n

**OFFICE OF THE DIRECTOR,
TEXT BOOK PRODUCTION & MARKETING,
KHARAVEL NAGAR, UNIT –III, BHUBANESWAR-751001.**

*TEL. NO.0674-2380871/72*
*E.mail- directortbpmodisha@gmail.com*

Bid Letter No. 3494/ TBPM, Dated.11.06.2019

01. Description of tender: National Tender for Printing and Binding of Nationalised Text Books for the Academic Session 2020-21.
02. Date & Time of availability of bid document in the portal
Start Date & Time : 18.06.2019 10.00 A.M.
Closing Date & Time: 15.07.2019, 05.00 P.M.
03. Name and address of the O.I.T.: O/o the Director, Text Book Production & Marketing, Kharavel Nagar, Unit-III, Bhubaneswar – 751001.

Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in

Any corrigendum, Addendum and cancellation require will be uploaded in the e-procurement portal only. The Director, TBP&M reserves the right to accept or reject (Fully/Partly) tender without assigning any reason thereof.

Sd/-
DIRECTOR,
TEXT BOOK PRODUCTION AND MARKETING,
BHUBANESWAR-1.

02005/11/0002/1920

## ବର୍ଷା ପାଇଁ ପୂର୍ବତଟ ରେଳପଥର ନିରାପତ୍ତା ପ୍ରସ୍ତୁତି

ଭୁବନେଶ୍ୱର,୧୩-୬

ବର୍ଷା ଋତୁକୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ନିରାପତ୍ତା ପଦକ୍ଷେପ ହାତକୁ ନିଆଯାଇଛି। ରେଲୱେ ବ୍ରିଜ, ଟ୍ରାକ, ହାର୍ଡ ଏବଂ ସିଗ୍‌ନାଲ ସିଷ୍ଟମକୁ ସୁରକ୍ଷିତ କରି ରଖିବା ଉପରେ ଧ୍ୟାନ ଦିଆଯାଇଛି।



ଡ୍ରେନ ସାଇଡଗୁଡିକର କୌଣସି ସ୍ଥାନରେ ଯେଭଳି ପାଣି ନ ଜମିବ ଏବଂ ଜଳ ନିଷ୍କାସନରେ ବାଧା ନ ଆସିବ ସେ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ରେଳ ନିରାପତ୍ତାକୁ ନେଇ ରାଜ୍ୟ ପ୍ରଶାସନର ଅଧିକାରୀଙ୍କ ସହ ରେଲୱେ ପକ୍ଷରୁ ଆଲୋଚନା କରାଯାଇଛି। ବିପଦ ଆଶଙ୍କା ଥିବା ସ୍ଥାନଗୁଡିକରେ ପାଟ୍ରୋଲିଂ ବ୍ୟବସ୍ଥା ହୋଇଛି। ପାଟ୍ରୋଲିଂ ଲାଗି କର୍ମଚାରୀ ନିୟୋଜିତ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଘନ ବର୍ଷା ସମୟରେ ରେଲୱେ ସେକ୍ସନଗୁଡିକରେ ଗ୍ୟାଙ୍ଗମ୍ୟାନଙ୍କୁ ପାଟ୍ରୋଲିଂ ଲାଗି କୁହାଯାଇଛି। ରେଲୱେର ଆବଶ୍ୟକ ସାମଗ୍ରୀଗୁଡିକ ମହଜୁଦ କରି ରଖାଯାଇଛି। ସେହିଭଳି ପାଣିପାଗ ବିଭାଗ ସହ ରେଲୱେ ନିରନ୍ତର ଭାବେ ସଂଯୋଗ ସ୍ଥାପନ କରୁଛି। ଅପରପକ୍ଷେ ଅତିରିକ୍ତ କଣ୍ଟ୍ରୋଲ ବ୍ୟବସ୍ଥା, ବିପର୍ଯ୍ୟୟ ପରିଚାଳନା ସେଲ୍ ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାପନା କରାଯାଇଛି।

**ODISHA MADHYAMIKA SHIKSHA MISSION**
**N-1/9, Nayapalli, Po: Sainik School, Bhubaneswar-751005**
**Phone No.0674-2302324, Email-mis.omsmbbsr.od@gov.in**

**Letter No.1427** **Dated: 12.06.19**
**File No.765/OMSM/2016**

**TENDER CALL NOTICE**

Sealed Tenders are invited from Travel agencies / Tour Operators or private individuals for providing 06(Six) nos. of diesel driven AC Tata Indigo and 01 (One) no. of diesel driven AC Tata Indica for official use of the SPD, OMSM (RMSA), OAVS & SIOS on monthly Rental basis and on Daily basis. The Tender Document containing the details Terms and conditions can be obtained from the Office of the State Project Director OMSM(RMSA), Bhubaneswar during office hour 13 June' 19 to 25th June' 19 on payment of Rs.500/- (Rupees Five hundred) only in shape of Bank Draft drawn in favour of "State Project Director, OMSM (RMSA), Bhubaneswar". The Tender document can also be download from website www.oavs.in. In case the application form is downloaded from website, the applicant shall furnish a demand draft for an amount of Rs.500/-(Rupees Five hundred) only drawn in favour of "State Project Director OMSM(RMSA), Bhubaneswar" towards the cost of application along with the application. The Tender document complete in all respect should reach the undersigned on or before 25.06.2019 by 2 P.M through registered post/speed post & courier only and shall be opened on the same date at 3 P.M.

**Sd./- Financial Advisor**
**OMSM(RMSA)**

# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବାତିଲ

ନଟିଂହାମ,୧୩।୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ ବର୍ଷା କେବଳ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୁହଁ ପ୍ରଶଂସକଙ୍କ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କରାଣ ହୋଇଛି। ବର୍ଷା ଯୋଗୁଁ ବିଶ୍ୱକପ୍‌ର ଏକାଧିକ ମ୍ୟାଚ ବିନା ଟସ୍ ପଡିବାର ବାତିଲ ହୋଇଛି। ଖରାପ ପାଗ ଓ ବର୍ଷାର ସଦ୍ୟତମ ଶିକାର ହୋଇଛି ଭାରତ-ନ୍ୟୁଜିଲାଣ୍ଡ ମୁକାବିଲା। ଗୁରୁବାର ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଶେଷରେ ବର୍ଷା ଯୋଗୁ ବାତିଲ ହୋଇଛି। ପ୍ରବଳ ବର୍ଷା କାରଣରୁ ପଡିଆରେ ପାଣି ଜମି ରହିବା ଫଳରେ ଏହି ମ୍ୟାଚ୍‌ରେ ଟସ୍ ପଡିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଛନ୍ତି।

ଭାରତୀୟ ସମୟ ସନ୍ଧ୍ୟା ୭.୩୦ରେ ଅମ୍ପାୟରମାନେ ଅନ୍ତିମ ପିଚ୍ ନିରୀକ୍ଷଣ କରିଥିଲେ ଓ ମ୍ୟାଚ୍ ବାତିଲ କରବାକୁ ନିଷ୍ପତ୍ତି ନେଇଥିଲେ। ଟୁର୍ନାମେଣ୍ଟରେ ଚତୁର୍ଥଥର ପାଇଁ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହୋଇଛି। ମ୍ୟାଚ୍ ବାତିଲ ହେବାରୁ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ମ୍ୟାଚ୍‌ରେ ଗୋଟିଏ ବଲ୍ ବୋଲିଂ କାରଯାଇ ନ ଥିବାରୁ ଆଇସିସି ଟିକେଟ ଅର୍ଥ ପ୍ରଶଂସକଙ୍କୁ ଫେରାଇବ। ଅନ୍ୟପଟେ ଯେଉଁ ଦର୍ଶକ ତୃତୀୟ ପକ୍ଷଠାରୁ ଚଢ଼ା ଦରରେ ଟିକେଟ କିଣିଥିଲେ ସେମାନ ଆର୍ଥିକ କ୍ଷତି ସହିବେ। ତେବେ ମ୍ୟାଚ୍‌ଗୁଡ଼ିକର ବିମା ହୋଇଥିବାରୁ ପ୍ରସାରଣକାରୀ ସଂସ୍ଥା କ୍ଷତି ସହିବେ ନାହିଁ।

ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ୪ଟି ମ୍ୟାଚ୍ ଖେଳିଛି। ୩ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ନ୍ୟୁଜିଲାଣ୍ଡ ମୋଟ ୭ ପଏଣ୍ଟ ପାଇଁ ତାଲକାର ଶୀର୍ଷରେ ରହିଛି। ଅନ୍ୟପଟେ ଭାରତ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ମୋଟ ୫ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାଞ୍ଚେଷ୍ଟରରେ ରବିବାର ଭେଟିବ। ଏହି ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହେବ। ଏପରିକି ବାତିଲ ମଧ୍ୟ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଅଷ୍ଟ୍ରେଲିଆ | ୪ | ୩ | ୧ | ୦ | ୦ | ୬ | +୦.୫୭୦ |
| ଭାରତ | ୩ | ୨ | ୦ | ୦ | ୧ | ୫ | +୦.୫୩୯ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୪ | ୧ | ୨ | ୦ | ୧ | ୩ | -୧.୭୯୬ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ମନ ଜିଣିଲେ ୱାର୍ନର

ଟଣ୍ଟନ, ୧୩।୬ (ପି.ଟି.)


ଜଣେ ଶିଶୁ ପ୍ରଶଂସକଙ୍କୁ ନିଜର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ଡେଭିଡ ୱାର୍ନର।

ଚଳିତ ଆଇସିସି ବିଶ୍ୱକପ୍‌ରେ ଜଣେ ଅଷ୍ଟ୍ରେଲୀୟ ଓପନର ଏକ ମନ ଜିଣିଲା ଭଳି କାର୍ଯ୍ୟ କରିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ଜିତିଥିବା 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାରକୁ ଜଣେ ଅଷ୍ଟ୍ରେଲୀୟ ଦଳର ବାଳକ ସମର୍ଥକଙ୍କୁ ପ୍ରଦାନ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ଦଣ୍ଡ ଭୋଗି ସାରି ଫେରିବା ପରେ ବୁଧବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ଏକ ଶତକ ହାସଲ କରିବା ସହ ତାଙ୍କ ଦଳକୁ ୪୧ରନରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଷ୍ଟାଡିୟମରୁ ଫେରୁଥିବାବେଳେ ୱାର୍ନରଙ୍କ ସହ ତାଙ୍କ ଦଳର ସମର୍ଥକମାନଙ୍କ ଭେଟ ହୋଇଥିଲା। ତନ୍ମଧ୍ୟରେ ଅଷ୍ଟ୍ରେଲିଆ ଜର୍ସି ପରିଧାନ କରିଥିବା ଜଣେ ବାଳକ ସମର୍ଥକ ରହିଥିଲେ। ସେ ତାଙ୍କ 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାରଟିକୁ ଏହି ବାଳକଙ୍କୁ ପ୍ରଦାନ କରିଥିଲେ। ବାଳକ ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୱାର୍ନରଙ୍କଠାରୁ 'ମ୍ୟାନ ଅଫ୍ ଦି ମ୍ୟାଚ' ପୁରସ୍କାର ପାଇଁ ଏତେ ଖୁସି ଯେ, ତାହା ବର୍ଣ୍ଣନା କରି ହେବ ନାହିଁ। ମ୍ୟାଚ ବେଳେ ଆମେ ଅଷ୍ଟ୍ରେଲିଆ ପତାକା ହଲାଇ ଦଳକୁ ଉତ୍ସାହିତ କରିବାକୁ ଆସିଥିଲୁ। ୱାର୍ନର ହଠାତ ମୋ ପାଖକୁ ଆସି ତାଙ୍କ ପୁରସ୍କାର ମୋତେ ଦେଇ ଦେଲେ। ବାଳକଟିର ପିତା କହିଛନ୍ତି, ମ୍ୟାଚ ଯେତେବେଳେ ପାକିସ୍ତାନ ସପକ୍ଷରେ ଥିଲା ଦଳ ସମର୍ଥକମାନେ ଖୁବ୍ ହୋ ହଲ୍ଲା କରୁଥିଲେ। ତେଣୁ ଆମକୁ ଚୁପ୍ ରହିବାକୁ ପଡ଼ିଥିଲା। ମାତ୍ର ମିଚେଲ ମାର୍ଶ ବୋଲିଂ କରିବାକୁ ଆସି ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଏହା ଆମକୁ ଉଲ୍ଲସିତ କରିଥିଲା।




ବର୍ଷା ଯୋଗୁ ଟ୍ରେଣ୍ଟବ୍ରିଜ୍ ଷ୍ଟାଡିୟମର ପିଚ୍‌କୁ ଘୋଡ଼ାଇ ରଖାଯାଇଛି। ମ୍ୟାଚ ବାତିଲ ପରେ ଟିମ୍ ବସ୍‌କୁ ଯାଉଛନ୍ତି ମହେନ୍ଦ୍ର ସିଂ ଧୋନୀ।

## ଫାଇନାଲ ଖେଳିବ ଭାରତ

ୱାଶିଂଟନ,୧୩।୬(ପିଟି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଆଇସିସି ବିଶ୍ୱକପ୍ ଫାଇନାଲ ଖେଳାଯିବ ବୋଲି ଗୁଗୁଲର ଇଣ୍ଡୋ-ଆମେରିକାନ ସିଇଓ ସୁନ୍ଦର ପିଚାଇ ଗୁରୁବାର ଭବିଷ୍ୟବାଣୀ କରିଛନ୍ତି। ଏହି ମୁକାବିଲାକୁ ମେନ୍ ଇନ୍ ବ୍ଲୁ ଦଳ ଜିତିବା ସପକ୍ଷରେ ରହିଛନ୍ତି ବୋଲି ସେ କହିଛନ୍ତି। କାଲିଫର୍ନିଆସ୍ଥିତ ଇଣ୍ଟରନେଟ କମ୍ପାନୀର ୪୬ ବର୍ଷୀୟ ମୁଖ୍ୟ ଜଣେ କ୍ରିକେଟ ପ୍ରଶଂସକ। ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଆଇସିସି ବିଶ୍ୱକପ୍‌ର ଫାଇନାଲ ଖେଳାଯିବା ଉଚିତ। କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ଟୁର୍ନାମେଣ୍ଟରେ ରହିଛନ୍ତି ବୋଲି ପିଚାଇ କହିଛନ୍ତି।

## ଭାରତ ବିଶ୍ୱକପ୍ ଜିତିବା ସପକ୍ଷରେ ୧.୫ ବିଲିୟନ ପ୍ରଶଂସକ: ହାର୍ଦ୍ଦିକ

ନଟିଂହାମ,୧୩।୬(ପିଟି)



କେବଳ ୧.୫ ବିଲିୟନ ପ୍ରଶଂସକ ଭାରତ ବିଶ୍ୱକପ୍ ଜିତିବ ବୋଲି ଆଶା କରୁଛନ୍ତି। ଏଥିଯୋଗୁ ଭାରତୀୟ ଦଳ ଉପରେ ଚାପ ରହିବ ନାହିଁ ବୋଲି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଇସିସି ପକ୍ଷରୁ ଅପ୍‌ଲୋଡ୍ କରାଯାଇଥିବା ଏକ ଭିଡିଓରେ କହିଛନ୍ତି। ବିଶ୍ୱକପ୍ ଜିତିବା ୨୫ ବର୍ଷୀୟ କ୍ରିକେଟରଙ୍କ ଏକମାତ୍ର ଲକ୍ଷ୍ୟ। ୧୪ ଜୁଲାଇରେ ମୋ ହାତରେ ବିଶ୍ୱକପ୍ ଧରିବାକୁ ଚାହେଁ। ଟୁର୍ନାମେଣ୍ଟ ଜିତିବା ପାଇଁ ମୋର ଯୋଜନା ବହୁତ ସରଳ, ଏହା ମୁଁ ଆଶା କରୁଛି ବୋଲି ହାର୍ଦ୍ଦିକ କହିଛନ୍ତି।

## ଆମୀର ପ୍ରଥମ ପାକିସ୍ତାନ ବୋଲର

ଟଣ୍ଟନ,୧୩।୬: ପେସର ମହମ୍ମଦ ଆମୀର ପ୍ରଥମ ପାକିସ୍ତାନ ବୋଲର ଭାବେ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଉଇକେଟ ନେଇଛନ୍ତି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଅମିର କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ସେ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରି ୩୦ ରନ୍ ବ୍ୟୟ କରି ୫ ଉଇକେଟ ନେଇଥିଲେ। ତାଙ୍କର ଏହି ସ୍ପେଲରେ ୩୭ ଡଟ୍‌ବଲ ଓ ଦୁଇଟିମେଡନ ଓଭର ମଧ୍ୟ ଥିଲା।

# ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ମୁକାବିଲା ଆଜି

ସାଉଥାମ୍ପଟନ,୧୩।୬(ପି.ଟି.)

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୧୯ତମ ମ୍ୟାଚ୍‌ରେ ଶୁକ୍ରବାର ୱେଷ୍ଟଇଣ୍ଡିଜ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଭେଟିବେ। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପ୍ରଶଂସକମାନେ ୱେଷ୍ଟଇଣ୍ଡିଜ ବିସ୍ଫୋରକ ଓପନ କ୍ରିସ୍ ଗେଲ୍ ଓ ବାର୍ବାଡୋସ ଜନ୍ମିତ ଯୁବ ପେସ୍ ସେନସେଶନ ଜୋଫ୍ରା ଆର୍ଚରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ପାଇବେ। ଗତ ଫେବୃୟାରୀରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଘରୋଇ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ କଡ଼ା ଟକ୍କର ଦେଇଥିଲା। ଏହି ସିରିଜ ୨-୨ରେ ଅମୀମାଂସିତ ରହିଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଏହି ସିରିଜରେ ଗେଲ୍ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୪ଟି ଇନିଂସରୁ ଗେଲ ୪୨୪ ରନ ସଂଗ୍ରହ କରିଥିଲେ। ଏଥିରେ ସେ ରେକର୍ଡ ୩୯ଟି ଛକା ମାରିଥିଲେ। ଗେଲ ଏବେ ଏହି ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ବିପଦ ସୃଷ୍ଟି କରିବେ। ଆର୍ଚର ଦଳରେ ସାମିଲ ହେବା ପରେ ଇଂଲଣ୍ଡ ବୋଲିଂ ବିଭାଗ ଆହୁରି ଦୃଢ ହୋଇଛି। ଜୋଫ୍ରା ଦମ୍‌ଦାର ବୋଲିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗେଲ ସହିତ ତାଙ୍କର ମୁକାବିଲା ଦୃଷ୍ଟାନ୍ତମୂଳକ ହେବ ଓ ପ୍ରଶଂସକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି।

ଆର୍ଚର କାରିବିୟାନରେ ଜୁନିୟର କ୍ରିକେଟ ଖେଳିଥିଲେ। ତେବେ ଗତ ଏପ୍ରିଲରେ ସେ ଇଂଲଣ୍ଡ ପାଇଁ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ୨୪ ବର୍ଷୀୟ ଏହି ଦ୍ରୁତ ବୋଲର ୱେଷ୍ଟଇଣ୍ଡିଜକୁ କଡ଼ା ଚ୍ୟାଲେଞ୍ଜ୍ ଦେବେ। ବାର୍ବାଡୋସରେ ଜନ୍ମଗ୍ରହଣ କରିଥିବାରୁ ଆମେ ଆର୍ଚରଙ୍କୁ ଭଲଭାବେ ଜାଣୁ ବୋଲି ୱେଷ୍ଟଇଣ୍ଡିଜ କୋଚ ଫ୍ଲଏଡ ରେଇପର କହିଛନ୍ତି। ୧୫,୧୭ ଓ ୧୯ ବର୍ଷରୁ କମ୍ କ୍ରିକେଟ ଖେଳି ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ତେଣୁ ସେ ଆମ ପାଇଁ ଆଦୌ ନୂଆ ନୁହଁ। ଦ୍ରୁତ ଗତିରେ ସେ ବଲ୍ ପକାଇଥାନ୍ତି। ତେଣୁ ତାଙ୍କୁ ନେଇ ଆମେ ଆଦୌ ବ୍ୟସ୍ତ ନୋହୁଁ। ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମନା କରିବାକୁ ଆମେ ପ୍ରସ୍ତୁତ। ୱେଷ୍ଟଇଣ୍ଡିଜ ଦଳରେ ମଧ୍ୟ କେତେକ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ରହିଛନ୍ତି।

ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳ ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଗତ ସୋମବାର ଭେଟିବାର କାର୍ଯ୍ୟକ୍ରମ ଥିଲା। ତେବେ ଏହି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଅଲରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଆଣ୍ଠୁରେ ପୁରୁଣା ଆଘାତ ସମସ୍ୟା ରହିଛି। ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା। ସେ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ଇଂଲଣ୍ଡର ମଧ୍ୟ ଆଘାତ ସମସ୍ୟା ରହିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଜୋଶ ବଟଲର ଡାହାଣ କମରରେ ଆଘାତ ପାଇଥିଲେ। ତେବେ ସେ ଏହି ମ୍ୟାଚ୍‌ରେ ଖେଳିବେ ବୋଲି ଇଂଲଣ୍ଡ କୋଚ୍ ଟ୍ରେଭର ବେଲିସ୍ କହିଛନ୍ତି। ଇଂଲଣ୍ଡର ଅସ୍ଥିର ପାଣିପାଗ ଏବେ ଆଇସିସି ପାଇଁ ଚିନ୍ତା ସୃଷ୍ଟି କରିଛି। ଇତିମଧ୍ୟରେ ବିଶ୍ୱକପ୍‌ର କେତୋଟି ମ୍ୟାଚ୍ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇଛି ଓ ବାତିଲ ମଧ୍ୟ ହୋଇଛି। ଏପରି ହେଲେ ବିଶ୍ୱକପ୍ ତା'ର ଆକର୍ଷଣ ହରାଇବ। ତେବେ ଏହି ମ୍ୟାଚ୍‌ରେ ବର୍ଷା ସେତେଟା ବାଧାସୃଷ୍ଟି କରିବ ନାହିଁ ବୋଲି ଆଶା କରାଯାଉଛି।

ଏପର୍ଯ୍ୟନ୍ତ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାଜୟବରଣ କରିଛି। ୪ ପଏଣ୍ଟ ହାସଲ କରି ଇଂଲଣ୍ଡ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୩ଟି ମ୍ୟାଚ୍ ଖେଳି ଗୋଟଏ ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନାଫଳାଫଳ ସହ ୩ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନୀ ବେୟାରଷ୍ଟୋ, ଜୋସ ବଟଲର,ଟମ୍ କୁରାନ, ଲିଅମ୍ ପ୍ଲଙ୍କେଟ, ଆଦିଲ ରସିଦ, ଜୋ ରୁଟ୍, ଜାସନ ରଏ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ।

**ୱେଷ୍ଟଇଣ୍ଡିଜ୍ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, କାର୍ଲୋସ ବ୍ରାଥୱେଟ୍, ଡାରେନ ବ୍ରାଭୋ, ଶେଲଡନ କଟ୍ରେଲ, ସାନନ ଗାବ୍ରିଏଲ, କ୍ରିସ୍ ଗେଲ୍, ଶିମରନ ହେଟମେୟର, ସାଇ ହୋପ, ଏଭିନ ଲୁଇସ୍, ଆସଲେ ନର୍ସ, ନିକୋଲାସ ପୁରାନ, କେମର ରୋଚ, ଆନ୍ଦ୍ରେ ରସେଲ ଓ ଓଶେନ ଥୋମାସ।

### ଆଜିର ମ୍ୟାଚ୍

ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ

ସ୍ଥାନ: ସାଉଥାମ୍ପଟନ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆର୍ଚର ବନାମ ଗେଲ୍

# 'ଭାରତ ମ୍ୟାଚ୍ ପୂର୍ବରୁ ଫିଲ୍ଡିଂରେ ସୁଧାର ଆବଶ୍ୟକ'

ଟଣ୍ଟନ,୧୩।୬(ପି.ଟି.)

ଚଳିତ ବିଶ୍ୱକପ୍‌ରେ ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ରବିବାର ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ବିଶ୍ୱକପର ସବୁଠାରୁ ରୋମାଞ୍ଚକ ମ୍ୟାଚ୍ ରୂପେ ପରିଗଣିତ ହେଉଥିବା ଏହି ମୁକାବିଲା ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଖେଳାଯିବ। ପ୍ରଶଂସକଙ୍କ ଭାବପ୍ରବଣତା ଜଡିତ ହୋଇଥିବାରୁ ଏହି ମ୍ୟାଚ୍ ଉଭୟ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି। ବୁଧବାର ଅଷ୍ଟ୍ରଲିଆଠାରୁ ପରାସ୍ତ ହେବା ପରେ ପାକିସ୍ତାନ ନିରାଶ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଫିଲ୍ଡିଂରେ ତ୍ରୁଟି କରିଥିଲା। ତେବେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ତା'ର ଫିଲ୍ଡିଂରେ ସୁଧାର ଆଣିବା ଆବଶ୍ୟକ ବୋଲି ଅଧିନାୟକ ସର୍ଫରାଜ ଅହମ୍ମଦ ସାଥି ଖେଳାଳିଙ୍କୁ ସତର୍କ କାରଇ ଦେଇଛନ୍ତି।

ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ୍ୟ ୩୦୮ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ଜବାବରେ ପାକିସ୍ତାନ ୨୬୬ ରନରେ ଅଲଆଉଟ ହୋଇ ୪୧ ରନରେ ପରାସ୍ତ ହୋଇଥିଲା। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁ ବିଭାଗରେ ଆମେ ଏହି ମ୍ୟାଚ୍‌ରେ ତ୍ରୁଟି କରିଥିଲୁ। ଖାସ୍ କରି ଫିଲ୍ଡିଂ ଆମର ନୈରାଶ୍ୟଜନକ ଥିଲା। ତେଣୁ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଫିଲ୍ଡିଂରେ ସୁଧାର ଆଣିବା ନିହାତି ଦରାକାର ଓ ଏଥିରେ କୌଣସି ବାହାନା ଚଳିବ ନାହିଁ ବୋଲି ସର୍ଫରାଜ କହିଛନ୍ତି। ଗତ ସପ୍ତାହରେ ଆୟୋଜକ ତଥା ହଟ୍ ଫେଭରାଇଟ ଇଂଲଣ୍ଡକୁ ହରାଇ ପାକିସ୍ତାନ ବିପର୍ଯ୍ୟୟ ଘଟାଇବା ସହ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। ଇଅନ ମୋର୍ଗାନଙ୍କ ଇଂଲଣ୍ଡ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ଠିକ୍ ଓଲାଟା ପ୍ରଦର୍ଶନ କରିଥିଲା। ମିସ୍ ଫିଲ୍ଡ ଓ ଓଭର ଥ୍ରୋ ପାକିସ୍ତାନ ପରାଜୟର ମୁଖ୍ୟ କାରଣ ବୋଲି କୁହାଯାଇଛି। ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ୩୩ ରନ କରିଥିବା ବେଳେ ଆସିଫ ଅଲି ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ଫଳରେ ସେ ଆହୁରି ୪୯ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଡେଭିଡ ୱାର୍ନରଙ୍କ ସହ ସେ ଓପନିଂ ଯୋଡିରେ ଭଲ ରନ ସଂଗ୍ରହ କରିଥିଲେ। ଏହାପରେ ଆସିଫ ୱାର୍ନରଙ୍କ କ୍ୟାଚ ମଧ୍ୟ ମିସ୍ କରିଥିଲେ।

ତେବେ ପାକିସ୍ତାନ କେତେକ କ୍ଷେତ୍ରର ଭଲ ପ୍ରଦର୍ଶନ ମଧ୍ୟ କରିଛି। ଦ୍ରୁତ ବୋଲର ମହମ୍ମଦ ଆମୀର ଜବଦଦସ୍ତ ପ୍ରଦର୍ଶନ କରି ୩୦ ରନ ଦେବା ସହ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିଲେ। ଯାହାଫଳରେ ମାତ୍ର ୮୬ ରନରେ ଅଷ୍ଟ୍ରେଲିଆର ଶେଷ ୭ଟି ଉଇକେଟର ପତନ ଘଟିଥିଲା। ଆମୀର ପ୍ରଥମେ ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ସେ ଏବେ ଦଳ ପାଇଁ ଅଗ୍ରଣୀ ଉଇକେଟ ହାସଲକାରି ବୋଲର ସାବ୍ୟସ୍ତ ହୋଇଛନ୍ତି। ଆମୀର ଆଗାମୀ ମ୍ୟାଚ୍‌ରେ ଆମର ମୁଖ୍ୟ ଅସ୍ତ୍ର ହେବେ । ଅମୀର ଜଣେ ବିଶ୍ୱସ୍ତରୀୟ ବୋଲର। ତାଙ୍କୁ ବଲକୁ ଖେଳିବା ସେତେଟା ସହଜ ହେବ ନାହିଁ ବୋଲି ସର୍ଫରାଜ କହିଛନ୍ତି। ଅଷ୍ଟମ ଉଇକେଟ ଯୋଡିରେ ସର୍ଫରାଜ ଓ ୱାହାବ ରିୟାଜ ରେକର୍ଡ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ମାତ୍ର ୧୫ ରନରେ ୩ ଉଇକେଟ ହରାଇ ଆମେ ପରାଜୟ ବରଣ କରିଥିଲୁ। ପୁଣି ପ୍ରଥମ ୨୦ ଓଭରରେ ଆମେ ଅତ୍ୟଧିକ ରନ ବ୍ୟୟ କରିଥିଲୁ। ପରେ ପ୍ରତ୍ୟବର୍ତ୍ତନ କରି ଭଲ ବୋଲିଂ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ୨୭୦-୨୮୦ ମଧ୍ୟରେ ସୀମି ରଖିପାରି ନ ଥିଲୁ। ମ୍ୟାଚ୍ ଜିତିବାକୁ ହେଲେ ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନଙ୍କୁ ରନ୍ ସଂଗ୍ରହ କରିବାକୁ ହେବ ବୋଲି ସର୍ଫରାଜ କହିଛନ୍ତି।


ସର୍ଫରାଜ ଅହମ୍ମଦ

## ବିଶ୍ୱ ରେକର୍ଡ ନିକଟତର କୋହଲି

ନୂଆଦିଲ୍ଲୀ,୧୩।୬

ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ଏକ ବିଶ୍ୱ ରେକର୍ଡ ଅଧିକାରୀ ହେବାର ସୁଯୋଗ ରହିଛି। କୋହଲି ଏପର୍ଯ୍ୟନ୍ତ ୨୨୧ ଦିନିକିଆ ଇନିଂସରେ ୧୦,୯୪୩ କରିସାରିଛନ୍ତି। ଆଉ ୫୭ ରନ୍ କଲେ ସେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ୧୧ ହଜାର ରନ୍ ପୂରଣ କରିବେ। ସେ ଆଉ ୫୭ ରନ୍ କରିବାରେ ସଫଳ ହେଲେ ଭାରତୀୟ ଅଧିନାୟକ ପ୍ରଥମ କ୍ରିକେଟର ଭାବେ ୧୧ ବର୍ଷରୁ କମ୍ ସମୟରେ ୧୧ ହଜାର ରନ୍ ପୂରଣ କରିବେ। ଦେଶର ୩ୟ ଓ ବିଶ୍ୱର ୯ମ ବ୍ୟାଟ୍ସମ୍ୟାନ ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିବେ। ପୂର୍ବରୁ ସୌରଭ ଗାଙ୍ଗୁଲି ଓ ସଚିନ ତେନ୍ଦୁଲକର ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଦିନିକିଆରେ ସର୍ବାଧିକ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୮ମ ସ୍ଥାନ ହାତେଇବାର ମଧ୍ୟ ସୁଯୋଗ ରହିଛି।



ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିବାବେଳେ ଜଣେ ପ୍ରଶଂସକ ସେଓ ଉପରେ ବିଶ୍ୱକପ ଲୋଗୋ ପ୍ରଦର୍ଶିତ କରୁଛନ୍ତି ।

# ଆଜି ସେମିଫାଇନାଲ

## ଆମେରିକା-ଦକ୍ଷିଣ ଆଫ୍ରିକା, ଭାରତ-ଜାପାନ

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ରୋମାଞ୍ଚକ ସମୟ ଉପନୀତ। ପୁଲ୍ ପର୍ଯ୍ୟାୟ ଓ କ୍ରସ୍ ଓଭର ପରେ ଶୁକ୍ରବାର ହେବାକୁ ଯାଉଛି ପ୍ରତିଯୋଗିତାର ୨ଟି ଯାକ ସେମିଫାଇନାଲ। ପ୍ରଥମ ସେମିଫାଇନାଲରେ ଆମେରିକାକୁ ଭେଟିବ ଦକ୍ଷିଣ ଆଫ୍ରିକା। ଦ୍ୱିତୀୟ ସେମିରେ ଆୟୋଜକ ଭାରତ ସହିତ ମୁକାବିଲା କରିବ ଏସୀୟ ଚାମ୍ପିୟନ ଜାପାନ। ଏହି ଦିନ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ମଧ୍ୟ ଅନୁଷ୍ଠିତ ହେବ। ପୋଲାଣ୍ଡ ଓ ରୁଷିଆ ଏହି ମ୍ୟାଚରେ ପରସ୍ପରକୁ ଭେଟିବେ।



କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଖେଳାଳିଙ୍କ ଅଭ୍ୟାସ।

### ଭାରତ ଫେଭରାଇଟ

ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଭାରତ-ଜାପାନ ମ୍ୟାଚ ଅପରାହ୍ନ ୫ଟାରେ ହେବାର ଥିଲା। ମାତ୍ର ସମ୍ଭବତଃ ମ୍ୟାଚର ଗୁରୁତ୍ୱ ଏବଂ ଦର୍ଶକଙ୍କୁ ବାନ୍ଧିରଖିବା ପାଇଁ ଏହାକୁ ୭ଟା୧୫କୁ କରାଇବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନର ପ୍ରଦର୍ଶନ ଅନୁସାରେ ଜାପାନ ବିପକ୍ଷରେ ଭାରତ ଫେଭରାଇଟ ବିବେଚିତ ହୋଇଛି। କାରଣ ପୁଲ୍'ଏ'ରେ ଭାରତ ୩ଟି ଯାକ ମ୍ୟାଚ ଜିତି ପୂରା ୯ ପଏଣ୍ଟ ସହିତ ସିଧା ସେମିଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ ଦଳ ଚମତ୍କାର ପ୍ରଦର୍ଶନ କରି ଗୋଲବର୍ଷା ସହ ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚରେ ୧୦-୦ ଗୋଲରେ ରୁଷିଆକୁ ହରାଇଥିବା ମନପ୍ରୀତ ସିଂଙ୍କ ଦଳ ଦ୍ୱିତୀୟ ମ୍ୟାଚରେ ପୋଲାଣ୍ଡକୁ ୩-୧ ଓ ତୃତୀୟ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଥିଲା। ତେଣୁ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୨୩ଟି ଗୋଲ ଦେଇଥିବା ଭାରତ ମାତ୍ର ଗୋଟିଏ ଗୋଲ ବରଣ କରିଛି। ଅନ୍ୟପକ୍ଷରେ ପୁଲ୍'ବି'ରେ ଜାପାନ ଲିଗ୍ ପର୍ଯ୍ୟାୟରେ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖି ୭ ପଏଣ୍ଟ ପାଇଥିଲା। ଫଳରେ ପୁଲ୍‌ରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିଥିଲା। ଏହି ପର୍ଯ୍ୟାୟରେ ଦଳ ପୋଲାଣ୍ଡକୁ ୬-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏପର୍ଯ୍ୟନ୍ତ ୧୩ଟି ଗୋଲ ଦେଇଥିବାବେଳେ ୫ ଗୋଲ ବରଣ କରିଛି। ମେକ୍ସିକୋକୁ ୩-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଜାପାନ ପରେ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲରେ ହରାଇଥିବାବେଳେ ଆମେରିକା ସହ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ମସ୍କଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ସେମିଫାଇନାଲରେ ଭାରତ ୩-୨ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୯-୦ ଗୋଲରେ ବିଜୟୀ ହୋଇଥିଲା। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ପୁଲ୍ ପର୍ଯ୍ୟାୟରେ ମଧ୍ୟ ଭାରତ ୮-୦ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ମାତ୍ର ଏହି ପ୍ରତିଯୋଗିତାରେ ଜାପାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ଉଭୟ ଦଳ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଉଛି। ଗତ ତିନୋଟି ମ୍ୟାଚରେ ଭାରତୀୟ ମିଡ୍‌ଫିଲ୍ଡର ଚମତ୍କାର ପ୍ରଦର୍ଶନ କରିଥିବାବେଳେ ଫରୱାର୍ଡ ଖେଳାଳିମାନେ ଠିକ୍‌ଭାବେ ଫିନିଶିଂ କରିପାରି ନ ଥିବା ଅନୁଭବ କରୁଛନ୍ତି କୋଚ୍ ଗ୍ରାହାମ ରିଡ୍। ଆକାଶଦୀପ ସିଂଙ୍କୁ ଛାଡ଼ିଦେଲେ ଅନ୍ୟ ଷ୍ଟ୍ରାଇକରମାନେ ସେପରି ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି। ମନଦୀପ ସିଂ ଓ ଯୁବ ଗୁରସାହିବଜିତ ସିଂ କିଛି ପରିମାଣରେ ସଫଳ ହୋଇଥିବାବେଳେ ୧ ବର୍ଷ ପରେ ଆହତ ସମସ୍ୟାରୁ ଫେରିଥିବା ରମଣଦୀପ ସିଂ ବିଫଳ ରହିଛନ୍ତି। ସେହିପରି ଭାରତୀୟ ରକ୍ଷଣଭାଗ ସେପରି ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇନାହାନ୍ତି। କେବଳ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଏହି ବିଭାଗ କିଛିଟା ଅସୁବିଧାର ସମ୍ମୁଖୀନ ହୋଇଥିଲା। ଦୁଇ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକ ଓ ପି.ଆର. ଶ୍ରୀଜେଶ ମ୍ୟାଚର ଅଧିକାଂଶ ସମୟ ଦେଖଣାହାରି ସାଜିଛନ୍ତି। ତେବେ ଶୁକ୍ରବାର ମ୍ୟାଚ ଭିନ୍ନ ଧରଣର ଚ୍ୟାଲେଞ୍ଜ ଆଣିବା ଆଶା କରାଯାଉଛି।

| ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ |
|---|
| **ଆଜିର ମ୍ୟାଚ** |
| ■ ପୋଲାଣ୍ଡ ବନାମ ରୁଷିଆ (୫-୬ ପ୍ଲେସିଂ ମ୍ୟାଚ) ସକାଳ ୮ଟା |
| ■ ଆମେରିକା ବନାମ ଦକ୍ଷିଣ ଆଫ୍ରିକା (ପ୍ରଥମ ସେମିଫାଇନାଲ) ସମୟ: ଅପରାହ୍ନ ୫ଟା |
| ■ ଭାରତ ବନାମ ଜାପାନ (ଦ୍ୱିତୀୟ ସେମିଫାଇନାଲ) ସମୟ: ରାତି ୭ଟା ୧୫ |
| ସ୍ଥାନ: କଳିଙ୍ଗ ଷ୍ଟାଡିୟମ |

### ଟକ୍କର ଦେବ ଦକ୍ଷିଣ ଆଫ୍ରିକା

ପ୍ରଥମ ସେମିଫାଇନାଲରେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା। ପୁଲ୍ ପର୍ଯ୍ୟାୟରେ ଆମେରିକା ପ୍ରଭାବୀ ରହି ସିଧା ସେମିଫାଇନାଲରେ ପ୍ରବେଶ କରିଥିଲେ ହେଁ ଆଗାମୀ ମ୍ୟାଚରେ କଡ଼ା ଟକ୍କର ଦେବ ଦକ୍ଷିଣ ଆଫ୍ରିକା। କାରଣ ଦକ୍ଷିଣ ଆଫ୍ରିକା ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଶେଷ କରି କ୍ରସ୍ ଓଭରରେ ରୁଷିଆକୁ ୨-୧ ଗୋଲରେ ହରାଇବାପରେ ଦଳର ମନୋବଳ କାହିଁ କେତେ ଉପରେ ପହଞ୍ଚି ଯାଇଛି। ପୁଲ୍ ପର୍ଯ୍ୟାୟରେ ଆମେରିକାଠାରୁ ୦-୨ ଓ ଜାପାନଠାରୁ ୦-୨ ଗୋଲରେ ହାରିଥିଲେ ହେଁ ମେକ୍ସିକୋକୁ ୬-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଆଫ୍ରିକୀୟ ଚାମ୍ପିୟନ। ଏବେ ଦଳ ପାଇଁ ପୁଲ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ନେବା ସମୟ ଆସିଛି। କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚରେ ଗୋଲ ବର୍ଷା ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା କିନ୍ତୁ ଲଢୁଆ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳକୁ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରିବାକୁ ଦେଇନାହିଁ। ତେଣୁ କ୍ରମାଗତ ୨ ବିଜୟ ସହ ସେମିଫାଇନାଲ ଖେଳିବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ଆଗାମୀ ମ୍ୟାଚରେ ଆମେରିକାକୁ ହରାଇବା ଅସମ୍ଭବ ନୁହେଁ। ତେବେ ଆମେରିକା ଭଲ ଫର୍ମରେ ଥିବାରୁ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

### ରୁଷିଆ ପାଇଁ ସମ୍ମାନର ପ୍ରଶ୍ନ

ପୁଲ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ରୁଷିଆ କ୍ରସ୍ ଓଭରରେ କିନ୍ତୁ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲା। ତେଣୁ ଦଳକୁ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବାକୁ ପଡୁଛି। ୩ ମ୍ୟାଚରୁ ୬ ପଏଣ୍ଟ ସହ ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରୁଷିଆ ପାଇଁ ଏହି ମ୍ୟାଚ ଜିତିବା ସମ୍ମାନର ପ୍ରଶ୍ନ ସଦୃଶ ହୋଇଛି। ପୁଲ୍ ମ୍ୟାଚରେ ରୁଷିଆକୁ କଡ଼ା ଟକ୍କର ଦେଇଥିଲା ପୋଲାଣ୍ଡ। ଫଳରେ ଉଜ୍‌ବେକିସ୍ତାନ ବିପକ୍ଷରେ ୧୨-୧ ଗୋଲରେ ବିଜୟୀ ହୋଇଥିବା ରୁଷିଆ ପରବର୍ତ୍ତୀ ମ୍ୟାଚରେ ପୋଲାଣ୍ଡକୁ ୩-୨ ଗୋଲରେ ହରାଇ ପାରିଥିଲା। ଅନ୍ୟପକ୍ଷରେ ପୁଲ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ସୁଯୋଗରେ ରହିଛି ପୋଲାଣ୍ଡ। ଏହା ହୋଇପାରିଲେ ଦଳ ସମ୍ମାନର ସ୍ୱଦେଶ ଫେରି ପାରିବ।

**ଦଶମ ଜନ୍ମଦିନ ଶୁଭେଚ୍ଛା**



(ଗୁଗୁ)
ଶ୍ରେୟାଂଶ ସ୍ୱାଇଁ
ତୋର ଦଶମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସର୍ବଦା ଭଲରେ ରଖନ୍ତୁ ଓ ସଫଳତା ପ୍ରଦାନ କରନ୍ତୁ।
ଶୁଭେଚ୍ଛା ସହ:
ମନୋଜ ସ୍ୱାଇଁ ଓ ପରିବାରବର୍ଗ
ଧ-୧୨୯୬୬

**ଜନ୍ମଦିନର ଶୁଭେଚ୍ଛା**



ଜାନ୍‌ବି ଦେବତା (ଦିବ୍ୟା)
କଟକ ଜିଲ୍ଲା, ତାଳମୁଣ୍ଡଳୀ ନିବାସୀ ବିକାଶ ଓ ସୁପ୍ରଭାଙ୍କର ପୁତ୍ରୀ ଜାନ୍‌ବିର ଦ୍ୱିତୀୟ ଜନ୍ମଦିବସ ପାଳନ ଉପଲକ୍ଷେ ଜେଜେ-ଜେଜେମା, ଅଜା-ଆଈ, ମାମୁ, ବଡ଼ବାପା-ବଡ଼ମା, ସାନ ବଡ଼ବାପା, ସାନ ବଡ଼ମା, ସ୍ନେହା, ଶୁଭମ୍ ପ୍ରମୁଖ ପରିବାର ପକ୍ଷରୁ ତା'ର ଦୀର୍ଘ, ନିରାମୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।
ଧ-୧୨୯୬୫

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ରିଶି)
ଶିବମ୍ କୁମାର ଜେନା
ଯାଜପୁର, ନନ୍ଦିପୁର
(ସ୍ୱରଡ଼ିହ)
ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ବାପା, ବୋଉ, ଦାଦା, ଜେଜେବାପା, ଜେଜେମା, ପରିବାରବର୍ଗ।
ଧ-୧୨୯୬୪

## କିମ୍ବଦନ୍ତୀ ଶଟଲର ଲିଙ୍କ ଅବସର

ପୁତ୍ରାଜାୟା(ମାଲେସିଆ), ୧୩।୬(ଏଏଫପି) : କର୍କଟ ଭଳି ମାରାତ୍ମକ ରୋଗରୁ ମୁକ୍ତ ହେବା ପରେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ ଗୁରୁବାର ଅବସର ନେଇଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସଫଳ ଖେଳାଳିଙ୍କ କ୍ୟାରିୟରର ଅନ୍ତ ହୋଇଛି। ସେ ଅବସର ଘୋଷଣା କଲାବେଳେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଲି କଦାପି ବିଶ୍ୱ ଚାମ୍ପିୟନଶିପ୍ କିମ୍ବା ଅଲିମ୍ପିକ୍ ଟାଇଟଲ ଜିତି ପାରି ନାହାନ୍ତି। ୩୪୮ ସପ୍ତାହ ଧରି ପୁରୁଷ ସିଙ୍ଗଲ୍ସ ବର୍ଗର ବିଶ୍ୱ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ଥିଲେ ମଧ୍ୟ ସେ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଏବଂ ଅଲିମ୍ପିକ୍ସ ଫାଇନାଲରେ ପରାସ୍ତ ହୋଇଥିଲେ। ସନ୍ନ୍ୟାସ ନେବାର ନିଷ୍ପତ୍ତି ମୋ ପାଇଁ ବହୁତ କଷ୍ଟକର ଥିଲା। ମୁଁ ଏହି ଖେଳକୁ ବହୁତ ଭଲ ପାଏ। କିନ୍ତୁ ଏହି ଖେଳ ବହୁତ ଦାବି କରେ, ଯାହାକୁ ମୋ ଶରୀର ଆଉ ପୂରା କରିପାରୁ ନାହିଁ। ପୂର୍ବରୁ ମୁଁ ଅଲିମ୍ପିକ୍ସ ପରେ ଅବସର ନେବା ପାଇଁ ଚିନ୍ତା କରିଥିଲି। ଶାରୀରିକ ସମସ୍ୟା ଯୋଗୁ ମୁଁ ଏହି ନିଷ୍ପତ୍ତି ନେଇଛି। ଗତ ୧୯ ବର୍ଷ ଧରି ମୋତେ ସମର୍ଥନ କରିଥିବା ସମସ୍ତ ମାଲେସିଆନଙ୍କୁ ଧନ୍ୟବାଦ ଜଣାଉଛନ୍ତି।

## ଜାପାନକୁ ହାଲ୍‌କା ନେଉନାହୁଁ: ରିଡ୍

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲକୁ ଗୁରୁତ୍ୱର ସହ ନେଉଛନ୍ତି ଭାରତ କୋଚ୍ ଗ୍ରାହାମ୍ ରିଡ୍। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଜାପାନ ବିପକ୍ଷରେ ଆମେ ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଏହି ଦଳକୁ ଆମେ କେବେହେଲେ ହାଲ୍‌କାଭାବେ ନେଉନାହୁଁ ବୋଲି ସେ ପ୍ରକାଶ କରିଛନ୍ତି। ''ଏପରି ଏକ ଟୁର୍ନାମେଣ୍ଟ ଜିତିବାକୁ ହେଲେ ପ୍ରତି ଦଳକୁ ହରାଇବାକୁ ପଡ଼ିବ। ସେମିଫାଇନାଲର ଗୁରୁତ୍ୱ ସବୁବେଳେଭିନ୍ନ। ଅତୀତରେ କ'ଣ ହୋଇଥିଲା ତାର ଯେତେ ଗୁରୁତ୍ୱ ନାହିଁ, ବର୍ତ୍ତମାନ କ'ଣ ହେବାକୁ ଯାଉଛି ତାହା ବେଶି ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଁ ବିଶ୍ୱାସକରେ ବୋଲି ରିଡ୍ କହିଛନ୍ତି। ଅତୀତ ପ୍ରଦର୍ଶନ ସମ୍ପର୍କରେ ମୁଁ ଅଧିକ କିଛି କହିବାକୁ ଚାହେଁନାହିଁ। ଗତ କ୍ରସ୍ ଓଭରରେ କିନ୍ତୁ ଜାପାନ ବହୁତ ଭଲ ଖେଳିଲା। ତେଣୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗାମୀ ମ୍ୟାଚ ଜିତିବାକୁ ଚାହୁଁ। ସେମିଫାଇନାଲ ଖେଳିବାକୁ ଯାଉଥିଲେ ମଧ୍ୟ ପିଲାମାନେ ଚାପରେ ନାହାନ୍ତି। ଅନ୍ୟ ସାଧାରଣ ମ୍ୟାଚ ଭଳି ଆଗାମୀ ମ୍ୟାଚ ଖେଳିବାକୁ ମୁଁ ସେମାନଙ୍କୁ ପରାମର୍ଶ ଦେଇଛି। ଆମେ ପ୍ରଥମ କିଛି ମିନିଟର ଖେଳ ଉପରେ ଫୋକସ ରଖି ସେଠାରୁ ଆଗକୁ ବଢ଼ିବୁ ବୋଲି ଏହି ଅଷ୍ଟ୍ରେଲିଆନ କୋଚ୍ ପ୍ରକାଶ କରିଛନ୍ତି।

## ବିଜୟ ଏକମାତ୍ର ଲକ୍ଷ୍ୟ: ଏକ୍‌ମାନ

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)




ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତକୁ ଭେଟିବାକୁ ଯାଉଛି ଜାପାନ। ଭାରତର ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନ ସତ୍ତ୍ୱେ ଆମେ କେବଳ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବୁ ବୋଲି କହିଛନ୍ତି ଜାପାନ କୋଚ୍ ସେଗ୍‌ଫ୍ରେଡ୍ ଏକ୍‌ମାନ। ଆୟୋଜକଭାବେ ଜାପାନ ୨୦୨୦ ଅଲିମ୍ପିକ୍ସ ହକି ଖେଳିବାର ହକ୍‌ଦାର ଥିବାବେଳେ ଏସିଆନ ଗେମ୍ସରେ ଚାମ୍ପିୟନ ହୋଇ ଯୋଗ୍ୟତା ମଧ୍ୟ ହାସଲ କରି ସାରିଛି। ତେଣୁ ଜାପାନ ପାଇଁ ଏବେ ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ନିଜକୁ ପରୀକ୍ଷା କରିବାର ବେଳ ଉପନୀତ ହୋଇଛି।

''ପରାଜୟକୁ ମୁଁ କେବେହେଲେ ପସନ୍ଦ କରେନାହିଁ, ଆମେ ଏଠାକୁ ବିଜୟୀ ହେବା ଲକ୍ଷ୍ୟରେ ଆସିଛୁ। ଶ୍ରେଷ୍ଠ ଦଳ ବିପକ୍ଷରେ ନିଜକୁ ପରଖିବାର ସୁଯୋଗ ଆସିଛି। ଆଗାମୀ ମ୍ୟାଚ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ। ଏପରି ମ୍ୟାଚ ଜିତି ଆମେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେବା ଲକ୍ଷ୍ୟରେ ରହିଛୁ'' ବୋଲି ସେ କହିଛନ୍ତି। ଅଲିମ୍ପିକ୍ସରେ ବିଜୟୀ ହେବାକୁ ହେଲେ ଆମକୁ ବିଶ୍ୱର ଶ୍ରେଷ୍ଠ ୧୦ ଦଳକୁ ହରାଇବାକୁ ପଡ଼ିବ। ଭୁବନେଶ୍ୱର ଟୁର୍ନାମେଣ୍ଟରେ ଭାରତ କେବଳ ଟପ୍-୧୦ ର୍‍ୟାଙ୍କ ଦଳ। ଆମେ ଏଠାକୁ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ ଲକ୍ଷ୍ୟରେ ମଧ୍ୟ ଆସିଛୁ। ଭାରତ ଭଲ ଖେଳୁଛି, ଏହାର ମାନେ ନୁହେଁ ଯେ ଏହି ଦଳ ଆଗାମୀ ମ୍ୟାଚ ଜିତିବ। ଆଗାମୀ ମ୍ୟାଚ ପାଇଁ ଭାରତ ଫେଭରାଇଟ ହୋଇପାରେ, ମାତ୍ର ଅଣ୍ଡରଡଗ୍ ଦଳ ଗୁଡ଼ିକ ସବୁବେଳେ ପ୍ରତିଯୋଗିତାରେ ରୋମାଞ୍ଚ ଭରି ଆସିଛନ୍ତି ବୋଲି ଭୁଲିଯିବା ଉଚିତ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ଆମେ ବିଜୟୀ ହେବାନେଇ ଦୃଢ଼ ଆଶାବାଦୀ ଅଛୁ ବୋଲି ସେ କହିଛନ୍ତି।


ଏଫ୍‌ଆଇଏଚ୍ ଏକାଡେମୀ- ହକି ଇଣ୍ଡିଆ ଲେଭଲ ୨ ଟେକ୍‌ନିକାଲ ଅଫିସିଆଲ କୋର୍ସ ଓ ଲେଭଲ ୨ ଅମ୍ପାୟରିଂ କୋର୍ସରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନେ ପ୍ରମାଣପତ୍ର ସହ।

## ଭୁବନେଶ୍ୱରରେ ହୋଇପାରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି

ଭୁବନେଶ୍ୱର, ୧୩।୬(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବେ ଚାଲିଛି ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ। ଖୁବ୍ ଶୀଘ୍ର ଓଡ଼ିଶାର ହକିପ୍ରେମୀଙ୍କ ପାଇଁ ଆଉ ଏକ ଖୁସି ଖବର ଆସିବା ସମ୍ଭାବନା ରହିଛି। ଏଠାରେ ଏଫଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି ଟୁର୍ନାମେଣ୍ଟ ହେବା ସମ୍ଭାବନା ରହିଛି। ଆନୁଷ୍ଠାନିକଭାବେ ଏହି ମେଗା ପ୍ରତିଯୋଗିତାର କାର୍ଯ୍ୟସୂଚୀ ଓ ସମୟସୀମା ନିର୍ଦ୍ଧାରିତ ହୋଇ ନ ଥିଲେ ହେଁ ଧରିତ୍ରୀକୁ ମିଳିଥିବା ସୂଚନା ଅନୁସାରେ ଏହା ଦୀପାବଳି ପରେ ଆଗାମୀ ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବା ଏକପ୍ରକାର ନିଶ୍ଚିତ।

ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିବେ। ତିନୋଟି ଏଫଆଇଏଚ୍ ସିରିଜ ଫାଇନାଲରୁ ଶ୍ରେଷ୍ଠ ୬ଟି ଦଳ, ଏଫଆଇଏଚ୍ ପ୍ରୋ ଲିଗ୍‌ରୁ ୪ ଦଳ ଏବଂ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବା କିମ୍ବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥିବା ଏଫଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୪ ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଫଆଇଏଚ୍ ପ୍ରୋ ଲିଗ୍ ସମ୍ପ୍ରତି ନେଦରଲାଣ୍ଡସର ଆମ୍‌ଷ୍ଟେଲଭିନରେ ଅନୁଷ୍ଠିତ ହେଉଛି। ଏଥିରେ ଅଷ୍ଟ୍ରେଲିଆ, ବେଲଜିୟମ, ନେଦରଲାଣ୍ଡ୍ସ, ଜର୍ମାନୀ, ଆର୍ଜେଣ୍ଟିନା, ଗ୍ରେଟ୍ ବ୍ରିଟେନ, ସ୍ପେନ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ଜୁନ ୩୦ରେ ଏହି ପ୍ରତିଯୋଗିତା ସରିବ। ଏଫଆଇଏଚ୍ ସିରିଜ ଫାଇନାଲ୍ସର ପ୍ରଥମ ଚରଣ କୁଆଲାଲମ୍ପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରୁ କାନାଡ଼ା ଓ ମାଲେସିଆ ଯୋଗ୍ୟତା ଅର୍ଜନ କରିଛନ୍ତି। ଭୁବନେଶ୍ୱରରେ ହେଉଥିବା ଟୁର୍ନାମେଣ୍ଟରୁ ୨ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହେବେ। ଫ୍ରାନ୍ସର ଲି ଟୌକ୍ୱେଟଠାରେ ଏଫଆଇଏଚ୍ ସିରିଜ ଫାଇନାଲ୍ସର ୩ୟ ତଥା ଅନ୍ତିମ ଚରଣ ଅନୁଷ୍ଠିତ ହେବ। ଏଥିରୁ ୨ଟି ଦଳ ଯୋଗ୍ୟତା ପାଇବେ। ୨୦୧୯ ସେପ୍ଟେମ୍ବର ୨୦ ସୁଦ୍ଧା ଏଫଆଇଏଚ୍ ର୍‍ୟାଙ୍କିଙ୍ଗର ଶ୍ରେଷ୍ଠ ଦଳ ଗୁଡ଼ିକ ମଧ୍ୟରୁ ୪ଟି ଟିମ୍ ସେମାନଙ୍କ ସହ ସାମିଲ ହେବେ। ତେଣୁ ଅଘୋଷିତଭାବେ ଭାରତର କ୍ରୀଡ଼ା ରାଜଧାନୀର ମାନ୍ୟତା ପାଇଥିବା ଭୁବନେଶ୍ୱରରେ ବର୍ଷ ଶେଷଭାଗରେ ଆଉ ଏକ ବଡ଼ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ହେବା ଏକପ୍ରକାର ନିଶ୍ଚିତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

## ୧୦ ଉଇକେଟ ଏଲିଟ୍ କ୍ଲବରେ ଅର୍ପଣ

ଗୁଆହାଟୀ, ୧୩।୬




ଗୋଟିଏ ଇନିଂସରେ ସମସ୍ତ ୧୦ଉଇକେଟ ଅକ୍ତିଆର କରିଥିବା ବୋଲରମାନଙ୍କ ଏଲିଟ୍ କ୍ଲବରେ ଯୋଗଦାନ କରିଛନ୍ତି ଆସାମର ବାମହାତି ବୋଲର ଅର୍ପଣ ଦତ୍ତ। ଆସାମ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନୁରୁଦ୍ଦିନ ଅହମ୍ମଦ ଟ୍ରଫି ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ଶିବସାଗର ଟିମ୍ ତରଫରୁ ଖେଳୁଥିବା ଅର୍ପଣ ଚାରେଡିଓ ଜିଲା ଟିମ୍ ବିପକ୍ଷରେ ତାଙ୍କ ୧୯ ଓଭର ବୋଲିଂରେ ୪୮ରନ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଛନ୍ତି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶିବସାଗର ଦଳ ୫୩.୪ଓଭରରେ ୨୧୫ରନ ସ୍କୋର କରିଥିଲା। ଜବାବରେ ଚାରେଡିଓ ଦଳ ୪୯ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ବ୍ୟାଟିଂ ବିପର୍ଯ୍ୟୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅର୍ପଣ। ଶିବ ଶାଗର ଏହାର ଦ୍ୱିତୀୟ ଇନିଂସରେ ଦ୍ରୁତ ହାରରେ ରନ ସଂଗ୍ରହ କରିବାକୁ ଯାଇ ୩୪.୨ ଓଭରରେ ୧୧୦ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚଟି ଡ୍ର ରହିଥିଲା। ମାତ୍ର ଶିବସାଗର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଏଣ୍ଟ ଅର୍ଜନ କରିଥିଲା। ଅର୍ପଣ ତାଙ୍କ ପ୍ରଭାବୀ ବୋଲିଂ ଯୋଗୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଜିତିଥିଲେ।

### ୧୦ ଉଇକେଟ କ୍ଲବ

ଏକ ଇଣ୍ଟରନ୍ୟାଶନାଲ ମ୍ୟାଚର ଗୋଟିଏ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିବାରେ ପ୍ରଥମ ବୋଲର ହେଉଛନ୍ତି ଇଂଲଣ୍ଡର ଜେମ୍ସ ଚାର୍ଲ୍‌ସ ଲେକର। ୧୯୫୬ରେ ଓଲ୍ଡ ଟ୍ରାଫୋର୍ଡଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ଡାହାଣହାତୀ ଅଫ୍-ବ୍ରେକ୍ ବୋଲର ପ୍ରଥମ ଇନିଂସରେ ୩୭ ରନ ଦେଇ ୯ଟି ଏବଂ ଦ୍ୱିତୀୟ ଇନିଂସରେ ୫୩ ରନ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଥିଲେ। ବୋଲରଙ୍କ ଏହି ସଫଳତା ପାଇଁ ଏହା 'ଲେକରଙ୍କ ମ୍ୟାଚ୍' ରୂପେ ପରିଚିତ। ୧୯୯୯ରେ ଭାରତର ଅନିଲ କୁମ୍ବଲେ ପାକିସ୍ତାନ ବିପକ୍ଷ ଏକ ମ୍ୟାଚର ଦ୍ୱିତୀୟ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିଥିଲେ।

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



✓ ସଚ୍ଚିଦାନନ୍ଦ ମିଶ୍ର
୧୧୧, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭.୧୧.୧୯୨୬
ତିରୋଧାନ : ୦୪.୦୬.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-: ଶୋକ ସନ୍ତପ୍ତ :-
ପୁତ୍ର- ଦୁର୍ଗା ପ୍ରସାଦ, ବୋହୂ-ଗୀତାଞ୍ଜଳି ଏବଂ ବନ୍ଧୁ ଓ ପରିବାର ବର୍ଗ
ଧ-୧୨୯୬୯

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଫକିର ଚରଣ ପଣ୍ଡା
ସ୍ଥାନ- ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା
ଆବିର୍ଭାବ: ୧୨।୦୫।୧୯୩୫
ତିରୋଧାନ: ୦୬।୦୬।୨୦୧୯
ବହୁ ଘାତ ପ୍ରତିଘାତ ଭିତରେ ଗତି କରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହ୍ୟ କରି ଆମକୁ ଛାଡ଼ି ଚାଲିଗଲେ। ଜୀବନ ତମାମ ମନେରହିବ ଆପଣଙ୍କର ଅନାବିଳ ସ୍ନେହ ଓ କର୍ତ୍ତବ୍ୟ ପରାୟଣତା। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାଇନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ- ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୬୮

## ବଳାତ୍କାର ଉଦ୍ୟମ: ଯୁବକ ଗିରଫ

**ଚଣ୍ଡିଖୋଲ,୧୩।୬(ଡି.ଏନ୍.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗ୍ରାମରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ କ୍ଷୀରୋଦ କୁମାର ଜେନାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗତ ଦୁଇ ଦିନ ତଳେ ନାନପୁର ଗ୍ରାମର ଜଣେ ମହିଳାଙ୍କୁ ସେହି ଗ୍ରାମର କ୍ଷୀରୋଦ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ନେଇ ସମ୍ପୃକ୍ତ ମହିଳା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

### ନାବାଳିକା ଅପହରଣ ଅଭିଯୋଗ

## ଯୁବକ କୋର୍ଟ ଚାଲାଣ

**ଚଣ୍ଡିଖୋଲ,୧୩।୬(ଡି.ଏନ୍.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଉଦୟନଗର ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରି ନେବା ଅଭିଯୋଗରେ ପୋଲିସ ବରୀ ଥାନା ଅନ୍ତର୍ଗତ ଇଶାଣପୁର ଗ୍ରାମର ସରୋଜ ମହଲ(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଜିଲା ସ୍ୱଧାର ଗୃହରେ ରଖାଯାଇଛି। ପ୍ରକାଶ ଯେ ମେ ମାସ ୨୩ ତାରିଖରେ ସରୋଜ ଉଦୟନଗର ଗ୍ରାମର ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏହା ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୨୫/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଗୁରୁବାର ପୋଲିସ ବାଲିଚନ୍ଦ୍ରପୁର ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସରୋଜଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା କରାଯିବା ପରେ ଅଭିଯୁକ୍ତ ସରୋଜଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।




## ପୂର୍ବ ଶତ୍ରୁତାକୁ ନେଇ ନାବାଳକଙ୍କୁ ଆକ୍ରମଣ ଅଭିଯୋଗ

**ବିଞ୍ଝାରପୁର,୧୩।୬(ଡି.ଏନ୍.ଏ.):** ବିଞ୍ଝାରପୁର ପଞ୍ଚାୟତ ଅଧୀନ ରୁଦ୍ରପୁର ଗ୍ରାମରେ ଗୁରୁବାର ପୂର୍ବ ଶତ୍ରୁତାକୁ ନେଇ ଜଣେ ନାବାଳକଙ୍କୁ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଖବରଲେଖା ହେବା ବେଳକୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ଗୁରୁବାର ଗ୍ରାମର ଅରୁଣା ଦାସଙ୍କ ଘରେ ପସି ସ୍ଥାନୀୟ ଅଞ୍ଚଳର କେତେଜଣ ଏକ ନିର୍ଦ୍ଦିଷ୍ଟ ଦଳର ବ୍ୟକ୍ତି ତାଙ୍କ ସ୍ୱାମୀ ଓ ପୁଅଙ୍କୁ ଖୋଜିଥିଲେ। ଏହି ସମୟରେ ଅରୁଣା ଘରେ କେହି ନ ଥିବାର କହିବାରୁ ତାଙ୍କୁ ମାଡ଼ ମାରିଥିଲେ। ଅରୁଣାଙ୍କ ପାଟି ଶୁଣି ତାଙ୍କ ପୁଅ ଦୌଡି ଆସିଥିଲେ। ହେଲେ ଉକ୍ତ ଗୋଷ୍ଠୀର ଲୋକେ ପୁଅକୁ ଘରୁ ଉଠାଇ ନେଇ ମାଡ଼ ମାରିଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ଅରୁଣା ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ରୁଦ୍ରପୁର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ଗିରଫ ଦାବିକୁ ନେଇ ଗ୍ରାମବାସୀ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ରାଜନୈତିକ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁନ, ୨୦୧୯



ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### ୧୦୦୮ ଗରା ଜଳରେ ସ୍ନାନ କଲେ ଶ୍ରୀଲୋକନାଥ

ପୁରୀ ଅଫିସ, ୧୩।୬: ଶ୍ରୀଲୋକନାଥ ମନ୍ଦିରରେ ଗୁରୁବାର ପ୍ରଭୁ ଶ୍ରୀଲୋକନାଥଙ୍କ ଜଳାଶାୟୀ ନୀତି ସମ୍ପନ୍ନ ହୋଇଛି। ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଲୋକନାଥ ୧୦୦୮ ଗରା ସୁବାସିତ ଜଳରେ ସ୍ନାନ କରିଥିଲେ। ପରେ ଠାକୁରଙ୍କ ସପ୍ତ ମଙ୍ଗଳା ନୀତି ସମ୍ପନ୍ନ ହୋଇଥିଲା। ଏଥିପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରୀଲୋକନାଥ ଦେବ ସେବାୟତ ନିଯୋଗ କମିଟି ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସୂଚନା ମୁତାବକ, ପ୍ରାତଃରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ଏବଂ ଅନ୍ୟ ନୀତି ବଢ଼ିଥିଲା। ଦ୍ୱିପହର ଧୂପ ବଢ଼ିବା ପରେ ଜଳାଶାୟୀ ନୀତି ଆରମ୍ଭ ହୋଇଥିଲା। ବ୍ରାହ୍ମଣ ସେବାୟତମାନେ ଲୋକନାଥ ମନ୍ଦିର ପରିସରରେ ଥିବା ଗଙ୍ଗା ଓ ଯମୁନା କୁଅରୁ ୧୦୦୮ ଗରା ଜଳ ଆଣିଥିଲେ। ଏହି ଜଳକୁ ସଂସ୍କାର କରାଯାଇ ଏଥିରେ ଅଗୁର, ଚନ୍ଦନ ଆଦି ପକାଯାଇଥିଲା। ଏହି ସୁବାସିତ ଜଳରେ ଶ୍ରୀଲୋକନାଥ ଏବଂ ପାର୍ଶ୍ୱ ଦେବଦେବୀ ସ୍ନାନ କରିଥିଲେ। ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। ସନ୍ଧ୍ୟା ଧୂପ ନୀତି ପରେ ସପ୍ତମଙ୍ଗଳା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀଲୋକନାଥ ଶ୍ରୀମନ୍ଦିର ଭଣ୍ଡାର ଘରକୁ ବିଜେ କରିଥିଲେ।

### ଗୋଷ୍ଠୀ ସଂଘର୍ଷରେ ୪ ଗୁରୁତର

ପୁରୀ ଅଫିସ, ୧୩।୬: କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ମଙ୍ଗଳା ବସ୍ତିରେ ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଙ୍ଗଳା ବସ୍ତିର ସସ୍ମିତା ସାମଲ(୨୫), ବାସନ୍ତି ସାମଲ(୪୨), ପପୁ ସାମଲ (୧୫) ଓ ରତ୍ନାକର ନାହାକ (୩୧)। ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଆହତଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଗୋଷ୍ଠୀ ସଂଘର୍ଷର କାରଣ ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବାଲୁଗାଁ, ୧୩।୬(ଡି.ଏନ.ଏ.)-ନବ ନିର୍ବାଚିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗୁରୁବାର ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଧାୟକଙ୍କ ଉପସ୍ଥିତିରେ କ୍ଲବ୍‌ର ସମସ୍ତ ସଭ୍ୟବୃନ୍ଦଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀରେ ବହୁ ବର୍ଷ ଧରି ଲାଗିରହିଥିବା ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ବ୍ୟବସ୍ଥାରେ ସମସ୍ୟା ଓ ଚିଲିକାର ବହୁମୁଖୀ ଉନ୍ନୟନ ଉପରେ ପ୍ରେସ୍ କ୍ଲବ୍ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ବିଧାୟକ ଜଗଦେବ ସମସ୍ତ ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ସ୍ଥାୟୀ ନିରାକରଣ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମଧୁର ପାନୀୟ ଜଳ ଯୋଗାଣରୁ ବଞ୍ଚିତ ସମଗ୍ର ଅଞ୍ଚଳବାସୀଙ୍କ ନିମନ୍ତେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଶାଳିଆ ଜଳ ଯୋଗାଣ ପ୍ରକଳ୍ପକୁ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ ସୂଚନା ଦେଇଥିଲେ।

### ଖୋର୍ଦ୍ଧାରେ ରଜ କବିତା ଆସର

ଖୋର୍ଦ୍ଧା ଅଫିସ, ୧୩।୬: ଆମରିସତ୍ୟ ପକ୍ଷରୁ ରଜ କବିତା ଆସର ଗୁରବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଡିଏଭି ସ୍କୁଲ ପ୍ରେକ୍ଷାଳୟରେ ଆମରିସତ୍ୟ ସଙ୍ଗଠନର ଅଧକ୍ଷ ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ପାଠକ, ଲେଖକ ଓ କବିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆମରିସତ୍ୟର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ସହଯୋଗୀ ସମ୍ପାଦକ ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ ସହ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଡିଏଭି ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ନନ୍ଦକିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରଜ କବିତା ଆସରକୁ କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ସମରଜିତ୍ ପଟ୍ଟନାୟକଙ୍କ ସଂଯୋଜନା କରିଥିଲେ। ରାମଶଙ୍କର, ଚପଳା ପଣ୍ଡା, ଡ. ଗୌରୀଶଙ୍କର ପ୍ରହରାଜ, ଆଶିଷ ରାୟ, ନିରୁପମା ମହାପାତ୍ର, ଧନେଶ୍ୱର ସାହୁ, ଇତିଶ୍ରୀ ସାହୁ, ଅଧାପିକା ସୌଦାମିନୀ ବେହେରା, ରଶ୍ମିତା ନାୟକ, ଆରତି ସେନ, ଗାୟତ୍ରୀ ହାତୀ ପ୍ରମୁଖ ରଜପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, ଟାଙ୍ଗୀ ଅଞ୍ଚଳରୁ ୭୪ ଜଣ କବି କବୟିତ୍ରୀ ଯୋଗ ଦେଇଥିଲେ।

# ଶ୍ରୀକୃଷ୍ଣଙ୍କ ରୁକ୍ମିଣୀ ହରଣ, ବିବାହ

- ମଦନ ମୋହନ ବିଜେ କରନ୍ତି ଶ୍ରୀକୃଷ୍ଣ ବେଶରେ
- ଅପମାନିତ ହୋଇ ଫେରିଲେ ଶିଶୁପାଳ

ଖଣ୍ଡପଡ଼ା, ୧୩।୬(ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ପାରମ୍ପରିକ ରୀତିରେ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କ ରୁକ୍ମିଣୀ ହରଣ ଓ ବିବାହ ଉତ୍ସବ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ପୌରାଣିକ କଥା ଅନୁସାରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରିଥିବାରୁ ଏହି ଦିବସଟି ରୁକ୍ମିଣୀ ହରଣ ଏକାଦଶୀ ଭାବେ ପରିଚିତ। କଥାବସ୍ତୁ ଅନୁସାରେ ବିଦର୍ଭ ରାଜା ଭୀଷ୍ମକ କନ୍ୟା ରୁକ୍ମିଣୀଙ୍କ ଅନିଚ୍ଛା ସତ୍ତ୍ୱେ ଶିଶୁପାଳଙ୍କ ସହ ବିବାହ ସ୍ଥିର କରିଥିଲେ। ଉକ୍ତ ରୀତି ଅନୁସାରେ କଣ୍ଟିଲୋ ନୀଳମାଧବ ମନ୍ଦିର କନ୍ୟାଘର ପକ୍ଷରୁ ବୁଧବାର ଶିଶୁପାଳଙ୍କ ଘରକୁ ଚିଟାଉ ପଠାଯାଇଥିଲା। ତେବେ ରୁକ୍ମିଣୀ ମନରେ ଶ୍ରୀକୃଷ୍ଣଙ୍କୁ ନିଜ ପତି ବୋଲି ସ୍ୱୀକାର କରିନେଇଥିଲେ। ତେଣୁ ରୁକ୍ମିଣୀ ତାଙ୍କର ଜଣେ ବୃଦ୍ଧ କୁଳ ପୁରୋହିତ ବେଶରେ ଥିବା ବାସୁଦେବ ମିଶ୍ରଙ୍କ ହାତରେ ଶ୍ରୀକୃଷ୍ଣଙ୍କ ପାଖକୁ ଚିଟାଉ ପଠାଇଥିଲେ। ଛାମୁଙ୍କ ଖୁଣ୍ଟିଆ କୁଳମଣି ମିଶ୍ର କୁଣ୍ଡିନ ନଗରରୁ ଚିଠି ଧରି ଆସିଥିବା କୁଳ ପୁରୋହିତଙ୍କ ସମ୍ପର୍କରେ ଛାମୁଙ୍କୁ ଅବଗତ କରାଇଥିଲେ। ପୁରୋହିତ ମିଶ୍ର ରୁକ୍ମିଣୀଙ୍କ ପ୍ରେରିତ ପତ୍ରଟିକୁ ଶ୍ରୀ ଜୀଉଙ୍କୁ ପ୍ରଦାନ କରିଥିଲେ। ପରେ ଶ୍ରୀଜୀଉଙ୍କ ବେଦ ବ୍ରାହ୍ମଣ ରାମଚନ୍ଦ୍ର ମିଶ୍ର ପତ୍ରଟି ପାଠ କରିଥିଲେ। ପତ୍ରର ସୂଚନା ଅନୁସାରେ ପାର୍ବତୀ(ବିମଳା)ଙ୍କ ମନ୍ଦିରରେ ରୁକ୍ମିଣୀ ଅପେକ୍ଷା କରିଥିବାବେଳେ ସେଠାରୁ ଶ୍ରୀକୃଷ୍ଣ ତାଙ୍କୁ ହରଣ କରି ବିବାହ କରିବେ। ଏହାଥିଲା ମହାଭାରତ ଏବଂ ଶ୍ରୀମଦ୍ ଭାଗବତ ଅନୁସାରେ ପୌରାଣିକ କଥାବସ୍ତୁ। ତଦନୁଯାୟୀ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ(ଶ୍ରୀକୃଷ୍ଣ)ଙ୍କୁ ସ୍ଥାନୀୟ ବିମଳା(ପାର୍ବତୀ)ଙ୍କ ମନ୍ଦିରକୁ ସୁସଜ୍ଜିତ ବିମାନରେ ବିଜେ କରି ରୁକ୍ମିଣୀ(ଲକ୍ଷ୍ମୀ)ଙ୍କୁ ହରଣ କରିଥିଲେ। ଶିଶୁପାଳ ବେଶରେ ଥିବା ଦାଶରଥି କର ଏ ଖବର ପାଇ ଶ୍ରୀଜୀଉଙ୍କ ବେଢ଼ା ପରିସର ପାଦୁକ କୁଣ୍ଡ ନିକଟରେ ଶ୍ରୀକୃଷ୍ଣଙ୍କ ସହ ଭେଟ ହୋଇ ଖଣ୍ଡାରେ ଆକ୍ରମଣ କଲାବେଳେ ବରପକ୍ଷ ତାଙ୍କୁ ବାନ୍ଧି ପକାଇଥିଲେ। ତାଙ୍କ ସମ୍ମୁଖରେ ରୁକ୍ମିଣୀଙ୍କୁ ଧରି ଶ୍ରୀକୃଷ୍ଣ ଫେରିଥିଲେ। ଶିଶୁପାଳ ନିରାଶ ହୋଇ ସ୍ୱଗୃହକୁ ଫେରି ଯାଇଥିଲେ। ପରେ ଶ୍ରୀ ଜୀଉଙ୍କୁ ଅପରାହ୍ନ ସାଢ଼େ ୫ଟାରେ ମୁକ୍ତିମଣ୍ଡପକୁ ବିଜେ କରାଯାଇ ଦେବ ନୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପୁରୋଧା ଭାବେ ବାସୁଦେବ ମିଶ୍ର, ପୂଜାରୀ ଭାବେ ରାସେଶ୍ୱର ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରତିହାରୀ ହୃଷୀକେଶ ମିଶ୍ର, ଗରାବଡୁ ଶଶୀଧର ମିଶ୍ର, କନ୍ୟାପିତା ଜୟକୃଷ୍ଣ ମିଶ୍ର ଏବଂ ବର ପିତା ଭାବରେ ଲକ୍ଷ୍ମଣ ମିଶ୍ର ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବୃଦ୍ଧ ବ୍ରାହ୍ମଣ ବେଶରେ ପୀତବାସ ମିଶ୍ର ଉପସ୍ଥିତ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ଉତ୍ସବରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ମନ୍ଦିର ନୀତି ଅନୁସାରେ ପୂର୍ବାହ୍ନ ୫ଟାରେ ପହଡ଼ ଖୋଲା ଓ ମଙ୍ଗଳାର୍ଚ୍ଚନ, ସାଢ଼େ ୫ଟାରେ ସ୍ନାନ ଅବକାଶ, ୯ଟାରେ ବଲ୍ଲଭ ଶେଷ, ଅପରାହ୍ନ ସାଢ଼େ ୧୧ଟାରେ ଦ୍ୱିପ୍ରହର ଧୂପ ଓ ଏହାପରେ ଭଅଣ୍ଡ ଧୂପ ଅନୁଷ୍ଠିତ ହୋଇଥିଲା। ରୁକ୍ମିଣୀ ହରଣ ପରେ ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ଓ ସାଢ଼େ ୬ଟାରେ ଏକାଦଶୀ ବେଢ଼ା ପରିକ୍ରମା ହୋଇଥିଲା। ଏ ସମସ୍ତ ନୀତି ପରେ ରାତିରେ ଶ୍ରୀ ଜୀଉ ଓ ଲକ୍ଷ୍ମୀ(ରୁକ୍ମିଣୀ)ଙ୍କୁ ମୁକ୍ତି ମଣ୍ଡପକୁ ବିଜେପୂର୍ବକ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।





ରୁକ୍ମିଣୀଙ୍କ ସହ ଶ୍ରୀକୃଷ୍ଣ (ମଦନମୋହନ)ଙ୍କ ବିବାହ ସମ୍ପନ୍ନ ହେଉଛି। ଶ୍ରୀ ନୀଳମାଧବ ଜୀଉ।

## ରଥ ପାଇଁ ଫାସିଗଛ ଦାନ
# ନୟାଗଡ଼ର ୨୨ ଦାତା ସମ୍ବର୍ଦ୍ଧିତ



ଜଣେ ଦାତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମନ୍ତ୍ରୀ।

ପୁରୀ ଅଫିସ, ୧୩।୬

କୋଟି ପ୍ରାଣର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ବିଶ୍ୱନିୟନ୍ତା। ହେଲେ ଏହି ଦାରୁ ବିଗ୍ରହଙ୍କ ସେବା କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏମିତି ବି କେହି ଇଚ୍ଛା କରି ସୁଦ୍ଧା ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇ ନ ଥାନ୍ତି। କିନ୍ତୁ କିଛି ଲୋକ ରହିଛନ୍ତି ଯେଉଁମାନେ ରଥଯାତ୍ରା ଆସିଲେ ଖୁସି ହୋଇଯାନ୍ତି। କାରଣ ଏହି ସମୟରେ ମହାପ୍ରଭୁଙ୍କୁ ଛୋଟିଆ ସମର୍ପଣ କରିବାର ଅପୂର୍ବ ସୁଯୋଗ ସେମାନଙ୍କୁ ମିଳିଥାଏ। ଜଗତର ନାଥ ଜଗନ୍ନାଥଙ୍କୁ ବା ସେମାନେ କ'ଣ ଦେଇପାରିବେ? କିନ୍ତୁ ତାଙ୍କ ରଥ ପାଇଁ ଖଣ୍ଡିଏ କାଠ ତ ସମର୍ପଣ କରିପାରିବେ। ଏମିତି ଭକ୍ତି ମନୋଭାବ ରଖି ଫାସିଗଛ ଦାନ ଦେଇଥିବା ନୟାଗଡ଼ ଜିଲାର ୨୨ଜଣ ବ୍ୟକ୍ତିଙ୍କୁ ଗୁରୁବାର ତୃତୀୟ ରଥ ସମନ୍ୱୟ ବୈଠକରେ ସମ୍ବର୍ଦ୍ଧିତ କରାଯାଇଛି। ଆଇନ ମନ୍ତ୍ରୀ ପ୍ରତାପ ଜେନା ସେମାନଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ ନୟାଗଡ଼ ଜିଲାର ରାମଚନ୍ଦ୍ର ମହାରଣା, ଦଣ୍ଡଧର ଗଣ୍ଡିଆ, ତ୍ରିନାଥ ପାଣିଗ୍ରାହୀ, ଅଖିଳ ପାଣିଗ୍ରାହୀ, ଜୟକୃଷ୍ଣ ବେହେରା, ସହଦେବ ପ୍ରଧାନ, ସନାତନ ସ୍ୱାଇଁ, ଯୋଗୀନାଥ ମାହୁନ୍ତ, ଅଞ୍ଜଳି ପାଣିଗ୍ରାହୀ, କୁମାର ରାଉତ, ମଧୁସୂଦନ ସାହୁ, ଶଶି ବେହେରା, ମାଗି ବେହେରା, ଦିଲୀପ କୁମାର ନାୟକ, ବୃନ୍ଦାବନ ପଲେଇ, ଲକ୍ଷ୍ମୀଧର ସାହୁ, ମଦନ ସାହୁ, ନିରଞ୍ଜନ ନାୟକ, ଦିଲୀପ କୁମାର ସ୍ୱାଇଁ, ପ୍ରଦୀପ ବେହେରା, ଗୌତମ ମଲ୍ଲିକ ଏବଂ ଅନ୍ୟ ଜଣେ ଗାଁ ସଭାପତି।

# ଚକ ଥାକ, ବନ୍ଧ ଦିଆଗଲା: ଅଖରେ ମେଣ୍ଟି ଲାଗିଲା

ରଥଖଳାରୁ..........



ସେବକ ରଥ ଚକ ପ୍ରସ୍ତୁତ କରୁଛନ୍ତି।

ପୁରୀ ଅଫିସ, ୧୩।୬

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଆଗେଇ ଚାଲିଛି ରଥ ତିଆରି। ଶ୍ରୀକ୍ଷେତ୍ର ଭଉଁରୀରେ ଦୁଇଟି ଲେଖାଏଁ ଚକ ଅଖ ଡେରା ଯାଇଥିଲା। ମଙ୍ଗଳବାର ୪୨ଟି ଚକରେ ଅଖ ସଂଯୋଗ କରାଯାଇଥିଲା। ଏଥିରେ ନନ୍ଦିଘୋଷର ୧୬ଚକରେ ୮ଟି ଅଖ, ତାଳଧ୍ୱଜ ରଥର ୧୪ ଚକରେ ୭ଟି ଏବଂ ଦର୍ପଦଳନ ରଥର ୧୨ ଚକରେ ୬ଟି ଅଖ ରହିଛି। ଗୁରୁବାର ଦଣ୍ଡା ଚଉପଟ କାମ ଚାଲିଥିବା ବେଳେ ମହାପ୍ରଭୁଙ୍କ ବାହୁଟ ଲାଗି ସାକ୍ଷୀଗୋପାଳରୁ ବଉଳ କାଠ ଆସି ପହଞ୍ଚିଛି।

ମୋଟ ୨୫ଦଣ୍ଡା ମଧ୍ୟରୁ ନନ୍ଦିଘୋଷ ଓ ତାଳଧ୍ୱଜ ରଥର ୯ଟି ଲେଖାଏ ଓ ଦର୍ପଦଳନ ରଥର ୭ଟି ଦଣ୍ଡା ନିର୍ମାଣ ଚାଲିଛି। ଏହାପରେ ଏଗୁଡ଼ିକୁ ଖଞ୍ଜାଯିବ। ପ୍ରତି ଦଣ୍ଡାରେ ନମ୍ବର ଦିଆଯିବ। ଏହାଦ୍ୱାରା ରଥରେ ସଂଯୋଗ କରିବା ବେଳେ ଅସୁବିଧା ହେବ ନାହିଁ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ରଥ ଚକ ଥାକ କରାଯାଇଛି। ଚକ ନିର୍ଦ୍ଦିଷ୍ଟ ସ୍ଥାନରେ ସେଟ୍ କରି ରଖିବାକୁ ଚକ ଥାକ କୁହାଯାଏ। ପରେ ଚକରେ ବନ୍ଧ ଦିଆଯାଇଛି। ଏହାଦ୍ୱାରା ଚକ ସେହି ସ୍ଥାନରୁ ଅଲଗା ହୋଇପାରିବ ନାହିଁ। ଏହାପରେ ଅଖ ମଝିରେ ମେଣ୍ଟି (ଅଖକୁ ଟେକି ଧରିବା ପାଇଁ)କାଠ ଦିଆଯାଇଛି। ଶୁକ୍ରବାରଠାରୁ ଦଣ୍ଡା ଅନୁକୂଳ ହେବ। ଅନ୍ୟପଟେ ନାହାକ ଓ ଜୋକା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ କଣଗୁଜ କାମ ସାରିବା ପରେ ସିଂହାସନ କାମରେ ଲାଗିଛନ୍ତି।

# ବାସହରା ବିପନ୍ନଙ୍କୁ ୪ ଲକ୍ଷ ଟଙ୍କା ଦିଆଯାଉ

ପୁରୀ ଅଫିସ, ୧୩।୬: ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଘର ସମେତ ଲକ୍ଷ ଲକ୍ଷ ଗଛ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ ଲାଗି ଓଡ଼ିଶା ନାରିକେଳ ଉତ୍ପାଦନ ସଂଘ ସମ୍ପାଦକ ତପନ ଉପାଧ୍ୟାୟ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘର ଭାଙ୍ଗିଯାଇଥିବା କ୍ଷତିଗ୍ରସ୍ତଙ୍କୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଏଥିରେ ଦାବି ଜଣାଇଛନ୍ତି। ସେହିପରି ନଡ଼ିଆ ଗଛ ଗୋଟାକୁ କେନ୍ଦ୍ର ସରକାର ୩୦୦୦ ଟଙ୍କା ଦିଅନ୍ତୁ ବୋଲି ଉଲ୍ଲେଖ ରହିଛି। ଏତଦ୍‌ବ୍ୟତୀତ ବିରି, ମୁଗ, ପାନଚାଷୀଙ୍କୁ ସହାୟତା ପ୍ରଦାନ ସହ ବାତ୍ୟାରେ ମରିଥିବା ଗାଈ, ମେଣ୍ଢା, ଛେଳି, ମଇଁଷି, କୁକୁଡ଼ାର ଠିକ୍ ଭାବେ ଆକଳନ କରି ସହାୟତା ଦେବାକୁ ଉପାଧ୍ୟାୟ ଦାବି କରିଛନ୍ତି।

## ଓଡ଼ିଆ ପରମ୍ପରା: ଖୁସିର ପର୍ବ ରଜ ପାଇଁ ପ୍ରସ୍ତୁତି

### ବୈଷ୍ଣବୀ ଦେବୀ କୋଶଳାଶୁଣୀଙ୍କଠାରେ ହୁଏ ମାଛ ଭୋଗ

ବୋଲଗଡ଼, ୧୩।୬(ଡି.ଏନ୍.ଏ.)

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓଡ଼ିଶାରେ ସମସ୍ତେ ରଜପର୍ବ ପାଳନ କରନ୍ତି। ଏହାକୁ ଖୁସିର ଉତ୍ସବ ଭାବେ ମନେ କରାଯାଏ। ଚଳିତ ବର୍ଷ ପ୍ରାଚୀନ ପରମ୍ପରା ବହନ କରୁଥିବା ଏହି ପର୍ବ ପାଇଁ ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଶେଷ ହୋଇଯାଇଛି। ବୋଲଗଡ ରଜ ପଡ଼ିଆରେ ମା'ରାମଚଣ୍ଡୀଙ୍କ ଯାତ୍ରା ପାଇଁ ପ୍ରତିବର୍ଷ ଭଳି ଆନନ୍ଦ ଉଲ୍ଲାସର ସହ ପ୍ରସ୍ତୁତି ଚାଲିଛି। ସଂପୁର ଗ୍ରାମରେ ରଜଯାତ୍ରା ପାଳନ ନିମନ୍ତେ ଆୟୋଜକଙ୍କ ପକ୍ଷରୁ ଗୁରୁବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ହୋଇଛି। ଗୋଡିଆଳି ଗ୍ରାମ ରଜଯାତ୍ରା ପଡିଆରେ ଗୁରୁବାର ଯଜ୍ଞକାର୍ଯ୍ୟର ପୂର୍ଣ୍ଣାହୁତି ହୋଇଛି। ଶୁକ୍ରବାରଠାରୁ ଏଠାରେ ରଜଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଅସରଳା ଏବଂ ଆରିକମା ଗ୍ରାମର କୋଶଳାଶୁଣୀ ଦେବୀଙ୍କ ରଜଯାତ୍ରା ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ମା'କୋଶଳାଶୁଣୀ ବୈଷ୍ଣବୀ ଠାକୁରାଣୀ ଭାବେ ବର୍ଷସାରା ନିରାମିଷ ପୂଜା ପାଇଥାନ୍ତି। ମାତ୍ର ଏଠାରେ ରଜ ସଂକ୍ରାନ୍ତି ରାତିରେ ମାଛ ଭୋଗ ହେବାର ପରମ୍ପରା ଚାଲିଆସୁଛି। ରଜ ପାଳନ ପାଇଁ ପିଲା, ଝିଅ, ବୋହୂମାନେ ସଜବାଜ ହୋଇ ଦୋଳି ଓ ତାସ ଖେଳର ମଜା ଉଠାଇଥାନ୍ତି। ରଜପାନ, ପିଠାପଣା ଓ ବିଭିନ୍ନ ସ୍ଥାନ ବୁଲିବା ନିମନ୍ତେ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି।

# ନିଆରା ସେବକ- ନାରାୟଣ

ପୁରୀ ଅଫିସ, ୧୩।୬



ନାରାୟଣ ମହାରଣା।

ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପଣ କରିଛନ୍ତି ବାଲିସାହିର ନାରାୟଣ ମହାରଣା (୬୫)। ସମସ୍ତଙ୍କ ପାଖରେ ସେ ନାରୁ ଭାଇ ଭାବେ ପରିଚିତ। ରାଜ୍ୟ ଓ ରାଜ୍ୟ ବାହାରେ ତାଙ୍କର ଖ୍ୟାତି ରହିଛି। ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ରଥରେ ତାଙ୍କ ପରିବାରର ପାରମ୍ପରିକ ସେବା ନାହିଁ। ମାତ୍ର ସେ ପଟିଦିଅଁ ପ୍ରସ୍ତୁତିରେ ଚନ୍ଦନ ମହାରଣାଙ୍କୁ ସହଯୋଗ କରିଆସୁଛନ୍ତି। ରଥର ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗକାମ ମଧ୍ୟ କରନ୍ତି। ନାରାୟଣ କହିଛନ୍ତି, ମୁଁ ମହାପ୍ରଭୁଙ୍କର ଜଣେ ସେବକ। ବାପା ଦାମୋଦରଙ୍କ ପ୍ରେରଣାରେ ପିଲାବେଳେ ରଥଖଳାରେ କାମ କରିବାକୁ ଆଗ୍ରହ ହୋଇଥିଲା। ୫ମ ଶ୍ରେଣୀରେ ପଢୁଥିବା ସମୟରେ ସ୍କୁଲ ଛୁଟିରେ ଏଠାକୁ କାମ ଶିଖିବାକୁ ଆସେ। ମୋତେ ୨୫ପଇସା ମଜୁରି ମିଳୁଥିଲା। ସେହି ଅର୍ଥରେ ମୁଁ ପାଠ୍ୟପୁସ୍ତକ କିଣୁଥିଲି। ସେତେବେଳେ ବରିଷ୍ଠ କାରିଗର କୃଷ୍ଣ ମହାରଣା, ହାତୀ ମହାରଣା ଓ ମୋ ଅଜା କାଶୀନାଥ ମହାରଣାଙ୍କ ସଂସ୍ପର୍ଶରେ ଆସିଛି। ସେମାନେ କହୁଥିଲେ, ଭଲ କାରିଗର ହେବା ପାଇଁ ରଥଖଳା ହିଁ ଉତ୍କୃଷ୍ଟ ସ୍ଥାନ। ଏହା ମୋ' ଜୀବନରେ ଗଭୀର ରେଖାପାତ କରିଥିଲା। ସେବେଠାରୁ ମୁଁ ଏହି କରିଆସୁଛି। ଦେହରେ ବଳଥିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା କରିବି। ଯୁବାବସ୍ଥାରେ ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କଠାରୁ ୱାଲ୍‌ପେଣ୍ଟିଂ, ପେପର ପେଣ୍ଟିଂ ଏବଂ ପଟଚିତ୍ର କାମ ଶିଖିଥିଲି। ପଟଚିତ୍ରରେ ୧୯୯୫ ଓ ୧୯୯୭ରେ ରାଜ୍ୟ, ୧୯୯୬ରେ ଜାତୀୟ, ୨୦୦୩ରେ ଲଳିତ କଳା ସମ୍ମାନ (ଡିଜାଇନ ଆୱାର୍ଡ), ସେହିବର୍ଷ ପୁଣି ଥରେ ଜାତୀୟ ସମ୍ମାନ ଏବଂ ୨୦୧୬ରେ ଅର୍ନ୍ତଜାତୀୟ କଳା ସମ୍ମାନରେ ସମ୍ମାନିତ ହୋଇଥିଲି ବୋଲି ନାରାୟଣ ପ୍ରକାଶ କରିଛନ୍ତି।

### ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ସେବକ ମାନ୍ୟତା ଦେଉ

ଐତିହ୍ୟ ଗବେଷକ ସୁରେନ୍ଦ୍ର ମିଶ୍ର କହିଛନ୍ତି, ଶାସ୍ତ୍ରୀୟ, ବାସ୍ତୁଶିଳ୍ପ ଓ ରଥଶିଳ୍ପର ଅନ୍ୟତମ ବିଧାନୀ ହେଉଛନ୍ତି ବରିଷ୍ଠ ରୂପକାର ତଥା ଚିତ୍ରକର ନାରାୟଣ ମହାରଣା। ସେ ଦୀର୍ଘବର୍ଷ ଧରି ନିଷ୍ଠା ଓ ସର୍ମପଣ ଭାବରେ ରଥ କାମ କରି ଆସୁଛନ୍ତି। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ରୂପକାର ସେବକର ମାନ୍ୟତା ପ୍ରଦାନ କଲେ ଓଡ଼ିଶାର ଜଣେ ମହାନ ଶିଳ୍ପୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳିପାରିବ।

# ରସକୁଦିରେ ମାଗଣା ଚିକିତ୍ସା ଶିବିର

କୃଷ୍ଣପ୍ରସାଦ, ୧୩।୬(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବଡଅଁଳ ପଞ୍ଚାୟତ ଅଧୀନ ରସକୁଦି ଗ୍ରାମରେ ଗୁରୁବାର ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଇକୋସ ଆଇ ହସ୍‌ପିଟାଲ ତରଫରୁ ଆୟୋଜିତ ଏହି ଶିବିର ରସକୁଦି ଆଶ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଶିବିରକୁ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ବୁଲୁ ବେହେରା ଉଦ୍‌ଘାଟନ କରିଥିବାବେଳେ ହସ୍‌ପିଟାଲ ମୁଖ୍ୟ ପରିଚାଳିକା ଡା. ଶଶିପ୍ରଭା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ୨୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା, ମାଗଣା ଔଷଧ ବଣ୍ଟନ ସହ ସ୍ୱାସ୍ଥ୍ୟଭିତ୍ତିକ ବିଭିନ୍ନ ସଚେତନତା କରାଯାଇଥିଲା। ଡା. ହର୍ଷିତ ନାୟକ, ପ୍ରିୟରଞ୍ଜନ ଧଳସାମନ୍ତ, ହରିଶ୍ଚନ୍ଦ୍ର ସାହୁ, ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ହେମନ୍ତ କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗଙ୍ଗା ନାୟକ, ପ୍ରିୟମ୍ବଦା ପ୍ରଧାନ, ସୀମାଞ୍ଚଳ ବେହେରା, ଅକ୍ଷୟ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଶ୍ରୀମନ୍ଦିର କର୍ମଚାରୀଙ୍କ ଛୁଟି ବାତିଲ

ପୁରୀ ଅଫିସ, ୧୩।୬

ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମାସେ ପର୍ଯ୍ୟନ୍ତ ଶ୍ରୀମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜୁନ୍ ୧୪ତାରିଖଠାରୁ ନିଳାଦ୍ରୀବିଜେ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ଜୁଲାଇ ୧୫ତାରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟର କୌଣସି କର୍ମଚାରୀ ଛୁଟି ନେଇପାରିବେ ନାହିଁ। ସେହିପରି ସମସ୍ତ ସରକାରୀ ଛୁଟି ଦିନମାନଙ୍କରେ ମଧ୍ୟ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ଜଣାଇଛନ୍ତି। ରଥଯାତ୍ରା ସମୟରେ ଅନେକ ଜରୁରୀ କାମ ରହୁଥିବା ବେଳେ ବହୁ ଲୋକ ବିଭିନ୍ନ ପ୍ରସଙ୍ଗ ନେଇ କାର୍ଯ୍ୟାଳୟକୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି।

## ମୁଖ୍ୟ ପ୍ରଶାସକ-ଦଇତାପତିଙ୍କ ଆଲୋଚନା
# ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**ଗୋଟିଏ ଚକକୁ ୨ ଘଣ୍ଟୁଆ ନିୟମ କଡ଼ାକଡ଼ି ପାଳନ ହେବ**

ପୁରୀ ଅଫିସ, ୧୩।୬

ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନେଇ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦଇତାପତି ସେବକଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଏଥିରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି। ସ୍ନାନମଣ୍ଡପ ହେଉ କିମ୍ବା ଗୁଣ୍ଡିଚା ମନ୍ଦିର ଅବା ସୁନାବେଶ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଠିକ୍ ଭାବେ ଦର୍ଶନ କରିପାରିବେ ତାହା ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ମହାପ୍ରଭୁଙ୍କ ଟାହିଆ ଏବଂ ହାତୀବେଶକୁ ଏବର୍ଷ ଅକ୍ଷୁଣ୍ଣ ଭାବେ ଖୋଲି ପ୍ରଦାନ କରିବାକୁ ମୁଖ୍ୟ ପ୍ରଶାସକ ଦଇତାପତି ସେବକଙ୍କୁ କହିଛନ୍ତି। ଏଥିରେ ସେବକମାନେ ସହମତି ପ୍ରକାଶ କରିଛନ୍ତି। ଅନେକ ସମୟରେ ରଥ ଉପରେ ଅଧିକ ସେବକ ଓ ଘଣ୍ଟୁଆ ରହୁଛନ୍ତି। ଫଳରେ ଠାକୁରଙ୍କୁ ଠିକ୍ ଭାବେ ଶ୍ରଦ୍ଧାଳୁ ଦର୍ଶନ କରିପାରୁନାହାନ୍ତି ବୋଲି ଦଇତାପତି ସେବକମାନେ କହିଥିଲେ। ଏଥର ଗୋଟିଏ ଚକକୁ ୨ଘଣ୍ଟୁଆ ନିୟମକୁ କଡ଼ାକଡ଼ି କରାଯିବ। ଅର୍ଥାତ୍ ଯେଉଁ ରଥରେ ଯେତୋଟି ଚକ ସେହି ରଥରେ ତାର ଡବଲ ସଂଖ୍ୟକ ଘଣ୍ଟୁଆ ସେବାୟତ ଚଢିବେ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। ତିନିରଥର ମୋଟ ଚକ ସଂଖ୍ୟା ୪୨ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨)। ମୋଟ ୮୪ ଜଣ ଘଣ୍ଟୁଆ ସେବାୟତ ତିନିରଥରେ ରହିବେ। ଶ୍ରୀମନ୍ଦିର ସ୍ୱତ୍ତ୍ୱ ଲିପିରେ ଯେଉଁ ଘଣ୍ଟୁଆ ସେବାୟତଙ୍କ ନାମ ଥିଲା ବର୍ତ୍ତମାନ ସେମାନଙ୍କ ପରିବାର ସଂଖ୍ୟା ବଢିଗଲାଣି। ତେଣୁ ଘଣ୍ଟୁଆ ସେବାୟତମାନେ ସେମାନଙ୍କ ମଧ୍ୟରେ ଆଲୋଚନା କରି ନାମ ତାଲିକା ଦେବେ। ଶ୍ରୀମନ୍ଦିର ପ୍ରଶାସନ ଯେଉଁ ୮୪ଜଣଙ୍କୁ ଅନୁମତି ଦେବ କେବଳ ସେମାନେ ହିଁ ରଥରେ ଚଢିବେ ବୋଲି ନିଷ୍ପତ୍ତି ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁନ, ୨୦୧୯



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ସାପ କାମୁଡ଼ାରେ ଆଶା କର୍ମୀଙ୍କ ମୃତ୍ୟୁ

ଦଶପଲ୍ଲା,୧୩।୬(ଡି.ଏନ.ଏ.): ସାପ କାମୁଡାରେ ଦଶପଲ୍ଲା ବ୍ଲକ ଟାକରା ଗୋପାଳପୁର ଗ୍ରାମର ଜଣେ ଆଶା କର୍ମୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ବାସନ୍ତି ବେହେରା। ପରିବାର ଲୋକଙ୍କଠାରୁ ପ୍ରକାଶ ଯେ, ବୁଧବାର ରାତିରେ ବାସନ୍ତି ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସ ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବଡ଼କୁଳ ପାନ୍ଥନିବାସରେ ରଜ ମହୋତ୍ସବ ଉଦ୍‌ଘାଟିତ



ବାଲୁଗାଁ,୧୩।୬(ଡି.ଏନ.ଏ.): ପ୍ରତିବର୍ଷ ପରି ଚଳିତ ବର୍ଷ ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସ ଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଗୁରୁବାର ଠାରୁ ୪ଦିନ ଧରି ରଜ ମହୋତ୍ସବ ପାଳନ କରାଯାଉଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପାନ୍ଥନିବାସ ପାର୍କରେ ସୁସଜ୍ଜିତ ଦୋଳି ଏବଂ ତୋରଣ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଛି। ବିଧାୟକ ଜଗଦେବଙ୍କ ସମେତ ପର୍ଯ୍ୟଟକ ପାନ୍ଥନିବାସ ଠାରେ ପ୍ରସ୍ତୁତି କରାଯାଇଥିବା ଆରିସା, କାକରା, ମଣ୍ଡା, ଦହିବରା ଓ ପୋଡ଼ପିଠା ଆଦି ବିଭିନ୍ନ ପ୍ରକାର ଓଡ଼ିଆ ପାରମ୍ପରିକ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇଥିଲେ। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ପାନ୍ଥନିବାସ ଠାରେ ଦୂରଦୂରାନ୍ତରୁ ସକାଳ ସମୟରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା । ୪ଦିନ ବ୍ୟାପୀ ଏହି ରଜ ମହୋତ୍ସବ ଆସନ୍ତା ୧୬ ତାରିଖରେ ଉଦ୍‌ଯାପିତ ହେବ । ପାନ୍ଥନିବାସ ପରିଚାଳକ ରବୀନ୍ଦ୍ର କୁମାର ଦାସ ଓ ସହ ପରିଚାଳକ ବାପି ରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଚଳିତ ବର୍ଷ ବିଧାୟକଙ୍କ ଉଦ୍ୟମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଓ ମନୋରଞ୍ଜନ ନିମନ୍ତେ ତିନି ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଗୋଟିପୁଅ ନୃତ୍ୟ, ଓଡ଼ିଶୀ ଓ ଆଧୁନିକ ନାଚ ଗୀତର ବ୍ୟବସ୍ଥା କରାଯାଇଛି । ସେହିପରି ବାଲୁଗାଁ ସ୍ଥିତ ଉତ୍ତରାୟଣୀ ପୀଠ ଓ ମାମୁ ଭଣଜା ପାହାଡ଼ ଶୀର୍ଷରେ ଅବସ୍ଥାପିତ ସୀତା ମା'ଙ୍କ ମନ୍ଦିର ସମେତ ବିଭିନ୍ନ ପୁରପଲ୍ଲୀ ରଜ ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

# ଅପରାହ୍ନ ୩ଟା ୩୦ରେ ରଥଟଣା

ନୟାଗଡ଼ ଅଫିସ,୧୩।୬

ଜୁଲାଇ ୪ ତାରିଖରେ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ.ଏନ. ତିରୁମାଲା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ୪ ତାରିଖ ଅପରାହ୍ନ ୩ଟା ୩୦ରେ ରଥ ଟଣାଯିବ ବୋଲି ମଧ୍ୟ ସୂଚନା ଦେଇଥିଲେ। ଉପଜିଲାପାଳ ସାହୁ ରଥଟଣା ସମୟରେ ଡାହୁକମାନେ ଗାନ କରୁଥିବା ଅଶ୍ଳୀଳ ଗୀତ ବନ୍ଦ କରାଯାଇପାରିବ ନାହିଁ ବୋଲି କହିଥିଲେ। ପୂର୍ବବର୍ଷ ଏହାକୁ ବନ୍ଦ କରିବା ପାଇଁ କୁହାଯାଇଥିଲେ ମଧ୍ୟ କେହି ମାନି ନ ଥିବାରୁ ଚଳିତବର୍ଷ ଏହାକୁ ବନ୍ଦ କରାଯାଇ ପାରିବ ନାହିଁ ବୋଲି ସେ ସୂଚନା ଦେଇଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ୪ଟି ବେଶ ହେଉଥିବାବେଳେ ଚଳିତବର୍ଷ ୬ଟି ବେଶ କରାଯିବ। ସେଗୁଡିକ ହେଲା ରାଜାରାଜେଶ୍ୱରୀ, କାଞ୍ଚି ଅଭିଯାନ, ଲକ୍ଷ୍ମୀନାରାୟଣ, ଗଜ ଉଦ୍ଧାରଣ, ରାମ ଅବତାର ଓ ଗରୁଡ ଗୋବିନ୍ଦ। ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ ଅଧିବେଶନର ବିବରଣୀ ପଠନ କରିଥିଲେ। ରଥଯାତ୍ରା ପାଇଁ କାଠ ଯୋଗାଣ, ରଥ ନିର୍ମାଣ, ଠାକୁରଙ୍କ ରୀତିନୀତି ଓ ବେଶ, ଦେବସ୍ନାନ ପୂର୍ଣ୍ଣିମା, ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ମାଉସୀ ମା' ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନ ଓ ଡ୍ରେନ ନିର୍ମାଣ ଆଦି ବିଷୟ ଉପରେ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ୩ ଗୋଟି ରଥ ନିର୍ମାଣ ପାଇଁ ୪୦ ଲଗ୍ କାଠ ଯୋଗାଇଦେବା ପାଇଁ ବନ ବିଭାଗକୁ ଚିଠି କରାଯାଇଥିଲା। ବନ ବିଭାଗ ୧୪ ଲଗ୍ କାଠ ଯୋଗାଇ ଥିବାବେଳେ ସେଥିରେ ରଥ ନିର୍ମାଣ ହେଉଥିବା ସୂଚନା ଦିଆଯାଇଥିଲା। ସୁନାବେଶରେ ଠାକୁରଙ୍କୁ ରୁପା ସାମଗ୍ରୀରେ ସୁନା ଲେପ ଦିଆଯାଇ କାମ କରାଯାଉଥିଲେ ମଧ୍ୟ ଏହାର ରଙ୍ଗ ଛାଡ଼ିବାରେ ଲାଗିଲାଣି। ତେଣୁ କିପରି ଏହାର ମରାମତି କରାଯିବ ସେ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସବୁବର୍ଷ ପରି ଶୃଙ୍ଖଳା ରକ୍ଷା, ସୂଚନା କେନ୍ଦ୍ର, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ଜରୁରିକାଳୀନ ବ୍ୟବସ୍ଥା, ଯାନବାହନ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ସୁବ୍ୟବସ୍ଥା ପାଇଁ ବିଭାଗୀୟ ପଦାଧିକାରୀ, ସେବାୟତ ଓ ଶ୍ରଦ୍ଧାଳୁମାନଙ୍କୁ ଅନୁରୋଧ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସେବାୟତ ସଂଘ, ଦେବୋତ୍ତର ବିଭାଗ ଓ ପୌର ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

- ବନ୍ଦ ହୋଇପାରିବ ନାହିଁ ଡାହୁକମାନଙ୍କ ଅଶ୍ଳୀଳ ଗୀତ
- ଚଳିତବର୍ଷ ଗୁଣ୍ଡିଚା ମନ୍ଦିରରେ କରାଯିବ ୬ ବେଶ

## ବାସି ଚିକେନ୍ ଦେବାରୁ ହୋଟେଲ ଉପରକୁ ବୋମାମାଡ଼

ନୟାଗଡ଼ ଅଫିସ,୧୩।୬

ବାସି ଚିକେନ ଦେବାରୁ ଏକ ହୋଟେଲ ଉପରକୁ ହୋଇଛି ବୋମାମାଡ଼। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ାଠାରେ ଥିବା ମା' ଦକ୍ଷିଣକାଳୀ ହୋଟେଲ (ଢାବା)ରେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ନ ୩ଟା ସମୟରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ଉକ୍ତ ହୋଟେଲରେ ଖାଇଥିଲେ। ଚିକେନ ବାସି ଦେଇଥିବା ଅଭିଯୋଗ କରି ଯୁବକମାନେ ପାଟିତୁଣ୍ଡ କରିଥିଲେ। ପରେ ସେମାନେ ଏ ନେଇ ହୋଟେଲ ମାଲିକଙ୍କୁ ପଚାରିଥିଲେ। ପରସ୍ପର ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯୁବକମାନେ ତୁମକୁ ଦେଖିନେବୁ କହି ପଳାଇଥିଲେ। ରାତ୍ର ପ୍ରାୟ ୨ଟା ସମୟରେ ଏକ କାର୍‌ରେ ଯୁବକମାନଙ୍କ ସମେତ ୬ ଜଣ ହୋଟେଲରେ ପହଞ୍ଚିଥିଲେ। ହୋଟେଲ ବନ୍ଦ ଥିବାରୁ ଖୋଲିବାକୁ କହିଥିଲେ। ହେଲେ ଭିତରେ ଥିବା ରୋଷେୟା ହୋଟେଲ ବନ୍ଦ ହୋଇଯାଇଥିବା କହିଥିଲେ। ପରେ ସେମାନେ ଜୋର ଜବରଦସ୍ତ ଗ୍ରୀଲ ଖୋଲି ଏକ ଲୁହାରଡ଼ରେ ହୋଟେଲରେ ଥିବା ଏଲଇଡ଼ି ଟିଭି ସହିତ ବିଭିନ୍ନ ଆସବାବ ସାମଗ୍ରୀ ଭାଙ୍ଗି ଦେଇଥିଲେ। ଭୟରେ ହୋଟେଲରେ ଥିବା ରୋଷେୟା ଓ ଅନ୍ୟ କର୍ମଚାରୀ ପଳାଇଯାଇଥିଲେ। ଦୁର୍ବୃତ୍ତମାନେ ହୋଟେଲ କ୍ୟାସ୍‌ବାକ୍ସରୁ ୫ହଜାର ଟଙ୍କା ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ପରେ ସେମାନେ ହୋଟେଲ ଉପରକୁ ୩ଟି ବୋମାମାଡ଼ କରିଥିଲେ। ଏଥିରେ ହୋଟେଲର କିଛିଅଂଶ କ୍ଷତି ହେବା ସହିତ ହୋଟେଲ ମାଲିକ ପ୍ରଣବ ପ୍ରସାଦ ଦାଶଙ୍କ ବୁଲେଟ୍‌ଟି ସମ୍ପୂର୍ଣ୍ଣ ଓ କାର୍‌ଟି ଆଂଶିକ ଭାବେ ନଷ୍ଟ ହୋଇଯାଇଛି। ପ୍ରଣବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୦/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୨ଟି ଅଫୁଟା ବୋମା ଉଦ୍ଧାର ହୋଇଥିବା ସେ କହିଛନ୍ତି।



ନଷ୍ଟ ହୋଇଯାଇଥିବା ବୁଲେଟ୍।

## ସିନେମା ହଲ୍ ଛକରେ ବର୍ଷାପାଣି, ବ୍ୟବସାୟୀ ଓ ଗ୍ରାହକ ହନ୍ତସନ୍ତ



ସିନେମା ହଲ ଛକରେ ବର୍ଷା ପାଣିଜମି ରହିଛି।

ଓଡ଼ଗାଁ, ୧୩।୬(ସ୍ୱ.ପ୍ର.)

ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳରେ ବର୍ଷା ହେବାରୁ ଲୋକେ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି। ହେଲେ ଓଡଗାଁ ଏନ୍‌ଏସି ସଂଲଗ୍ନ ସିନେମା ହଲ୍ ଛକରେ ବର୍ଷା ପାଣି ଜମିରହିଥିଲା । ଏଠାରେ ଥିବା ୧୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ସାମ୍‌ନାରେ ଫୁଟେ ଲେଖା ବର୍ଷା ପାଣି ଜମିରହିବାରୁ ସମସ୍ତ ଦୋକାନୀଙ୍କ ସମେତ ଗ୍ରାହକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ । ପ୍ରକାଶ ଯେ, ବାହାଡ଼ାଝୋଲା-ଓଡ଼ଗାଁ ଓ ପଥରା-ନୟାଗଡ଼ (ବେଲବଣୀ) ରାସ୍ତାକୁ ବହୁ କୋଟି ଟଙ୍କା ବ୍ୟୟରେ ସମ୍ପ୍ରସାରଣ ଓ ଉନ୍ନତୀକରଣ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ମଧ୍ୟ ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ମାତ୍ର ୨୦ରୁ ୩୦ ଫୁଟ ଦୂରରେ ରାମ ସାଗର ପାର୍କ ପାଚେରି ପାର୍ଶ୍ୱ ଦେଇ ଯାଇଥିବା ଡ୍ରେନ ନିର୍ମାଣ କରାଯାଇଥିବା ବେଳେ ସିନେମା ହଲ୍ ଛକରେ ବର୍ଷାପାଣି ନିଷ୍କାସନ ନିମନ୍ତେ ଆଦୌ ଧ୍ୟାନ ଦିଆଯାଇନାହିଁ । ଏହାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ ।

## କଙ୍ଗାରୁ କୋର୍ଟରେ ପରିବାର ସଦସ୍ୟ ଦଣ୍ଡିତ ହେବା ଘଟଣା

# ୧୦ ଅଟକଙ୍କ ମଧ୍ୟରୁ ୨ ଜେଲ ଗଲେ

ରଣପୁର,୧୩।୬ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି କୋଟଗଡ ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ଏକ ପରିବାରକୁ ଦଣ୍ଡିତ କରାଯାଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ୨ ମହିଳାଙ୍କ ସମେତ ୧୦ଜଣଙ୍କୁ ଫାଣ୍ଡିରେ ଅଟକ ରଖିଥିଲା। ଏମାନଙ୍କ ମଧ୍ୟରୁ ୨ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁଜେଲ୍‌ହାଜତକୁପଠାଇଦିଆଯାଇଛି।

ଗତମାସ ୧୮ତାରିଖରେ କୋଟଗଡ ଗ୍ରାମର ଭାସ୍କର ଦୋରାଙ୍କ ଘରେ ଦୁର୍ବୃତ୍ତମାନେ ପଶି ଆଲମିରା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ । ଏ ନେଇ ଭାସ୍କର ଫାଣ୍ଡିରେ ଅଭିଯୋଗ କଲାପରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିଲା। ପରେ ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ଖଟବିଦ୍ୟା ମାଧ୍ୟମରେ ଚୋର ଧରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଗତ ବୁଧବାର ଜଣେ ଗୁଣିଆଙ୍କୁ ଡକାଯାଇ ଗାଁରେ ଖଟ ବୁଲାଯାଇଥିଲା। ଖଟ ବୁଲି ବୁଲି ଅରକ୍ଷିତ ଦୋରାଙ୍କ ଦୁଆରେ ଅଟକିଥିଲା। ତେଣୁ ଗାଁ ଲୋକେ ଅରକ୍ଷିତଙ୍କ ପରିବାର ଚୋରିରେ ସମ୍ପୃକ୍ତ ବୋଲି ଧରିନେଇଥିଲେ। ପରେ ସେମାନେ ତାଙ୍କ ଘରକୁ ଯାଇ ଅରକ୍ଷିତ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଚୋରି ସୁନା ଅଳଙ୍କାର ଓ ଟଙ୍କା ଦେବାକୁ କହିଥିଲେ। କିନ୍ତୁ ସେ କିମ୍ବା ତାଙ୍କ ପରିବାର ଚୋରିରେ ସମ୍ପୃକ୍ତ ନ ଥିବା କହିଥିଲେ। ପୁଣି ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ଅରକ୍ଷିତ ଦୋରାଙ୍କୁ ଚୋରି ସାମଗ୍ରୀ ଫେରାଇବାକୁ କୁହାଯାଇଥିଲା । ଏଥିରେ ଅରକ୍ଷିତ ରାଜି ନ ହେବାରୁ ଭାସ୍କର ଦୋରା, ଭାଇ କୁସୁନି ଦୋରା ଓ ପରିବାରର ଅନ୍ୟମାନେ ଅରକ୍ଷିତଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷର ୫ଜଣ ଆହତ ହୋଇଥିଲେ। ଉଭୟଙ୍କ ପକ୍ଷରୁ ଅଭିଯୋଗ ପରେ ଥାନାରେ ୧୨୮ ଓ ୧୨୯/୧୯ରେ ୨ଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବୁଧବାର ଗୀତାଞ୍ଜଳିଙ୍କ ପରିବାର ଲୋକେ ନୟାଗଡ ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ଏସ୍‌ପି ଅନୁପସ୍ଥିତ ଥିବାରୁ ସେମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହା ପରେ ସ୍ଥାନୀୟ ପୋଲିସ ରାତିରେ ଉଭୟ ପକ୍ଷରୁ ୨ମହିଳାଙ୍କ ସମେତ ୧୦ଜଣଙ୍କୁ ସୁନାଖଳା ଫାଣ୍ଡିରେ ଅଟକ ରଖିଥିଲା। ଗୁରୁବାର ସେମାନଙ୍କ ମଧ୍ୟରୁ କୁସୁନି ଦୋରା (୫୦), ଅରକ୍ଷିତ ଦୋରା (୩୫)ଙ୍କୁ ନୟାଗଡ଼ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ଏହି ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାରୁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ ରଣପୁର ଓ ଚାନ୍ଦପୁର ଥାନା ଅଧୀନ ବିଭିନ୍ନ ଗ୍ରାମରେ ୨ମାସ ଭିତରେ କଙ୍ଗାରୁ କୋର୍ଟ କରାଯାଇ ନିରୀହ ପରିବାରକୁ ନିର୍ଯାତନା ଦିଆଯାଉଛି । ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କଲେ ମଧ୍ୟ ସୁଫଳ ପାଉ ନ ଥିବାରୁ ଏଭଳି ଘଟଣା ବୃଦ୍ଧି ପାଉଥିବା କୁହାଯାଉଛି। ତେଣୁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଗିରଫ ଅରକ୍ଷିତ ଓ କୁସୁନି।

## ଖଣ୍ଡପଡ଼ା ସବ୍‌ଜେଲରୁ ଫେରାର କଏଦୀ ଗିରଫ

ଖଣ୍ଡପଡା,୧୩।୬(ସ୍ୱ.ପ୍ର.)

ଖଣ୍ଡପଡା ସବ୍‌ଜେଲରୁ ପାଚେରି ଡେଇଁ ଫେରାର ଥିବା ଜଣେ କଏଦୀଙ୍କୁ ଫତେଗଡ଼ ଓ ଖଣ୍ଡପଡ଼ା ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଫତେଗଡ଼ ଥାନା ଅନ୍ତର୍ଗତ କରବର ଗ୍ରାମ ହାତୁଆସାହିର ତପନ କୁମାର ରାଉତ(୨୭)। ଏକ ବଳାତ୍କାର ଅଭିଯୋଗରେ ଫତେଗଡ ଥାନା ପୋଲିସ ନଂ.୧୪୪/୧୯ରେ ମାମଲା ରୁଜୁ କରି ତପନଙ୍କୁ ଗିରଫ କରି ଗତ ୯ ତାରିଖରେ ଖଣ୍ଡପଡା କୋର୍ଟଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଥିଲା। ତେବେ ୧୦ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୪୫ ସମୟରେ ମଧ୍ୟାହ୍ନ ଭୋଜନ ନିମନ୍ତେ ସମସ୍ତ କଏଦୀଙ୍କୁ ଡକାଯାଇଥିଲା । ଇତି ମଧ୍ୟରେ ସମ୍ପୃକ୍ତ କଏଦୀ ତପନ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଜେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଖଣ୍ଡପଡା ପୋଲିସ ତପନଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ତପନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇ ପୁନର୍ବାର ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି ।

## ଓଡ଼ଗାଁ କ୍ରିକେଟ ଲିଗ୍

### ଇଲେଭେନ ଏମ୍ପରର୍ସ ସେମିରେ

ଓଡ଼ଗାଁ, ୧୩।୬(ସ୍ୱ.ପ୍ର.)

ରଜ ଉପଲକ୍ଷେ ସ୍ଥାନୀୟ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଓଡ଼ଗାଁ କ୍ରିକେଟ ଲିଗ୍‌ର ଗୁରୁବାର ୩ୟ ଦିବସରେ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧ମ ମ୍ୟାଚ ଇଲେଭେନ ଏମ୍ପରର୍ସ ଓ ମହାବୀର ମାଇଟ ମାଷ୍ଟର ମଧ୍ୟରେ ହୋଇଥିଲା। ମହାବୀର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୬ ରନ କରିଥିଲା । ଇଲେଭେନ ଏମ୍ପରର୍ସ ୬ ଓଭରରେ ୬୭ ରନ କରି ୨ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ୨ୟ ମ୍ୟାଚ ଜୟ ଶିବ ଓ ଇଲେଭେନ ମେଗାଷ୍ଟାର ମଧ୍ୟରେ ହୋଇଥିବା ବେଳେ ମେଗାଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ହରାଇ ୯୧ ରନ୍ କରିଥିଲା । ଜୟ ଶିବ ୭ ଉଇକେଟ ବିନିମୟରେ ୬୨ରନ କରି ପରାଜିତ ହୋଇଥିଲା। ପରେ ଓଡ଼ଗାଁ ସୁପରକିଙ୍ଗ୍ ଓ ଦଲକ ହ୍ୟାକର ମଧ୍ୟରେ ୩ୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦଲକ ହ୍ୟାକର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ବଦଳରେ ୭୫ ରନ କରିଥିଲା। ପ୍ରତିପକ୍ଷ ଓଡ଼ଗାଁ ସୁପରକିଙ୍ଗ୍ ୭ ଉଇକେଟ ବିନିମୟରେ ମାତ୍ର ୪୭ ରନ କରି ପରାଜିତ ହୋଇଥିଲା। ସନ୍ତୋଷ କୁମାର ଦୋରା, ରାଜ କୁମାର ଆଚାର୍ଯ୍ୟ, ସୋମଦତ୍ତ ମହାପାତ୍ର, ଲିଟୁ ବାରିକ, ଜ୍ୟୋତିପ୍ରକାଶ ମାଝି, ପ୍ରମୋଦ ପ୍ରଧାନ, ରାଜେଶ ସାହୁ, ଚିତ୍ତ ରଥ, ବିଶ୍ୱଜିତ ମହାପାତ୍ର ଓ ଉମାକାନ୍ତ ମହାପାତ୍ର ସମସ୍ତ ମ୍ୟାଚ ପରିଚାଳନା କରିଥିଲେ।

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ

ଦଶପଲ୍ଲା,୧୩।୬ (ଡି.ଏନ.ଏ.)

ବାଣିଗୋଛା ପୋଲିସ ପକ୍ଷରୁ ଗୁରୁବାର ଥାନା ସମ୍ମୁଖରେ ଯାନବାହନ ଯାଞ୍ଚ କରାଯାଇଥିଲା। ଏଥିରେ ୧୧ଟି କେସ ରୁଜୁ କରାଯାଇ ୧୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିନା ହେଲ୍‌ମେଟରେ ଗାଡି ଚାଳନା, ଗାଡିର କାଗଜପତ୍ର ଠିକ୍ ନ ଥିବା ଚାଳକଙ୍କୁ ସଚେତନ ନିମନ୍ତେ ଏହି ଯାଞ୍ଚ କରାଯାଇଥିବା ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ପ୍ରାସଙ୍ଗିକତା ହରାଉଛି ରଜପର୍ବ

ଅଜୟ କୁମାର ମହାରଣା
ଖଣ୍ଡପଡା,୧୩।୬

ଓଡ଼ିଆ ଘରର ବିଶ୍ରାମ ଏବଂ ଆମୋଦର ପର୍ବ ହେଉଛି ରଜ। ଶୁକ୍ରବାର ପହିଲି ରଜ। ୩ଦିନ ଧରି ପାଳିତ ହେଉଥିବା ରଜ ପର୍ବର ଅନ୍ତରାଳରେ ଥିବା ମହତ୍ତ୍ୱ ଓଡ଼ିଆ ସଂସ୍କୃତିର ମହାନତାକୁ ପ୍ରତିପାଦିତ କରିଥାଏ। ରଜ ଶବ୍ଦର ପ୍ରୟୋଗ ହୋଇଆସିଛି ବହୁ ପୁରାକାଳରୁ। ଯୁଗେ ଯୁଗେ ପୃଥିବୀକୁ ମା' ସହିତ ତୁଳନା କରାଯାଇଛି । ରଜସ୍ୱଳା ନାରୀ ପରି ପୃଥିବୀ ମା' ମିଥୁନ ସଂକ୍ରାନ୍ତିରେ ରଜସ୍ୱଳା ହୋଇଥାଏ। ତେଣୁ ଏହି ଦିନକୁ ରଜସଂକ୍ରାନ୍ତି କୁହାଯାଏ। ତା' ପୂର୍ବ ପହିଲି ରଜ ଓ ସଂକ୍ରାନ୍ତି ପରଦିନ ଶେଷ ରଜରେ ମାଟି ମା'କୁ ବିଶ୍ରାମ ଦିଆଯାଇଥାଏ। ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଏହି ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ଆଜିର ଯୁବ ପିଢ଼ି ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ଓଡ଼ିଆ ସଂସ୍କୃତିର ମହନୀୟତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଅନ୍ୟପକ୍ଷେ ରଜର ମୁଖ୍ୟ ଆକର୍ଷଣ ହେଉଛି ଦୋଳି ଓ ଏହା ସହିତ ସଂଶ୍ଳିଷ୍ଟ ଥିବା ଗୀତ 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ...' ସବୁଠି ବେଶ୍ ଜଣାଶୁଣା। ବଡ଼ ବଡ଼ ଗଛ ଡାଳରେ ବନ୍ଧା ଯାଉଥିବା ଦୋଳି ବେଶ୍ ଆକର୍ଷଣୀୟ ହୋଇଥାଏ। ଚଳିତ ବର୍ଷ ବାତ୍ୟା ଫନୀରେ ଗଛସବୁ ଭାଙ୍ଗି ଯାଇଥିବାବେଳେ ଦୋଳି ବନ୍ଧାରେ ବାଧା ଉପୁଜିବା ଆଶଙ୍କା ରହିଛି। ଗଣପର୍ବ ରଜ ସଂସ୍କୃତି ଓ ପରମ୍ପରାର ମହତ୍ତ୍ୱ ରହିଥିଲେ ମଧ୍ୟ ଏହାର ମହକ କ୍ରମଶଃ କମି ଯାଉଥିବା ପରିଲକ୍ଷିତ ହେଉଛି ।

## ଏମାନଙ୍କ ମତରେ...



■ ଶ୍ରୀମନ୍ଦିରରେ ମୁଖ୍ୟତଃ ୪ ମହାଜାଗତିକ ପର୍ବ ପାଳିତ ହୋଇଥାଏ । ସେଥିମଧ୍ୟରୁ ରଜ ସଂକ୍ରାନ୍ତି ଅନ୍ୟତମ । ପ୍ରକୃତିର ନିୟମାନୁଯାୟୀ ନାରୀ ରଜସ୍ୱଳା ହେବାପରି ବସୁମତୀ ବର୍ଷରେ ଥରେ ଏହି ସଂକ୍ରାନ୍ତିରେ ରଜସ୍ୱଳା ହେବା ହିଁ ଏ ପର୍ବର ତାତ୍ପର୍ଯ୍ୟ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହି ସମୟରେ ବୃଷରାଶିକୁ ତ୍ୟାଗକରି ମିଥୁନ ରାଶିରେ ପ୍ରବେଶ କରନ୍ତି । ଏହାକୁ ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି କୁହାଯାଏ । ଆଷାଢ଼ ଓ ମିଥୁନ ମାସରେ ବର୍ଷା ହେତୁ ଧରିତ୍ରୀ ଓ ଆକାଶର ମିଳନ ଘଟେ । ମୌସୁମୀ ପ୍ରବାହରେ ଆଷାଢ଼ର ପ୍ରଥମ ବର୍ଷାରେ ଧରିତ୍ରୀମାତା ଶସ୍ୟ ଉତ୍ପାଦନ କରିବାର ଶକ୍ତି ଲାଭ କରେ। ରଜ ସମୟରେ ଧରିତ୍ରୀ ରଜସ୍ୱଳା ଥିବାରୁ ମାଟି ମା'କୁ ବିଶ୍ରାମ ଦିଆଯାଏ। ମାଟି ମା'କୁ କଷ୍ଟ ହେଲା ଭଳି କୌଣସି କାର୍ଯ୍ୟ କରାଯାଏ ନାହିଁ। ଆଜିକାଲିର ମଣିଷ କର୍ମ ବ୍ୟସ୍ତତା, ଅଧିକରୁ ଅଧିକ ଆଶା, ବିଭିନ୍ନ ପ୍ରକାର ଚାପ ହେତୁ ରଜପର୍ବ ପାଳନରେ କିଛି ବ୍ୟତିକ୍ରମ ଦେଖାଯାଉଛି। ବିଦେଶୀ ସଭ୍ୟତାର ଛାପ ଆଜି ଆମ୍ଭମାନଙ୍କୁ ଆମ ପରମ୍ପରାଠାରୁ ସତେଯେମିତି ଦୂରେଇ ଦେଉଛି।

ଡ. ସ୍ୱାମୀ ନାରାୟଣନନ୍ଦ ଜୀ ମହାରାଜା,
ପ୍ରତିଷ୍ଠାତା ଶ୍ରୀ ଜଗନ୍ନାଥ ଆଶ୍ରମ, ପୁରୀ



■ ଏବେ ରଜରେ କିଣା ଦଉଡିର ଦୋଳି ଝୁଲୁଥିବାର ଦେଖିବାକୁ ମିଳୁଛି । ନୂଆ ବୋହୂମାନେ ଲବଙ୍ଗ, ଗୁଜୁରାତି ଦିଆ ପାନ ବଦଳରେ ଚା', କଫି କିମ୍ବା ଥଣ୍ଡା ପାନୀୟ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କ ହାତକୁ ବଢ଼ାଇ ଦେଉଛନ୍ତି । ପିଲାମାନଙ୍କୁ ଡୁଡୁ, କବାଡି ଓ ଗୁଡି ଉଡାଇବାକୁ ସମୟ ନାହିଁ । ପଶା ଖେଳ ପ୍ରାୟ ସମସ୍ତେ ଭୁଲିଗଲେଣି । ଆଲବମ ଓ ପପ୍ ସଙ୍ଗୀତ ଆଗରେ ହଜିଯିବାକୁ ବସିଛି ରଜଦୋଳି ଗୀତ । ଫାଷ୍ଟଫୁଡ୍ ଆଗରେ ନ୍ୟୁନ ହୋଇପଡିଛି ମା'ର ହାତତିଆରି ପୋଡ଼ପିଠା । ବିଜ୍ଞାନ ଯୁଗରେ ନାହିଁ ହଳଦୀ କି ବାଟଣବଟା। ବଦଳିଛି ଖାଦ୍ୟପେୟର ଶୈଳୀ । ଆର୍ଥିକ ଅଭିବୃଦ୍ଧି ହୋଇଛି ସତ, ବଦଳିଛି ଚଳଣି। ସେହିପରି ପ୍ରାସଙ୍ଗିକତା ହରାଇଛି ରଜପର୍ବ ।

- ଦେବଭୂତୀ ସାହୁ, ଛାତ୍ରୀ କଣ୍ଟିଲୋ



■ ଆଜି ପହିଲି ରଜ ଓଡ଼ିଆ ସଂସ୍କୃତିର ବାର୍ତ୍ତା ବହନ କରୁଥିବା ଏହି ଗଣପର୍ବ ସମୟ ସ୍ରୋତରେ ରୂପ ବଦଳାଉଛି ସତ, କିନ୍ତୁ ମୌଳିକତା ହଜିଯାଇନି, ପରମ୍ପରାକୁ ଉଜ୍ଜୀବିତ କରିବାକୁ ଯାଇ କେତେକ ସଙ୍ଗଠନ ରଜ ମହୋତ୍ସବକୁ ଧୂମଧାମରେ ପାଳନ କରୁଛନ୍ତି । ରଜଦୋଳି ଗୀତ, ପୋଡ଼ପିଠା, ପାନଭଙ୍ଗା, ପ୍ରତିଯୋଗିତା ବିଭିନ୍ନ ସ୍ଥାନରେ କରାଯାଉଛି। ମାତ୍ର ବିଜ୍ଞାନ ଯୁଗରେ ନାହିଁ ହଳଦୀ କି ବାଟଣବଟା । ବଦଳିଛି ଖାଦ୍ୟପେୟର ଶୈଳୀ, ଆର୍ଥିକ ଅଭିବୃଦ୍ଧି ହୋଇଛି ସତ ମାତ୍ର ବଦଳିଯାଇଛି ଚଳଣି । ଆଜିର ଶିକ୍ଷିତା ନାରୀ ସମାଜ ଏସବୁ ଭୁଲି ପାଶ୍ଚାତ୍ୟ ସଂସ୍କୃତିକୁ ଅନୁସରଣ କରି ଉଗ୍ର ଆଧୁନିକତା ଏବଂ ନଗ୍ନତା ମଧ୍ୟରେ ଲିପ୍ତ ରହି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଭୁଲିବାକୁ ବସିଛନ୍ତି।

- ଇଂ.ଆଦିତ୍ୟ କୁମାର ଦାଶ, ନୟାଗଡ



■ ଜଗତୀକରଣ ପ୍ରଭାବରେ ଉଗ୍ର ଆଧୁନିକତା ଆଡ଼କୁ ଅଣନିଃଶ୍ୱାସୀ ହୋଇ ଧାଉଁଥିବା ମଣିଷଙ୍କ ପାଇଁ ଏଭଳି ପର୍ବପର୍ବାଣି ସେମିତି କିଛି ମନେ ହୁଏନା। ଠିକ୍ ସେମିତି ରଜ ପର୍ବ ଧୀରେ ଧୀରେ ତା'ର ଆଦର ହରାଇବାକୁ ବସିଲାଣି । କେଉଁଠି ମାନସିକ ଅଭାବରୁ ତ କେଉଁଠି ପରିସ୍ଥିତି ଓ ପରିବେଶ ଚାପରେ ରଙ୍ଗହୀନ ହୋଇଯାଇଛି ଏହି ପୁରୁଣା ପର୍ବ।

- ସୁଶ୍ରୀ ସଙ୍ଗୀତା ମହାପାତ୍ର,ଗୃହିଣୀ, ଗୋପାଳପୁର, ରଣପୁର



■ ରଜ ପର୍ବର ଆଭିମୁଖ୍ୟ ପ୍ରତି ଓଡ଼ିଆମାନେ ସମ୍ପୂର୍ଣ୍ଣ ଉଦାସୀନ। ବାସ୍ତବରେ ଅବକ୍ଷୟମୁଖୀ ସମାଜର ବିକୃତ ବିକଳାଙ୍ଗ ଚିନ୍ତାଧାରା, ଅତ୍ୟାଧୁନିକ ଜୀବନଶୈଳୀ, ବିଳାସ ବ୍ୟସନରେ ସମୟ ଅତିବାହିତ କରିବାର ମାନସିକତା ଓ ବସ୍ତୁବାଦୀ ଦୁନିଆର ବ୍ୟସ୍ତବହୁଳତା ଏଥିପାଇଁ ଦାୟୀ। ଓଡ଼ିଆ ସଂସ୍କୃତିରେ ହଜି ଯାଉଥିବା ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି। ଏ ଦିଗରେ ସାମୂହିକ ଉଦ୍ୟମ ଲୋଡ଼ା। ନଚେତ ଏ ଜାତିରୁ ତା'ର ସଂସ୍କୃତିର ପରିଚୟ ହଜିଯିବ।

- ସୁଜାତା ସାହୁ(ଗୃହିଣୀ) ନାଲକୋନଗର, ଅନୁଗୋଳ